# ଧରିତ୍ରୀ
DHARITRI

ଢେଙ୍କାନାଳ, ଗୁରୁବାର, ମେ ୧୬/୨୦୧୯ (୧୬ ପୃଷ୍ଠା) Dhenkanal, Thursday, May 16 / 2019 ★★★★★

୧୫ଶ ଭାଗ ୮୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




## ବିବାହ ବନ୍ଧନରେ ନଟରାଜ

ରାଜ୍ୟ କ୍ରିକେଟର ତାରକା ଖେଳାଳି ନଟରାଜ ବେହେରା ବାନ୍ଧବୀ ଶୁଭଲକ୍ଷ୍ମୀ ଶତପଥୀଙ୍କ ସହ ବୁଧବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ।

୧୫

୦୨

## ‘ଗୁଲାବୋ ସିତାବୋ’ରେ ଅମିତାଭ, ଆୟୁଷ୍ମାନ୍ ଏକାଠି

ସୁଜିତ୍ ସରକାର୍‌ଙ୍କ ପ୍ରଯୋଜିତ ଆଗାମୀ ଫିଲ୍ମ ‘ଗୁଲାବୋ ସିତାବୋ’ରେ ମେଗାଷ୍ଟାର୍ ଅମିତାଭ ବଚ୍ଚନ ଓ ଅଭିନେତା ଆୟୁଷ୍ମାନ୍ ଖୁରାନାଙ୍କୁ ଏକାଠି ଦେଖିବାକୁ ମିଳିବ ।



### ପଶ୍ଚିମବଙ୍ଗରେ ନିର୍ବାଚନୀ ହିଂସା

# ଆଜି ରାତିରୁ ପ୍ରଚାର ବନ୍ଦ

ନୂଆଦିଲ୍ଲୀ,୧୫।୫

ପଶ୍ଚିମବଙ୍ଗରେ ହିଂସାକାଣ୍ଡ ପରେ ନିର୍ବାଚନ କମିଶନ (ଇସି) ସେଠାରେ ପ୍ରଚାରକୁ ନିର୍ଦ୍ଧାରିତ ସମୟର ଗୋଟିଏ ଦିନ ପୂର୍ବରୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୧୯ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ସପ୍ତମ ତଥା ଶେଷ ପର୍ଯ୍ୟାୟ ନିର୍ବାଚନରେ ପଶ୍ଚିମବଙ୍ଗର ୯ ଆସନରେ ଭୋଟ ଗ୍ରହଣ କରାଯିବ। ଏଥିପାଇଁ ଅନ୍ୟ ରାଜ୍ୟଗୁଡିକରେ ୧୭ ତାରିଖ ଅପରାହ୍ନ ୬ଟାରେ ପ୍ରଚାର ଶେଷ ହେବାକୁ ଥିବାବେଳେ ପଶ୍ଚିମବଙ୍ଗରେ ୧୬ ତାରିଖ ରାତି ୧୦ଟାରୁ ପ୍ରଚାର ବନ୍ଦ କରିବାକୁ କୁହାଯାଇଛି। ଗତ ୨୪ ଘଣ୍ଟା ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଭାଜପା କର୍ମୀଙ୍କ ମଧ୍ୟରେ ହିଂସାକାଣ୍ଡ ଲାଗି ରହିଥିବାରୁ ଇସି ସମ୍ବିଧାନର ଧାରା ୩୨୪ ଅନୁଯାୟୀ ସେଠାରେ ଗୋଟିଏ ଦିନ ପୂର୍ବରୁ ପ୍ରଚାର ଶେଷ କରିବାକୁ କହିଛନ୍ତି। ପ୍ରଥମଥର ଲାଗି ଇସି ଏଭଳି କ୍ଷେତ୍ରରେ ସମ୍ବିଧାନର ଧାରା ୩୨୪ ପ୍ରୟୋଗ କରିଛି। ଏହା ବ୍ୟତୀତ ପଶ୍ଚିମବଙ୍ଗର ପ୍ରମୁଖ ସଚିବ (ଗୃହ) ଆତେୟ ଭଟ୍ଟାଚାର୍ଯ୍ୟ ଏବଂ ଅତିରିକ୍ତ ମହାନିର୍ଦ୍ଦେଶକ ସିଆଇଡି ରାଜୀବ କୁମାରଙ୍କୁ ତାଙ୍କ ବିଭାଗରୁ କାଢ଼ିନିଆଯାଇଛି। ଗୁରୁବାର ରାତି ୧୦ରୁ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ଦମ୍‌ଦମ୍, ବରସାତ୍, ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

## କୁକୁଡ଼ା ଅଣ୍ଡାର ମାନ

### ଆଜିର ମନ୍ତବ୍ୟ

“ ଦେଶକୁ କେବଳ ଜଣେ ବ୍ୟକ୍ତି ଚଳାଇପାରିବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନେକରନ୍ତି।

-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

### କିଛି ତଥ୍ୟ

ଦେଶର ସେବା ରପ୍ତାନି ୬.୬% ଓ ଆମଦାନୀ ୧୦.୫୫% ବୃଦ୍ଧି ପାଇଛି।

-ଭାରତୀୟ ରିଜର୍ଭ ବ୍ୟାଙ୍କ


NECC NATIONAL EGG CO-ORDINATION COMMITTEE 15.05.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 105 | 165 | 175 |
| CTC | 105 | 165 | 175 |
| DKL | 102 | 161 | 171 |
| BDK | 105 | 165 | 175 |
| BLS | 107 | 167 | 177 |
| ANG | 102 | 161 | 171 |

*Conditions Apply

Eggs Retail Price- 40/-Dozen
Issued in the Interest of Consumers




ପୁରୀ ରଥଖଳାରେ ମହାରଣା ସେବକମାନେ ତୁମ୍ବରେ ଅର ବିନ୍ଧ କରୁଛନ୍ତି। (ଫଟୋ-ଯଜ୍ଞେଶ୍ୱର)

# ବଜ୍ରପାତ ନେଲା ୬ ଜୀବନ

## ବିବାହ ଚତୁର୍ଥୀ ଭୋଜିରେ ବର ମୃତ, ୪ ଗୁରୁତର

■ ବାଲେଶ୍ୱରରେ ୨, ଗଞ୍ଜାମରେ ୨, କୋରାପୁଟରେ ଜଣେ ମୃତ

ଆନନ୍ଦପୁର/ ବ୍ରହ୍ମପୁର ଅଫିସ/ ଆସିକା/ନନ୍ଦପୁର, ୧୫।୫(ଡି.ଏନ.ଏ.)


ବଜ୍ରପାତ ଯୋଗୁ ବୁଧବାର ବିଭିନ୍ନ ସ୍ଥାନରେ ୫ ଜଣଙ୍କ ଜୀବନ ଯାଇଛି। କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅଞ୍ଚଳରେ ବିବାହ ଚତୁର୍ଥୀ ଭୋଜି ଚାଲିଥିବାବେଳେ ବଜ୍ରପାତ ଘଟି ବରର ମୃତ୍ୟୁ ଘଟିଛି। ଜଣେ ମହିଳାଙ୍କ ସମେତ ୪ ଜଣ ଗୁରୁତର ହୋଇଛନ୍ତି। ସେହିପରି ବାଲେଶ୍ୱର, ଗଞ୍ଜାମ ଓ କୋରାପୁଟ ଜିଲାରେ ବଜ୍ରପାତ ଯୋଗୁ ଆଉ ୫ ଜଣଙ୍କ ପ୍ରାଣହାନୀ ଘଟିଛି।



ମିଳିଥିବା ସୂଚନା ଅନୁଯାୟୀ, ହରିଚନ୍ଦନପୁର ଥାନା ଟାଙ୍ଗିରିଆପାଳ କୋଠଘାଟି ସାହିର ଜିତେନ୍ଦ୍ର ମୁର୍ମୁଙ୍କ ବୁଧବାର ଚତୁର୍ଥୀ ଥିଲା। ଏଥିପାଇଁ ଗାଁ ଦାଣ୍ଡରେ ଭୋଜିର ଆୟୋଜନ କରାଯାଇଥିଲା। ଜିତେନ୍ଦ୍ରଙ୍କ ପରିବାର ସଦସ୍ୟ ଓ ବନ୍ଧୁବାନ୍ଧବ ଭୋଜିର ମଜା ଉଠାଉଥିଲେ। ଜିତେନ୍ଦ୍ର ବି ବୁଲି ବୁଲି କିଏ ଭୋଜି ଖାଇଲା ନ ଖାଇଲା ପଚାରି ବୁଝୁଥିଲେ। ଏହି ସମୟରେ ଆକାଶରେ କଳାହାଣ୍ଡିଆ ମେଘ ଘୋଟି ଆସିଥିଲା। ଅଳ୍ପ ବର୍ଷା ସହିତ ହଠାତ୍ ବଜ୍ରପାତ ହୋଇଥିଲା। କେହି କିଛି ଚିନ୍ତା କରିବା ପୂର୍ବରୁ ବଜ୍ରପାତରେ ଜିତେନ୍ଦ୍ର, ତାଙ୍କ ମାଇଁ ସୁଲୋଚନା, ମାମୁ ଫଗୁରାମ, ସାନଭାଇ ମୁନା ଓ ଅନ୍ୟ ଜଣେ ସମ୍ପର୍କୀୟ ଭାଇ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ଗାଁ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ତୁରନ୍ତ କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଜିତେନ୍ଦ୍ରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଆନନ୍ଦପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ☞ପୃଷ୍ଠା-୪

# ପୋଲିସ ପ୍ରଶାସନରେ ଅଭିଯୁକ୍ତ ପୁରସ୍କୃତ

## ୪୦ ଇନ୍ସପେକ୍ଟର, ୧୪ ଏସିପିଙ୍କ ନାମରେ ଏକାଧିକ ଅଭିଯୋଗ



■ ଦୀପକ ମିଶ୍ର, ଶରତ ସାହୁଙ୍କ ନାମରେ ସର୍ବାଧିକ
■ କାର୍ଯ୍ୟାନୁଷ୍ଠାନ ବଦଳରେ ପ୍ରମୋଶନ ଉପହାର
■ ତଳଠୁ ଉପର ସଲାସୁତୁରାରେ ଚାଲିଛି କାର୍ଯ୍ୟ

ତ୍ରିନାଥ ମହାନ୍ତି
ଭୁବନେଶ୍ୱର,୧୫।୫ (ବ୍ୟୁରୋ)

ସମସ୍ତଙ୍କ ପାଇଁ ଆଇନ ସମାନ। ଅପରାଧ ଅନୁଯାୟୀ ଜଣେ ସାଧାରଣ ବ୍ୟକ୍ତିଙ୍କ କ୍ଷେତ୍ରରେ ଯେଉଁ ଦଫା ଲାଗେ ଜଣେ ପୋଲିସ ବିରୋଧରେ ମଧ୍ୟ ସେହି ଦଫା ଲାଗିଥାଏ। କିନ୍ତୁ ପୋଲିସ ନିଜ କ୍ଷମତାର ଦୁରୁପଯୋଗ କରି ଆଇନକୁ ଦଳିମକଚି ଚାଲିଛି। ପୋଲିସ ବିରୋଧରେ ଆସିଥିବା ଅଭିଯୋଗ ଫାଇଲକୁ ଚାପି ଦିଆଯାଉଛି। କାର୍ଯ୍ୟାନୁଷ୍ଠାନ ଦୂରର କଥା ତଦନ୍ତ ମଧ୍ୟ କରାଯାଉନାହିଁ। ଚାପ ପଡ଼ିଲେ ତଦନ୍ତ ହେଉଛି, ହେଲେ ରିପୋର୍ଟକୁ ବଦଳାଇ ଦିଆଯାଉଛି। ଫଳରେ ଜଣେ ଦୁର୍ନୀତିଗ୍ରସ୍ତ ବା ଅଭିଯୁକ୍ତ ପୋଲିସ ଅଫିସର ଆଇନ ଫାଶରୁ ଖସିଯାଉଛନ୍ତି। ଏହାସତ୍ତ୍ୱେ ଯଦି ବି କେହି ମୁହଁ ଖୋଲୁଛି ତଳସ୍ତରରୁ ଖାକି ଭୟ ଦେଖାଇ ଚାପି ଦିଆଯାଉଛି। ସବୁଠୁ ଆଶ୍ଚର୍ଯ୍ୟଜନକ ପରିସ୍ଥିତି ରାଜ୍ୟର ସର୍ବାଧିକ ଦକ୍ଷ କୁହାଯାଉଥିବା କମିଶନରେଟ ପୋଲିସରେ ଦେଖିବାକୁ ମିଳିଛି। କମିଶନରେଟ ପୋଲିସରେ କାର୍ଯ୍ୟ କରୁଥିବା ବହୁ ପୋଲିସ ଅଫିସରଙ୍କ ବିରୋଧରେ ଏକାଧିକ ଅଭିଯୋଗ ଆସିଛି। କିନ୍ତୁ ଦୁର୍ଭାଗ୍ୟର କଥା ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ବଦଳରେ ସମ୍ପୃକ୍ତ ଅଫିସରମାନଙ୍କୁ ପ୍ରମୋଶନ ଦିଆଯାଇ ଅନ୍ୟତ୍ର ବଦଳି କରାଯାଇଛି। ଏହି ଅଫିସରଙ୍କ ମଧ୍ୟରୁ କେତେଜଣ କମିଶନରେଟ ପୋଲିସରେ ଥିବାବେଳେ ଆଉ କେତେଜଣ ବାହାର ଜିଲାରେ ଅବସ୍ଥାପିତ ଅଛନ୍ତି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୦୯ରୁ ୨୦୧୮ ପର୍ଯ୍ୟନ୍ତ କମିଶନରେଟ ପୋଲିସରେ କାର୍ଯ୍ୟ କରୁଥିବା ୪୦ ଇନ୍ସପେକ୍ଟର ଓ ୧୪ ଏସିପିଙ୍କ ନାମରେ ବିଭିନ୍ନ ଅଭିଯୋଗ ଆସିଛି। ସେଗୁଡିକ ହେଲା ମିଛ ମାମଲାରେ ଫସାଇବା, ଅଭିଯୋଗକାରୀଙ୍କୁ ଲାଞ୍ଚ ମାଗିବା, ଥାନାରେ ଅଭିଯୋଗକାରୀଙ୍କୁ ନିର୍ଯାତନା ଦେବା, ବିପକ୍ଷ ଗୋଷ୍ଠୀଙ୍କଠାରୁ ଟଙ୍କା ନେଇ ମାମଲା ରୁଜୁ ନ କରିବା, ବିଲ୍ଡରମାନଙ୍କୁ ସହାନୁଭୂତି ଦେଖାଇ ତାଙ୍କ ବିରୋଧରେ ମାମଲା ଉଠାଇନେବା, ବିନା କାରଣରେ ଗିରଫ କରିବା, ମହିଳାଙ୍କୁ ଅସଦାଚରଣ ଓ ଆୟ ବହିର୍ଭୂତ ସମ୍ପତ୍ତି ଅର୍ଜନ କରିବା। ବିଶେଷକରି ଥାନାରେ ନିର୍ଯାତନା ଦେବା ସହ ମିଛ ମାମଲା ରୁଜୁ କରିବା ଭଳି ଅଭିଯୋଗ ୪୦ ପ୍ରତିଶତ ରହିଛି। ସେହିଭଳି ଲାଞ୍ଚ ମାଗିବା ସହ ବିପକ୍ଷ ଗୋଷ୍ଠୀଠାରୁ ଲାଞ୍ଚ ନେଇ ମାମଲାର କାର୍ଯ୍ୟାନୁଷ୍ଠାନ ନ ନେବା ଭଳି ଅଭିଯୋଗ ୨୦ ପ୍ରତିଶତ ରହିଛି। ବହୁ ମହିଳାଙ୍କ ସମେତ ସାଧାରଣ ଲୋକ, ଆଇନଜୀବୀ, ସାମାଜିକ କର୍ମୀ, ସୂଚନା ଅଧିକାର କର୍ମୀ ଏବଂ ବରିଷ୍ଠ ନାଗରିକମାନେ ☞ପୃଷ୍ଠା-୪

### ■ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ସପ୍ତାହକ ମଧ୍ୟରେ କ୍ଷୟକ୍ଷତି ଆକଳନ

■ ରାଶନକାର୍ଡ ନ ଥିବା ପରିବାରକୁ ମିଳିବ ଚାଉଳ
■ ବିଦ୍ୟୁତ୍ ସେବା ସ୍ୱାଭାବିକ ହେବା ପର୍ଯ୍ୟନ୍ତ ବଣ୍ଟାଯିବ କିରୋସିନ
■ ମାଗଣାରେ ଦିଆଯିବ ସାନିଟାରି ନାପ୍‌କିନ
■ ବଣ୍ଟାଯିବ ୧୦ ଲକ୍ଷ ମହମବତି
■ ପୁରୀକୁ ବିଶ୍ୱର ଐତିହ୍ୟ ସହର କରାଯିବ

ପୁରୀ ଅଫିସ,୧୫।୫

ବାତ୍ୟା କ୍ଷତିଗ୍ରସ୍ତ ପୁରୀ ଜିଲାରେ ରିଲିଫ ଏବଂ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏ ନେଇ ବୁଧବାର ଅପରାହ୍ନରେ ପୁରୀ ସର୍କିଟ ହାଉସ୍‌ରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବାତ୍ୟାରେ ପୁରୀ ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହି ସମୟରେ ସମସ୍ତଙ୍କୁ ଧୈର୍ଯ୍ୟ ଧରି ପୁନରୁଦ୍ଧାର କାମରେ ସହଯୋଗ କରିବାକୁ ପଡ଼ିବ। ପୁରୀକୁ ବିଶ୍ୱର ଐତିହ୍ୟ ସହର କରାଯିବ। ତେବେ ବାତ୍ୟାରେ ବିଦ୍ୟୁତ୍ ଅଧିକ ମାତ୍ରାରେ ପ୍ରଭାବିତ ହୋଇଛି। ପୁରୀ ଜିଲାକୁ ଯେଉଁ ୩ଟି ଲାଇନ ଯାଇଛି ତାହା ଫନୀରେ କ୍ଷତିଗ୍ରସ୍ତ ହୋଇଛି। ବିଦ୍ୟୁତ୍ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ଲାଗି ହଜାର ହଜାର ଲୋକ ଦିନରାତି କାମରେ ଲାଗିଛନ୍ତି। ଦ୍ରୁତଗତିରେ ପୁନରୁଦ୍ଧାର କାମ ଚାଲିଛି। ଗୋଟିଏ ଲାଇନ ମରାମତି ସରିଛି। ଏହା ମାଧ୍ୟମରେ ପୁରୀ ସହରକୁ ବିଦ୍ୟୁତ୍ ଯୋଗାଣ ହୋଇଛି। ନିମାପଡ଼ା ଏବଂ



ବୈଠକ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

କୋଣାର୍କ ଏନ୍‌ଏସିକୁ ବୁଧବାର ରାତି ସୁଦ୍ଧା ବିଦ୍ୟୁତ୍ ଯୋଗାଣ ହୋଇଯିବ। ଧୀରେ ଧୀରେ ଜିଲାର ସବୁ ଅଞ୍ଚଳକୁ ବିଦ୍ୟୁତ୍ ସେବା ସ୍ୱାଭାବିକ ହେବ। ଘରଭଙ୍ଗା କ୍ଷୟକ୍ଷତି ଆକଳନ ପ୍ରକ୍ରିୟା ଆରମ୍ଭ ହୋଇଛି। ସପ୍ତାହକ ମଧ୍ୟରେ ଏହି ଆକଳନ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। କ୍ଷତିଗ୍ରସ୍ତଙ୍କୁ ରିଲିଫ ଦିଆଯାଉଛି। ☞ପୃଷ୍ଠା-୪

# ଜୁନ୍ ୬ରେ କେରଳ ଛୁଇଁବ ମୌସୁମୀ

ନୂଆଦିଲ୍ଲୀ, (ପି.ଟି.)/ ଭୁବନେଶ୍ୱର,୧୫।୫(ବ୍ୟୁରୋ)

ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ପହଞ୍ଚିବାରେ ବିଳମ୍ବ ହେବ। ଏଭଳି ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) । ମୌସୁମୀ ସାଧାରଣତଃ ଜୁନ୍ ୧ରେ କେରଳ ଛୁଇଁଥାଏ। କିନ୍ତୁ ଚଳିତ ବର୍ଷ ଏହା ୫ ଦିନ ବିଳମ୍ବରେ ଅର୍ଥାତ୍ ଜୁନ୍ ୬ରେ କେରଳ ଛୁଇଁପାରେ ବୋଲି ପାଣିପାଗ ବିଭାଗ ବୁଧବାର ସୂଚନା ଦେଇଛି। ଏଥିରେ ୪ ଦିନ କମ୍ ବେଶୀ ହୋଇପାରେ ବୋଲି କୁହାଯାଇଛି।

ମେ ୧୮-୧୯ ବେଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ଆଣ୍ଡାମାନ ସାଗରର ଦକ୍ଷିଣ ଭାଗ, ନିକୋବର ଦ୍ୱୀପପୁଞ୍ଜ ଏବଂ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଅଗ୍ରସର ହେବା ଲାଗି ଅନୁକୂଳ ପରିବେଶ ସୃଷ୍ଟି ହୋଇଛି। ଚଳିତ ବର୍ଷ ମୌସୁମୀ ଆଗମନରେ ବିଳମ୍ବ ହେବ ବୋଲି ମଙ୍ଗଳବାର ଘରୋଇ ସଂସ୍ଥା ସ୍କାଏମେଟ୍ ପୂର୍ବାନୁମାନ କରିଥିଲା। ଏହା ଜୁନ୍ ୪ରେ କେରଳ ଉପକୂଳ ଛୁଇଁବ ବୋଲି ସ୍କାଏମେଟ୍ କହିଥିଲା। ଯଦି ଚଳିତ ବର୍ଷ ମୌସୁମୀ ବିଳମ୍ବରେ ପହଞ୍ଚେ ତେବେ ୨୦୧୪ରୁ ଏହା ତୃତୀୟ ଘଟଣା ହେବ। ୨୦୧୪ରେ ମୌସୁମୀ ଜୁନ୍ ୫ରେ ପହଞ୍ଚିଥିଲା। ଏହା ପରେ ୨୦୧୫ରେ ଜୁନ୍ ୬ ଏବଂ ୨୦୧୬ରେ ଜୁନ୍ ୬ରେ ମୌସୁମୀ କେରଳ ଉପକୂଳ ଛୁଇଁଥିଲା। ☞ପୃଷ୍ଠା-୪



■ ଦୁଇ ସପ୍ତାହ ପରେ ଓଡିଶା
■ ଚାଷ ପଛାଇବା ଆଶଙ୍କା

# କଂଗ୍ରେସ: ସ୍ଥିତି ବଜାୟ ରଖିବା ଚ୍ୟାଲେଞ୍ଜ

ଭୁବନେଶ୍ୱର,୧୫।୫(ବ୍ୟୁରୋ)

### ନିର୍ବାଚନ ପରବର୍ତ୍ତୀ ଆକଳନ





■ ନବରଙ୍ଗପୁର ଲୋକ ସଭା ଏକମାତ୍ର ଆଶା
■ ୯ରୁ ୧୭ ବିଧାନସଭା ପାଇଁ ଆଶାବାଦୀ
■ ସିପିଏମ୍, ସ୍ୱାଧୀନ, ବିଏସ୍‌ପି ଗୋଟିଏ ଲେଖାଏ ଜିତିବା ନେଇ ଆକଳନ

ସାଧାରଣ ନିର୍ବାଚନ ଫଳାଫଳ ଆସନ୍ତା ୨୩’ରେ ପ୍ରକାଶ ପାଇବ। ଏହା ପୂର୍ବରୁ କେଉଁ ଦଳ କେତେସଂଖ୍ୟକ ଆସନ ଜିତିବ, ସେନେଇ ଅଙ୍କକଷା ଚାଲିଛି। ଓଡ଼ିଶାରେ ଏକସଙ୍ଗରେ ହୋଇଥିବା ଲୋକ ସଭା ଏବଂ ବିଧାନସଭା ନିର୍ବାଚନରେ ମୁଖ୍ୟତଃ ଭାଜପା-ବିଜେଡି ମଧ୍ୟରେ ପ୍ରତ୍ୟକ୍ଷ ଲଢ଼େଇ ହୋଇଥିବା କୁହାଯାଉଛି। ରାଜ୍ୟରେ କଂଗ୍ରେସ ପ୍ରଥମଥର ପାଇଁ ଅଧିକାଂଶ ଆସନର ମୁଖ୍ୟ ଲଢ଼େଇରେ ନାହିଁ। ତେଣୁ ଫଳାଫଳକୁ ନେଇ କଂଗ୍ରେସ ଅନ୍ୟ ୨ ପ୍ରମୁଖ ଦଳ(ବିଜେଡି, ଭାଜପା) ଭଳି ଉତ୍ସାହିତ ନୁହେଁ। ରାଜ୍ୟରେ ହୋଇଥିବା ୪ଟି ପର୍ଯ୍ୟାୟ ନିର୍ବାଚନ ପରେ କେଉଁ ଆସନରେ ଭଲ ଫଳାଫଳ ପାଇବ, ସେନେଇ କେତେକ କଂଗ୍ରେସ ନେତା ମତ ରଖିଛନ୍ତି।

ରାଜ୍ୟରେ ଥିବା ୨୧ ଲୋକ ସଭା ଆସନ ମଧ୍ୟରୁ କଂଗ୍ରେସ ୪ ସ୍ଥାନରେ ମୁଖ୍ୟତଃ ଲଢ଼େଇ କରିଥିବା କୁହାଯାଉଛି। ଏହି ଆସନଗୁଡିକ ହେଉଛି-ନବରଙ୍ଗପୁର, କଳାହାଣ୍ଡି, କୋରାପୁଟ ଏବଂ ସୁନ୍ଦରଗଡ। ଏହାବ୍ୟତୀତ ଦଳ ବାଲେଶ୍ୱର, ଢେଙ୍କାନାଳ, ବଲାଙ୍ଗୀର, ପୁରୀ, କଟକ, ବରଗଡ, ସମ୍ବଲପୁର, କନ୍ଧମାଳ, ଜଗତ୍‌ସିଂହପୁର, ଭଦ୍ରକ, ବ୍ରହ୍ମପୁର, କେନ୍ଦ୍ରାପଡା, କେନ୍ଦୁଝର ଏବଂ ଯାଜପୁର ଭଳି ଆସନରେ ତୃତୀୟ ସ୍ଥାନରେ ରହିବ ବୋଲି କୁହାଯାଉଛି। ଆସ୍କା, ଭୁବନେଶ୍ୱର ଏବଂ ମୟୂରଭଞ୍ଜରେ କଂଗ୍ରେସ ପ୍ରାର୍ଥୀ ନ ଦେଇ ସହଯୋଗୀ ଦଳଙ୍କୁ ସମର୍ଥନ କରିଥିଲା। ୨୦୧୪ରେ ଦଳ ରାଜ୍ୟରେ ଗୋଟିଏ ବି ଲୋକ ସଭା ଜିତିପାରି ନ ଥିଲା। ଭୋଟ ପରବର୍ତ୍ତୀ ଆକଳନ ଅନୁଯାୟୀ, ଦଳ ନବରଙ୍ଗପୁରରେ ଜିତିବା ନେଇ ଆଶାବାଦୀ ଥିବାବେଳେ ଅନ୍ୟ ଆସନକୁ ନେଇ ଦୃଢ଼ମତ ନୁହେଁ। କିଛିଦିନ ତଳେ ଏକ ଜାତୀୟ ଗଣମାଧ୍ୟମରେ ଦିଆଯାଇଥିବା ରିପୋର୍ଟ ଅନୁଯାୟୀ, କଂଗ୍ରେସ ଜାତୀୟସ୍ତରରେ ୪୪ରୁ ୧୦୧ ଆସନ ହାତେଇପାରେ। ଏହି ସର୍ଭେରେ ଓଡ଼ିଶାରେ କଂଗ୍ରେସ ଗୋଟିଏ ବି ଆସନ ପାଉ ନ ଥିବା ଦର୍ଶାଯାଇଥିଲା। ଶେଷଥର ପାଇଁ ୨୦୦୯ରେ କଂଗ୍ରେସ ୬ଟି ଲୋକ ସଭା ଆସନ ଜିତିବାକୁ ସକ୍ଷମ ହୋଇଥିଲା। ସେହି ଆସନଗୁଡିକ ଥିଲା- ବାଲେଶ୍ୱର, ବରଗଡ଼, ସୁନ୍ଦରଗଡ଼, ନବରଙ୍ଗପୁର, ☞ପୃଷ୍ଠା-୪


## ADMISSION NOTICE 2019-20

GANGADHAR MEHER UNIVERSITY, AMRUTA VIHAR, SAMBALPUR

Invites Applications for Admission into the following Self Financing Courses

| COURSE | DURATION | ELIGIBILITY |
|---|---|---|
| MBA (Financial Management) | 2 Years | +3 or Equivalent with 45 % marks in Aggregate at degree Level (relaxation of 5% Marks is allowed for the students belonging to ST/SC categories) |
| MBA (Subject to availability of seats after OJEE Admission) | 2 Years | OJEE/CAT/MAT/XAT/ATMA Non-OJEE Candidates having score card with minimum 50% marks in aggregate at the degree level. |
| M.Sc. ETC (Electronics & Telecommunications) | 2 Years | B.Sc. with Maths./Physics /Electronics &Telecommunication/ Computer Science /IST or Equivalent and minimum 45 % marks in aggregate at degree Level or B.Tech.(ETC/CSE/IT). (relaxation of 5% Marks is allowed for the students belonging to ST/SC categories) |
| BBA (Hons.) | 3 Years | +2 Pass or Equivalent |
| B.Sc. IST (Hons.) (Information Science &Telecommunications) | 3 Years | +2 Science or Equivalent with Math./Physics |

- Candidates may apply for MBA-FM, M.Sc.-ETC and other PG. Courses of the university through online admission portal www.gmuniversity.ac.in from 08.05.2019 to 24.05.2019. Other modes of applications will not be considered. For details visit the University Website.
- Online Admission to all the UG courses (including BBA & BSc.IST) will commence soon. Please visit the University website www.gmuniversity.ac.in or contact to the helpline numbers for details.
- For MBA programme, Forms and Information Bulletins are available at the Department of Professional Courses, G.M. University, Amruta Vihar, Sambalpur. However the admission to the MBA Programme will be subject to availability of seats after OJEE Admission.

Helpline No - 0663-2522543, Mob. 9861283124, 8328821808, 7008225400, 9438735182, 9853132904

Registrar



ଇରାନ୍ ସହ ଆମେ ଯୁଦ୍ଧ ଚାହୁଁନାହୁଁ। ୱାଶିଂଟନ୍‌ର ସ୍ୱାର୍ଥ ଉପରେ ଆକ୍ରମଣ ହେଲେ, ଏହାର ଦୃଢ଼ ଜବାବ୍ ଦିଆଯିବ।
-ମାଇକ ପମ୍ପିଓ,
ଆମେରିକାର ପରରାଷ୍ଟ୍ର ସଚିବ



# ଦିଲ୍ଲୀରେ ପହଞ୍ଚିଲା କୋଲକାତା ବିବାଦ

ନୂଆଦିଲ୍ଲୀ,୧୫।୫(ପି.ଟି.)




- ଯନ୍ତରମନ୍ତରରେ ଭାଜପାର ବିକ୍ଷୋଭ
- ହିଂସା ଲାଗି ଟିଏମ୍‌ସିକୁ ଦାୟୀ କଲେ ଅମିତ୍ ଶାହ

କୋଲକାତାରେ ସୃଷ୍ଟି ହୋଇଥିବା ବିବାଦ ଦିଲ୍ଲୀରେ ପହଞ୍ଚିଛି। ମଙ୍ଗଳବାର କୋଲକାତାରେ ଭାଜପା ଅଧ୍ୟକ୍ଷ ଅମିତ୍ ଶାହଙ୍କ ମେଗା ରୋଡ୍ ଶୋ' ବେଳେ ହିଂସାକାଣ୍ଡ ସୃଷ୍ଟି ହୋଇଥିଲା। ରୋଡ ଶୋ' ବେଳେ ଟିଏମ୍‌ସି କର୍ମୀ କଳାପତାକା ଦେଖାଇଥିଲେ। ପରେ କୋଲ୍‌କାତାର ବିଧାନ ସରଣୀଠାରେ ଶାହଙ୍କ ଶୋଭାଯାତ୍ରା ଉପରକୁ ଢେଲାମାଡ଼ କରାଯିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଟିଏମ୍‌ସି ଛାତ୍ର ଶାଖାର କର୍ମକର୍ତ୍ତା ଓ ଭାଜପା କର୍ମୀଙ୍କ ମଧ୍ୟରେ ବଚସା ପରେ ଗଣ୍ଡଗୋଳ ଉଗ୍ର ରୂପ ଧାରଣ କରିଥିଲା। କୋଲକାତା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ପରିସରରେ ଅପ୍ରୀତିକର ପରିସ୍ଥିତି ଦେଖାଦେଇଥିଲା। ସେହିଭଳି କଲେଜ୍ ଷ୍ଟ୍ରିଟ୍ ନିକଟରେ ସଂଘର୍ଷ ହେବାରୁ ପୋଲିସକୁ ଲାଠିଚାର୍ଜ କରିବାକୁ ପଡ଼ିଥିଲା। ଖ୍ୟାତନାମା ସମାଜ ସଂସ୍କାରକ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭଙ୍ଗାକୁ ନେଇ କଲେଜ ହଷ୍ଟେଲ୍ ନିକଟରେ ମାଡ଼ପିଟ୍ ହେବା ସହ ବିଭିନ୍ନ ସ୍ଥାନରେ ପୋଡ଼ାଜଳା କରାଯାଇଥିଲା। ଶାହଙ୍କ କାର୍‌କେଡ ଉପରେ ଆକ୍ରମଣ ଓ ହିଂସାକାଣ୍ଡ ବିରୋଧରେ ବୁଧବାର ଦିଲ୍ଲୀର ଯନ୍ତରମନ୍ତରଠାରେ ଭାଜପା ପକ୍ଷରୁ ନୀରବ ପ୍ରତିବାଦ କରାଯାଇଥିଲା। ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପ୍ରତିମୂର୍ତ୍ତି ଭଙ୍ଗା ଘଟଣା ଲାଗି ଭାଜପାକୁ ଦାୟୀ କରି ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଛି।

ଯନ୍ତରମନ୍ତରରେ ଭାଜପାର ନୀରବ ପ୍ରତିବାଦ ସଭାରେ କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରାମନ୍, ଜିତେନ୍ଦ୍ର ସିଂ, ବିଜୟ ଗୋୟଲ ଏବଂ ହର୍ଷବର୍ଦ୍ଧନ ପ୍ରମୁଖ ଯୋଗଦେଇଥିଲେ। ସେମାନେ କଳାପଟି ପିନ୍ଧି ଓଠରେ ଆଙ୍ଗୁଠି ଚାପି ବସିରହିଥିବା ଦେଖାଯାଇଥିଲା। ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗଣତନ୍ତ୍ରର କଣ୍ଠରୋଧ କରିଛନ୍ତି ବୋଲି ଭାଜପା ନେତାମାନେ ଅଭିଯୋଗ କରିଥିଲେ। ମଙ୍ଗଳବାର ଟିଏମ୍‌ସି କର୍ମୀମାନେ ଯେଉଁଭଳି ଆକ୍ରମଣ କଲେ ସିଆର୍‌ପିଏଫ୍ ଯବାନ ନ ଥିଲେ ଭାଜପା ଅଧ୍ୟକ୍ଷ ଶାହ ନିରାପଦରେ ଫେରି ନ ଥାନ୍ତେ ବୋଲି ସୀଥାରାମନ୍ ଖବରଦାତାମାନଙ୍କୁ କହିଛନ୍ତି। ନିର୍ବାଚନରେ ପରାଜିତ ହେବା ଜାଣି ମମତା ବିବ୍ରତ ହୋଇପଡିଛନ୍ତି ଏବଂ ହିଂସାକାଣ୍ଡ ସୃଷ୍ଟିକରିବାକୁ ଦଳୀୟ କର୍ମୀମାନଙ୍କୁ ଉସୁକାଉଥିବା ସୀଥାରାମନ ଅଭିଯୋଗ କରିଛନ୍ତି। ଖ୍ୟାତନାମା ସଂସ୍କାରକ ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ବନ୍ଦ କୋଠରିରେ ଥିବାବେଳେ କିପରି ଭାଙ୍ଗିଲା ବୋଲି ସେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। କ୍ୟାମ୍ପସ୍ ପରିସରରେ ଥିବା ତୃଣମୂଳ କଂଗ୍ରେସ କର୍ମୀ ଏଥିପାଇଁ ଦାୟୀ ବୋଲି ସେ କହିଛନ୍ତି।

କୋଲକାତା ରୋଡ ଶୋ'ରେ ହିଂସା ଲାଗି ଶାସକ ଟିଏମ୍‌ସିକୁ ଦାୟୀ କରିଛନ୍ତି ଅମତ୍ ଶାହ। ନିର୍ବାଚନ କମିଶନ ନୀରବ ରହି ରାଜ୍ୟରେ ରିଗିଂ ଓ ହିଂସାକୁ ପ୍ରଶ୍ରୟ ଦେଉଥିବା ସେ ଅଭିଯୋଗ କରିଛନ୍ତି। ମେ ୨୩ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀ ମମତାଙ୍କ କ୍ଷମତାରେ ରହିବା ଦିନର ଓଲଟା ଗଣନା ଆରମ୍ଭ ହୋଇଯିବ ବୋଲି ସେ କହିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗର ବସିରହାଟଠାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧନ କରିବା ଅବସରରେ ମମତାଙ୍କ ଉପରେ ବର୍ଷିଛନ୍ତି। ନିର୍ବାଚନରେ ହାରିବା ନିଶ୍ଚିତ ଜାଣି ଟିଏମ୍‌ସି ଏହାର ଗୁଣ୍ଡାମାନଙ୍କୁ ହିଂସାକାଣ୍ଡ ପାଇଁ ଛାଡିଦେଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ପଶ୍ଚିମବଙ୍ଗରେ ଭାଜପା ଲହର ଦିଦିଙ୍କୁ ଭୟଭୀତ କରିଛି ଏବଂ ସେ ଯେକୌଣସି ସ୍ତରକୁ ଯିବାକୁ ପ୍ରସ୍ତୁତ ଅଛନ୍ତି। ଶାହଙ୍କ ରୋଡ ଶୋ'ରେ ହିଂସାକାଣ୍ଡ ପାଇଁ ପ୍ରଧାନମନ୍ତ୍ରୀ ଟିଏମ୍‌ସିକୁ ଦାୟୀ କରିଛନ୍ତି।

## ଇସିଙ୍କ ଦ୍ୱାରସ୍ଥ ହେଲା ଟିଏମ୍‌ସି

**ନୂଆଦିଲ୍ଲୀ,୧୫।୫(ପି.ଟି.):** ଟିଏମ୍‌ସି ମଧ କୋଲକାତା ରୋଡ ଶୋ ହିଂସାକାଣ୍ଡ ଏବଂ ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା ପାଇଁ ଭାଜପାକୁ ଦାୟୀ କରିଛି। ଭାଜପା ଗୁଣ୍ଡାମାନେ ପ୍ରତିମୂର୍ତ୍ତି ଭାଙ୍ଗିଥିବାର ଭିଡିଓ ଟିଏମ୍‌ସି ପକ୍ଷରୁ ଜାରି କରାଯାଇଛି। ଦଳୀୟ ଏମ୍‌ପି ଡେରେକ୍ ଓ୍ୱାଏନ୍, ସୁଖେନ୍ଦୁ ଶେଖର ରାୟ, ମନୀଷ୍ ଗୁପ୍ତା, ନଦିମୁଲ୍ ହକ୍ ଏହି ପ୍ରସଙ୍ଗରେ ନିର୍ବାଚନ କମିଶନଙ୍କୁ ଭେଟି ସେମାନଙ୍କ ଅଭିଯୋଗର ପ୍ରମାଣ ସ୍ୱରୂପ ଉକ୍ତ ଭିଡିଓ ଉପସ୍ଥାପନ କରିଛନ୍ତି। ଏହି ଭିଡିଓ ଭାଜପାର କାର୍ଯ୍ୟକଳାପକୁ କେବଳ ସ୍ପଷ୍ଟ କରୁନାହିଁ, ଏହାର ଅଧକ୍ଷ ଅମିତ ଶାହ ଜଣେ ମିଛୁଆ ଓ ଧୋକାବାଜ୍ ବୋଲି ପ୍ରମାଣିତ କରିଛି। କୋଲକାତାର ରାସ୍ତାଘାଟରେ ଉତ୍ତେଜନା ଦେଖାଦେଇଛି। ମଙ୍ଗଳବାରର ଘଟଣା ବେଙ୍ଗଲୀ ଗର୍ବକୁ ଆଘାତ ଦେଇଥିବା ଓ୍ୱାଏନ୍ କହିଛନ୍ତି। କିଛି ଲୋକ ଉଦ୍ଦେଶ୍ୟମୂଳକ ଭାବେ ବିଦ୍ୟାସାଗର କଲେଜ୍ ଗେଟ ଭାଙ୍ଗିବାକୁ ଉଦ୍ୟମ କରୁଥିବା ଏବଂ ପ୍ରାଚୀର ଡେଇଁ କ୍ୟାମ୍ପସ୍ ଭିତରେ ପ୍ରବେଶ କରୁଥିବା ଗୋଟିଏ ଭିଡିଓରୁ ଦେଖିବାକୁ ମିଳିଛି। ଅନ୍ୟ ଏକ ଭିଡିଓ ଏବଂ ହ୍ୱାଟ୍ସଆପ୍ ବାର୍ତ୍ତାରେ ଭାଜପା ସମର୍ଥକମାନଙ୍କୁ ଲୁହାରଡ଼ ଏବଂ ଅସ୍ତ୍ର ଧରି ଶାହଙ୍କ ରୋଡ ଶୋ'ରେ ଭାଗ ନେବା ଲାଗି କୁହାଯାଉଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ପ୍ରମାଣିତ କରିବା ଲାଗି ତାଙ୍କ ଦଳ ପାଖରେ ଏଭଳି ୪୪ଟି ଭିଡିଓ ରହିଥିବା ଟିଏମ୍‌ସି ଏମ୍‌ପି କହିଛନ୍ତି।



ବୁଧବାର ଗୁର୍‌ଦାସପୁରର ଦିନନଗରଠାରେ ପୁଅ ତଥା ଭାଜପା ପ୍ରାର୍ଥୀ ସନି ଦେଓଲଙ୍କ ପାଇଁ ପ୍ରଚାର କରୁଛନ୍ତି ବର୍ଷୀୟାନ ବଲିଉଡ ଅଭିନେତା ଧର୍ମେନ୍ଦ୍ର।

# ଶେଷ ପର୍ଯ୍ୟାୟ ଭୋଟ ଲାଗି ପ୍ରଚାର ଜୋରଦାର

ନୂଆଦିଲ୍ଲୀ,୧୫।୫

ଲୋକ ସଭା ନିର୍ବାଚନର ଚୂଡାନ୍ତ ପର୍ଯ୍ୟାୟ ମତଦାନ ଆସନ୍ତା ରବିବାର ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏଥିପାଇଁ ପ୍ରଚାର ଜୋରଦାର ହୋଇଛି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପୂର୍ବରୁ ଭିନ୍ନ ଭିନ୍ନ ସ୍ଥାନରେ ଏକାଧିକ ସଭା ଅନୁଷ୍ଠିତ ହୋଇଥିଲା। ସପ୍ତମ ପର୍ଯ୍ୟାୟରେ ୭ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ଅନ୍ତର୍ଗତ ୫୯ଟି ଆସନରେ ଭୋଟଗ୍ରହଣ କରାଯିବ। ଏହିସବୁ ଆସନଗୁଡିକର ଫଳାଫଳ ନିର୍ଣ୍ଣାୟକ ଭୂମିକା ନେବାକୁ ଥିବାରୁ ପ୍ରମୁଖ ଦଳଗୁଡିକ ସେମାନଙ୍କ ପ୍ରଚାରକୁ ଜୋରଦାର କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ବିହାର ପଲିଗଞ୍ଜରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବା ସହ ଝାଡଖଣ୍ଡର ଦେଓଘର, ପଶ୍ଚିମବଙ୍ଗର ହାସନାବାଦ ଏବଂ ଡାଇମଣ୍ଡ ହାର୍ବର ସଭାରେ ଯୋଗଦେବା କାର୍ଯ୍ୟକ୍ରମ ରହିଥିଲା। ସେହିପରି ଭାଜପା ଅଧ୍ୟକ୍ଷ ଅମିତ ଶାହା ମଧ୍ୟପ୍ରଦେଶର ଧର୍ ଏବଂ ଅଲିରାଜପୁରରେ, ବରିଷ୍ଠ ନେତ୍ରୀ ସୁଷମା ସ୍ୱରାଜ, ଯୋଗୀ ଆଦିତ୍ୟନାଥ ଏବଂ ମନୋଜ ତିୱାରୀ ବିଭିନ୍ନ ସଭାରେ ଉଦ୍‌ବୋଧନ ଦେଇଥିଲେ। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପଞ୍ଜାବର ଫରିଦକୋଟ ଏବଂ ଲୁଧିଆନା ସଭାକୁ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ଥିବାବେଳେ ଦଳ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବାରାଣସୀର ଏକ ରୋଡ ଶୋରେ ଭାଗ ନେଇଥିଲେ। ଏହାବ୍ୟତୀତ ଏସପି-ବିଏସ୍‌ପି-ଆର୍‌ଏଲ୍‌ଡି ମେଣ୍ଟ ପକ୍ଷରୁ ଉତ୍ତରପ୍ରଦେଶର ମାଉ ଓ ଦେଓରିଆ ସଭାରେ ଯୋଗଦେବା କାର୍ଯ୍ୟକ୍ରମ ରହିଥିଲା। ଏହି ପର୍ଯ୍ୟାୟରେ ଉତ୍ତରପ୍ରଦେଶର ୧୩ ଆସନ, ପଞ୍ଜାବର ସମସ୍ତ ୧୩ ଆସନ, ପଶ୍ଚିମବଙ୍ଗର ୯, ବିହାର ଓ ମଧ୍ୟପ୍ରଦେଶର ୮ଟି ଲେଖାଏ, ହିମାଚଳପ୍ରଦେଶର ସମସ୍ତ ୪ ଆସନ, ଝାଡଖଣ୍ଡର ୩ ଏବଂ ଚଣ୍ଡିଗଡ଼ର ଏକମାତ୍ର ଆସନରେ ନିର୍ବାଚନ ଅନୁଷ୍ଠିତ ହେବ। ଏହା ପରେ ୨୩ ତାରିଖରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ କରାଯିବ। ୧୯ ତାରିଖ ଶେଷ ପର୍ଯ୍ୟାୟ ମତଦାନ ଲାଗି ନିର୍ବାଚନ କମିଶନ ବୁଧବାର ପର୍ଯ୍ୟବେକ୍ଷକ ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ଭିଡିଓ କନଫରେନ୍ସିଂ ଜରିଆରେ ସମୀକ୍ଷା ବୈଠକ କରିଥିଲେ।

## ହାଫିଜ୍ ସଇଦ୍‌ଙ୍କ ଭିଣୋଇ ଗିରଫ

**ଲାହୋର,୧୫।୫ :** ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟର୍‌ମାଇଣ୍ଡ ତଥା ଆତଙ୍କବାଦୀ ସଙ୍ଗଠନ ଜମାତ୍ ଉଦ୍ ଦାୱା(ଜେୟୁଡି)ର ସର୍ବୋଚ୍ଚ ନେତା ହାଫିଜ୍ ସଇଦ୍‌ଙ୍କ ଭିଣୋଇ ହାଫିଜ୍ ଅବଦୁର୍ ରହମନ୍ ମକ୍କିଙ୍କୁ ଗିରଫ କରାଯାଇଛି। ପାକିସ୍ତାନ ସରକାରଙ୍କ ବିରୋଧରେ ଗୁଜରାନ୍‌ୱାଲାରେ ଘୃଣ୍ୟ ମନ୍ତବ୍ୟ ଦେଇ ସମାଲୋଚନା କରିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି ବୋଲି ପୋଲିସ ବୁଧବାର କହିଛି। ମକ୍କି ଜେୟୁଡିର ରାଜନୈତିକ ଓ ଅନ୍ତର୍ଜାତୀୟ ଶାଖା ଦାୟିତ୍ୱରେ ଥିଲେ। ହାଫିଜ୍‌ଙ୍କୁ ଆମେରିକା ବିଶ୍ୱ ଆତଙ୍କବାଦୀ ଘୋଷଣା କରିସାରିଥିଲା ବେଳେ ୨୦୧୨ରୁ ତାଙ୍କ ବିରୋଧରେ ୧୦ ନିୟୁତ ଆମେରିକୀୟ ଡଲାର ଘୋଷଣା କରିସାରିଛି।






ବିହାର ରାଜଧାନୀ ପାଟନାସ୍ଥିତ ବାଲିଗଞ୍ଜରେ ଅନୁଷ୍ଠିତ ଏକ ନିର୍ବାଚନ ର୍‍ୟାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ରାଜ୍ୟ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ଏଲ୍‌ଜେପି ମୁଖ୍ୟ ରାମବିଳାସ ପାଶ୍ୱାନ।

## ଭାଜପା ୩୦୦ରୁ ଉର୍ଦ୍ଧ୍ୱ ଆସନ ଜିତିବ: ଶାହ

ନୂଆଦିଲ୍ଲୀ,୧୫।୫

ଚଳିତ ଲୋକ ସଭା ନିର୍ବାଚନରେ ଭାଜପା ୩୦୦ରୁ ଉର୍ଦ୍ଧ୍ୱ ଆସନରେ ବିଜୟୀ ହେବ ବୋଲି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ପ୍ରକାଶ କରିଛନ୍ତି। ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ଶେଷ ସୁଦ୍ଧା ଦଳକୁ ମ୍ୟାଜିକ୍ ନମ୍ବର (୨୭୨) ମିଳିସାରିଛି। ସପ୍ତମ ତଥା ଶେଷ ପର୍ଯ୍ୟାୟ ମତଦାନ ଶେଷହେବା ପରେ ଭାଜପା ଆସନ ସଂଖ୍ୟା ୩୦୦ ଟପିଯିବ ବୋଲି ଶାହ କହିଛନ୍ତି। ମୋଟ ୫୪୩ ଆସନରୁ ୧୯ ତାରିଖରେ ହେବାକୁ ଥିବା ଶେଷ ପର୍ଯ୍ୟାୟରେ ୫୯ଟି ଆସନ ଲାଗି ଭୋଟ ହେବ। ମୋଦିଙ୍କ ନେତୃତ୍ୱରେ ପୁଣି ଏନ୍‌ଡିଏ ସରକାର କ୍ଷମତାକୁ ଫେରିବ ବୋଲି ସେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ପ୍ରକାଶଥାଉକି, ୨୦୧୪ରେ ଭାଜପାକୁ ମୋଟ ୨୮୨ଟି ଆସନ ମିଳିଥିବାବେଳେ କଂଗ୍ରେସକୁ ମାତ୍ର ୪୪ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।



- କଂଗ୍ରେସ ବିଧାୟକଙ୍କୁ ଆକ୍ରମଣ

## ୟୁପି ସରକାରକୁ ଦୋଷଦେଲେ ପ୍ରିୟଙ୍କା

ରାଏ ବରେଲି,୧୫।୫

ୟୁପିର ରାଏବରେଲି ବିଧାୟକ ଅଦିତି ସିଂଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ରାଜ୍ୟ ସରକାରଙ୍କ ଉପରେ ଦୋଷ ଲଦିଛନ୍ତି। ଏହା ଗଣତନ୍ତ୍ର ଉପରେ ଆକ୍ରମଣ ବୋଲି ସେ ପ୍ରକାଶ କରିଛନ୍ତି। ଆକ୍ରମଣବେଳେ ଠେଙ୍ଗା, ଇଟା ଓ ଧାରୁଆ ଅସ୍ତ୍ରମାନ ବ୍ୟବହାର କରାଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଭାଜପା ଶାସିତ ରାଜ୍ୟରେ ହିଂସାକାଣ୍ଡ କରାଯାଇ ଆତଙ୍କରାଜ ଚାଲିଛି ବୋଲି ଦଳୀୟ କର୍ମକର୍ତ୍ତାଙ୍କୁ ପ୍ରିୟଙ୍କା କହିଛନ୍ତି। ଲକ୍ଷ୍ନୌରେ ରାଜ୍ୟପାଳ ଓ ଦିଲ୍ଲୀରେ ନିର୍ବାଚନ କମିଶନଙ୍କ ସହ ଆଲୋଚନା କରିଛୁ ଓ ସ୍ଥାନୀୟ ପ୍ରଶାସନ ବିରୋଧରେ ଅଭିଯୋଗ କରାଯିବ ବୋଲି ସେ କହିଛନ୍ତି।



## ୮ରୁ କୈଳାସ ମାନସରୋବର ଯାତ୍ରା
## କମ୍ପ୍ୟୁଟର ଡ୍ର'ରେ ପ୍ରଥମଥର ଯାଉଥିବା ଯାତ୍ରୀଙ୍କୁ ଅଗ୍ରାଧିକାର

**ନୂଆଦିଲ୍ଲୀ,୧୫।୫ (ପି.ଟି.):** କୈଳାସ ମାନସରୋବର ଯାତ୍ରା ଜୁନ ୮ ତାରିଖରୁ ଆରମ୍ଭ ହେବ। ପ୍ରଥମ କରି ଯାଉଥିବା ଯାତ୍ରୀଙ୍କୁ କମ୍ପ୍ୟୁଟର ଡ୍ର ଜରିଆରେ ଅଗ୍ରାଧିକାର ଦିଆଯିବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବୈଦେଶିକ ସଚିବ ବିଜୟ ଗୋଖଲେ ଜବାହାରଲାଲ୍ ଭବନଠାରେ ବୁଧବାର ଏହି କମ୍ପ୍ୟୁଟର ଡ୍ର ଉଠାଣ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ।

## ଆଇଏସ୍ ଖୋରାସନ୍ ଉପରେ ଜାତିସଂଘର କଟକଣା


ଜାତିସଂଘ,୧୫।୫

ଜାତିସଂଘ ପକ୍ଷରୁ ଆଇଏସ୍‌ର ଦକ୍ଷିଣ ଏସିଆ ଆତଙ୍କବାଦୀ ଶାଖା 'ଆଇଏସ୍ ଖୋରାସନ୍' ଉପରେ କଟକଣା ଲଗାଯାଇଛି। ପାକିସ୍ତାନର ଜଣେ ପୂର୍ବତନ କମାଣ୍ଡର ୨୦୧୫ରେ ଏହାକୁ ଗଠନ କରିଥିଲେ। ଅଲ୍ କାଏଦା ସହ ସମ୍ପର୍କ ଓ ପାକିସ୍ତାନ ଓ ଆଫଗାନିସ୍ତାନ ଉପରେ ଭୟଙ୍କର ଆକ୍ରମଣ କରି ୧୫୦ ଜଣଙ୍କୁ ମାରିବା ଜାତିସଂଘ ସୁରକ୍ଷା ପରିଷଦର ୧୨୬୭ ଅଲ୍ କାଏଦା ପ୍ରତିବନ୍ଧ ସମିତି ପକ୍ଷରୁ ଆଇଏସ୍ ଖୋରାସନ୍ ଉପରେ କଟକଣା ଲଗାଯାଇଛି। ପାକିସ୍ତାନର ଜେଇଏମ୍ ଆତଙ୍କବାଦୀ ସଙ୍ଗଠନ ମୁଖ୍ୟ ମାସୁଦ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରାଯିବାର ଦୁଇସପ୍ତାହ ପରେ ଜାତିସଂଘ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଜାତିସଂଘ ପ୍ରତିବନ୍ଧ ସମିତି ପକ୍ଷରୁ କୁହାଯାଇଛି ଯେ, ଆଇଏସ୍ ଖୋରାସନ୍ ଜାନୁୟାରୀ ୧୦, ୨୦୧୫ରେ ଗଠନ କରାଯାଇଥିଲା। ଏହାକୁ ପାକିସ୍ତାନର ତେହେରିକ୍-ଇ-ତାଲିବାନ ପାକିସ୍ତାନ କମାଣ୍ଡର ଗଠନ କରିଥିଲେ।

### ଇତିହାସର ଆଇନାରେ
### ମେ ୧୬ର ପ୍ରମୁଖ ଘଟଣା

୧୯୭୫ ମେ ୧୬ରେ ଭାରତ ସହ ସିକ୍କିମର ମିଶ୍ରଣ ହୋଇଥିଲା। ହିମାଳୟ ପାର୍ବତ୍ୟାଞ୍ଚଳର ଏହି ରାଜ୍ୟ ପାଇଁ ଏହା ଥିଲା ଟର୍ନିଂ ପଏଣ୍ଟ। ଯଦିଓ ଏହି ମିଶ୍ରଣ ପ୍ରକ୍ରିୟା ଯଥେଷ୍ଟ ପୂର୍ବରୁ ଆରମ୍ଭ ହୋଇଥିଲା ତେବେ ୧୯୭୫ ମେ ୧୬କୁ ଭାରତ ସହ ସିକ୍କିମ ମିଶ୍ରଣର ଆନୁଷ୍ଠାନିକ ଦିବସ ଭାବେ ଗ୍ରହଣ କରାଯାଇଥାଏ।

୨୦୦୩ ମେ ୧୬ରେ ମରକ୍କୋରେ ଆତଙ୍କବାଦୀଙ୍କ ଆକ୍ରମଣରେ ୩୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଶତାଧିକ ଆହତ ହୋଇଥିଲେ। ସେହି ରାତିରେ ୧୪ ବୋମାଧାରୀ ୪ଟି ସ୍ଥାନରେ ବିସ୍ଫୋରଣ ଘଟାଇଥିଲେ।




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ଆଂଶିକ ମେଘାଚ୍ଛନ୍ନ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପାଗ ଶୁଖିଲା ରହିବା ସହ ଅପରାହ୍ନରେ ଆକାଶ ଆଂଶିକ ମେଘାଚ୍ଛନ୍ନ ହୋଇପାରେ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୧ | ୨୧.୨ |
| ଚାନ୍ଦବାଲି | ୩୯.୮ | ୨୮.୨ |
| କଟକ | ୩୭.୨ | ୨୬.୬ |
| ପାରାଦ୍ୱୀପ | ୩୩.୧ | ୨୮.୩ |
| ଭୁବନେଶ୍ୱର | ୩୭.୦ | ୨୭.୫ |
| ଗୋପାଳପୁର | ୩୧.୮ | ୨୬.୯ |
| ପୁରୀ | ୩୩.୬ | ୨୭.୪ |
| ଅନୁଗୋଳ | ୪୧.୧ | ୨୩.୦ |
| ବାରିପଦା | ୩୭.୦ | ୨୩.୬ |
| ଝାରସୁଗୁଡ଼ା | ୪୦.୫ | ୨୭.୪ |
| କେନ୍ଦୁଝର | ୩୮.୦ | ୨୩.୦ |
| ସମ୍ବଲପୁର | ୪୨.୪ | ୨୭.୦ |
| ସୁନ୍ଦରଗଡ଼ | --- | ୨୪.୦ |
| ହୀରାକୁଦ | ୪୨.୨ | ୨୭.୦ |
| ତାଲଚେର | ୪୧.୩ | ୨୬.୫ |
| ଭବାନୀପାଟଣା | ୪୧.୦ | ୨୬.୫ |
| ବଲାଙ୍ଗୀର | ୪୩.୧ | ୨୭.୦ |
| କୋରାପୁଟ | ୩୫.୦ | ୧୯.୬ |
| ଫୁଲବାଣୀ | ୪୦.୨ | ୨୩.୦ |
| ଟିଟିଲାଗଡ଼ | ୪୩.୫ | ୨୬.୦ |
| ମାଲକାନଗିରି | ୪୦.୦ | ୨୨.୦ |
| ସୋନପୁର | ୪୩.୦ | ୨୪.୪ |
| ଦାରିଙ୍ଗିବାଡ଼ି | ୩୬.୫ | ୨୧.୦ |

ଡିଗ୍ରୀ ସେଲ୍‌ସିୟସ୍

## 'ଗୁଲାବୋ ସିତାବୋ'ରେ ଅମିତାଭ, ଆୟୁଷ୍ମାନ୍

**ମୁମ୍ବାଇ:** ମେଗାଷ୍ଟାର୍ ଅମିତାଭ ବଚ୍ଚନ ଓ ଅଭିନେତା ଆୟୁଷ୍ମାନ୍ ଖୁରାନାଙ୍କୁ ପ୍ରଥମଥର ଲାଗି ଏକାଠି ଗୋଟିଏ ଫିଲ୍ମରେ ଦେଖିବାକୁ ମିଳିବେ। ସୁଜିତ୍ ସିର୍‌କାର୍‌ଙ୍କ ପରବର୍ତ୍ତୀ କମେଡ଼ି ଫିଲ୍ମ 'ଗୁଲାବୋ ସିତାବୋ'ରେ ଦୁହେଁ ଏକାଠି ଅଭିନୟର ଯାଦୁ ଦେଖାଇବେ। ସୁଜିତ୍‌ଙ୍କ ଦୀର୍ଘଦିନର ସହଯୋଗୀ ଜୁହି ଚତୁର୍ବେଦୀ ଏହି ଫିଲ୍ମଟିକୁ ଲେଖିଛନ୍ତି। ଏହାପୂର୍ବରୁ 'ଭିକି ଡୋନର୍'‘ପିଙ୍କୁ’ ରେ ସେମାନେ ଏକାଠି କାମ କରିଥିଲେ। ଜୁହିଙ୍କ ଏହି ଫିଲ୍ମର କାହାଣୀ ମୋତେ ବେଶ୍ ଆକର୍ଷିତ କରିଥିଲା ଓ ମୋର ନିର୍ଦ୍ଦେଶକ ବନ୍ଧୁ ରୋନି ଲାହିରିଙ୍କ ସହ ଏନେଇ ମୁଁ ଆଲୋଚନା କରିବା ପରେ ମେଗାଷ୍ଟାର୍ ଅମିତାଭ୍ ଓ ଆୟୁଷ୍ମାନ ଆମ ସହ ସାମିଲ୍ ହୋଇଥିଲେ ବୋଲି ସୁଜିତ୍ କହିଛନ୍ତି। ଚଳିତବର୍ଷ ଏହି ଫିଲ୍ମ ମୁକ୍ତିଲାଭ କରିବା ଲାଗି ଯୋଜନା ରହିଥିବା ସେ ପ୍ରକାଶ କରିଛନ୍ତି। 'ଗୁଲାବୋ ସିତାବୋ' ଏକ ମଜାଦାର୍ କାହାଣୀ ଉପରେ ଆଧାରିତ। ମେଗାଷ୍ଟାର୍ ଅମିତାଭଙ୍କ ସହ ପ୍ରଥମଥର ଲାଗି କାମ କରୁଥିବାରୁ ମୁଁ ଗର୍ବିତ ବୋଲି ଆୟୁଷ୍ମାନ୍ କହିଛନ୍ତି। ସୁଜିତ୍‌ଦା ମୋତେ ଏହି ଫିଲ୍ମରେ ଅଭିନୟ କରିବାର ସୁଯୋଗ ଦେଇଥିବାରୁ ବହୁତ୍ ଖୁସିଥିବା ଆୟାଷ୍ମାନ୍ ପ୍ରକାଶ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, 'ଗୁଲାବୋ ସିତାବୋ' ଆସନ୍ତା ନଭେମ୍ବର ମାସରେ ମୁକ୍ତିଲାଭ କରିବାକୁ ଯାଉଛି।






# କ୍ଷତି ଆକଳନ କଲେ କେନ୍ଦ୍ରୀୟ ଟିମ୍

**ଭୁବନେଶ୍ୱର,୧୫।୫(ବ୍ୟୁରୋ)**

ବାତ୍ୟା 'ଫନୀ' ଦ୍ୱାରା ଧ୍ୱସ୍ତବିଧ୍ୱସ୍ତ ହୋଇଥିବା ଅଞ୍ଚଳ ବୁଲି କେନ୍ଦ୍ରୀୟ ଟିମ୍ କ୍ଷତି ଆକଳନ କରିଛନ୍ତି । ଗତ ଦୁଇ ତିନି ଦିନ କାଳ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀମାନେ ପୃଥକ୍ ପୃଥକ୍ ଟିମ୍‌ରେ ବିଭକ୍ତ ହୋଇ ପୁରୀ ଓ ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳ ବୁଲି ତଥ୍ୟ ସଂଗ୍ରହ କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅତିରିକ୍ତ ସଚିବ ବିବେକ ଭରଦ୍ୱାଜଙ୍କ ନେତୃତ୍ୱରେ କେନ୍ଦ୍ରୀୟ ଟିମ୍ ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକ, ବ୍ରହ୍ମଗିରି ବ୍ଲକ, କଣାସ, କାକଟପୁର, ଭୁବନେଶ୍ୱର ବ୍ଲକ ଜଟଣୀ ଆଦି ଅଞ୍ଚଳର ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରଥମ ଥର ଲାଗି କେନ୍ଦ୍ରୀୟ ଟିମ୍ ବାତ୍ୟା ହେବାର ୧୦ ଦିନ ମଧ୍ୟରେ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଛନ୍ତି।

କେନ୍ଦ୍ରୀୟ ଟିମ୍ ୩ ଦିନ ବିଭିନ୍ନ ଅଞ୍ଚଳ ବୁଲିବା ପରେ ବୁଧବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବାତ୍ୟା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟକୁ ଟିମ୍ ପ୍ରଶଂସା କରିଛନ୍ତି। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଭରଦ୍ୱାଜ କହିଛନ୍ତି ଯେ, ଆମ ଟିମ୍ ଗତ ୨/୩ଦିନ ଧରି ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି କ୍ଷୟକ୍ଷତି ଆକଳନ କରିଛନ୍ତି। ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବାକୁ ଏକ ବଡ଼ ଟିମ୍ ଧରି ଆମେ ଏଠାକୁ ଆସିଥିଲୁ। ପୁରୀରେ ସର୍ବାଧିକ କ୍ଷତି ହୋଇଛି। ଘର ଭାଙ୍ଗିବା ସହ ହୋଟେଲ ଏବଂ ପେସା ଉଜୁଡି ଯାଇଛି। ବିଦ୍ୟୁତ୍, ଜଳ ଯୋଗାଣ ଭିତ୍ତିଭୂମି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। କଟକ ଜିଲାରେ ମଧ୍ୟ ଘର, ପାନବରଜ, ନଡିଆ ଗଛ ଭିତ୍ତିଭୂମି ନଷ୍ଟ ହୋଇଛି। ରାଜ୍ୟ ସରକାର ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ କରିଚାଲିଛନ୍ତି। ଯେଉଁଠିକୁ ଯାଇଛୁ ସେଠାରେ ଲୋକମାନେ ତୁରନ୍ତ ରିଲିଫ ଆକାରରେ ଟଙ୍କା ଓ ଚାଉଳ ପାଇଥିବା କହିଛନ୍ତି। ଏ ସବୁ କାର୍ଯ୍ୟ ରାଜ୍ୟ ସରକାର ତ୍ୱରିତ ବେଗରେ କରିଛନ୍ତି ବୋଲି ସେ କହିଛନ୍ତି। ଓଡ଼ିଶା ସରକାରଙ୍କୁ କେନ୍ଦ୍ର ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରସ୍ତୁତ ଅଛନ୍ତି। ବିଦ୍ୟୁତ ଶକ୍ତି ପୁନରୁଦ୍ଧାର କିମ୍ବା ଜୀବନ ଜୀବିକା ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମଜିଏନଆରଇଜିଏସ)କୁ ଅଧିକ କାର୍ଯ୍ୟକ୍ଷମ କରିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

**'ଫନୀ' ଚୋଟ**

- ରାଜ୍ୟ ସରକାରଙ୍କୁ ପ୍ରଶଂସା
- ଖୁବ୍‌ଶୀଘ୍ର କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦେବେ
- ୧୨ ହଜାର କୋଟି କ୍ଷୟକ୍ଷତି ବିଷୟ ଜଣାଇଲା ଓଡ଼ିଶା

ଫନୀ ଯୋଗୁ ୧୪ଟି ଜିଲାର ୧୮,୩୮୮ ଗ୍ରାମର ୧.୫ କୋଟି ଲୋକ ପ୍ରଭାବିତ ହୋଇଥିବା ବେଳେ ୫ ଲକ୍ଷ ଘର ନଷ୍ଟ ହୋଇଛି। ୬୪ ଜଣ ଲୋକଙ୍କର ଜୀବନ ଯାଇଛି। ୧୨ ହଜାର କୋଟି ଟଙ୍କାର କ୍ଷତି ହୋଇଥିବା ରାଜ୍ୟ ସରକାର କେନ୍ଦ୍ରୀୟ ଟିମ୍‌କୁ ଜଣାଇଛନ୍ତି । ଏ ନେଇ ଏକ ପ୍ରାଥମିକ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯାଇଛି। ବାତ୍ୟାରେ ଜଳ ସମ୍ପଦ ବିଭାଗର ୩୭୩.୦୧ କୋଟି ଟଙ୍କା କ୍ଷତି ହୋଇଥିବା ବେଳେ ପୂର୍ତ୍ତ ବିଭାଗର ୫୯୭.୩୨, ଗ୍ରାମ୍ୟ ଉନ୍ନୟନ ବିଭାଗର ୪୩୫.୧୭, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୫୨୪.୩୪, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ୫୮୭.୦୩, କୃଷି ବିଭାଗର ୧୦୨.୩୦, ଶକ୍ତି ବିଭାଗର ୧୧୫୯.୮୦, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ୫୫.୪୩, ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗର ୫.୯୨ କୋଟି, ମହିଳା ଓ ଶିଶୁ ବିକାଶ ବିଭାଗର ୭୨.୪୮, ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗର ୭୪.୩୧, ସମବାୟ ବିଭାଗର ୧୭.୪୧, ଉଚ୍ଚଶିକ୍ଷା ବିଭାଗର ୨୯୬, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୧୨.୭୫ , ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ୧୮.୨୫, ଜଙ୍ଗଲ ଓ ପରିବେଶ ବିଭାଗର ୫୩୭.୮୦, ପର୍ଯ୍ୟଟନ ବିଭାଗର ୧୯.୧୭, ସ୍କୁଲ ଓ ଗଣଶିକ୍ଷା ବିଭାଗର ୧୦.୯୪, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ୩୦.୫୭, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ୧୩.୭୪, ଶିଳ୍ପ ବିଭାଗର ୧୫୨.୬୯, ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗର ୭୧.୭୪, ଆଇନ ବିଭାଗର ୫.୧୦, ଶ୍ରମିକ ଓ କର୍ମଚାରୀ ବୀମା ବିଭାଗର ୦.୭୮ ଏବଂ ରିଲିଫ ଓ ପୁନରୁଦ୍ଧାର ପାଇଁ ୬୭୬୭.୫୬ କୋଟି ଟଙ୍କା କ୍ଷତି ହୋଇଥିବା ପ୍ରାଥମିକ ରିପୋର୍ଟରେ ଦର୍ଶାଯାଇଛି। ରାଜ୍ୟ ସରକାର ୨୫ କୋଟି ଟଙ୍କା ବର୍ଜ୍ୟବସ୍ତୁ ଉଠାଇବା ପାଇଁ ଖର୍ଚ୍ଚ କରିଥିବା ବେଳେ ତୁରନ୍ତ ରିଲିଫ ଯୋଗାଣ ପାଇଁ ୧୦୦୦ କୋଟି, ବାତ୍ୟାରେ ମୃତକଙ୍କ ପରିବାର ପାଇଁ ୨.୫୬ କୋଟି, ଅସ୍ଥାୟୀ ଶିବିର ନିର୍ମାଣ ପାଇଁ ୧୦୦ କୋଟି ଟଙ୍କା ଖର୍ଚ୍ଚ କରିଥିବା ଉଲ୍ଲେଖ କରିଛନ୍ତି। ଏଭଳି ପ୍ରାଥମିକ ରିପୋର୍ଟ ଆଧାରରେ କ୍ଷୟକ୍ଷତିର ହିସାବ ସରକାର କେନ୍ଦ୍ରୀୟ ଟିମ୍‌କୁ ଦେଇଛନ୍ତି। ଆସନ୍ତା ମାସକ ମଧ୍ୟରେ ଚୂଡ଼ାନ୍ତ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରାଯିବ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ କହିଛନ୍ତି।

# ଠିକାଦାର କ୍ୟାମ୍ପରେ ମାଓବାଦୀଙ୍କ ଲଙ୍କାକାଣ୍ଡ

**ମ.ରାମପୁର/ସେରଗଡ଼/ ଭବାନୀପାଟଣା,୧୫।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଉର୍ଲାଦାନୀ ସଂରକ୍ଷିତ ଜଙ୍ଗଲର ନୂଆମୁଣ୍ଡାଠାରେ ଥିବା ପିଏମ୍‌ଜିଏସ୍‌ୱାଇ ଠିକାଦାର କ୍ୟାମ୍ପରେ ମଙ୍ଗଳବାର ରାତିରେ ମାଓବାଦୀମାନେ ଲଙ୍କାକାଣ୍ଡ ଘଟାଇଛନ୍ତି। ସେମାନେ ଏହି କ୍ୟାମ୍ପରେ ରଖାଯାଇଥିବା ୨ ଜେସିବି, ୩ ଟ୍ରାକ୍ଟର, ୨ ମିକ୍ସର ମେଶିନ ପୋଡ଼ି ଦେଇଛନ୍ତି। ପରେ କ୍ୟାମ୍ପ ପରିସରରେ ଥିବା ଗଛଗୁଡ଼ିକରେ ପୋଷ୍ଟର ମାରି ଧମକ ଦେଇଛନ୍ତି ।

ଘଟଣା ଘଟିଥିବା ସ୍ଥାନଠାରୁ ମାତ୍ର ୨ କି.ମି. ଦୂର ଉର୍ଲାଦାନୀଠାରେ ସିଆରପିଏଫ୍ ଯବାନଙ୍କ ସ୍ଥାୟୀ କ୍ୟାମ୍ପ ରହିଛି। ଯବାନମାନେ ଅହୋରାତ୍ର ସେହି ଅଞ୍ଚଳରେ ପଇଁତରା ମାରୁଥିବା ସତ୍ତ୍ୱେ ମାଓବାଦୀମାନେ ଏପରି କାଣ୍ଡ ଘଟାଇବା ସ୍ଥାନୀୟ ଲୋକଙ୍କୁ ଚକିତ କରିଛି। ବୁଧବାର ଅପରାହ୍ନ ୧ଟାରେ ଉପଠିକାଦାର ସୀତାରାମ ଅଗ୍ରୱାଲ ମ.ରାମପୁର ଥାନାରେ ଅଭିଯୋଗ କରିଛନ୍ତି। ମ.ରାମପୁର ଉପଭାରପ୍ରାପ୍ତ ଥାନା ଅଧିକାରୀ ଓ କେସିଙ୍ଗା ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ୧୨ରୁ ୧୫ ଜଣ ମାଓବାଦୀ ସେଦିନ ରାତି ପ୍ରାୟ ୧ଟା ବେଳେ ଠିକାଦାର କ୍ୟାମ୍ପକୁ ପଶି ଗାଡ଼ିରେ ନିଆଁ ଲଗାଇବା ସହ ବିଭିନ୍ନ ଧମକ ଦେଇ ଚାଲିଯାଇଥିଲେ।

- ୨ ଜେସିବି, ୩ ଟ୍ରାକ୍ଟର, ୨ ମିକ୍ସର ମେଶିନ ପୋଡ଼ିଦେଲେ
- ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣକୁ ବିରୋଧ


ମାଓବାଦୀମାନେ ପୋଡ଼ିଦେଇଥିବା ଜେସିବି, ଟ୍ରାକ୍ଟର ।

# ମହିଳାଙ୍କୁ ଅଶ୍ଳୀଳ ବ୍ୟବହାର କରି ଅଡୁଆରେ ବିଡିଓ

**ନୂଆପଡ଼ା ଅଫିସ,୧୫।୫**

ମହିଳାଙ୍କୁ ଅଶ୍ଳୀଳ ବ୍ୟବହାର କରି ନୂଆପଡ଼ା ଜିଲା କୋମନା ବିଡିଓ ଶ୍ୟାମଳ ରଏ ହରଡ଼ଘଣାରେ ପଡିଛନ୍ତି। ଏ ନେଇ ନୂଆପଡା ଥାନାରେ ବିଡିଓ ରଏ (୩୮), ଯନ୍ତ୍ରୀ ରମେଶ ଦୀପ (୩୦), ବିରଞ୍ଚି ଉଦ୍ଦଣ୍ଡ ରଏ (୩୪) ଏବଂ ଶକୁନ୍ତଳା ଦାସ (୩୨)ଙ୍କ ନାମରେ ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗକୁ ଭିତ୍ତିକରି ଦଫା ୨୯୪, ୫୦୬, ୫୦୯, ୩୪ରେ ଏକ ମାମଲା (ନଂ.୫୬/୧୯) ରୁଜୁ ହୋଇଛି। ଜିଲା ଯୁବ ବିଜେଡି ସଭାପତି ରାଜେଶ ନିଗମ ମଙ୍ଗଳବାର ରାତି ପ୍ରାୟ ୧୧ଟା ବେଳେ ନୂଆପଡ଼ା-କୋମନା ରାସ୍ତାରେ ଥିବା ଏକ ହୋଟେଲରେ ନିଜ ପରିବାର ସଦସ୍ୟଙ୍କ ସହ ଭୋଜନ କରୁଥିଲେ। ସେହି ସମୟରେ ନୂଆପଡ଼ାରୁ ଏକ ଜିଲାସ୍ତରୀୟ ବୈଠକରେ ଯୋଗଦେଇ ଫେରୁଥିଲେ ବିଡିଓ ରଏ। ସେ ନିଜ ସହଯୋଗୀଙ୍କ ସହ ସେହି ହୋଟେଲକୁ ଆସିଥିଲେ। ସେଠାରେ ବିଡିଓ ଓ ତାଙ୍କ ସହଯୋଗୀମାନେ ରାଜେଶ ନିଗମଙ୍କ ପରିବାରର ମହିଳାମାନଙ୍କୁ ଦେଖି ଅଶ୍ଳୀଳ ବ୍ୟବହାର କରିଥିଲେ।

# ପଶ୍ଚିମବଙ୍ଗବାସୀ ମମତାଙ୍କ ଉପରୁ ଆସ୍ଥା ହରାଇଛନ୍ତି: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୫।୫(ବ୍ୟୁରୋ): ପଶ୍ଚିମବଙ୍ଗର ଲୋକେ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପରେ ଆସ୍ଥା ହରାଇଛନ୍ତି। ପଶ୍ଚିମବଙ୍ଗରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ରୋଡ୍ ଶୋ' ସମୟରେ ହିଂସାକାଣ୍ଡ ଘଟଣାକୁ ନେଇ ସାମାଜିକ ଗଣମାଧ୍ୟମ ଜରିଆରେ ଏକ ଭିଡିଓ ଜାରିକରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସୂଚନା ଦେଇଛନ୍ତି । ଧର୍ମେନ୍ଦ୍ର କହିଛନ୍ତି ଯେ, ଆସନ୍ନ ପରାଜୟ ଡରରେ ମମତା ଦିଦିଙ୍କ ଲୋକେ ହିଂସାକୁ ଆପଣାଇଛନ୍ତି । ଏହି ହିଂସାର ଜବାବ ଲୋକେ ବାଲେଟରେ ଦେବେ। ଗତ ମଙ୍ଗଳବାର ଏହି ରୋଡ୍ ଶୋ'ବେଳେ ଭାଜପା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଅ4ଭୂତପୂର୍ବ ଜନସମର୍ଥନ ଦେଖିବାକୁ ମିଳିଥିଲା । ଗତକାଲି ଶୋଭାଯାତ୍ରାରେ ଶାହ କାର୍ଯ୍ୟକର୍ତ୍ତାଙ୍କ ସହ କୋଲକାତା କଲେଜ ଷ୍ଟ୍ରିଟ୍ ଅତିକ୍ରମ କରିବାବେଳେ ଗେଟ୍ ଭିତରୁ ୧୦ରୁ ୧୫ଜଣ ଯୁବକ କଳାପତାକା ଦେଖାଇ ନାରାବାଜି କରିଥିଲେ । ଏହି ଘଟଣା ୧ଘଣ୍ଟା ପୂର୍ବରୁ ଘଟିଥିବାବେଳେ ସ୍ଥାନୀୟ ପୋଲିସ ସହାୟତା ବିନା ଏହା ଅସମ୍ଭବ ଥିଲା। ଏହା ଏକ ଷଡ଼ଯନ୍ତ୍ର। ବାହାର ଲୋକମାନେ ଏହି ହିଂସାକାଣ୍ଡ ଘଟାଇଥିବା କୁହାଯାଉଛି। ମମତା ଦିଦି ଯେତେ ଜୋର୍‌ରେ ମିଛକୁ ସତ କରିବାର ପ୍ରୟାସ କରନ୍ତୁ, ହେଲେ ଗତକାଲି ତାଙ୍କ ମନରେ ଭୟଜାତ ହୋଇଥିବା ସେ ମାନିଛନ୍ତି। ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି କିଏ ଭାଙ୍ଗିଲା ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ଏହି ସମୟରେ ଭାଜପା କାର୍ଯ୍ୟକର୍ତ୍ତା, ସମର୍ଥକ ଓ ସାଧାରଣ ଜନତା ରାସ୍ତାରେ ଥିଲେ । ପରିସର ଭିତରେ କେବଳ ମମତାଙ୍କ ଛାତ୍ର ପରିଷଦର ଲୋକ ଥିଲେ । ମମତା ନିଜ ଲୋକଙ୍କ ମାଧ୍ୟମରେ ମୂର୍ତ୍ତି ଭାଙ୍ଗି ଓ ସ୍କୁଟି ପୋଡ଼ି ବିବାଦ ସୃଷ୍ଟି କରୁଛନ୍ତି। ସ୍ୱାଧୀନତା ପୂର୍ବ ଲଢ଼େଇକୁ କୋଲକାତାର ରାସ୍ତାଘାଟ ଦେଖିଥିବାବେଳେ ଗତକାଲି ମଧ୍ୟ ଗଣତନ୍ତ୍ର ବଚାଓ ଓ ଅତ୍ୟାଚାର ବିରୋଧରେ ଜନସମର୍ଥନ ଦେଖାଯାଇଛି। ପଶ୍ଚିମବଙ୍ଗରେ ଏଥର ପରିବର୍ତ୍ତନର ଆଭାସ ମିଳିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।



Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Accessories and features shown may not be a part of standard fitment. Always wear a helmet while riding a two-wheeler. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. This benefit is available in the states of Tamil Nadu, Kerala, Karnataka, and Andra Pradesh - Telangana only. Both exchange and loyalty benefit cannot be availed on a single purchase. *Low down payment is by the preferred financiers at their sole discretion and subject to their respective terms and conditions. This benefit is available on all Hero Two-Wheelers under 150cc. ^As per cumulative dispatch numbers till September 2018. This benefit is available for a limited period only. Taxes as applicable will be levied.
For Institutional and Bulk Sales please write to Kolkata@heromotocorp.com
ଅଥରାଇଜ୍‌ଡ ଡିଲର: ଅନୁଗୁଳ: ପାର୍ବତୀ ହୀରୋ - 7799766342. ଢେଙ୍କାନାଳ : ସୋମ ହୀରୋ - 7799766347. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ତାଳଚେର: ତାରିଣୀ ହୀରୋ - 7799766374.
ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ବଡ଼ବିଲ: ହୁଇଲ୍‌ସ ମୋଟର୍ସ - 276304. ଛେଣ୍ଡିପଦା : ତାରା ମୋଟର୍ସ - 9437031859. ଢେଙ୍କାନାଳ: ଏଲିଗାଣ୍ଟ ଅଟୋମୋବାଇଲ୍‌ସ - 226260. କାମାକ୍ଷାନଗର: ରିଲାଏନ୍ସ ଅଟୋମୋବାଇଲ୍‌ସ - 270394.

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସୋନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ଆଜି ରାତିରୁ ପ୍ରଚାର ...

ବସିରହାଟ, ଜୟନଗର, ମଥୁରାପୁର, ଯାଦବପୁର, ଡାଇମଣ୍ଡ ହାର୍ବୋର, ଦକ୍ଷିଣ ଓ ଉତ୍ତର କୋଲକାତା ନିର୍ବାଚନ ମଣ୍ଡଳୀରେ ପ୍ରଚାର ବନ୍ଦ ରହିବ। ଖ୍ୟାତନାମା ସମାଜ ସଂସ୍କାରକ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭଙ୍ଗାକୁ ନେଇ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ସୃଷ୍ଟି ହୋଇଛି। ଏଥିପାଇଁ ଶାସକ ଦଳ ଟିଏମ୍‌ସି ଭାଜପାକୁ ଦାୟୀ କରିବା ସହ ଏନେଇ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲା। ଅନ୍ୟପକ୍ଷରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ କାରକେଡ୍ ଉପରେ ଆକ୍ରମଣ ଘଟଣାରେ ଭାଜପା ପକ୍ଷରୁ ଦିଲ୍ଲୀର ଜନ୍ତରମନ୍ତରରେ ନୀରବ ପ୍ରତିବାଦ କରାଯାଇଥିଲା। ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ଘଟଣାରେ ଇସି ଗଭୀର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ପୋଲିସ ପ୍ରଶାସନରେ ...

ଏଭଳି ଅଭିଯୋଗ କରିଛନ୍ତି। ତଥ୍ୟ ଅନୁଯାୟୀ, ଇନ୍ସପେକ୍ଟର ଦୀପକ ମିଶ୍ରଙ୍କ ନାମରେ ସର୍ବାଧିକ ଅଭିଯୋଗ ରହିଛି। ତାଙ୍କ ନାମରେ ୧୦ ପିଟିଶନ ରହିଥିବାବେଳେ ଗୋଟିଏ ତଦନ୍ତାଧୀନ ରହିଛି। ଏହାସତ୍ତ୍ୱେ ଡିଜିପି ତାଙ୍କୁ ବେଷ୍ଟ ଇନ୍ସପେକ୍ଟର ପୁରସ୍କାର ଦେଇଛନ୍ତି। ଇନ୍ସପେକ୍ଟର ଶରତ କୁମାର ସାହୁଙ୍କ ବିରୋଧରେ ୯, ଅନୁପ କାନୁନ୍‌ଗୋଙ୍କ ନାମରେ ୪ ଅଭିଯୋଗ ଆସିଥିବାବେଳେ ଗୋଟିଏ ଲେଖାଏ ଅଭିଯୋଗର ତଦନ୍ତ ଚାଲିଛି। ଇନ୍ସପେକ୍ଟର ରାଜେନ୍ଦ୍ର କୁମାର ମଣ୍ଡଳଙ୍କ ନାମରେ ଆସିଥିବା ମୋଟ ୪ଟି ଯାକ ଅଭିଯୋଗର ତଦନ୍ତ ଚାଲିଥିବାବେଳେ ରଜତ ରାୟଙ୍କ ବିରୋଧରେ ହୋଇଥିବା ୫ ଅଭିଯୋଗ ମଧ୍ୟରୁ ୨ଟିର ତଦନ୍ତ ଚାଲିଛି। ସେହିପରି ଇନ୍ସପେକ୍ଟର ମନୋଜ କୁମାର ସାମନ୍ତଙ୍କ ବିରୋଧରେ ହୋଇଥିବା ୪ ଅଭିଯୋଗ ମଧ୍ୟରୁ ୩ ଏବଂ କୃଷ୍ଣ ପ୍ରସାଦ ମିଶ୍ରଙ୍କ ନାମରେ ହୋଇଥିବା ୩ ଅଭିଯୋଗ ମଧ୍ୟରୁ ୨ଟିର ତଦନ୍ତ ଚାଲିଛି। ଅନ୍ୟ ଇନ୍ସପେକ୍ଟରମାନଙ୍କ ମଧ୍ୟରେ କିଶୋରଚନ୍ଦ୍ର ମୁଣ୍ଡ, ଯୁଗଳକିଶୋର ଦାସ, ଜନାର୍ଦ୍ଦନ ପାଢ଼ୀ, ସୂର୍ଯ୍ୟମଣି ପ୍ରଧାନଙ୍କ ନାମରେ ୩ଟି ଲେଖାଏ ଅଭିଯୋଗ ଆସିଛି। ସେଥିମଧ୍ୟରୁ ଗୋଟିଏ ଲେଖାଏ ଅଭିଯୋଗର ତଦନ୍ତ ଚାଲିଛି। ଇନ୍ସପେକ୍ଟର ଲକ୍ଷ୍ମୀନାରାୟଣ ତିୱାରୀ, ଗିରିଜା ଶଙ୍କର ଚକ୍ରବର୍ତ୍ତୀଙ୍କ ନାମରେ ଥିବା ୨ଟି ଲେଖାଏ ଅଭିଯୋଗ ମଧ୍ୟରୁ ଗୋଟିଏ ଲେଖାଏ ଅଭିଯୋଗର ତଦନ୍ତ ଚାଲିଛି।

ସେହିପରି କେତେଜଣ ଇନ୍ସପେକ୍ଟରଙ୍କ ନାମରେ ଗୋଟିଏ ଲେଖାଏ ଅଭିଯୋଗ ହୋଇଥିବାବେଳେ ତା'ର ତଦନ୍ତ ଚାଲିଛି। ସେମାନେ ହେଲେ କେ. କେ. ପାଣିଗ୍ରାହୀ, ରବି ନାରାୟଣ ପାଢ଼ୀ, ଅତନୁ କୁମାର ରାଉତ, ବନିତା ମହାରଣା, ରବି ନାରାୟଣ ଭଞ୍ଜ, ବିଦ୍ୟୁତ୍ ପଣ୍ଡା ଓ କ୍ଷମାସାଗର ପଣ୍ଡା।

ଆଉ କେତେଜଣ ଇନ୍ସପେକ୍ଟରଙ୍କ ନାମରେ ଏକାଧିକ ଅଭିଯୋଗ ଆସିଥିଲେ ମଧ୍ୟ କୌଣସି ଅଭିଯୋଗର ତଦନ୍ତ ବାକି ରହିନାହିଁ। ସେମାନେ ହେଲେ ମାନସ ରଞ୍ଜନ ଗଡ଼ନାୟକ(୫ ଅଭିଯୋଗ), ରବିନାରାୟଣ ଶତପଥୀ(୪), ହିମାଂଶୁ ଭୂଷଣ ସ୍ୱାଇଁ(୪), ଭରତ ଚନ୍ଦ୍ର ସାହୁ(୩), ଦେବୀଶଙ୍କର ପ୍ରତାପ(୩), ବିଳାସିନୀ ମଲ୍ଲ(୨) ରଶ୍ମିରଞ୍ଜନ ସାହୁ(୨), ଆଲୋକ କୁମାର ଜେନା। ଅନ୍ୟମାନଙ୍କ ମଧ୍ୟରେ ଇନ୍ସପେକ୍ଟର ସତ୍ୟଜିତ୍ ମିଶ୍ର, ତପନ କୁମାର ମହାନ୍ତି, ପ୍ରିୟରଞ୍ଜନ ଶତପଥୀ, ଗଙ୍ଗାଧର ଦଳାଇ, ନୀହାର ରଞ୍ଜନ ପ୍ରଧାନ, ସୁରେନ୍ଦ୍ର କୁମାର ବଳ, ସରୋଜ କୁମାର ପଟେଲ, ସଞ୍ଜୀବ ଶତପଥୀ, ପଦ୍ମନାଭ ପ୍ରଧାନ, ଇମାନ କଲ୍ୟାଣୀ ନାୟକ, ସରୋଜ କୁମାର ପଟେଲ ଓ ପ୍ରଭାସ ଚନ୍ଦ୍ର ପାଲ୍‌ଙ୍କ ବିରୋଧରେ ଗୋଟିଏ ଲେଖାଏ ପିଟିଶନ ଦାଏର ହୋଇଛି।

ଅନ୍ୟପକ୍ଷରେ ୧୪ଜଣ ଏସିପିଙ୍କ ନାମରେ ଏକାଧିକ ଅଭିଯୋଗ ଆସିଛି। ସେମାନେ ହେଲେ ନିର୍ମଳ ଶତପଥୀ(୨ ଅଭିଯୋଗ), ସୁବାସ ତ୍ରିପାଠୀ(୩), ଦିଲୀପ କୁମାର ଦାସ(୪), ପି.କେ. ପଟ୍ଟନାୟକ(୧), ବିନୋଦ କୁମାର ଦାଶ(୧), ଅକ୍ଷୟ କୁମାର ମିଶ୍ର(୫), ସୁରେଶ କୁମାର ଦାଶ(୧), ପ୍ରତାପ କୁମାର ସ୍ୱାଇଁ(୧), ଅନିଲ କୁମାର ପାତ୍ର(୧), ବିଳାସିନୀ ନାୟକ(୧), ବିଷ୍ଣୁଚରଣ ମିଶ୍ର(୧), ବିଭୂତି ଭୂଷଣ ପରିଡ଼ା(୧), ଶୁଭେନ୍ଦୁ ସ୍ନିହା(୧) ଓ ରବୀନ୍ଦ୍ରନାଥ ଶତପଥୀ(୧)। ଏମାନଙ୍କ ମଧ୍ୟରୁ ପି.କେ. ପଟ୍ଟନାୟକ, ପ୍ରତାପ କୁମାର ସ୍ୱାଇଁ, ଅନିଲ କୁମାର ପାତ୍ର, ବିଭୂତି ଭୂଷଣ ପରିଡା ଓ ରବୀନ୍ଦ୍ର ନାଥ ଶତପଥୀଙ୍କ ବିରୋଧରେ ଗୋଟିଏ ଲେଖାଏ ଅଭିଯୋଗର ତଦନ୍ତ ଚାଲିଛି।

ପୋଲିସ ଅଧିକାରୀଙ୍କ ବିରୋଧରେ ହେଉଥିବା ତଦନ୍ତ କେବଳ ନାମକୁ ମାତ୍ର। କାରଣ ଯଦି ଜଣେ ଇନ୍ସପେକ୍ଟରଙ୍କ ବିରୋଧରେ ଅଭିଯୋଗ ଆସୁଛି ତେବେ ତାହାର ତଦନ୍ତ ଭାର ସେହି ଥାନାର ଜୋନ୍ ଏସିପିଙ୍କୁ ଦିଆଯାଉଛି। ପ୍ରାୟତଃ ଯେଉଁ ଜୋନ୍ ଏସିପିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଉଛି, ସେ ଇନ୍ସପେକ୍ଟର ଥିବାବେଳେ ତାଙ୍କ ନାମରେ ମଧ୍ୟ ଅଭିଯୋଗ ଆସିଛି। ଫଳରେ ସେ ତଦନ୍ତ କଲେ ସେଥିରେ ସ୍ୱଚ୍ଛତା ରହିବା ନେଇ ସନ୍ଦେହ ସୃଷ୍ଟି ହେଉଛି। ସେହିପରି ଜଣେ ଏସିପିଙ୍କ ନାମରେ ଅଭିଯୋଗ ଆସିଲେ ଅତିରିକ୍ତ ଡିସିପିଙ୍କୁ ତଦନ୍ତ ଭାର ଦିଆଯାଉଛି। ଏସିପି ଏବଂ ଅତିରିକ୍ତ ଡିସିପିଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହୁଥିବାରୁ ତଦନ୍ତ ଦିଗହରା ହେଉଥିବା କୁହାଯାଉଛି। ଏନେଇ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ କହିଛନ୍ତି, ଉଦ୍ଦେଶ୍ୟମୂଳକ ଭାବେ ତଦନ୍ତ କରାଯାଉନାହିଁ। ଯେଉଁଠି ତଦନ୍ତ କରାଯାଉଛି, ସେଠି ରିପୋର୍ଟକୁ ବଦଳାଯାଉଛି, ନଚେତ୍ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯାଉନି। ଦାଗୀ ପୋଲିସ ଅଫିସରଙ୍କୁ ଘଣ୍ଟ ଘୋଡାଇବା ପାଇଁ ସବୁ ବ୍ୟବସ୍ଥା କରାଯାଉଛି। ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଦାଶ ମଧ୍ୟ ପ୍ରାୟ ସମାନ ମତ ଦେଇ କହିଛନ୍ତି, କମିଶନରେଟ ପୋଲିସରେ ସବୁକିଛି ସଲାସୁତରାରେ ଚାଲିଛି। ପୋଲିସ ଅଫିସରଙ୍କ ବିରୋଧରେ ହେଉଥିବା ଅଭିଯୋଗର ଠିକ୍ ତଦନ୍ତ କରାଯାଉନାହିଁ।

ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ଯେଉଁ ପୋଲିସ ଅଫିସରଙ୍କ ବିରୋଧରେ ଅଭିଯୋଗ ଆସୁଛି ତାହାର ତଦନ୍ତ କରାଯାଉଛି। ଆଉ କେତେକ ଅଭିଯୋଗର ତଦନ୍ତ କୌଣସି କାରଣ ପାଇଁ ପଡ଼ି ରହିଥିବ। ସେହି ଅଭିଯୋଗଗୁଡ଼ିକର ପୁଣି ସମୀକ୍ଷା କରି ତଦନ୍ତ ଓ କାର୍ଯ୍ୟାନୁଷ୍ଠାନର ସ୍ଥିତି କ'ଣ ରହିଛି ତାହା ଦେଖିବି ବୋଲି ସେ କହିଛନ୍ତି।

## ସପ୍ତାହକ ମଧ୍ୟରେ ...

ପ୍ରତ୍ୟେକ ପରିବାରକୁ ୫୦କିଗ୍ରା ଚାଉଳ ଦିଆଯାଇଛି। ଯେଉଁମାନଙ୍କର ରାଶନକାର୍ଡ ନାହିଁ ସେମାନଙ୍କୁ ମଧ୍ୟ ଏହା ପ୍ରଦାନ କରାଯିବ। ସେହିପରି କ୍ଷତିଗ୍ରସ୍ତ ଅଞ୍ଚଳରେ ବିଦ୍ୟୁତ୍ ସେବା ସମ୍ପୂର୍ଣ୍ଣ ଭାବେ ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ପ୍ରତି ୧୦ଦିନରେ ପ୍ରତି ପରିବାରକୁ ୨.୫ ଲିଟର ଲେଖାଏ କିରୋସିନ ମାଗଣାରେ ଯୋଗାଇ ଦିଆଯିବ। ଅଳ୍ପ କିଛିଦିନ ମଧ୍ୟରେ ୧୦ଲକ୍ଷ ମହମବତି ବଣ୍ଟାଯିବ। ଆଗାମୀ ଦୁଇମାସ ପାଇଁ ମାଗଣାରେ ସାନିଟାରି ନାପ୍‌କିନ ଯୋଗାଇ ଦିଆଯିବ। ପୁନରୁଦ୍ଧାର କାମ ତ୍ୱରାନ୍ୱିତ ନିମନ୍ତେ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି। ତେଣୁ ଜନସାଧାରଣଙ୍କୁ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏଥିସହ ବିଦ୍ୟୁତ୍ ପୁନରୁଦ୍ଧାର କାମ କରୁଥିବାବେଳେ ପ୍ରାଣ ହରାଇଥିବା ମଙ୍ଗରାଜ ରାଓଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ଗଭୀର ସମବେଦନା ଜଣାଇଥିଲେ।

ଉକ୍ତ ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ, ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ, ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜିଲାପାଳ ବଲୱନ୍ତ ସିଂ, ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଏସ୍‌ପି ଉମାଶଙ୍କର ଦାଶଙ୍କ ସମେତ ବିଭିନ୍ନ ବିଭାଗର ସଚିବ ଏବଂ ଅଧିକାରୀମାନେ ଯୋଗଦେଇଥିଲେ।

## ଜୁନ୍ ୬ରେ କେରଳ ...

ମୌସୁମୀ ବିଳମ୍ବରେ ପହଞ୍ଚିବା ଅର୍ଥ ନୁହେଁ ଯେ ଏହା ମୋଟାମୋଟି ବୃଷ୍ଟିପାତ ଉପରେ ପ୍ରଭାବ ପକାଇବ। ଗତବର୍ଷ ମୌସୁମୀ ସ୍ୱାଭାବିକ୍ ଠାରୁ ୩ ଦିନ ପୂର୍ବରୁ ଅର୍ଥାତ ମେ ୨୯ରେ କେରଳ ଛୁଇଁଥିଲା। ଏହା ସତ୍ତ୍ୱେ ସ୍ୱାଭାବିକ୍‌ଠାରୁ କମ୍ ବର୍ଷା ହୋଇଥିଲା। ସେହିପରି ୨୦୧୭ରେ ମୌସୁମୀ ମେ ୩୦ରେ ପହଞ୍ଚିଥିଲେ ମଧ୍ୟ ହାରାହାରି ବୃଷ୍ଟିପାତ ୯୫ ପ୍ରତିଶତ ଥିଲା, ଯାହାକି ସ୍ୱାଭାବିକ୍‌ଠାରୁ କମ୍। ଚଳିତ ବର୍ଷ ପାଖାପାଖି ସ୍ୱାଭାବିକ ବୃଷ୍ଟିପାତ ହେବ ବୋଲି ଗତ ଏପ୍ରିଲରେ ଆଇଏମ୍‌ଡି ଆକଳନ କରିଥିଲା। ଅନ୍ୟପକ୍ଷରେ ଚଳିତ ବର୍ଷ ସ୍ୱାଭାବିକ୍‌ଠାରୁ କମ୍ ଅର୍ଥାତ ୯୩ ପ୍ରତିଶତ ମୌସୁମୀ ବର୍ଷା ହେବ ବୋଲି ସ୍କାଏମେଟ୍ ପୂର୍ବରୁ କହିଛି।

ଓଡିଶା ପରିପ୍ରେକ୍ଷୀରେ ଦେଖିଲେ ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୁନ ୧୫ କିମ୍ବା ୧୮ ତାରିଖରେ ରାଜ୍ୟରେ ପହଞ୍ଚିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ମୌସୁମୀ ବିଳମ୍ବ ହେବା ସହିତ ରାଜ୍ୟରେ ମଧ୍ୟ ସ୍ୱାଭାବିକଠାରୁ ସାମାନ୍ୟ କମ୍ ବର୍ଷା ହେବ ବୋଲି ଆକଳନ କରାଯାଇଛି। ଏଥିଯୋଗୁ ଚାଷ କାର୍ଯ୍ୟ ମଧ୍ୟ ବିଳମ୍ବ ହେବା ଆଶଙ୍କା ରହିଛି। ରଜ ଅର୍ଥାତ ଜୁନ ୧୪ ପୂର୍ବରୁ ରାଜ୍ୟରେ ପ୍ରାକ ମୌସୁମୀ ବର୍ଷା ପରେ ଧାନ ବୁଣା ଯାଇଥାଏ। ମୌସୁମୀ ଆସିବାରେ ବିଳମ୍ବ ହେଲେ ରୁଆ ବେଉଷଣ କାର୍ଯ୍ୟ ମଧ୍ୟ ବାଧା ପ୍ରାପ୍ତ ହେବ। ବରଗଡ, ସୁବର୍ଣ୍ଣପୁର, କୋରାପୁଟ, ମାଲକାନଗିରି, ନୟାଗଡ, ବଲାଙ୍ଗୀର, କଳାହାଣ୍ଡି, ଝାରସୁଗୁଡା, ସମ୍ବଲପୁର ଆଦି ଜିଲାରେ ସ୍ୱଳ୍ପ ବୃଷ୍ଟି ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ତେବେ ସବୁକିଛି ମୌସୁମୀର ଆଗମନ ଉପରେ ହିଁ ନିର୍ଭର କରୁଛି। ୨୦୧୮ରେ ମୌସୁମୀ ସଅଳ ଅର୍ଥାତ ଜୁନ ୮ ତାରିଖରେ ଓଡିଶାକୁ ପ୍ରବେଶ କରିଥିଲା। ସପ୍ତାହକ ମଧ୍ୟରେ ରାଜ୍ୟର ୬୦ ପ୍ରତିଶତ ଅଂଶକୁ ଛୁଇଁ ପାରିଥିଲା। ଜୁନ ୧୨ରୁ ୨୧ ତାରିଖ ଯାଏ ମୌସୁମୀ ଦୁର୍ବଳ ରହିଥିଲା। ଧାନ ଚାଷ ଉପରେ ଏହାର ପ୍ରଭାବ ପଡିଥିଲା। ପରେ ବର୍ଷା ସ୍ୱାଭାବିକ ସ୍ତରକୁ ଆସିଥିଲା।

## କଂଗ୍ରେସ: ସ୍ଥିତି ବଜାୟ ...

କଳାହାଣ୍ଡି ଏବଂ ସମ୍ବଲପୁର। ସେହିପରି କଂଗ୍ରେସ ୩୧ରୁ ୩୩ ବିଧାନସଭା ଆସନ ଲାଗି ଲଢ଼େଇରେ ରହୁଥିବା ଜନୈକ କଂଗ୍ରେସ ସମ୍ପାଦକ କହିଛନ୍ତି। ସେଥିମଧ୍ୟରୁ କେତେକ ଆସନରେ ତ୍ରିମୁଖୀ ଲଢ଼େଇ ହୋଇଛି। ଏହି ଆସନଗୁଡ଼ିକ ହେଉଛି- ଢେଙ୍କାନାଳ, ଅନୁଗୋଳ, ଆଠମଲ୍ଲିକ, କାକଟପୁର, ବାସୁଦେବପୁର, ଲକ୍ଷ୍ମୀପୁର, ପାରଳାଖେମୁଣ୍ଡି, ବୀରମହାରାଜପୁର ଏବଂ ବସ୍ତା। ଅନ୍ୟପକ୍ଷେ ଜଗତ୍‌ସିଂହପୁର, ପାରାଦୀପ, ବଲାଙ୍ଗୀର, କଣ୍ଟାବାଞ୍ଜି, ଟିଟିଲାଗଡ଼, ଜଟଣୀ, ବେଗୁନିଆ, ଜୟପୁର, କୋରାପୁଟ, ଆନନ୍ଦପୁର, କଟକ-ବାରବାଟୀ, ବାଙ୍କୀ, କେନ୍ଦ୍ରାପଡା, ରାଜନଗର, ଆଳି, ଭଣ୍ଡାରିପୋଖରୀ, ବାଲିଗୁଡା, ବୀରମିତ୍ରପୁର, ଟିଟିଲାଗଡ, କୋଟପାଡ଼, ସାନଖେମୁଣ୍ଡିରେ ବିଜେଡି ସହ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବେ କଂଗ୍ରେସ ଉଭା ହୋଇଥିବା ଆକଳନ କରାଯାଇଛି। ଉପରୋକ୍ତ ଆସନଗୁଡିକ ବାଦ୍ ଦେଇ ତଳସରା, ଡାବୁଗାଁ, ପଟ୍ଟାଙ୍ଗୀ, ନବରଙ୍ଗପୁର, ଭୋଗରାଇରେ ଦଳ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିବା ନେଇ ଆଶାବାଦୀ। ମୋଟ୍ ଉପରେ କହିବାକୁ ଗଲେ ଦଳ ଗୋଟିଏ ଲୋକ ସଭା ଏବଂ ୯ରୁ ୧୭ ବିଧାନସଭା ଆସନ ଜିତିବାକୁ ଲକ୍ଷ୍ୟ ରଖିଛି।

ଅନ୍ୟ ଦଳ ମଧ୍ୟରେ ସିପିଏମ୍ ବଣାଇ ଆସନ ବଜାୟ ରଖିବା ସମ୍ଭାବନା ରହିଛି। ଏହା ବ୍ୟତିରେକ ଅନ୍ୟସବୁ ସ୍ଥାନରେ ଦଳର ପ୍ରଦର୍ଶନ ସେତେଟା ଉତ୍ସାହଜନକ ରହିବ ନାହିଁ ବୋଲି କୁହାଯାଇଛି। ଭୁବନେଶ୍ୱର ଲୋକ ସଭା ଆସନରେ ସିପିଏମ୍ ବହୁ ବ୍ୟବଧାନରେ ତୃତୀୟ ସ୍ଥାନରେ ରହିପାରେ ବୋଲି ଅଧିକାଂଶ ରାଜନୈତିକ ସମୀକ୍ଷକ ମତ ଦେଇଛନ୍ତି। ସିପିଆଇ ଆସିକା ଲୋକ ସଭାରେ ୫୦ରୁ ୬୫ ହଜାର ଭୋଟ ପାଇପାରେ ବୋଲି କୁହାଯାଉଛି। ବୌଦ୍ଧ ଏବଂ ଛତ୍ରପୁର ବିଧାନସଭାରେ ଦଳ ସିଧାସଳଖ ଲଢ଼େଇରେ ଥିବାବେଳେ ବ୍ରଜରାଜନଗରରେ ତୃତୀୟ ସ୍ଥାନରେ ରହିପାରେ ବୋଲି କେତେକ ବିଶ୍ଳେଷକ ମତ ଦେଇଛନ୍ତି। ରାୟଗଡ଼ା, ପାରଳାଖେମୁଣ୍ଡି ଏବଂ ଜୟଦେବରେ ସ୍ୱାଧୀନ ପ୍ରାର୍ଥୀ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ରହିଥିବା କୁହାଯାଇଛି। ଜେଏମ୍‌ଏମ୍ ରାଇରଙ୍ଗପୁର, ସାରସକଣା ଏବଂ ବିଏସ୍‌ପି ବିଷମକଟକ, ଲକ୍ଷ୍ମୀପୁର ବିଧାନସଭା ଆସନ ଲାଗି ମୁଖ୍ୟ ଲଢ଼େଇରେ ଥିବା ଆକଳନ କରାଯାଉଛି।

## ବଜ୍ରପାତ ନେଲା ...

ଏହି ଖବର ଜଣାପଡିବା ପରେ ବାହାଘରର ଖୁସି ନିମିଷକ ଭିତରେ ଲୁହରେ ଭାସି ଯାଇଥିଲା। ଅନ୍ୟପକ୍ଷରେ ଘଷିପୁରା ଥାନା ଅଧୀନ ବାଟସାହିରେ ସଞ୍ଜୟ ସୋରେନ ନାମକ ଜଣେ ଯୁବକ ବଜ୍ରପାତରେ ଗୁରୁତର ହୋଇଛନ୍ତି। ସେ ପୋଖରୀରୁ ଗାଧୋଇ ଫେରୁଥିବାବେଳେ ବଜ୍ରପାତ ଘଟିଥିଲା। ପରିବାର ଲୋକେ ତାଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସେହିପରି ବାଲେଶ୍ୱର ଜିଲା ସିଲାଂ ଥାନା ଅନ୍ତର୍ଗତ ସାର୍ଥା ଗ୍ରାମର ଏକ ଚିଙ୍ଗୁଡ଼ି ଫାର୍ମରେ କାମ କରୁଥିବାବେଳେ ଝଡ଼ବର୍ଷା ହୋଇ ବଜ୍ରପାତ ହେବାରୁ ୨ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ମୃତକ ଦ୍ୱୟ ହେଲେ ବାସୁଦେବ ଜେନା(୨୬) ଏବଂ ବାବୁରାମ ସିଂ (୪୫)। ଅନୁରୂପ ଭାବେ ଗଞ୍ଜାମ ଜିଲାର ୨ଟି ସ୍ଥାନରେ ବଜ୍ରପାତ ୨ ଜଣଙ୍କ ଜୀବନ ନେଇଛି। ଦୁଇ ମୃତକ ହେଲେ ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ରାଇଖୋଳ ଗ୍ରାମର ଯୁବଚାଷୀ ନାରାୟଣ ଗୌଡ(୩୦) ଓ ଆସିକା ଥାନା ଚେରମାରିଆ ଗ୍ରାମର ଅରକ୍ଷିତ ଗୌଡଙ୍କ ସ୍ତ୍ରୀ ଅମୂଲ୍ୟ ଗୌଡ (୪୫)।

ବୁଧବାର ଅପରାହ୍ନ ସାଢ଼େ ୫ଟାରେ ନାରାୟଣ ଜମିକୁ ଫସଲ ଦେଖିବା ପାଇଁ ବାଇକ୍‌ରେ ଯାଇଥିଲେ। ସେ ଗାଁ ମୁଣ୍ଡ କେନାଲ ହୁଡ଼ାରେ ପହଞ୍ଚି ବାଇକ୍ ରଖି ଜମିକୁ ଯାଉଥିବାବେଳେ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବିଲକୁ ଯାଇଥିବା ଅନ୍ୟ ଚାଷୀମାନେ ସେଠାରେ ପହଞ୍ଚି ନାରାୟଣଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନା ପଠାଇଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ନଂ.୧୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ନାରାୟଣ ୧ମାସ ତଳେ ବିବାହ କରିଥିଲେ। ସେହିପରି ଆସିକା ଥାନା ଚେରମାରିଆ ଗ୍ରାମରେ ବଜ୍ରପାତରେ ଅମୂଲ୍ୟ ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଗ୍ରାମ ଉପକଣ୍ଠ ବଡତୋଟାର ମଇଁଷି କୁଆଁର ସହ ରହୁଥିବା ତାଙ୍କ ସ୍ୱାମୀଙ୍କ ଲାଗି ସେ ଅପରାହ୍ନ ପ୍ରାୟ ୪ଟାରେ ଖାଇବାକୁ ନେଇ ଯାଇଥିଲେ। ବର୍ଷାପବନ ଆସିବାରୁ ସେ ଘରକୁ ଫେରୁଥିବାବେଳେ ରାସ୍ତାରେ ବଜ୍ରପାତର ଶିକାର ହୋଇ ପ୍ରାଣ ହରାଇଛନ୍ତି। କୋରାପୁଟ ଜିଲା ନନ୍ଦପୁର ବ୍ଲକ ହିଂକିପୁଟ ପଞ୍ଚାୟତର ଖିଲୁଆ ଗ୍ରାମର ତୁଳସା ଗୋଲରି (୬୪) ବୁଧବାର ଅପରାହ୍ନରେ ବଜ୍ରାଘାତରେ ପ୍ରାଣ ହରାଇଛନ୍ତି। ବାର୍ଦ୍ଧକ୍ୟ ଭତ୍ତା ନେଇ ହିଂକିପୁଟ ପଞ୍ଚାୟତ କାର୍ଯ୍ୟାଳୟରୁ ଘରକୁ ଫେରୁଥିବା ସମୟରେ ଖିଲୁଅ ଛକ ନିକଟରେ ପବନ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ବଜ୍ରପାତରେ ତୁଳସାଙ୍କ ମୃତ୍ୟୁ ହୋଇଛି।

## ରାସ୍ତାରେ ଗଡ଼ିଲା ୪୦୦ ମୋ ସାଇକେଲ୍

### - ୧୯ ରୁଟ୍‌ରେ ୧୭୦ ମୋ ବସ୍

ଭୁବନେଶ୍ୱର,୧୫।୫ (ବ୍ୟୁରୋ)- ବାତ୍ୟା 'ଫନୀ' ପରେ ଭୁବନେଶ୍ୱରରେ ପୁଣିଥରେ ଗଡ଼ିଛି 'ମୋ' ସାଇକେଲ୍'। ୨ହଜାର ସାଇକେଲ୍ ମଧ୍ୟରୁ ପ୍ରାରମ୍ଭିକ ଭାବେ ୪୦୦ ଛଡ଼ାଯାଇଛି। ପ୍ରାୟ ୩୦୦ ମୋ' ସାଇକେଲ୍ ଷ୍ଟାଣ୍ଡରେ ଏବେ ଏହି ସେବା ଯୋଗାଇ ଦିଆଯିବ। ଇଣ୍ଟରନେଟ୍ ଓ ବ୍ଲୁଟୁଥ୍ ମାଧ୍ୟମରେ ଚାଲୁଥିବାରୁ ମୋ' ସାଇକେଲ୍‌ଗୁଡ଼ିକୁ ବାତ୍ୟା ପରେ ବନ୍ଦ କରିଦିଆଯାଇଥିଲା। ସ୍ଥିତି ସ୍ୱାଭାବିକ୍ ହେବା ପରେ ବୁଧବାରଠାରୁ ସେଗୁଡ଼ିକୁ ପୁଣିଥରେ ଆରମ୍ଭ କରାଯାଇଛି। ପ୍ରାରମ୍ଭିକ ଭାବେ ଅଳ୍ପ କେତେକ ମୋ' ସାଇକେଲ୍‌କୁ ସେବାରେ ଲଗାଯାଇଥିବା ବେଳେ ଆଗକୁ ପର୍ଯ୍ୟାୟକ୍ରମେ ଛଡ଼ାଯିବ। ପୂର୍ବରୁ ୨ହଜାର ମୋ' ସାଇକେଲ୍‌ରୁ ୨୦୦କୁ ରିଜର୍ଭ ରଖି ୧୮ଶହ ସାଇକେଲ୍‌କୁ ରାସ୍ତାରେ ରଖାଯାଉଥିଲା।

ସେହିପରି ସହରର ୧୯ଟି ରୁଟ୍‌ରେ ୧୯୦ ମୋ' ବସ୍ ମଧ୍ୟରୁ ୧୭୦ ମୋ' ବସ୍ ଗଡୁଛି। କେବଳ ହାଇଟେକ୍‌ରୁ ମାଷ୍ଟର କ୍ୟାଣ୍ଟିନକୁ ସଂଯୋଗ କରୁଥିବା ୩୧ନଂ. ରୁଟ୍‌କୁ ବନ୍ଦ କରିଦିଆଯାଇଛି। ସ୍ଥାନୀୟ ଜିଜିପି କଲୋନୀଠାରେ ଏକ ବ୍ରିଜ୍ ଭାଙ୍ଗିପଡ଼ିଥିବା କାରଣରୁ ଏହି ରୁଟ୍ ବନ୍ଦ ହୋଇଛି। ବାକି ଅନ୍ୟ ସମସ୍ତ ରୁଟ୍‌ରେ ମୋ' ବସ୍ ସେବା ଜାରି ରହିଛି। ଅନ୍ୟପକ୍ଷରେ ଆଉ ୧୨ଟି ବସ୍ ଦିନେ କିମ୍ବା ଦୁଇଦିନ ମଧ୍ୟରେ ଚଳାଚଳ କରିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।


## classifieds Everyday

0674-2580101, 2549302

**automobile**

**SALE**

**Tata ACE-2 Nos. (Full body covered) For sale. Make: 2016-17, Please contact: Dilip Kumar, Mob: 9437032752.** D-12501

**real estate**

**SALE**

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Stitiban Gharabari Plot 2675sqft with 3100sqft two storyed building for sale at Tankapani road, Bhubaneswar. Genuine buyers can Contact: 9437016461. D-66456

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

ଭୁବନେଶ୍ୱର ଓ ପୁରୀ (BDA & PKDA) ଏରିଆ ଭିତରେ ପ୍ଲଟ୍, ଘର, ଆପାର୍ଟମେଣ୍ଟ, ସିମ୍ପ୍ଲେକ୍ସ, Duplex କିଣିବା ବା ବିକ୍ରୟ କରିବା ପାଇଁ ଯୋଗାଯୋଗ କରନ୍ତୁ। ପୁରୀରେ ଘର କରିବା ପାଇଁ ସହଜ କିସ୍ତିରେ ପ୍ଲଟ ବିକ୍ରୟ ଚାଲିଛି। ଯୋଗାଯୋଗ: 9438109040, 8144658008. D-12488

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8594954102. D- 66367

Urgent sale 0.73 decimele road side land near Mirgamunda Bus Stop. At.- Maneswar, Dist.- Sambalpur. Interested parties may Contact- 9090571675. D-12506

**business**

ଅଟୋମେଟିକ୍ ଦନା ପ୍ଲେଟ୍ ମେସିନ ମାତ୍ର ଟ.୪୦,୦୦୦/- ଏଠାରେ ସମସ୍ତ ପ୍ରକାର ପେପର ହୋଲସେଲ୍ ଦରରେ ଉପଲବ୍ଧ। ଯୋଗାଯୋଗ- ଶ୍ରୀ ଗଣେଶ ମେସିନାରୀ, ରାୟପୁର, 9752090498. D-12507

**GENERAL SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66368

Now Matrimonial ads. only on Wednesday & Sunday Book 1 Get 1 FREE

**AFFIDAVIT**

By virtue of an affidavit before the Notary Public Purushottampur (Ganjam) I Sudama Pradhan S/o Dinabandhu Pradhan of village Baghala. I have adopted to one Somanath Khuntia S/o Late Chhanchan Khuntia. That after my adoption the surname and father's name changed from Sudama Pradhan S/o Dinabandhu Pradhan to Sudama Khuntia S/o Somanath Khuntia. I shall be known as Sudama Khuntia S/o Somanath Khuntia for all purpose. D-12505

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

**BIRTHDAY WISH**



Wish you a great *Happy Birthday* **SONY** **Best wishes** **KANHA** D-66231

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି କାମ ହାସଲ କରିବାରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିବେ। ବାଣିଜ୍ୟ ଓ ବ୍ୟବସାୟ ସାଧାରଣ ବାଧାପ୍ରାପ୍ତ ହୋଇପାରେ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ସୃଷ୍ଟି ହୋଇପାରେ, କିନ୍ତୁ ଗୁରୁତର ହେବ ନାହିଁ। ନୂତନ କର୍ମାରମ୍ଭ ସକାଶେ ମନ ବଳାଇ ସଫଳତା ହାସଲ କରିପାରନ୍ତି।

**ବୃଷ** ଅନ୍ୟମାନଙ୍କୁ ମନେଇବାକୁ ବିଭିନ୍ନ ପ୍ରକାର ଚେଷ୍ଟା କରି ସଫଳତା ପାଇବେ, କିନ୍ତୁ ଖର୍ଚ୍ଚାନ୍ତ ମଧ୍ୟ ହେବାକୁ ପଡିବ। କ୍ରୋଧ ସମ୍ବରଣ ନ କରିପାରି କଡ଼ା କଥା କହିବା କାରଣରୁ ତାହା କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାର ସମ୍ଭାବନା ରହିଛି।

**ମିଥୁନ** କର୍ମକ୍ଷେତ୍ରରେ ଅଟକି ରହିଥିବା କାମ ସକାଶେ ଅନୁତାପ କରିବାକୁ ବାଧ୍ୟ ହେବେ। ଭ୍ରମଣ, ରାଜନୀତି, ପ୍ରଶାସନ, ଓ ସଭାସମିତି କ୍ଷେତ୍ରରୁ ସଫଳତା ପାଇବେ। ବନ୍ଧୁମାନଙ୍କ ନିକଟରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ ପ୍ରତ୍ୟେକ ସମସ୍ୟାର ସମାଧାନ ହୋଇପାରିବ।

**କର୍କଟ** କର୍ମକ୍ଷେତ୍ରରେ ସାଧାରଣ କଥାରୁ କଳହର ସମ୍ମୁଖୀନ ହେବାକୁ ପଡିବ। ପରିବାରରେ ଟିକିଏ ଟିକିଏ କଥାରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିବ। କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ମିତ୍ରମାନଙ୍କ ପରାମର୍ଶ ନେଇ କାମ କଲେ ଉପକୃତ ହେବେ।

**ସିଂହ** ପାରିବାରିକ ସମସ୍ୟାର ସରଳ ସମାଧାନ ସକାଶେ ବନ୍ଧୁଙ୍କୁ ନେହୁରା ହେବାକୁ ପଡିପାରେ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି, କିନ୍ତୁ କୌଣସି ପ୍ରକାରର ଅସୁବିଧା ହେବନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ରାଜନୀତିରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। ଉଦ୍ଦେଶ୍ୟମୂଳକ ଭାବରେ କରାଯାଇଥିବା ସ୍ଥାନାନ୍ତରର ସୂଚନା ପାଇ ହଡ଼ବଡ଼େଇ ଯାଇପାରନ୍ତି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଏକ ପ୍ରକାର ହିତକର ହେବ। ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ନିଜକୁ କେତେକ କଥା ସମ୍ଭାଳିବାକୁ ପଡ଼ିବ।

**ତୁଳା** ଆଜି ଯେଉଁ କାମଟିକୁ ଆରମ୍ଭ କରିବାକୁ ଯାଉଛନ୍ତି ତାହା ନିର୍ବିଘ୍ନରେ ସମାପନ ହୋଇଯିବ। ତଥାପି ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି, ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହୁଅନ୍ତୁ ନାହିଁ, ଯାହାକି ପରୋକ୍ଷ ଶତ୍ରୁତାର କାରଣ ହୋଇପାରେ। କୌଣସି କାମ ହାସଲ ପାଇଁ ବହୁତ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବାକୁ ପଡ଼ିବ।

**ବିଛା** ଭାବପ୍ରବଣତାରେ ଭାସିଯାଇ ଏଣୁ ତେଣୁ ଗପିବା ସମସ୍ୟାର କାରଣ ହୋଇପାରେ। ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ରହିଛି। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ ଆନୁଷ୍ଠାନିକ କ୍ଷେତ୍ର କିମ୍ବା କଚେରି ମାମଲାରେ ସଫଳତା ଅବଶ୍ୟ ମିଳିବ।

**ଧନୁ** କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ସଙ୍ଗଠନ ଓ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବାରୁ ଉଚ୍ଚ ପଦାଧିକାରୀଙ୍କ ନିକଟରେ ଅଭିଯୋଗ କରିବାକୁ ପଡିପାରେ। ବ୍ୟବସାୟ ଓ ପରିବହନରେ ଝଗଡ଼ା ଲାଗିପାରେ।

**ମକର** ସବୁ ସମୟରେ ନିଜ ପାଖରେ ରହୁଥବା କୌଣସି ବ୍ୟକ୍ତି ଦ୍ୱାରା କାମ ହାସଲ କରିବେ। କଳା ସାହିତ୍ୟ,କ୍ରୀଡା ଓ ଚଳଚ୍ଚିତ୍ରରେ ରହିଥିବା ସମସ୍ୟା ବନ୍ଧୁଙ୍କ ଜରିଆରେ ସମାଧାନ ହୋଇଯିବ। ନିର୍ମାଣ କାର୍ଯ୍ୟରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। କିଛି ସହଯୋଗ ସକାଶେ ବନ୍ଧୁଙ୍କ ଆଗରେ ପ୍ରକାଶ କରି ନ ପାରି ପରେ ଅନୁତାପ କରିବେ।

**କୁମ୍ଭ** ବିଭିନ୍ନ ପ୍ରକାର ସମସ୍ୟାମୂଳକ କାମରେ ପ୍ରବେଶ କରି ବ୍ୟସ୍ତତା ଅନୁଭବ କରି ପାରନ୍ତି। ପାରିବାରିକ ସୁଖ ସ୍ୱାଚ୍ଛନ୍ଦ୍ୟ କାରଣରୁ କିମ୍ବା ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ସହକର୍ମୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ଧାର କରଜ କରି କାମ ଚଳାଇ ନେବେ।

**ମୀନ** ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କରିବା କ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ପାରସ୍ପରିକ ଆଲୋଚନା କ୍ରମେ ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବେ। ଭାବପ୍ରବଣ ବଶତଃ ବନ୍ଧୁଙ୍କ ସମ୍ମୁଖରେ କୌଣସି ଅପ୍ରକାଶ୍ୟ କଥା ପ୍ରକାଶ କରି ହଇରାଣ ହୋଇପାରନ୍ତି। କର୍ମ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ।

ଆଜି ବୈଶାଖ ଶୁକ୍ଳ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଗୁରୁବାର, ମେ ୧୬ ତାରିଖ, କଳିଙ୍ଗ ଭାରତୀ ତରଫରୁ କଟକରେ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ସପ୍ତାହ ଆରମ୍ଭ, ବାମଣ୍ଡା ରାଜା ସାର୍ ବାସୁଦେବ ସୁଢ଼ଳଦେବଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ଦିବା ଘ୧୦।୦୪ମି. ଗତେ ଘ୧୧।୪୧ମି. ମଧ୍ୟେ ଅମୃତବେଳା। ଦିବା ଘ୧୧।୪୧ମି. ଗତେ, ଘ୧।୦୮ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧।୫୨ମି. ଗତେ ଘ୩।୩୬ମି. ମଧ୍ୟେ ଅମୃତ ବେଳା।




# "ଫୋନି" ବାତ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସଚେତନତା

- ପିଇବା ପାଣିରେ ଗୋଟିଏ କ୍ଲୋରିନ୍ ବଟିକା (୭୫ ମି.ଗ୍ରା.)୨୦ -୨୫ ଲିଟର (୧ମାଠିଆ/ବାଲଟି) ମିଶାନ୍ତୁ ଓ ମିଶାଇବାର ୧ଘଣ୍ଟା ପରେ ପିଅନ୍ତୁ ।
- ଖାଇବା ପୂର୍ବରୁ ଓ ଶୌଚହେବା ପରେ ହାତକୁ ସାବୁନରେ ଧୁଅନ୍ତୁ ।
- ରନ୍ଧା ଖାଦ୍ୟକୁ ଘୋଡାଇ ରଖନ୍ତୁ ଓ ମାଛି ବସିବାକୁ ଦିଅନ୍ତୁ ନାହିଁ ।
- ତରଳ ଝାଡା ହେଲେ ଓ.ଆର.ଏସ୍. ଦ୍ରବଣ ପିଅନ୍ତୁ ।
- ସାପ କାମୁଡିଲେ ତୁରନ୍ତ ଡାକ୍ତରଖାନା ନେଇଯାଆନ୍ତୁ ।
- ମ୍ୟାଲେରିଆ ଓ ଡେଙ୍ଗୁରୁ ରକ୍ଷା ପାଇବା ପାଇଁ ମଶାରୀ ଟାଣି ଶୁଅନ୍ତୁ ।
- ଘର ଆଖପାଖ ସଫା ରଖନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାର

DSPL-12

ଅଧିକ ସୂଚନା ପାଇଁ ଆଶା/ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ କିମ୍ବା ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ନିୟନ୍ତ୍ରଣ କକ୍ଷ ଫୋନ ନମ୍ବର: ୦୬୭୪-୨୩୯୦୪୬୬ରେ ଯୋଗାଯୋଗ କରନ୍ତୁ ।

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

10003/13/0007/1920


**ସଂକ୍ଷେପରେ**

## ବିଦ୍ୟୁତ୍ ମରାମତି ବେଳେ ୪ ଆହତ

ଭୁବନେଶ୍ୱର, ୧୫।୫(ବ୍ୟୁରୋ)- ଧଉଳି ଥାନା ଅଞ୍ଚଳରେ ବିଦ୍ୟୁତ ମରାମତି କାର୍ଯ୍ୟ ଚାଲିଥିବାବେଳେ ୧୧ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୪ଜଣ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବିହାର ଅଞ୍ଚଳର ଗୋଲୁ ଯାଦବ, ପୁରୀ ଜିଲା ବଡ଼ଭିଙ୍ଗୁରା ଅଞ୍ଚଳର ଗୟା ପାତ୍ର, ଅନୁଗୋଳ ଜିଲା ବାଲିଜିରାଙ୍ଗ ଅଞ୍ଚଳର ଦୁଷ୍ମନ୍ତ ପ୍ରଧାନ ଓ ସାମନ୍ତରାପୁର ଅଞ୍ଚଳର ସଂଗ୍ରାମ ମହାପାତ୍ର। ଖବରପାଇ ପିସିଆର୍ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି।

ସୂଚନା ମୁତାବକ, ପୁରୀ ବାଇପାସ୍ ରାସ୍ତା ପାର୍ଶ୍ୱରେ ଥିବା ଚ୍ୟାନ୍ସଲର ହୋଟେଲରେ ବିଦ୍ୟୁତ କାର୍ଯ୍ୟ ଚାଲିଥିଲା। ହୋଟେଲ ସାମ୍ନା ଷ୍ଟ୍ରିଟ ଲାଇଟ୍ କାର୍ଯ୍ୟ କରିବା ପାଇଁ ୪ଜଣ ବିଦ୍ୟୁତ୍ ମିସ୍ତ୍ରି ଏ ଲୁହା ସିଡି ଜରିଆରେ ଖୁଣ୍ଟରେ ଚଢି କାର୍ଯ୍ୟ କରୁଥିଲେ। ଅପରାହ୍ନରେ ହଠାତ ପବନ ହେବାରୁ ନିୟନ୍ତ୍ରଣ ହରାଇ ଲୁହା ସିଡିଟି ନିକଟରେ ଯାଇଥିବା ୧୧ କେଭି ତାରକୁ ଲାଗିଯାଇଥିଲା। ବିଦ୍ୟୁତ୍ ଆଘାତରେ ଦୁଇ ଜଣ ସିଡିରୁ ଖସି ପଡିଥିବାବେଳେ ତଳେ ଲାଇଟ ଓ ସିଡି ଧରି ଠିଆ ହୋଇଥିବା ଅନ୍ୟ ଦୁଇଜଣ ମଧ ବିଦ୍ୟୁତ ଆଘାତରେ ଛିଟିକି ପଡିଥିଲେ। ତେବେ ଆହତଙ୍କ ମଧରୁ ଦୁଇଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବା ଜଣାପଡିଛି।

# ଶ୍ରୀମନ୍ଦିର ପାଇଁ ଫୁଲ, ତୁଳସୀ ଅଭାବ

ପ୍ରଭାତ ପାଣିଗ୍ରାହୀ
ପୁରୀ ଅଫିସ,୧୫।୫

ବାତ୍ୟାରେ ଛାରଖାର ହୋଇଯାଇଛି ପୁରୀ ସହର। ଚାରିଆଡେ ବିଦ୍ୟୁତଖୁଣ୍ଟ, ଗଛ ପଡ଼ି ରହିଛି। ଏଥିରୁ ଶ୍ରୀମନ୍ଦିର ବି ବାଦ୍ ପଡ଼ିନାହିଁ। ବାତ୍ୟାରେ ଶ୍ରୀମନ୍ଦିର ପାର୍ଶ୍ୱସ୍ଥ ବଡ ଗଛ, କଳ୍ପବଟ ସମେତ ସିଂହଦ୍ୱାର ଗୁମୁଟ ବାମ ପାର୍ଶ୍ୱରେ ରହିଥିବା ଜୟ ମୂର୍ତ୍ତି ଭାଙ୍ଗିଯାଇଛି। ସେହିପରି ଶ୍ରୀମନ୍ଦିରର ଦୈନନ୍ଦିନ ରୀତିନୀତି ସକାଶେ ରହିଥିବା ୪ଟି ଉଦ୍ୟାନ ସମ୍ପୂର୍ଣ୍ଣ ଉଜୁଡ଼ିଯାଇଛି। ଉଦ୍ୟାନର ତୁଳସୀ ଗଛ ଓ ବିଭିନ୍ନ ଫୁଲ ଗଛ ମାଟିରେ ଶୋଇପଡ଼ିଛି। ଫଳରେ ଦୈନିକ ପୂଜାନୀତି ନିମନ୍ତେ ଫୁଲ, ତୁଳସୀର ଅଭାବ ପରିଲକ୍ଷିତ ହୋଇଛି।

ଶ୍ରୀମନ୍ଦିର ପରିସରସ୍ଥ କୋଇଲି ବୈକୁଣ୍ଠ, ନୀଳାଚଳ ଉପବନ, ମାଟିତୋଟା ଏବଂ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ୪ଟି ଉଦ୍ୟାନ ରହିଛି। ଏଠାରୁ ଦୈନିକ ମହାପ୍ରଭୁଙ୍କ ନୀତି ଲାଗି ଫୁଲ ଶ୍ରୀମନ୍ଦିରକୁ ଯାଇଥାଏ। ଉଦ୍ୟାନ ପରିସରରୁ ଅତ୍ୟନ୍ତ ନିଷ୍ଠାର ସହିତ ଏହି ଫୁଲ ଓ ତୁଳସୀ ତୋଳାଯାଇଥାଏ। କୋଇଲି ବୈକୁଣ୍ଠ, ନୀଳାଚଳ ଉପବନ ଓ ଉତ୍ତରଦ୍ୱାର ପଦ୍ମପାଦ ନିକଟରେ ଫୁଲ ଗୁନ୍ଥାଳିମାନେ ହବିଷ୍ୟ ଅନ୍ନ ଆହାର କରି ପବିତ୍ର ମନରେ ନିଷ୍ଠାର ସହିତ ମହାପ୍ରଭୁଙ୍କ ବିଭିନ୍ନ ବେଶ ଲାଗି ଫୁଲମାଳ ତିଆରି କରିଥାନ୍ତି। ଏଥିରେ ନାକଚଣା, ହୃଦ ପଲ୍ଲବ ଓ କର ପଲ୍ଲବ ଲାଗି ଫୁଲ ଓ ପତ୍ର ସମଭାବରେ ପ୍ରସ୍ତୁତ ହୋଇଥାଏ। ଏବେ ଫୁଲ ଓ ତୁଳସୀ ପତ୍ର କମ୍ ଆସୁଛି। ତେଣୁ ବିଭିନ୍ନ ବେଶ ଲାଗି ପ୍ରସ୍ତୁତ କରାଯାଉଥିବା ମାଳରେ କମ୍ ପରିମାଣର ଫୁଲ ଓ ତୁଳସୀ ପତ୍ର ଦିଆଯାଉଛି ବୋଲି ଜଣେ ମାଳ ଗୁନ୍ଥାଳି କହିଛନ୍ତି। ଦୈନିକ ପୂଜାନୀତି, ପର୍ବପର୍ବାଣି ଏବଂ ସ୍ୱତନ୍ତ୍ର ପୂଜାରେ ମହାପ୍ରଭୁଙ୍କଠାରେ ଆଜ୍ଞାମାଳ ଲାଗି ହୋଇଥାଏ। ଏବେ ଅକ୍ଷୟ ତୃତୀୟାଠାରୁ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଆରମ୍ଭ ହୋଇଛି। ଏହା ୪୨ଦିନ ଧରି ଚାଲିବ। ମହାପ୍ରଭୁ ଚାପକୁ ଯିବା ସମୟରେ ଆଜ୍ଞାମାଳ ଲାଗି ହେଉଛି। ସେହିପରି ରଥ ନିର୍ମାଣ ବେଳେ ୧୩ଥର ଅର୍ଥାତ ରଥକାଠ ଆଣିବା ଲାଗି ଯିବାଠାରୁ ରଥ ଦକ୍ଷିଣ ମୋଡ ହୋଇ ସିଂହଦ୍ୱାରକୁ ଆସିବା ପର୍ଯ୍ୟନ୍ତ ଆଜ୍ଞାମାଳ ଲାଗି ହୋଇଥାଏ। ଶ୍ରୀମନ୍ଦିରର ନୀତି ସମେତ ବିଭିନ୍ନ କାର୍ଯ୍ୟ ଲାଗି ଫୁଲ, ତୁଳସୀର ବିଶେଷ ଆବଶ୍ୟକତା ରହିଛି। ବାତ୍ୟାରେ ଶ୍ରୀମନ୍ଦିରର ୪ଟି ଉଦ୍ୟାନ ନଷ୍ଟ ହୋଇଯିବାରୁ ଫୁଲ, ତୁଳସୀର ସଙ୍କଟ ସୃଷ୍ଟି ହୋଇଛି। ତେବେ ଏହାର ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।



ଶ୍ରୀମନ୍ଦିର ଉଦ୍ୟାନ

### ମନ୍ଦିର ପ୍ରଶାସନ ଗୁରୁତ୍ୱ ଦେବା ଜରୁରୀ

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର କହିଛନ୍ତି ଯେ, ଶ୍ରୀମନ୍ଦିର ଦୈନିକ ପୂଜାନୀତି ଲାଗି ଫୁଲ, ତୁଳସୀ ପତ୍ରର ବିଶେଷ ଆବଶ୍ୟକତା ରହିଛି। ବର୍ତ୍ତମାନ କମ୍ ପରିମାଣର ଫୁଲ, ତୁଳସୀ ପତ୍ରରେ ମହାପ୍ରଭୁଙ୍କ ମାଳ ପ୍ରସ୍ତୁତ କରାଯାଉଛି। କେବଳ ଉଦ୍ୟାନରୁ ଆସୁଥିବା ଫୁଲ, ତୁଳସୀ ମହାପ୍ରଭୁଙ୍କ ସେବାରେ ଲାଗିଥାଏ। ଶ୍ରୀମନ୍ଦିର ବାହାରୁ କରାଯାଏ ନାହିଁ। ଏହା କେବଳ ରତ୍ନ ସିଂହାସନକୁ ଛୁଆଁ ଯାଇଥାଏ। ଉଦ୍ୟାନ ନଷ୍ଟ ହୋଇଯିବାରୁ ସମସ୍ୟା ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଥିପ୍ରତି ଗୁରୁତ୍ୱ ଦିଆଯିବା ଆବଶ୍ୟକ।

### ଦୁଃଖ ଦେଇଗଲା ଫନୀ

ବୀରହରେକୃଷ୍ଣପୁର ଅଞ୍ଚଳର ପ୍ରଫୁଲ୍ଲ ତ୍ରିପାଠୀ ଦୀର୍ଘବର୍ଷ ଧରି ମହାପ୍ରଭୁଙ୍କ ଲାଗି ଦୈନିକ ଫୁଲ, ତୁଳସୀପତ୍ର ଶ୍ରୀମନ୍ଦିରକୁ ଯୋଗାଇଥାନ୍ତି। ସେ ଏଥିପାଇଁ ନିଜସ୍ୱ ଉଦ୍ୟମରେ ଏକ ତୁଳସୀ ବଗିଚା ଓ ପୁଷ୍ପ ଉଦ୍ୟାନ କରିଛନ୍ତି। ସେଥିରେ ବିଭିନ୍ନ ପ୍ରକାର ଫୁଲଗଛ ଲଗାଇଛନ୍ତି। ଦୈନିକ ସେ ନିଷ୍ଠାର ସହ ଫୁଲ, ତୁଳସୀ ତୋଳି ଶ୍ରୀମନ୍ଦିରର ଫୁଲ ଗୁନ୍ଥାଳିମାନଙ୍କ ନିକଟରେ ପହଞ୍ଚାଇଥାନ୍ତି। ବାତ୍ୟାରେ ତାଙ୍କ ପୁଷ୍ପ ଉଦ୍ୟାନ ଓ ତୁଳସୀ ବଗିଚା ନଷ୍ଟ ହୋଇଯାଇଛି। ଫଳରେ ସେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ବଗିଚାରେ ବସି ମାଟିରେ ଲୋଟୁଥିବା ଶୁଖିଲା ଫୁଲଗଛକୁ ଆଉଁସିବାରେ ଲାଗିଛନ୍ତି। ତାଙ୍କ ଦୀର୍ଘବର୍ଷର ସାଧନା ଫନୀ ଉଜାଡ଼ି ଦେଲା ଏବଂ ଦୁଃଖ ଦେଇଗଲା ବୋଲି ପ୍ରଫୁଲ୍ଲ କୋହଭରା କଣ୍ଠରେ କହିଛନ୍ତି।

# ସଂଘବଦ୍ଧ ଆକ୍ରମଣରେ ନାବାଳକ ମୃତ

- ୮ ଗୁରୁତର ବ୍ରହ୍ମପୁର ବଡ଼ ମେଡିକାଲରେ
- ବନ୍ଦ ହେଲା ଖଇର ଗ୍ରାମ ଠାକୁରାଣୀ ଯାତ୍ରା

ପାତ୍ରପୁର,୧୫।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଜରଡ଼ା ଥାନା ଅନ୍ତର୍ଗତ ତଣ୍ଡିପୁର ପଞ୍ଚାୟତ ଖଇର ଗ୍ରାମରେ ମଙ୍ଗଳବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଏଥିରେ ଗୋଟିଏ ଗୋଷ୍ଠୀର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ୮ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଖଇର ଗ୍ରାମର ପବିତ୍ର ପ୍ରଧାନ। ସେ ଦଶମ ଶ୍ରେଣୀ ଛାତ୍ର ଥିଲେ। ଅନ୍ୟ ଆହତମାନଙ୍କୁ ପାତ୍ରପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଗାଁରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଥିବା ଠାକୁରାଣୀ ଯାତ୍ରାକୁ ବନ୍ଦ କରାଯାଇଛି। ବୁଧବାର ମୃତକଙ୍କ ବାପା ଗଣେଶ ପ୍ରଧାନଙ୍କ ଏତଲାକ୍ରମେ ନଂ.୮୭/୧୯ରେ ଏକ ମାମଲା ରୁଜୁ କରାଯାଇଛି। ଅପରାହ୍ନରେ ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ମାୟାଧର ସେଠୀ, ଚିକିଟି ଏସଡିପିଓ ସୁରେନ୍ଦ୍ରନାଥ ମୁର୍ମୁ, ଜରଡ଼ା ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ, ଦିଗପହଣ୍ଡି ଆଇଆଇସି ଗୌରାଙ୍ଗ ଚରଣ ସାହୁ, କେ. ନୂଆଗାଁ ଆଇଆଇସି ମାଧବାନନ୍ଦ ନାୟକ ଗ୍ରାମରେ ପହଞ୍ଚି ତଦନ୍ତ କରିଛନ୍ତି। ଆକ୍ରମଣକାରୀ ଗୋଷ୍ଠୀ ଫେରାର୍ ଅଛନ୍ତି। ବ୍ରହ୍ମପୁର ବଡ଼ ମେଡିକାଲରେ ପବିତ୍ରଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଅପରାହ୍ନରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଠାକୁରାଣୀ ଯାତ୍ରା ଲାଗି ମଙ୍ଗଳବାର ରାତିରେ ଗ୍ରାମ୍ୟ କମିଟି ବୈଠକ ଚାଲିଥିଲା। ଏହି ସମୟରେ ଗାଁ ଶେଷ ମୁଣ୍ଡରେ କୌଣସି ଏକ କଥାକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଗୋଟିଏ ଗୋଷ୍ଠୀରେ ତିନିଘରିଆ ଗ୍ରାମର ଜଣେ ଓ ତଣ୍ଡିପୁର ଗ୍ରାମର ଜଣେ ବ୍ୟକ୍ତି ସାମିଲ ଥିଲେ। ତିନିଘରିଆ ଗ୍ରାମର ସମ୍ପୃକ୍ତ ବ୍ୟକ୍ତି ଓ ପବିତ୍ରଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିଲା ବୋଲି ଗଣେଶ ଏତଲାରେ ଦର୍ଶାଇଛନ୍ତି। ବିପକ୍ଷ ଗୋଷ୍ଠୀ ଆକ୍ରମଣରେ ପବିତ୍ରଙ୍କ ସମେତ ମହେନ୍ଦ୍ର ପ୍ରଧାନ, ବିଶ୍ୱ ସେଠୀ, ମନୋଜ ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ଅଞ୍ଜଳ ପ୍ରଧାନ ଓ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଥିଲେ । ସେମାନଙ୍କୁ ପ୍ରଥମେ ପାତ୍ରପୁର ଓ ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପବିତ୍ରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର ବେଳେ ବାଟରେ ମୃତ୍ୟୁ ଘଟିଥିଲା। ଗୋଷ୍ଠୀ ସଂଘର୍ଷ ଖବରପାଇ ରାତିରେ ଚିକିଟି ଏସଡିପିଓଙ୍କ ସମେତ ଖାରିଆଗୁଡ଼ା ଫାଣ୍ଡି ଅଧିକାରୀ ପି. ତାମେୟା ରେଡ୍ଡୀ, ଜରଡ଼ା ଥାନାର ମେଦିନେଶ୍ୱର କହଁର ଗ୍ରାମରେ ପହଞ୍ଚିଥିଲେ। ସେତେବେଳକୁ ଆକ୍ରମଣକାରୀ ଗ୍ରାମରୁ ଫେରାର୍ ହୋଇଯାଇଥିଲେ। ଗ୍ରାମବାସୀ କହିଛନ୍ତି, ଯାତ୍ରା ସମୟରେ ଯେଭଳି କୌଣସି ବିଶୃଙ୍ଖଳା ସୃଷ୍ଟି ନ ହେବ ସେଥିପ୍ରତି ସମସ୍ତ ବର୍ଗର ଲୋକଙ୍କ ସହ ରାଜିନାମା ହୋଇଥିଲା। ଶୃଙ୍ଖଳାଭଙ୍ଗ ପାଇଁ ସମ୍ପୃକ୍ତ ଗୋଷ୍ଠୀ ପକ୍ଷରୁ ଏପରି ଆକ୍ରମଣ କରାଯାଇଛି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ନିର୍ବାଚନ ପରଠାରୁ ବିଭିନ୍ନ ଗ୍ରାମରେ ହିଂସା ଘଟୁଥିଲେ ମଧ ପୋଲିସ ଚୁପ ବସିଛି। ଏହି ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବିରାଟ ଜନ ଆନ୍ଦୋଳନ ହେବ ବୋଲି ଭାଜପା ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନ ସାମନ୍ତରା କହିଛନ୍ତି।

# ଦୋହଲିଯାଇଛି ହୋଟେଲ ଶିଳ୍ପ

ଭୁବନେଶ୍ୱର,୧୫।୫(ବ୍ୟୁରୋ)

**'ଫନୀ' ତାଣ୍ଡବ**

- ଭିତ୍ତିଭୂମି ବାବଦରେ ୫୦୦ କୋଟି ଟଙ୍କାର କ୍ଷତି
- ୨ ହଜାର କୋଟିର ବ୍ୟବସାୟିକ କ୍ଷତି
- ପୁରୀ-ଭୁବନେଶ୍ୱର-କଟକର ୧ ହଜାର ହୋଟେଲ ପ୍ରଭାବିତ
- ପୁରୀର ସର୍ବାଧିକ ୮୦୦ ହୋଟେଲ କ୍ଷତିଗ୍ରସ୍ତ
- ଭିତ୍ତିଭୂମି ସଜାଡ଼ିବାକୁ ପ୍ରସ୍ତାବ ରଖିଲା ଏଚ୍‌ଆର୍‌ଏଓ
- ଋଣ, ଟିକସ ଉପରେ ସାମୟିକ ରହିତାଦେଶ ପାଇଁ ଦାବି
- ବିଦେଶରେ ରୋଡ୍ ଶୋ' ପାଇଁ ପ୍ରସ୍ତାବ

ପ୍ରଳୟଙ୍କରୀ ବାତ୍ୟା ଫନୀ ଦ୍ୱାରା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି ରାଜ୍ୟର ହୋଟେଲ ଶିଳ୍ପ। ରାଜ୍ୟ ପର୍ଯ୍ୟଟନର ଭିତ୍ତିଭୂମି କୁହାଯାଉଥିବା ପୁରୀ-ଭୁବନେଶ୍ୱର-କଟକରେ ସର୍ବାଧିକ ହୋଟେଲ ରହିଥିବା ବେଳେ ବାତ୍ୟାରେ ଏହି ୩ଟି ସହର ହିଁ ଅଧିକ ପ୍ରଭାବିତ ହୋଇଛି। ୩ ସହରର ଏକ ହଜାରରୁ ଊର୍ଦ୍ଧ୍ୱ ହୋଟେଲ ଧ୍ୱସ୍ତବିଧ୍ୱସ୍ତ ହୋଇଛି। କେବଳ ୫୦୦ କୋଟି ଟଙ୍କାର ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିବା ବେଳେ ୨ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟିକ କ୍ଷତି ଆକଳନ କରାଯାଇଛି। ପୁରୀରେ ସର୍ବାଧିକ ୮୦୦ ହୋଟେଲ ବାତ୍ୟାରେ ଭାଙ୍ଗିରୁଜି ଯାଇଥିବା ବେଳେ ଭୁବନେଶ୍ୱର ଓ କଟକରେ ୨୦୦ ହୋଟେଲ ପ୍ରଭାବିତ ହୋଇଥିବା ସୂଚନା ଦେଇଛି ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା (ଏଚ୍‌ଆର୍‌ଏଓ)।

ଏଚ୍‌ଆର୍‌ଏଓ ପକ୍ଷରୁ ଏକ ଜରୁରିକାଳୀନ ବୈଠକ ଡକାଯାଇ କ୍ଷୟକ୍ଷତିର ଆକଳନ କରାଯାଇଛି। ଏହାସହ ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ପୁଣିଥରେ ପୁନର୍ଗଠନ କରିବାକୁ ଆସୋସିଏଶନ ପକ୍ଷରୁ ରାଜ୍ୟ ସରକାରଙ୍କୁ କେତେକ ପ୍ରସ୍ତାବ ଦିଆଯାଇଛି। ଫନୀ ପୁରୀରେ ଲ୍ୟାଣ୍ଡଫଲ କରିଥିବା ବେଳେ ଏହି ଅଞ୍ଚଳର ଶତ ପ୍ରତିଶତ ହୋଟେଲ ପ୍ରଭାବିତ ହୋଇଛି। ବଡ଼ ବଡ଼ ହୋଟେଲଗୁଡ଼ିକର ୧୦ରୁ ୧୫ କୋଟି ଟଙ୍କାର ଭିତ୍ତିଭୂମି କ୍ଷତି ହୋଇଥିବା ଆକଳନ କରାଯାଇଛି। ଏହାବ୍ୟତୀତ ଆସନ୍ତା ଆର୍ଥିକବର୍ଷରେ ହୋଟେଲ ଶିଳ୍ପର ୨ ହଜାର କୋଟି ଟଙ୍କାର ବେପାର କ୍ଷତି ହେବ ବୋଲି ଏଚ୍‌ଆର୍‌ଏଓ ଅଧ୍ୟକ୍ଷ ଜେ.କେ. ମହାନ୍ତି କହିଛନ୍ତି। ଭୁବନେଶ୍ୱରରେ ହେବାକୁ ଥିବା ସମସ୍ତ ମେଗା କନ୍‌ଫରେନ୍ସକୁ ବାତିଲ କରାଯାଇଥିବାବେଳେ ପୁରୀ ଓ ଭୁବନେଶ୍ୱରର ବିଭିନ୍ନ ହୋଟେଲରେ ହେବାକୁ ଥିବା ବାହାଘର ତଥା ଡେଷ୍ଟିନେଶନ ୱେଡିଂକୁ ବାତିଲ କରାଯାଇଛି। ବହୁସଂଖ୍ୟାରେ ପର୍ଯ୍ୟଟକ ଏବେ ବୁକିଂ ବାତିଲ୍ କରୁଥିବାରୁ ହୋଟେଲିୟରମାନଙ୍କୁ ବିପୁଳ କ୍ଷତି ସହିବାକୁ ପଡୁଛି। ଏଭଳିସ୍ଥଳେ ଜୁନ୍ ୧୦ ସୁଦ୍ଧା ପୁରୀକୁ ପର୍ଯ୍ୟଟକଙ୍କ ପାଇଁ ପୁଣିଥରେ ଉନ୍ମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ତେଣୁ ପୁରୀକୁ ଯଥାଶୀଘ୍ର ବିଦ୍ୟୁତ୍ ସଂଯୋଗ ସହ ଯୁଦ୍ଧକାଳୀନ ଭିତ୍ତିରେ ସ୍ୱେରେଜ୍ ଓ ଡ୍ରେନେଜ୍ ବ୍ୟବସ୍ଥା କରିବାକୁ ଆସୋସିଏଶନ ଦାବି କରିଛି।

ଅନ୍ୟପକ୍ଷରେ ହୋଟେଲଗୁଡ଼ିକ ନେଇଥିବା ଟର୍ମ ଲୋନ୍‌ର ମୂଳ ଅର୍ଥ ଓ ସୁଧ ପ୍ରଦାନ କ୍ଷେତ୍ରରେ ୨ବର୍ଷ ପାଇଁ ସାମୟିକ ରହିତାଦେଶ ଲାଗି ଅନୁରୋଧ କରାଯାଇଛି। ସେହିଭଳି କ୍ଷୟକ୍ଷତି ହୋଇଥିବା ଭିତ୍ତିଭୂମିର ପୁନଃନିର୍ମାଣ ପାଇଁ ଆବେଦନ କରିବାର ୩୦ଦିନ ମଧ୍ୟରେ ବ୍ୟାଙ୍କଗୁଡ଼ିକ ଋଣ ମଞ୍ଜୁର କରିବା ସହ ଇନ୍‌ସ୍ୟୁରାନ୍ସ କମ୍ପାନୀମାନେ ମେ ୩୦ ସୁଦ୍ଧା ଦାବି ଅର୍ଥରାଶିର ୫୦ ପ୍ରତିଶତ ପ୍ରଦାନ କରିବାକୁ କୁହାଯାଇଛି। ଏକ୍ଷେତ୍ରରେ ରାଜ୍ୟ ସରକାର ବ୍ୟାଙ୍କ୍ ଓ ଇନ୍‌ସ୍ୟୁରାନ୍ସ କମ୍ପାନୀ ସହ ଆଲୋଚନା କରିବାକୁ ମହାନ୍ତି ନିବେଦନ କରିଛନ୍ତି। ବାତ୍ୟାରେ ପ୍ରଭାବିତ ପୁରୀ, ଭୁବନେଶ୍ୱର ଓ କଟକର ପ୍ରମୁଖ ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମିକୁ ସଜାଡ଼ିବା ସହ ହୋଟେଲଗୁଡ଼ିକ ଦେଉଥିବା ଜିଏସ୍‌ଟି, ହୋଲ୍ଡିଂ ଟ୍ୟାକ୍ସ, ମ୍ୟୁନିସିପାଲ ଟ୍ୟାକ୍ସ ଓ ଅନ୍ୟାନ୍ୟ ଟ୍ୟାକ୍ସରେ ଛାଡ କରିବାକୁ ଦାବିହୋଇଛି। ବନ୍ୟା ପରେ କେରଳ ପର୍ଯ୍ୟଟନ ଭଳି ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ଦେଶ ବାହାରେ ରୋଡ୍ ଶୋ, ବ୍ୟାପକ ମିଡିଆ କଭରେଜ୍, ଭିଡିଓ ଫିଲ୍ମ ପ୍ରସ୍ତୁତି ଭଳି ପ୍ରମୋଶନାଲ ଆକ୍ଟିଭିଟି କରିବାକୁ ପରାମର୍ଶ ଦେଇଛି ଆସୋସିଏଶନ। ଏହାବ୍ୟତୀତ ରାଜ୍ୟ ସରକାର ଅନ୍ତର୍ଜାତୀୟ ବିମାନ ଚଳାଚଳ, ଷ୍ଟାର୍ ହୋଟେଲ ପ୍ରତିଷ୍ଠା, ଦୀର୍ଘସ୍ଥାୟୀ ପର୍ଯ୍ୟଟନ ଭିତ୍ତିଭୂମି ନିର୍ମାଣ, ଲିଜର ଟୁରିଜିମ୍, ନାଇଟ୍ ଲାଇଫ୍, କନ୍‌ଭେନ୍‌ସନ୍ ସେଣ୍ଟର, ୱାଟର ସ୍ପୋର୍ଟସ ଭଳି ଦୀର୍ଘମିଆଦୀ ଯୋଜନା ଉପରେ ଗୁରୁତ୍ୱ ଦେବାକୁ ଏଚ୍‌ଆର୍‌ଏଓ ଦାବି କରିଛି। ଖୁବ୍‌ଶୀଘ୍ର ଉପରୋକ୍ତ ଦାବିକୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯିବ ବୋଲି ମହାନ୍ତି କହିଛନ୍ତି।


ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ପୁରୀ ବେଳାଭୂମି ମାର୍ଗର ହୋଟେଲ ଅଞ୍ଚଳ।


## NIFT LATERAL ADMISSIONS 2019
### DIRECT ADMISSION TO SECOND YEAR

NIFT announces Lateral Admission to the second year B.Des. and B.F.Tech Programmes for candidates who have completed their Diploma/Degree in relevant fields. For more details please visit www.nift.ac.in

National Institute of Fashion Technology
A Statutory Institute governed by the NIFT Act 2006
Ministry of Textiles, Government of India

## INDIAN INSTITUTE OF TOURISM AND TRAVEL MANAGEMENT
(An Autonomous Body under Ministry of Tourism, Government of India)
Centres : Gwalior, Bhubaneswar, Noida, Nellore & Goa. Camps: Shillong & Bodh Gaya

## ADMISSION NOTICE
BBA (Tourism & Travel) 2019-22
MBA (Tourism & Travel Management) 2019-21

Under collaborative scheme of IGNTU

**BBA (Tourism & Travel)**
ELIGIBILITY :
- Passed 10+2 examination with 50% marks (45% for SC/ST/PH)
- Appear in IGNTU-IITTM Admission Test (IIAT)-2019

**MBA (Tourism & Travel Management)**
ELIGIBILITY :
- Graduation with 50% of marks (45% for SC/ST/PH) and
- Valid score in CAT/MAT/CMAT/GMAT/ATMA/XAT or Appear in IGNTU-IITTM Admission Test (IIAT)-2019

For online application & detailed information please visit - www.iittm.ac.in
For more details please contact : 7205146285, 9425407607, 9990050707, 9437010180, 9849739489
or Email: admissions@iittm.ac.in

ATUL

Advantages@IITTM
Leading Government Institute of Tourism and Travel with Best Placement record

Last Date of Application 27th May 2019

"ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟଙ୍କୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ।
-ଶ୍ରୀମା



# କୁକୁଡ଼ା ଅଣ୍ଡାର ମାନ



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଅଣ୍ଡାକୁ ସବୁବେଳେ ମାନକ ନିରାପଦ ଖାଦ୍ୟ ଭାବେ ବିବେଚନା କରାଯାଇ ଆସିଛି। କ୍ୱଚିତ୍ ଲୋକ ଜାଣନ୍ତି ଯେ, ପ୍ରତି ଅଣ୍ଡା ଅଲଗା ଏବଂ କେତେକ ଆଦୌ ଖାଇବା ଉପଯୋଗୀ ନୁହେଁ। ଗୋଟିଏ ଅଣ୍ଡାର ଉପାଦାନଗୁଡ଼ିକ ହେଉଛି: ଆଲ୍‌ବୁମେନ (ଅଣ୍ଡା ଭିତରର ଧଳା ଅଂଶ), କେଶର (ଅଣ୍ଡାର ହଳଦିଆ ଅଂଶ) ଏବଂ କ୍ୟାଲ୍‌ସିୟମ୍ କାର୍ବୋନେଟ୍‌ରେ ତିଆରି ଅଣ୍ଡାର ସୂକ୍ଷ୍ମ ଛିଦ୍ରବହୁଳ ଖୋଳପା। ତେବେ ଅଣ୍ଡାର ଏହି ଭିତର ଉପାଦାନଗୁଡ଼ିକୁ ବଦଳାଇ ଦିଆଯାଇପାରେ। କୁକୁଡ଼ାକୁ ଆମେ ଯେମିତି ଖାଦ୍ୟ ଖାଇବାକୁ ଦେବା, ତା'ର ଶରୀର ତଥା ଅଣ୍ଡା ଭିତରେ ମଧ୍ୟ ଅନୁରୂପ ପରିବର୍ତ୍ତନ ଘଟିବ। ଉଦାହରଣସ୍ୱରୂପ ଜାପାନରେ ଅଣ୍ଡା ଭିତରେ ଓମେଗା ୩ ଓ ଆୟୋଡିନ୍ ଭର୍ତ୍ତି କରିଦିଆଯାଉଛି।

ଅଣ୍ଡାର ମାନ କୁକୁଡ଼ାର ଖାଦ୍ୟ ଓ ସେ ରହୁଥିବା ପରିବେଶର ଅବସ୍ଥା ଉପରେ ନିର୍ଭର କରେ। ଅଣ୍ଡାଦେବା ପୂର୍ବ ଓ ପରର ଅନେକ କାରକ ଦ୍ୱାରା ଏହା ପ୍ରଭାବିତ ହୁଏ। ପାଣିପାଗ, ଖାଦ୍ୟର ପ୍ରକାର, କୁକୁଡ଼ା ପିଉଥିବା ପାଣିର ପରିମାଣ, ପରିବେଶର ପରିଚ୍ଛନ୍ନତା, କେତେ ଘଣ୍ଟା କୁକୁଡ଼ାଟି ସୂର୍ଯ୍ୟାଲୋକରେ କଟାଉଛି, ସେ କିପରି ନିଃଶ୍ୱାସ ପ୍ରଶ୍ୱାସ ନେଉଛି– ଏସବୁ କାରକ ଅଣ୍ଡାର ଗୁଣବତ୍ତା ପାଇଁ ଦାୟୀ। କୁକୁଡ଼ାଟି ଅଣ୍ଡା ଦେବା ପରେ ଆପଣଙ୍କ ପ୍ଲେଟ୍ ପର୍ଯ୍ୟନ୍ତ ଆସିବା ଯାଏ, ତାକୁ କିପରି ହ୍ୟାଣ୍ଡଲ୍ କରାଯାଇଛି, ତା' ଉପରେ ମଧ୍ୟ ଏହା ଖାଇବା ଯୋଗ୍ୟ କି ନା ତାହା ନିର୍ଭର କରୁଛି। ଗୋଟିଏ କୁକୁଡ଼ା ଅଣ୍ଡାରେ ହାରାହାରି ଛଅଗ୍ରାମ୍ ପ୍ରୋଟିନ୍ ଓ ଛଅଗ୍ରାମ୍ ଚର୍ବି ରହିବା କଥା। ଏଥିପାଇଁ କୁକୁଡ଼ାକୁ ସନ୍ତୁଳିତ ଆହାର ଦେବାକୁ ହୋଇଥାଏ, ଯେଉଁଥିରେ ଆବଶ୍ୟକ ପରିମାଣର ପ୍ରୋଟିନ୍, କାର୍ବୋହାଇଡ୍ରେଟ୍, ଚର୍ବି, ଭିଟାମିନ୍ ଓ ଖଣିଜ ଲବଣ ଥିବ। ବିଶେଷଜ୍ଞମାନେ କୁକୁଡ଼ା ଖାଦ୍ୟରେ ୧୬ରୁ ୧୮ ପ୍ରତିଶତ ପ୍ରୋଟିନ୍ ଓ ପ୍ରାୟ ୩.୫% କ୍ୟାଲ୍‌ସିୟମ୍ ରହିବା ଉଚିତ ବୋଲି କହିଛନ୍ତି। ଅଣ୍ଡାଦିଆ କୁକୁଡ଼ାକୁ ମଧ୍ୟ ଯଥେଷ୍ଟ ସ୍ୱଚ୍ଛ ଜଳ ଦିଆଯିବା ଦରକାର କାରଣ କୁକୁଡ଼ା ଅଣ୍ଡାର ଅଧା ଭାଗ ହେଉଛି ଜଳ।

ଅଣ୍ଡାର ପ୍ରାକୃତିକ ଉପାଦାନଗୁଡ଼ିକୁ ଯେ ବଦଳାଯାଇ ପାରିବ, ଏ କଥା କୁକୁଡ଼ା ଫାର୍ମର ମାଲିକମାନେ ଜାଣିଛନ୍ତି। ସେଥିପାଇଁ ସେମାନେ କୁକୁଡ଼ା ଖାଦ୍ୟରେ ଏପରି ରାସାୟନିକ ମିଶାନ୍ତି, ଯାହାଦ୍ୱାରା କୁକୁଡ଼ା ଦେଉଥିବା ଅଣ୍ଡା ଭଲ ଦେଖାଯିବ ଓ ଅଧିକ ଦିନ କାଞ୍ଜିଆ ନ ହୋଇ ରହିପାରିବ। ଅଣ୍ଡା ଖୋଳର ମାନ ବଢ଼ାଇବା ପାଇଁ ସେମାନଙ୍କୁ ଖାଇବା ସୋଡ଼ା ଓ ଆମୋନିୟମ୍ କ୍ଲୋରାଇଡ୍ ଦିଆଯାଏ। ଶୋଷିଲା କୁକୁଡ଼ାକୁ ପାଣିରେ ପୋଟାସିୟମ୍ କ୍ଲୋରାଇଡ୍ ମିଶାଇ ପିଇବାକୁ ଦିଆଯାଏ। କୁକୁଡ଼ା ଜନ୍ମ ହେବା ଦିନଠାରୁ ସେମାନଙ୍କୁ ଆଣ୍ଟିବାୟୋଟିକ୍ସ ଦିଆଯାଏ।

ଯେଉଁ କୁକୁଡ଼ାଙ୍କୁ ବାହାରେ ବୁଲି ଖାଦ୍ୟ ଖୁଣ୍ଟି ଖାଇବାକୁ ଦିଆଯାଏ, ସେମାନେ ଭଲ ଅଣ୍ଡା ଦିଅନ୍ତି। ସେମାନେ ମାଟି ଆମ୍ପୁଡ଼ି ପୋକଜୋକ, ଜିଆ, ମଞ୍ଜି ଆଦି ଖାଆନ୍ତି। କିନ୍ତୁ ଆପଣ ଯେଉଁ ଅଣ୍ଡା କିଣନ୍ତି, ସେଗୁଡ଼ିକ ଏପରି କୁକୁଡ଼ାଙ୍କଠାରୁ ଆସି ନ ଥାଏ। କମ୍ ଖର୍ଚ୍ଚରେ ଅଧିକ ଉତ୍ପାଦନ ପାଇଁ କୁକୁଡ଼ାଙ୍କୁ ପଞ୍ଜୁରି ଭିତରେ ଅଧିକ ସଂଖ୍ୟାରେ ରଖାଯାଏ। ସେମାନଙ୍କୁ ରାସାୟନିକ ଖାଦ୍ୟ ଓ ଆଣ୍ଟିବାୟୋଟିକ୍ସ ଦିଆଯାଏ। ସେମାନେ ମୁକ୍ତ ବାୟୁ, ମୁକ୍ତ ସୂର୍ଯ୍ୟକିରଣ ବା ପାଣି ପାଆନ୍ତି ନାହିଁ। ଦୈନିକ ଅଧିକ ଅଣ୍ଡା ଦେବା ପାଇଁ ତାଙ୍କୁ କୃତ୍ରିମ ଆଲୁଅ ଭିତରେ ସବୁବେଳେ ରଖାଯାଏ। ଏପରି ଚାପଗ୍ରସ୍ତ ପରିବେଶରୁ ଭଲ ପୁଷ୍ଟିକର ଅଣ୍ଡା କିପରି ଉତ୍ପାଦନ ହୋଇପାରିବ? ସେଥିପାଇଁ ଭାରତୀୟ କୁକୁଡ଼ା ଅଣ୍ଡାର ମାନ ଅତ୍ୟନ୍ତ ଖରାପ।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଭାରତୀୟ କୁକୁଡ଼ା ଫାର୍ମଗୁଡ଼ିକରେ ଅଧିକାଂଶ କୁକୁଡ଼ାଙ୍କ ଦେହରେ ଘାଆ ହୋଇଯାଇଥାଏ, ସେମାନେ ନିଜର ମଳ ଉପରେ ଠିଆ ହୋଇଥାନ୍ତି, ତାଙ୍କ ଉପରେ ବୁଢ଼ିଆଣୀ ଜାଲ ବୁଣିଥାଏ, ତାଙ୍କ ଦେହରେ ଉକୁଣି ଭର୍ତ୍ତି ହୋଇଥାନ୍ତି, ସେମାନଙ୍କୁ ଅନ୍ୟ ମଲା କୁକୁଡ଼ାଙ୍କ ଦେହାବଶେଷ, କାର୍ଡବୋର୍ଡ, ମାର୍ବଲ ଚିପ୍ସ, ମାଛଗୁଣ୍ଡ ଆଦି ଖାଇବାକୁ ଦିଆଯାଏ। ଏଗୁଡ଼ିକ ଅଣ୍ଡାର ପୌଷ୍ଟିକ ଗୁଣକୁ ନଷ୍ଟ କରିଦିଏ। ଅସ୍ୱାସ୍ଥ୍ୟକର ପରିବେଶ ସହ ମାନ ନିୟନ୍ତ୍ରଣର ବ୍ୟବସ୍ଥା ନ ଥିବାରୁ ଅଣ୍ଡାଗୁଡ଼ିକ ସଂକ୍ରମିତ ହେବାର ଭୟ ଥାଏ। ଭାରତ ପୃଥିବୀର ତୃତୀୟ ବୃହତ୍ତମ ଅଣ୍ଡା ଉତ୍ପାଦନକାରୀ ଦେଶ ହେଲେ ମଧ୍ୟ ଏହାର ଅଣ୍ଡାଗୁଡ଼ିକ ଅନ୍ତର୍ଜାତୀୟ ମାନର ନୁହେଁ। ତେଣୁ ଅନ୍ୟ ଦେଶଗୁଡ଼ିକ ଆମଦାନି କରିବାକୁ ଚାହାନ୍ତି ନାହିଁ।

ଆପଣ ଅଣ୍ଡାଟିଏ ଭଲ କିନା ତାହାର ଧଳା ଅଂଶ, ହଳଦିଆ କେଶର ଓ କଠିନ ଖୋଳପାକୁ ଦେଖି ଉପରଠାଉରିଆ ଭାବେ ଜାଣନ୍ତି। କିନ୍ତୁ କେହି କ'ଣ ଖୋଳପାର ମୋଟେଇ କେତେ ତାହା ଦେଖନ୍ତି? ପତଳା ଖୋଳପାରୁ ତା'ର ମାଆ ରୋଗଣା ଥିବା ଜଣାପଡ଼େ। ମାଆ କୁକୁଡ଼ା ଭୋଗୁଥିବା ରୋଗଗୁଡ଼ିକ ଭିତରେ ରହିଛି: ସଂକ୍ରାମକ ବ୍ରୋଙ୍କାଇଟିସ୍ (ଶ୍ୱାସନଳୀର ପ୍ରଦାହ), ନ୍ୟୁକ୍ୟାଶ୍‌ଲ ରୋଗ, ଉଡ଼ା ସର୍ଦ୍ଦି ଓ ଏଗ୍ ଡ୍ରପ୍ ସିଣ୍ଡ୍ରୋମ୍। ଏହିସବୁ ରୋଗ ଥିଲେ ଅଣ୍ଡାର ଖୋଳପା ପତଳା ଓ ନିମ୍ନମାନର ହୋଇଯାଏ। ସଂକ୍ରାମକ ବ୍ରୋଙ୍କାଇଟିସ୍ ଭୂତାଣୁ ଅଣ୍ଡା ଖୋଳପାକୁ ନରମ, ଆବଡ଼ାଖାବଡ଼ା, ବେରଙ୍ଗ ଓ ମୋଡ଼ିମୋଡ଼ିକିଆ କରିଦିଏ। ଅଣ୍ଡାକୁ ଫଟେଇଦେଲେ ତା' ଭିତରର ଧଳା ଅଂଶ ଲାଳ ପରି ବୋହିଯାଏ, ତା' ହଳଦିଆ କେଶରର ରଙ୍ଗ ମଳିନ ଦେଖାଯାଏ ଏବଂ ତା' ଖୋଳପା ଆବଡ଼ାଖାବଡ଼ା ଦେଖାଯାଏ। ଅଣ୍ଡାର ଖୋଳପା ଯଦି ବିକୃତ ଓ ଆବଡ଼ାଖାବଡ଼ା ହୋଇଥାଏ, ତେବେ ତା' ମାଆକୁ ସାଙ୍ଘାତିକ ରୋଗ ହୋଇଥିବାର ଜାଣିବେ।

ଗ୍ରୀଷ୍ମଋତୁରେ ପିଞ୍ଜରାରେ ଅନ୍ୟ କୁକୁଡ଼ାଙ୍କ ଗହଳି ଭିତରେ ରହୁଥିବା କୁକୁଡ଼ା ନିଜ ଦେହକୁ ଟିକେ ଥଣ୍ଡା କରିବା ପାଇଁ ଊର୍ଦ୍ଧ୍ୱଶ୍ୱାସ ନିଏ। ଏହାଦ୍ୱାରା 'ରେସ୍ପିରେଟୋରୀ ଆଲ୍‌କାଲୋଇସ୍' ନାମକ ଅବସ୍ଥା ସୃଷ୍ଟି ହୁଏ। ରକ୍ତର ପିଏଚ୍ କ୍ଷାରୀୟ ହୋଇଯାଏ ଏବଂ ଅଣ୍ଡାର ଖୋଳପା ପାଇଁ ଯଥେଷ୍ଟ କ୍ୟାଲ୍‌ସିୟମ୍‌ର ଅଭାବ ଘଟେ। ସେଥିପାଇଁ ଅଣ୍ଡାର ଖୋଳପା ପତଳା ହୋଇଯାଏ। ବୀଜାଣୁ ଓ ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ଅଣ୍ଡା ଖୋଳପାର ମୋଟେଇ ହେଉଛି ଗୁରୁତ୍ୱପୂର୍ଣ୍ଣ। ଖୋଳପା ପତଳା ହେଲେ ତା' ଭିତରକୁ ଜୀବାଣୁମାନେ ସହଜରେ ପ୍ରବେଶ କରିପାରନ୍ତି।

ଗୋଟିଏ ଅଣ୍ଡାରେ ଫସ୍‌ଫରସ୍, ଜିଙ୍କ୍, ଭିଟାମିନ୍ ଏ, ବି୬, ବି୧୨, ଫଲିକ୍ ଏସିଡ୍, ଥାୟାମିନ୍ ଓ ଭିଟାମିନ୍ ଡି ରହିବା ଉଚିତ। କିନ୍ତୁ ଖରାଦିନର ଗରମ ସମ୍ଭାଳି ନ ପାରି କୁକୁଡ଼ାମାନେ ଖାଇବା କମାଇଦିଅନ୍ତି ଏବଂ କମ୍ ଖାଦ୍ୟରେ ସେମାନେ କମ୍ କ୍ୟାଲ୍‌ସିୟମ୍ ପାଇଥାନ୍ତି। ଫଳରେ ତାଙ୍କ ରକ୍ତରେ ଫସ୍‌ଫରସ୍‌ର ପରିମାଣ ବଢ଼ିଯାଏ। ଅଣ୍ଡା ଖୋଳର ଉପଯୁକ୍ତ ମାନ ପାଇଁ କ୍ୟାଲ୍‌ସିୟମ୍ ଓ ଫସ୍‌ଫରସ୍‌ର ସନ୍ତୁଳନ ରହିବା ଜରୁରୀ। କିନ୍ତୁ ଫସ୍‌ଫରସ୍‌ର ପରିମାଣ ବଢ଼ିଗଲେ ତାହା କ୍ୟାଲ୍‌ସିୟମ୍‌ର ସୃଷ୍ଟିକୁ ବାଧା ଦିଏ। କ୍ୟାଲ୍‌ସିୟମ୍ ଓ ଫସ୍‌ଫରସ୍‌ର ସନ୍ତୁଳନ ନଷ୍ଟ ହେଲେ ଜିଙ୍କ୍ ଓ ମ୍ୟାଗ୍ନେସିୟମ୍ ପରିମାଣ ମଧ୍ୟ କମିଯାଏ। ଏପରି ରୋଗଣା କୁକୁଡ଼ା ଦେହରେ ଭିଟାମିନ୍ ଡି ପରିମାଣ ବି କମିଯାଏ। ତେଣୁ ଅଣ୍ଡାରେ ଯଥେଷ୍ଟ ପରିମାଣରେ ଭିଟାମିନ୍ ଡି ରହିପାରେ ନାହିଁ। ବ୍ୟାୟାମ ଅଭାବରୁ ପିଞ୍ଜରାବଦ୍ଧ କୁକୁଡ଼ାମାନେ ମୋଟା ହୋଇଯାନ୍ତି ଓ ତାଙ୍କ ଦେହରେ ଚର୍ବି ବଢ଼ିଯାଏ। ସେଥିପାଇଁ ଅଣ୍ଡା କେଶରରେ ଥିବା ଫ୍ୟାଟି ଏସିଡ୍ କମ୍ପୋଜିଶନ ମଧ୍ୟ ବଦଳିଯାଏ।

କୁକୁଡ଼ାମାନେ ଯାହା ଖାଆନ୍ତି, ତାହା ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ହାଇବ୍ରିଡ୍ ଅଣ୍ଡାଦିଆ କୁକୁଡ଼ାକୁ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ଖାଦ୍ୟ ଦିଆଯିବା ଉଚିତ, ଯାହା ଭାରତରେ ଦିଆଯାଉ ନାହିଁ। ଭାରତରେ କୁକୁଡ଼ାଙ୍କୁ ପୁଷ୍ଟିସାରହୀନ ଶସ୍ତା ଖାଦ୍ୟ ଖାଇବାକୁ ଦିଆଯାଉଛି।

ଆପଣ ଯେତେବେଳେ ଫାର୍ମରେ ପାଳିତ ଆଣ୍ଟିବାୟୋଟିକ୍ସ ଦିଆ କୁକୁଡ଼ା ଅଣ୍ଡା ଖାଆନ୍ତି, ସେତେବେଳେ ତା' ସହିତ ଆପଣ ଆଣ୍ଟିବାୟୋଟିକ୍ସ-ପ୍ରତିରୋଧୀ ବୀଜାଣୁଙ୍କୁ ମଧ୍ୟ ଖାଆନ୍ତି। ତା'ପରେ ରୋଗରେ ପଡ଼ିଲେ ଆଣ୍ଟିବାୟୋଟିକ୍ସ ଆଉ ଆପଣଙ୍କ ଦେହରେ କାମ କରିବ ନାହିଁ। ଭାରତରେ ଏପରି ବହୁସଂଖ୍ୟକ ଲୋକ ଅଛନ୍ତି, ଯେଉଁମାନେ ଆଣ୍ଟିବାୟୋଟିକ୍ସ-ପ୍ରତିରୋଧୀ ହୋଇଯାଇଛନ୍ତି। ଏହାର ମୂଳ କାରଣ ହେଉଛି ଫାର୍ମ କୁକୁଡ଼ା ମାଂସ ଓ କୁକୁଡ଼ା ଅଣ୍ଡା ଖାଇବା।

Email: gandhim@nic.in

# ଆସନ୍ନ ବେକାରି ବିସ୍ଫୋରଣ



ବିମଳ ପ୍ରସନ୍ନ ଦାସ

ପୃଥିବୀର ଦ୍ୱିତୀୟ ଜନବହୁଳ ଦେଶ ଭାରତରେ ବେକାରି ସମସ୍ୟା ବଡ଼ ବିପଦ ଭାବେ ଉଭା ହୋଇଛି। ଯେଉଁ ହାରରେ ଜନସଂଖ୍ୟା ବୃଦ୍ଧି ପାଉଛି ସେହି ଅନୁଯାୟୀ ଲୋକମାନଙ୍କୁ କର୍ମସଂସ୍ଥାନ ମିଳୁନାହିଁ। ଏକ ଗଣତାନ୍ତ୍ରିକ ଶାସନର ସମୟସୀମା ୫ ବର୍ଷ ପୂରିବା ଆଗରୁ ସରକାର, ରାଜନୈତିକ ଦଳ, ନିର୍ବାଚନ କମିଶନ ପ୍ରଭୃତି ସଚେତନ ହୋଇ ଉଠନ୍ତି। ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରିଛନ୍ତି କି ନାହିଁ ସେ ବିଷୟରେ ଖୋଳତାଡ କରନ୍ତି। ଅନୁରୂପ ଭାବେ ସାଂସଦ ଓ ବିଧାୟକ ବର୍ଷ ବର୍ଷ ଧରି ଲୋକଙ୍କ ଅନୁରୋଧ ସତ୍ତ୍ୱେ ମନ ଦେଇ ନ ଥିବା କର୍ମ ଓ କର୍ତ୍ତବ୍ୟ ପ୍ରତି ହଠାତ୍ ସଜାଗ ହେଇ ଉଠନ୍ତି। ଏଥିରେ ବିସ୍ମିତ ହେବାର କିଛି ନାହିଁ। ଯଦି ପୂର୍ବର ପ୍ରତିଶ୍ରୁତି ଅନୁଯାୟୀ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ହୋଇ ନ ଥିବା ପ୍ରଶ୍ନ ଉଠେ, ତେବେ ନିର୍ଦ୍ଦିଷ୍ଟ ଉତ୍ତର ପରିବର୍ତ୍ତେ କୁହାଯାଏ ଏ ପର୍ଯ୍ୟନ୍ତ ସବୁ ଗ୍ରାମକୁ ସଡ଼କ, ବିଦ୍ୟୁତ୍, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟାଳୟ, ସ୍ୱାସ୍ଥ୍ୟ ଓ ଚିକିତ୍ସା ବ୍ୟବସ୍ଥା କରାଯାଇଛି, ଯାହା ହୁଏତ ପୂର୍ବରୁ କରାଯାଇଥାଏ। ତଥାପି ସରକାର ଯେପରି ନିଜର ପଦମର୍ଯ୍ୟାଦା ରକ୍ଷା କରିବା ପାଇଁ ଦୃଢ଼ସଙ୍କଳ୍ପ, ପ୍ରତିନିଧିମାନେ ପୁଣି କ୍ଷମତାକୁ ଫେରିବା ପାଇଁ ବଦ୍ଧପରିକର।

ଲୋକମାନେ ରାସ୍ତାଘାଟ, ଛକ ସହର ବଜାରକୁ ଗଲେ ଦେଖନ୍ତି ରଙ୍ଗ ବେରଙ୍ଗର କେତେ ଆଖିଝଲସା ବିଜ୍ଞାପନ ଓ ଛବି। କେଉଁଠି ପ୍ରଧାନମନ୍ତ୍ରୀଙ୍କର ହାସ୍ୟମୁଖ ତ କେଉଁଠି ମୁଖ୍ୟମନ୍ତ୍ରୀଙ୍କ ପ୍ରସନ୍ନ ବଦନ। ଏମାନଙ୍କ ସହ ରାଜନୀତିରେ ନିଜକୁ ଚଳଚଞ୍ଚଳ ରଖିଥିବା ଲୋକପ୍ରତିନିଧିମାନଙ୍କ ମନୋଲୋଭା ଚିତ୍ର। କିନ୍ତୁ ସହରଠାରୁ ଆରମ୍ଭ କରି ଗାଁ ଗହଳରୁ ଉଚ୍ଚଶିକ୍ଷା ପାଇଥିବା ଯୁବତୀଯୁବକମାନଙ୍କୁ ଘର ଆଗରେ ବା ବଜାରରେ ମୁହଁ ଶୁଖାଇ ଚାଲୁଥିବା ଦେଖାଯାଏ। କାରଣ ପରିସଂଖ୍ୟାନ ବିଭାଗ ସୂଚନା ଦେଇଛି ଯେ, ଏମାନଙ୍କୁ ଛୋଟବଡ଼ ଚାକିରିଟିଏ ଯୋଗାଇଦେବା ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ। ଚଳିତବର୍ଷ ବେକାରଙ୍କ ସଂଖ୍ୟା ୭.୨ ପ୍ରତିଶତରେ ରହିଛି ଏବଂ ୪୦ ପ୍ରତିଶତ ଲୋକ ବେକାର ରହିଛନ୍ତି। ନିଯୁକ୍ତି ମିଳିବାର ଆଶା ନାହିଁ। ନେତାଙ୍କୁ ହାତରେ ରଖିଲେ, ତାଙ୍କ ପଛରେ ଗୋଡାଇଲେ ହୁଏତ ଚାକିରିଟିଏ ମିଳିଯିବ। ସେହି ଆଶାରେ ବେକାର ଯୁବତୀଯୁବକ ତାଙ୍କ ପଛରେ ଧାଡି ବାନ୍ଧିବାକୁ ବାଧ୍ୟ ହେଉଛନ୍ତି।

ଓଡ଼ିଶା ପରି ଏକ କୃଷିପ୍ରଧାନ ରାଜ୍ୟରେ କର୍ମନିଯୁକ୍ତି କାର୍ଯ୍ୟାଳୟରେ ନାମ ପଞ୍ଜୀକୃତ ବେକାରଙ୍କ ସଂଖ୍ୟା ୧୨ ଲକ୍ଷରୁ ଅଧିକ। ଅନୁରୂପ ଭାବେ ଦେଶରେ ବେକାରଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ୩/୪ ବର୍ଷ ଧରି ନିଯୁକ୍ତି କ୍ଷେତ୍ରର ଅବସ୍ଥା ଅତ୍ୟନ୍ତ ନିରୁତ୍ସାହଜନକ ଓ ଉଦ୍‌ବେଗପୂର୍ଣ୍ଣ। ପରିସଂଖ୍ୟାନ କହେ, ଦେଶର ବେକାର ସଂଖ୍ୟା ୪୦ ପ୍ରତିଶତ।

ଆଉ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ୨୦୧୭-୧୮ରେ ଭାରତର ବେକାରଙ୍କ ସଂଖ୍ୟା ବୃଦ୍ଧି ପାଇ ୪୫ ବର୍ଷର ରେକର୍ଡକୁ ଭାଙ୍ଗି ଦେଇଛି। ଅର୍ଥାତ୍ ଏହି ସମୟରେ ସବୁଠାରୁ କମ୍ ଲୋକ ନିଯୁକ୍ତି ପାଇଛନ୍ତି। ସରକାରଙ୍କ ପ୍ରମୁଖ ନିଯୁକ୍ତିପ୍ରଦାନକାରୀ ସଂସ୍ଥା କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି), ଷ୍ଟାଫ୍ ସିଲେକ୍ସନ କମିଶନ (ଏସ୍‌ଏସ୍‌ସି) ଏବଂ ରେଲୱେ ରିକ୍ରୁଟ୍‌ମେଣ୍ଟ ବୋର୍ଡ ବିଗତ ୪ ବର୍ଷ ମଧ୍ୟରେ ୩୮ ପ୍ରତିଶତ କମ୍ ନିଯୁକ୍ତି ସୃଷ୍ଟି କରିଛନ୍ତି। ୨୦୧୪-୧୫ରେ ଉପରୋକ୍ତ ସଂସ୍ଥା ୧ ଲକ୍ଷ ୩୦ ହଜାର ଯୁବତୀଯୁବକଙ୍କୁ ରୋଜଗାର ଦେଇଥିବା ବେଳେ ୨୦୧୭-୧୮ରେ ୭୦,୮୦୫କୁ ଖସିଆସିଛି। ବିଡ଼ମ୍ବନାର କଥା ହେଲା, ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗରେ ବ୍ୟାପକ ପଦବୀ ଖାଲି ପଡିଥିବା ବେଳେ ସେଗୁଡିକ ପୂରଣ କରାଯାଉନାହିଁ। ମାତ୍ର ଆହୁରି ଦୁଃଖଦ କଥା, ସରକାର ଏହା ସ୍ୱୀକାର କରିବାକୁ ରାଜି ନୁହନ୍ତି। ଅପରନ୍ତୁ ବାହୁସ୍ଫୋଟ ମରାଯାଇ କୁହାଯାଉଛି ଯେ, ଦେଶରେ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଅର୍ଥନୈତିକ ଅଭିବୃଦ୍ଧି ଘଟୁଛି। 'ବାହାପିଆଙ୍କ ବାରବାଟି ଚାଷ' ବ୍ୟତୀତ ଏହା ବା ଆଉ କ'ଣ ହୋଇପାରେ?

କେନ୍ଦ୍ରରେ ଭାଜପା ସରକାର କ୍ଷମତାକୁ ଆସିବା ପୂର୍ବରୁ ବର୍ଷକୁ ୨ କୋଟି ଯୁବତୀଯୁବକଙ୍କୁ ଚାକିରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହାର ନିଷ୍ଠୁର ବାସ୍ତବତା ଯୁବତୀଯୁବକ ଏବଂ ତାଙ୍କ ହତଭାଗ୍ୟ ମାତାପିତା ଅଙ୍ଗେ ନିଭାଉଛନ୍ତି। ଏପରି କି ପକୁଡିବାଲାଙ୍କୁ ନିଯୁକ୍ତି ପରିସରକୁ ଆଣି ସରକାର ରୋଜଗାର ସୁଯୋଗର ଯେଉଁ ନୂଆ ପରିଭାଷା ସୃଷ୍ଟି କଲେ, ତାହା ହାସ୍ୟାସ୍ପଦ ଓ ଲଜ୍ଜାଜନକ। ପ୍ରତ୍ୟେକ ଯୁବ ନାଗରିକଙ୍କ ଆଗରେ ସକାରାତ୍ମକ ଉପାୟରେ ଅର୍ଥ ଉପାର୍ଜନର ସମ୍ଭାବନା ଥିଲେ ସେ ଲକ୍ଷ୍ୟଭ୍ରଷ୍ଟ ହେବେନାହିଁ। ଯଦି ରାଷ୍ଟ୍ର ଯୁବଶକ୍ତିଙ୍କ ପାଇଁ ଚାକିରି ବା ଔଦ୍ୟୋଗିକ ନିଯୁକ୍ତି ସୃଷ୍ଟି କରିବାକୁ ସମର୍ଥ ହେବନାହିଁ, ସେମାନେ ହୁଏତ ଆତଙ୍କବାଦୀ ସଙ୍ଗଠନଗୁଡ଼ିକର ବିଭିନ୍ନ ପ୍ରଲୋଭନର ଶିକାର ହୋଇ ବଞ୍ଚି ରହିବାକୁ ବାଧ୍ୟ ହେବେ। ଆଜିର 'ବେକାରି' ସରକାର ଓ ସମାଜ ପାଇଁ ଏକ ସତର୍କ ଘଣ୍ଟି। ସମାଧାନରେ ବିଳମ୍ବ ହେଲେ ବିସ୍ଫୋରଣ ଅବଶ୍ୟମ୍ଭାବୀ।

ମୋ-୯୪୩୮୧୮୬୨୨୬

## ଏଇ ଭାରତରେ

କନ୍ୟାକୁ ଦେଖି ବେଦି ଉପରେ ନିଜର ଡ୍ରେସ୍ ଚିରି ନାକ ଘଷିଲେ ବର। ବିହାରର ଫୁଲୱାରି ଥାନା ଅନ୍ତର୍ଗତ ବ୍ରହ୍ମପୁର ଗାଁରେ ଦେଖିବାକୁ ମିଳିଛି ଏପରି ଅଭାବନୀୟ ଘଟଣା। ଏହି ଗାଁରେ କାମେଶ୍ୱର ସିଂଙ୍କ ଝିଅ ବାହାଘର ହେଉଥିଲା। ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ପାଖ ଗାଁରୁ ବର ମଧ୍ୟ ଠିକ୍ ସମୟରେ ଆସି ପହଞ୍ଚିଯାଇଥିଲେ। ତେବେ ବେଦି ଉପରେ ବରଣମାଳା ବିନିମୟବେଳେ ସବୁ ଓଲଟପାଲଟ ହୋଇଯାଇଥିଲା। ବର ମାଳା ପିନ୍ଧାଇବା ପୂର୍ବରୁ କନ୍ୟାଙ୍କ କୁତ୍ସିତ ରୂପ ଦେଖି ନିଜକୁ ସମ୍ଭାଳି ପାରି ନ ଥିଲେ। ସେ ତୁରନ୍ତ ତାଙ୍କ ପିନ୍ଧା ଡ୍ରେସ୍ ଚିରି ପକାଇବା ସହ ବେଦି ଉପରେ ନାକ ଘଷିବା ଦେଖିବାକୁ ମିଳିଥିଲା। ତେବେ କେହି କିଛି ବୁଝିବା ପୂର୍ବରୁ କୌଣସି ବ୍ୟକ୍ତି ଏ ସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଆସି ବର ଓ ତାଙ୍କ ପିତାଙ୍କୁ ଥାନାକୁ ନେଇଯାଇଥିଲା। ଏହାପରେ କନ୍ୟା ଉକ୍ତ ବରଙ୍କୁ ବିବାହ କରିବାକୁ ସିଧା ସିଧା ମନା କରି ଦେଇଥିଲେ। କନ୍ୟା ଅଭିଯୋଗ କରିଥିଲେ, ବର ହେଉଛନ୍ତି ଜଣେ ପାଗଳ। ହେଲେ ବର ପିତା କହିଥିଲେ ଯୌତୁକ ପାଇଁ କନ୍ୟାଘର ବାହାଘର ଭାଙ୍ଗି ଦେଇଛନ୍ତି। ଏବେ ଘଟଣାର ତଦନ୍ତ ଚାଲିଥିବା ବେଳେ ବର ଶିଶୁପାଳ ହୋଇ ଫେରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

ହମା ରବ ଛାଡି ଛୁଆକୁ ଆଗରେ ଚାହିଁ
ଫେରୁଥିବ ପରା ଗୋଠୁଁ ତା'ର କାଳୀଗାଇ।
କେଉଁ ରମଣୀର ନୟନ ତାହାରି ପଥ
ଚାହିଁ ଚାହିଁ ପୁଣି ଫେରୁଥିବ ଅବିରତ।
ପରିଚିତ କେଉଁ ରୂପ ସେ ଦେଖିବା ଲାଗି
କୋଳେ ଶିଶୁ ଧରି ଚାହିଁଥିବ ଅନୁରାଗୀ,
ପାହାଡ଼ ଉପରେ ପରିଚିତ କଳା ଛାଇ
ଦେଖିବାକୁ ପରା ରହିଥିବ ପଥ ଚାହିଁ!

(ଏହି ଯେ ପାହାଡ଼)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | B | | | | | | | | | | 0 |
| | | | E | 2 | C | 0 | | | | | | 9 | | |
| 6 | | | 0 | | | 9 | | 7 | | D | | | | 5 |
| | 4 | C | | 1 | 9 | 3 | 6 | | | | | 2 | | |
| | | | | | | | | | 7 | 0 | 9 | B | | C |
| A | 3 | 9 | | 0 | | | | 2 | D | | | C | | B |
| | | 7 | 3 | | | 4 | | | C | | 8 | | 6 | |
| | | 2 | | 6 | | C | | | | 9 | 0 | | | |
| | | D | | | E | | | | | | 3 | | 4 | |
| | | 1 | | A | | | | | B | | E | 7 | | |
| | 5 | | | | | 7 | | | | | B | | 3 | 2 |
| | | 8 | | | 2 | | | | | | | | | 4 |
| | | | | | 5 | | 0 | E | | 7 | 2 | | | |
| E | | | | | | 8 | | | | 5 | | | | 6 |
| D | B | 3 | | | 6 | 5 | | | | 4 | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | E | 5 | 6 | 8 | C | D | 1 | 0 | 2 | A | 7 | 3 | 9 | B |
| 6 | 8 | 7 | 5 | 0 | 2 | C | E | A | 9 | 3 | B | D | 4 | 1 |
| 2 | 9 | C | 4 | D | B | 3 | 7 | 6 | 1 | 0 | E | A | 8 | 5 |
| 3 | A | D | 9 | E | 1 | 5 | 4 | B | C | 6 | 8 | 7 | 0 | 2 |
| 1 | 0 | B | A | 7 | 3 | 9 | 8 | 2 | 5 | 4 | D | E | C | 6 |
| 9 | 5 | A | 8 | C | 6 | 4 | 3 | 7 | D | B | 2 | 1 | E | 0 |
| 7 | 2 | 4 | 1 | A | 9 | 0 | 6 | D | 3 | E | 5 | C | B | 8 |
| B | 3 | 8 | D | 2 | 7 | A | 5 | E | 0 | 1 | C | 4 | 6 | 9 |
| C | D | E | 0 | B | 5 | 8 | 9 | 1 | 4 | 7 | 6 | 2 | 3 | A |
| 0 | 6 | 1 | E | 3 | 4 | 2 | B | C | 8 | 9 | A | 5 | 7 | D |
| A | C | 3 | 2 | 9 | 0 | 7 | D | 8 | 6 | 5 | 4 | B | 1 | E |
| D | 4 | 0 | C | 1 | E | 6 | A | 3 | B | 2 | 9 | 8 | 5 | 7 |
| 5 | B | 2 | 3 | 4 | A | E | 0 | 9 | 7 | 8 | 1 | 6 | D | C |
| E | 1 | 6 | 7 | 5 | 8 | B | C | 4 | A | D | 0 | 9 | 2 | 3 |
| 8 | 7 | 9 | B | 6 | D | 1 | 2 | 5 | E | C | 3 | 0 | A | 4 |

ଗତକାଲିର ଉତ୍ତର

# ଉତ୍ତରାଧିକାରୀର ଔଦ୍ଧତ୍ୟ



ଡ. ସୁବାସ ଚନ୍ଦ୍ର ପାତ୍ର

ନିଜର ପୂର୍ବଜ, ପୂର୍ବାଧିକାରୀ ବା ପୂର୍ବସୂରିଙ୍କୁ ଉପହାସ କରିବା, ସେମାନଙ୍କ ଅବଦାନକୁ ଅସ୍ୱୀକାର କରିବା, ସେମାନଙ୍କୁ ଲୋକଲୋଚନରେ ଗୌଣ କରି ତୋଳିବା ମଣିଷର ଏକ ସହଜାତ ଗୁଣ। ସାଂପ୍ରତିକ ସ୍ଥିତିରେ ଏହା ଅତି ଉତ୍କଟ, ଦୃଶ୍ୟମାନ ଓ ଚର୍ଚ୍ଚିତ ହେଲାଣି। ଏ ପ୍ରକାର ଏକ ଅଭାବନୀୟ ପରମ୍ପରା ପାରିବାରିକ, ସାମାଜିକ, ସାରସ୍ୱତ କ୍ଷେତ୍ରରେ ଦେଖାଯାଏ। ତେବେ ସବୁଠୁ ଦୁଃଖ ଦିଏ ପ୍ରଶାସନିକ ଓ ରାଜନୈତିକ ମହଲରେ ଏହାର ପ୍ରତିଫଳନ।

ପ୍ରଖ୍ୟାତ କବି ଆଲେକ୍‌ଜାଣ୍ଡର ପୋପ୍ ପାରିବାରିକ ତଥା ସାମାଜିକ ସ୍ତରରେ ଏ ପ୍ରକାର ମନୋଭାବକୁ ବ୍ୟଙ୍ଗ କରିବାକୁ ଯାଇ ଯେଉଁ ପଂକ୍ତିଯୁଗଳ ରଚନା କରିଥିଲେ ତା'ର ସାରମର୍ମ ହେଲା, "ଆମେ ଏଡ଼େ ବିଜ୍ଞ ଯେ ଆମ ବାପାଙ୍କୁ ନିର୍ବୋଧ ଭାବୁଁ; ଏହା ନିଃସନ୍ଦେହ ଯେ ଆମର ବିଜ୍ଞତମ ପିଲାମାନେ ଆମକୁ ସେଇଆ ହିଁ ଭାବିବେ।" (ୱି ଥିଙ୍କ୍ ଆୱାର ଫାଦର୍ସ ଫୁଲ ସୋ ୱାଇଜ୍ ୱି ଗ୍ରୋ; ଆୱାର ୱାଇଜେଷ୍ଟ ସନସ୍ ୱିଲ୍ ନୋ ଡାଉଟ୍ ଥିଙ୍କ୍ ଅସ୍ ସୋ)। ପୂର୍ବଜଙ୍କୁ ଉପହାସ କଲାବେଳେ ମଣିଷ ଭୁଲିଯାଏ ସେ ତାଙ୍କ ସମୟ ତଥା ପରିସ୍ଥିତିର ସୃଷ୍ଟି। ତେଣୁ ଶିକ୍ଷା, ଦୀକ୍ଷା, ପାରଦର୍ଶିତା କ୍ଷେତ୍ରରେ ତାଙ୍କର ସୀମିତତା ଥିବ। ଫକୀରମୋହନଙ୍କ 'ଡାକମୁନ୍‌ସୀ' ଗଳ୍ପରେ ପୁଅ ଗୋପାଳ ସିଂହର ବାପା ହରି ସିଂହଙ୍କ ପ୍ରତି ଦୁର୍ବ୍ୟବହାରର ମୂଳ ଉତ୍ସ ଥିଲା ମନସ୍ତାତ୍ତ୍ୱିକ– ଅପାଠୁଆ ବାପାଙ୍କୁ ନିର୍ବୋଧ ଭାବି ହେୟଜ୍ଞାନ କରିବା। ତେବେ ଶିକ୍ଷା ସହ ମାନବିକ ଗୁଣାତ୍ମକତାର କି ସଂପର୍କ? ଉଚ୍ଚଶିକ୍ଷିତ ଗୋପାଳ ସିଂହମାନେ କହିପାରିବେ କି ଅଳ୍ପ ଶିକ୍ଷିତ ବା ଅଶିକ୍ଷିତ ହରି ସିଂହମାନଙ୍କଠୁ ସେମାନେ ଉଚ୍ଚତର, ମହତ୍ତର ମଣିଷ? ପାରିବାରିକ ପୂର୍ବଜମାନଙ୍କ ପ୍ରତି ଅବଜ୍ଞା ସାମାଜିକ ସ୍ତରକୁ ସଂକ୍ରମିତ ହୁଏ ଏବଂ ସାଧାରଣ ଭାବରେ ନବଶିକ୍ଷିତ ଯୁବତୀଯୁବକମାନଙ୍କର ବୟସ୍କ ଅଭିଭାବକମାନଙ୍କ ପ୍ରତି ହତାଦର ସବୁଠୁ ଯନ୍ତ୍ରଣାଦାୟକ ଲାଗେ ଯେତେବେଳେ ସେମାନେ ବରିଷ୍ଠମାନଙ୍କର ସଂସ୍କାର, ସମାଜ ନିର୍ମାଣ ପାଇଁ ତ୍ୟାଗ, ବଦାନ୍ୟତାକୁ ତଥାକଥିତ ଶିକ୍ଷାର ମାପକାଠିରେ ତଉଲି ସେମାନେ ସମ୍ମାନାସ୍ପଦ ନୁହନ୍ତି ବୋଲି ଭାବି ନିଅନ୍ତି।

ଅନୁରୂପ ଦୃଶ୍ୟ ଦେଖିବାକୁ ମିଳେ କୌଣସି ଅନୁଷ୍ଠାନ ବା ଗୁରୁତ୍ୱପୂର୍ଣ୍ଣ ପଦବୀରେ ଯୋଗ ଦେଇଥିବା ଅଧିକାରୀମାନଙ୍କର ପୂର୍ବାଧିକାରୀମାନଙ୍କ ପ୍ରତି ଥିବା ଦୃଷ୍ଟିଭଙ୍ଗୀରେ। କାର୍ଯ୍ୟରେ ଯୋଗ ଦେଉ ନ ଦେଉଣୁ ଆଗେ ଆରମ୍ଭ ହୁଏ ପୂର୍ବାଧିକାରୀମାନଙ୍କ ସମୟରେ କ'ଣ ହୋଇ ନାହିଁ, କ'ଣ ସବୁ ସେ ଛାଡ଼ି ଯାଇ ନାହାନ୍ତି। ସେମାନଙ୍କ ଅବଦାନକୁ ନ ଦେଖିବାର ବା ସ୍ୱୀକାର ନ କରିବାର ଅଭିନୟ କରି ସେମାନେ ନିଜର ଗୁରୁତ୍ୱ ବଢ଼େଇବାକୁ ଚେଷ୍ଟା କରନ୍ତି ଏବଂ ନିଜେ କେଡ଼େ କାର୍ଯ୍ୟଦକ୍ଷ, ବିଜ୍ଞ ଓ ପାରଙ୍ଗମ ଏବଂ କି ପ୍ରକାର ସ୍ୱର୍ଣ୍ଣିମ ଯୁଗ କର୍ମଚାରୀମାନଙ୍କୁ ଅପେକ୍ଷା କରିଛି ତା'ର ସଂକେତ ଦେବା ସହିତ ସେମାନେ ବୋଧହୁଏ ଧରି ନିଅନ୍ତି ଅନ୍ୟର ବଦନାମ ନିଜର ସୁନାମ ବୃଦ୍ଧିର ଏକମାତ୍ର ମାର୍ଗ।

ଦୁର୍ଭାଗ୍ୟର କଥା କଳା ଓ ସାହିତ୍ୟ ଜଗତରେ ସମଧର୍ମା ପୂର୍ବଜଙ୍କୁ ଚାପୁଡ଼ା ମାରି ନିଜର ବୈଶିଷ୍ଟ୍ୟ ପ୍ରଦାନ କରିବାକୁ ଚେଷ୍ଟା କରାଯାଏ। ଏ ପ୍ରକାର ମନୋଭାବରୁ ବଡ଼ ବଡ଼ ଲେଖକ ଓ କଳାକାର ବାଦ୍ ପଡ଼ନ୍ତି ନାହିଁ। ପ୍ରଖ୍ୟାତ ରୁଷୀୟ ଲେଖକ ଟଲ୍‌ଷ୍ଟୟଙ୍କ ଉକ୍ତି ଉପରେ ନଜର ପକାଇଲେ ସମସ୍ୟାଟି କେଡ଼େ ଦୁର୍ବିଷହ ଜଣାପଡ଼ିବ। ଏକଦା ଟଲ୍‌ଷ୍ଟୟ ତାଙ୍କର ସମସାମୟିକ ବିଖ୍ୟାତ ଲେଖକ ଆଣ୍ଟନ୍ ଚେକୋଭଙ୍କୁ କହିଥିଲେ, "ମୁଁ ଭାବୁଥିଲି ତୁମେ ଜଣେ ବଡ଼ ଲେଖକ ହେବ। କିନ୍ତୁ ଦେଖୁଛି ତୁମେ ସେକ୍ସପିୟରଙ୍କଠୁ ଆହୁରି ଖରାପ ଲେଖୁଛ।" ଅର୍ଥାତ୍ ବିଶ୍ୱର ସର୍ବଶ୍ରେଷ୍ଠ କବି ଓ ନାଟ୍ୟକାର ସେକ୍ସପିୟର ଜଣେ ଖରାପ ଲେଖକ ଏବଂ ଚେକୋଭ ତାଙ୍କଠୁ ହୀନ! ଅନ୍ୟ ଜଣେ ଲେଖକ ବିଷୟରେ ତାଙ୍କର ମତ ଥିଲା, "ସେ ଆତ୍ମହତ୍ୟା ନ କରି କାହିଁକି ଲେଖୁଛନ୍ତି?" ଦୁଃଖର କଥା ପରବର୍ତ୍ତୀ ସମୟରେ ଆବିର୍ଭୂତ ଲେଖକମାନେ ସେମାନଙ୍କ ପୂର୍ବଜ ଲେଖକମାନଙ୍କର ସମୟ ତଥା ସମାଜକୃତ ସୀମିତତାର ଅନୁଧ୍ୟାନ କରନ୍ତି ନାହିଁ। ଅହଂକାରର ଅନ୍ଧକାରରେ ସେମାନେ ନିଜ ଛଡ଼ା ଆଉ କାହାକୁ ଦେଖି ପାରନ୍ତି ନାହିଁ। ସେଇଥିପାଇଁ ସାରସ୍ୱତ ଗୁଣବତ୍ତା ସହିତ ଐତିହାସିକ ଦାୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଅର୍ଥାତ୍ କିଛି ନ ଥାଇ କିଛି ଗୋଟିଏ ସୃଷ୍ଟି କରିବା, ବହୁତ ଥାଇ କ'ଣ ଗୋଟିଏ ସୃଷ୍ଟି କରିବାଠୁ ଗୌଣ ନୁହେଁ।

ଫକୀରମୋହନଙ୍କ ପ୍ରସଙ୍ଗରେ ମନୋଜ ଦାସ କହନ୍ତି, "ଫକୀରମୋହନଙ୍କ ପରେ ଅନେକ ଲେଖକ ଆସିଛନ୍ତି ବା ଆସିବେ ଯେଉଁମାନେ ତାଙ୍କଠୁ ଅଧିକ ଭଲ ଗଳ୍ପ ବା ଉପନ୍ୟାସ ଲେଖିଛନ୍ତି ବା ଲେଖିବେ, ତେବେ ଫକୀରମୋହନ ଏଇଥିପାଇଁ ଅନତିକ୍ରମଣୀୟ ଯେ ତାଙ୍କ ଆଗରେ ଉଦାହରଣ ନ ଥିଲା।" ତାଙ୍କ ଆଗରେ ଓଡ଼ିଆ କଥାସାହିତ୍ୟର ପୁଞ୍ଜି ବା ମୂଳଦୁଆ ନ ଥିଲା। ସେ ହିଁ ସେ ପୁଞ୍ଜିର ମଞ୍ଜି, ସେ ହିଁ ମୂଳଦୁଆ। ପରବର୍ତ୍ତୀ କଥାସାହିତ୍ୟ ଭିନ୍ନଭଙ୍ଗୀରେ ଫକୀରମୋହନ କଥାସାହିତ୍ୟର ଏକ ବିକଶିତ ରୂପ।

ରାଜନୈତିକ କ୍ଷେତ୍ରରେ ପୂର୍ବସୂରୀମାନଙ୍କୁ ଅହରହ 'ହତ୍ୟା' କରାଯାଏ। ଏବେ ନେହେରୁ-ହନନର ଯୁଗ। ଏବେ କିଛିଲୋକ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କୁ ରାତିଦିନ ଖିନ୍‌ଭିନ୍ କରୁଛନ୍ତି। ନେହେରୁଙ୍କ ମୃତ୍ୟୁକୁ ହେଲାଣି ୫୫ବର୍ଷ। ପାଞ୍ଚ ଦଶନ୍ଧି ପୂର୍ବରୁ ଇହଧାମ ତ୍ୟାଗ କରିଥିବା ଜଣେ ପ୍ରଧାନମନ୍ତ୍ରୀ କ'ଣ କରିଥିଲେ, କ'ଣ କରିପାରି ନ ଥିଲେ ତାକୁ ନେଇ ମାଳା ଜପିବା ପରିବର୍ତ୍ତେ ବରଂ ଆମେ ଏବେ କ'ଣ କରିପାରିବା ତାକୁ ନେଇ ଚିନ୍ତା କରିବା ଉଚିତ। ଯଦି ୫୦/୬୦ ବର୍ଷ ତଳେ ମୃତ୍ୟୁବରଣ କରିଥିବା ଜଣେ ପ୍ରଧାନମନ୍ତ୍ରୀଙ୍କ ଶବକୁ ଟାଣିଓଟାରି ଆମେ ଆମର ଗୁରୁତ୍ୱ ପ୍ରତିପାଦନ କରିବାକୁ ଚାହୁଁ, ତା'ହେଲେ ଦିନ ଆସିବ କୌଣସି ଶାସନମୁଖ୍ୟ ଅଶୋକ ବା ଆକବରଙ୍କ ବିଫଳତାକୁ ନିଜର ମନ୍ଥର ପ୍ରଗତିର କାରଣ ହିସାବରେ ଉପସ୍ଥାପନ କରିବେ। ପୂର୍ବସୂରୀମାନଙ୍କୁ ପ୍ରହାର ଆଳରେ ଏମିତି ଚିତ୍ର ପ୍ରଦାନ କରାଯାଏ ଯେମିତି ଆମ ଦେଶରେ ରାସ୍ତାଘାଟ, ରେଳଲାଇନ, ନଦୀବନ୍ଧ, ବେତାରକେନ୍ଦ୍ର, ଟେଲି ଯୋଗାଯୋଗ, ଉପଗ୍ରହ ପ୍ରକଳ୍ପ, ଯୁଦ୍ଧ ବିମାନ, ଉଚ୍ଚତର ଶିକ୍ଷାନୁଷ୍ଠାନ, ବିମାନବନ୍ଦର, ବନ୍ଦର ଇତ୍ୟାଦି କିଛି ନ ଥିଲା। ଉତ୍ତରାଧିକାର ସୂତ୍ରରେ ଆମେ କେବଳ ମରୁଭୂମିଟିଏ ପାଇଥିଲୁ, ଯାହାକୁ ବିକଶିତ କରି ଆମେ ଏହି ରୂପକୁ ଆଣିଛୁ। ବାଛି ବାଛି ନିଜର କଳ୍ପିତ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କ ଛାଇକୁ ହତ୍ୟା କରିବା ପରିବର୍ତ୍ତେ ରାଜନୈତିକ ଆଦର୍ଶ ନିର୍ବିଶେଷରେ ଯଦି ଆମର ସମସ୍ତ ପୂର୍ବସୂରୀଙ୍କର କିଛି କିଛି ଅବଦାନ ଓ ଭଲଗୁଣକୁ ସ୍ୱୀକାର ତଥା ସ୍ମରଣ କରି ନିଜର କାର୍ଯ୍ୟଶୈଳୀକୁ ପରିବର୍ଦ୍ଧିତ କରିପାରନ୍ତେ, ରାଷ୍ଟ୍ରର ମଙ୍ଗଳ ହୁଅନ୍ତା। ପୂର୍ବଜ ବା ପୂର୍ବସୂରୀ ଆମର ପ୍ରତିବନ୍ଧକ ନୁହନ୍ତି। ସେମାନଙ୍କର ସଫଳତା ଆମ ପାଇଁ ପ୍ରେରଣା, ସେମାନଙ୍କର ବିଫଳତା ଆମ ପାଇଁ ଶିକ୍ଷା ସଦୃଶ। କିନ୍ତୁ ସେମାନଙ୍କୁ ଅପମାନିତ କରି, ପ୍ରହାର କରି ଆମେ ଆମର ଅହଂକାର ଜାହିର କରୁ ସିନା, ଏହାଦ୍ୱାରା ସମାଜ ବା ରାଷ୍ଟ୍ରର କିଛି ମଙ୍ଗଳ ହୁଏ ନାହିଁ। କେବଳ ଉତ୍ତରାଧିକାରୀର ଔଦ୍ଧତ୍ୟ ହିଁ ସାବ୍ୟସ୍ତ ହୁଏ।

ପୂର୍ବତନ ଅଧକ୍ଷ, ଜେଲ ରୋଡ଼, ବାଲେଶ୍ୱର,
ମୋ-୯୪୩୭୩୭୬୨୧୯,
subashbls56@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ବିଦ୍ୟୁତ୍‌କାଟ କାହିଁକି

ମହାଶୟ,

ଫନୀ ବାତ୍ୟା ପରେ ଦୀର୍ଘଦିନ ଧରି ଲାଇନ ରହିଲା ନାହିଁ। ଏବେ ବି ଅନେକ ଅଞ୍ଚଳକୁ ଲାଇନ ଆସିନାହିଁ। ଯେଉଁ ଅଞ୍ଚଳକୁ ଲାଇନ ଆସିଛି, ସେଠାରେ ଘନ ଘନ ବିଦ୍ୟୁତ୍‌କାଟ ହେଉଛି। ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ୍‌ର କବାଟବନ୍ଧ ଏବଂ ଆରୁହା ଫିଡରରେ ମନମୁଖି ଭାବେ ବିଦ୍ୟୁତ୍‌କାଟ ହେଉଛି। ଏହା କେବଳ ଗୋଟିଏ ଅଞ୍ଚଳର ଦୃଷ୍ଟାନ୍ତ। ସାରା ଓଡିଶା ଏହି ଯନ୍ତ୍ରଣା ଓ ସମସ୍ୟାରେ ବିବ୍ରତ, ବିଚଳିତ। ସରକାର ଫନୀ ପରେ ଉପୁଜିଥିବା ଦୁର୍ବିଷହ ପରିସ୍ଥିତିରୁ ଅନ୍ତତଃ ଲୋକଙ୍କୁ ଟିକେ ଶାନ୍ତିରେ ବଞ୍ଚିବା ପାଇଁ ବିଦ୍ୟୁତ୍ ସେବା ଟିକକ ଦେଲେ ଅସୁବିଧା କ'ଣ?

ସୁଧାଂଶୁ କୁମାର ବିଶ୍ୱାଳ, ଗଡ଼ମଧୁପୁର, ଯାଜପୁର

### ପାଠଶୂନ୍ୟ ଶିକ୍ଷା

ସମଗ୍ର ଦେଶରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ପାଠ ନ ପଢି ପରୀକ୍ଷା ଦେବା ଓ ଅସାଧୁ ଉପାୟ ଅବଲମ୍ବନ କରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଏକ ସାଧାରଣ ଘଟଣା ହୋଇଗଲାଣି। ଅଧିକାଂଶ ଛାତ୍ରୀଛାତ୍ର ବିନା ପାଠରେ ସାର୍ଟିଫିକେଟ ହାସଲ କରୁଛନ୍ତି। ଶିକ୍ଷା ବିଭାଗ ଓ ପ୍ରଶାସନ ଏହାକୁ ରୋକିବାରେ ଅସମର୍ଥ। ଗୋଟିଏ ଉଦାହରଣ ଦେଲେ କଥାଟି ସ୍ପଷ୍ଟ ହୋଇଯିବ। ଗତବର୍ଷ ଜୁଲାଇରେ ଗୋଆରେ ୮୦ଟି ହିସାବ ରକ୍ଷକ ପଦବୀ ପାଇଁ ୮୦୦୦ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ପୂର୍ଣ୍ଣସଂଖ୍ୟା ଥିଲା ୧୦୦। ପାସ୍ ନମ୍ବର ୫୦ ରଖାଯାଇଥିଲା। ମାତ୍ର ଜଣେ ହେଲେ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇପାରି ନ ଥିଲେ। ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ନ ଆଣିଲେ ଏପରି ଦୁଃସ୍ଥିତି ଲାଗି ରହିଥିବ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୧୬ ମେ ୧୯୯୪

- ରୁଆଣ୍ଡାରେ ଚାଲିଥିବା ଗୃହଯୁଦ୍ଧକୁ ନିୟନ୍ତ୍ରଣ କରିବା ପାଇଁ ଜାତିସଂଘ ନିରାପତ୍ତା ପରିଷଦ ଆହୁରି ୫୫୦୦ ସୈନ୍ୟ ପଠାଇବାକୁ ଏକ ପ୍ରସ୍ତାବ ଗ୍ରହଣ କରିଥିବା ଜଣାପଡିଛି।
- ଓଡ଼ିଶା-ପଶ୍ଚିମବଙ୍ଗ ସୀମା ସମସ୍ୟା ସମାଧାନ ପାଇଁ ଦୁଇ ରାଜ୍ୟର ଅଫିସରସ୍ତରୀୟ ଆଲୋଚନା ଆରମ୍ଭ।

## ସଂକ୍ଷେପରେ

### ୫୦ ହଜାର ଦେଲା ନାରାୟଣୀ କଲେଜ




ବଅଁରପାଳ, ୧୫।୫(ଡି.ଏନ.ଏ.)- ବଅଁରପାଳ ସ୍ଥିତ ନାରାୟଣୀ ଇନଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ପକ୍ଷରୁ ବାତ୍ୟା ଫନୀ କ୍ଷତିଗ୍ରସ୍ତଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଅନ୍‌ଲାଇନରେ ଏହି ଟଙ୍କା ପଠାଯାଇଥିବା କଲେଜ ପରିଚାଳନା କମିଟି ଅଧ୍ୟକ୍ଷ ତନ୍ମୟ କର ଓ ସମ୍ପାଦକ ବିଭୁଦେନ୍ଦ୍ର ବଳ ସୂଚନା ଦେଇଛନ୍ତି।

### କଳାକାର ପକ୍ଷରୁ ଶୋକସଭା



ଅନୁଗୋଳ ଅଫିସ, ୧୫।୫- ଅନୁଗୋଳ କଳାକାରର ବରିଷ୍ଠ ସଦସ୍ୟ ଜୟକୃଷ୍ଣ ସାହୁ(ଜୟୀ)ଙ୍କ ଗତ ୧୪ ତାରିଖରେ ତାଙ୍କ ବାସଭବନରେ ଅକାଳ ବିୟୋଗ ଘଟିଛି। ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ବୁଧବାର ଅପରାହ୍ନରେ କଳାକାର ପରିବାର ପକ୍ଷରୁ ଚନ୍ଦନନଗରର ସ୍ଥିତ କଳାକାର ଭବନରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। କଳାକାରର ସଭାପତି ଭୂପେଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସେ ଜଣେ କଳାପ୍ରେମୀ, ନାଟ୍ୟପ୍ରେମୀ, ହାସ୍ୟ ଅଭିନେତା ତଥା ସାମାଜିକ କର୍ମୀ ଭାବରେ କଳାକାର ପରିବାରର ଅତି ଆପଣାର ଥିଲେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ସମ୍ପାଦକ ବିଭୂତି ଭୂଷଣ ମହାପାତ୍ର ଓ ସଦସ୍ୟ ବୀରେନ୍ଦ୍ର କୁମାର ପ୍ରଧାନ, ସୁବାସ ବିଶ୍ୱାଳ, ରଞ୍ଜନ ବେହେରା, ରୁଚିର ବରାଳ, କାମାକ୍ଷା ଜେନା, ପ୍ରଶାନ୍ତ ରଥ, ଅଜୟ ସାହୁ, ବିଜେନ୍ଦ୍ର ସାମଲ, ପ୍ରଦୀପ୍ତ ଭୂତିଆ, ଅନୀଲ ସ୍ୱାଇଁ, ପ୍ରଫୁଲ୍ଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କଠାରୁ ଲୁଟ୍

କଣିହାଁ, ୧୫।୫(ଡି.ଏନ.ଏ.)- ସମଲ ଥାନା କୁଲେଇ ହାଟ ନିକଟରେ ବୁଧବାର କୁଲେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଝରଣା ନାଏକଙ୍କଠାରୁ ଟଙ୍କା ଓ ସୁନାଗହଣା ଲୁଟ୍ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ୭୭/୧୯ରେ ଏକ ମାମଲା ରୁଜୁ କରିଛି। ଅଭିଯୋଗ ମୁତାବକ, ଝରଣା ନାଏକ, ପଞ୍ଚାୟତର ଚତୁର୍ଥ ଶ୍ରେଣୀ କର୍ମଚାରୀ ପ୍ରମୋଦ ସାମଲ ଓ ପଞ୍ଚାୟତ ନାଇଟ ୱାଚମ୍ୟାନ ଭରତ ସାମଲ କୁଲେଇ ହାଟରୁ ମାହାସୁଲ ସଂଗ୍ରହ କରି ଫେରୁଥିବା ବେଳେ ହାଟ ନିକଟରେ ହଠାତ ୩ ଜଣ ଯୁବକ ଏକ ପଲସରରେ ଆସିଥିଲେ। ଦୁର୍ବୃତ୍ତମାନେ ମୁହଁରେ ଗାମୁଛା ଘୋଡ଼େଇ ହୋଇଥିଲେ। ପରେ ସେମାନେ ଭୁଜାଲି ଓ ରିଭଲଭର ଦେଖାଇ ୩୩, ୫୦୦ ଟଙ୍କା, ନିର୍ବାହୀ ଅଧିକାରୀଙ୍କ ବ୍ୟକ୍ତିଗତ ୬,୫୦୦ ଟଙ୍କା, ବେକରେ ପିନ୍ଧିଥିବା ୧୮ ଗ୍ରାମର ସୁନାଚେନ, ରସିଦ ବହି, ସିଲ, ପର୍ସନାଲ ଡାଏରୀ ଆଦି ଲୁଟ୍ କରିଥିବା ଅଭିଯୋଗ ହୋଇଛି। ପ୍ରମୋଦ ଓ ପାଖରେ ଥିବା କୁଲେଇ ଗ୍ରାମର ଭ୍ରମରବର ସାମଲ ଲୁଟେରାଙ୍କ ଭୁଜାଲି ଆକ୍ରମଣରେ ଆହତ ହୋଇଛନ୍ତି। ସରପଞ୍ଚ ଅଧର ସାମଲ ତୁରନ୍ତ ଏନେଇ ସମଲ ଥାନାକୁ ସୂଚନା ଦେଇଥିଲେ।

### ମହିଳାଙ୍କୁ ମାଡ଼ମାରି ଜଣେ ଗିରଫ

ଆଠମଲ୍ଲିକ, ୧୫।୫(ଡି.ଏନ.ଏ.)- ଜଣେ ମହିଳାଙ୍କୁ ମାଡ଼ ମାରିବା ଅଭିଯୋଗରେ ଆଠମଲ୍ଲିକ ବ୍ଲକ କୁଟେଶ୍ୱର ଗ୍ରାମର ମଦନ ଦେହୁରୀଙ୍କୁ ପୋଲିସ ବୁଧବାର ଗିରଫ କରିଛି। ସ୍ଥାନୀୟ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇଦିଆଯାଇଛି। ଏ ସଂକ୍ରାନ୍ତରେ ନଂ ୪୫/୧୯ ରେ ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ମୁତାବକ, ଅନନ୍ତପାଲି ଗ୍ରାମର ଜଣେ ମହିଳା ମଙ୍ଗଳବାର ହାଟକୁ ସଉଦା କରିବାକୁ ଯାଉଥିବାବେଳେ ମଦନ ତାଙ୍କୁ କମେଣ୍ଟ ମାରିଥିଲେ। ମହିଳା ଜଣକ ପ୍ରତିବାଦ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଉତ୍‌କ୍ଷିପ୍ତ ହୋଇ ମଦନ ତାଙ୍କୁ ମାଡ଼ ମାରିବା ସହ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିବା ଥାନାରେ ଅଭିଯୋଗ ହୋଇଛି। ଉପସ୍ଥିତ ଲୋକେ ମଦନଙ୍କୁ ଅଟକାଇଥିଲେ। ଖବରପାଇ ଆଠମଲ୍ଲିକ ପୋଲିସ ତାଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା।

---

■ଅର୍ଥ ଅମଳ କରୁଛି ପୌରପାଳିକା

# ବସିବାଯୋଗ୍ୟ ନୁହେଁ ତାଳଚେର ବସ୍‌ଷ୍ଟାଣ୍ଡ

ତାଳଚେର,୧୫।୫(ନି.ପ୍ର.)



କଳାହୀରାର ସହର ତାଳଚେର। ଏଠାରେ ଅଛି ଏକାଧିକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ। ଅର୍ଥର ଆଦୌ ଅଭାବ ନାହିଁ କହିଲେ ଚଳେ। ଜିଲା ଖଣିଜ ପାଣ୍ଠି ଅର୍ଥ ବି ପଡ଼ିରହିଛି ବର୍ଷ ବର୍ଷ ଧରି। ତଥାପି ଅବହେଳିତ ହୋଇପଡ଼ିଛି ତାଳଚେର ବସ୍‌ଷ୍ଟାଣ୍ଡ। ଏଠାରୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ଅମଳ କରୁଛି ପୌରପାଳିକା। ହେଲେ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ନେଉନି ପର୍ଯ୍ୟାପ୍ତ ପଦକ୍ଷେପ। ପାନୀୟ ଜଳ ଠାରୁ ଶୌଚାଳୟ ଯାଏ ଭିତ୍ତିଭୂମି ଥାଇ ବି ସବୁକିଛି ପଡ଼ିଛି ଅଚଳ ଅବସ୍ଥାରେ। ଯାତ୍ରୀଙ୍କ ଅପେକ୍ଷାସ୍ଥଳରେ ଫ୍ୟାନଟିଏ ମଧ୍ୟ ଲଗାଇ ନାହାନ୍ତି କର୍ତ୍ତୃପକ୍ଷ। ଏହାକୁ ନେଇ ଯାତ୍ରୀମହଲରେ ସୃଷ୍ଟି ହୋଇଛି ତୀବ୍ର ଅସନ୍ତୋଷ।

୨୦୦୩ ନଭେମ୍ବର ୧୩ରେ ସମନ୍ୱିତ କ୍ଷୁଦ୍ର ଓ ମଧ୍ୟମ ସହର ଉନ୍ନୟନ ଯୋଜନାରେ ତାଳଚେର ବସ୍ ଟର୍ମିନାଲ, ମାର୍କେଟ କମ୍ପ୍ଲେକ୍ସ ଓ ଶୌଚାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ୨୦୦୫ ଅକ୍ଟୋବର ୧ରେ ଏହାର ଉଦ୍‌ଘାଟନ ହୋଇଥିଲା। ଏଠାକୁ ପ୍ରତ୍ୟହ ରାଜ୍ୟ ଓ ରାଜ୍ୟ ବାହାରୁ ୮୦ରୁ ୧୦୦ ବସ୍ ଯିବା ଆସିବା କରୁଛି। ଏହାକୁ ହିସାବକୁ ନେଲେ ଦୈନିକ ଚଳପ୍ରଚଳ ହେଉଥିବା ଯାତ୍ରୀଙ୍କ ସଂଖ୍ୟା ୮ରୁ ୧୦ ହଜାର ହେବ। ପୌର ପରିଷଦ ଏଠାରୁ ୩ ଲକ୍ଷ ଟଙ୍କା ବାର୍ଷିକ ପାର୍କିଂ ଫି ପାଉଛି। ଗତ ମାର୍ଚ୍ଚ ମାସରୁ ଏହାର ଟେଣ୍ଡର ସରିଯାଇଥିବାରୁ ପୌର କର୍ତ୍ତୃପକ୍ଷ ନିଜେ ପାର୍କିଂ ଫି ଆଦାୟ କରୁଛନ୍ତି। କିନ୍ତୁ ଏଠାରେ ଥିବା ଶୌଚାଳୟ ନା ବ୍ୟବହାର ଉପଯୋଗୀ ଅବସ୍ଥାରେ ଅଛି ନା ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କୁ ମିଳୁଛି ଥଣ୍ଡା ପାନୀୟଜଳ। ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ନ ଥିବା ବେଳେ ଚାରିଆଡ଼େ କୁଢ଼ କୁଢ଼ ଆବର୍ଜନା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଏଠାରେ ଏକ ଫାଣ୍ଡି ଥିଲେ ବି ବସ୍‌ଷ୍ଟାଣ୍ଡ ପରିସରରେ ସନ୍ଧ୍ୟାହେଲେ ମଦ୍ୟପ ଓ ଅସାମାଜିକମାନେ ଆଡ୍ଡା ଜମାଉଛନ୍ତି। ଦିନରେ ମଧ୍ୟ ରାସ୍ତା କଡରେ ଖୁଲମ୍‌ଖୁଲା ଭାବେ ଜୁଆଖେଳ ଚାଲୁଛି। ଦୀର୍ଘଦିନ ହେଲା ଏକ ଏଟିଏମ୍ ସ୍ଥାପନ ପାଇଁ ଦାବି ହେଉଥିଲେ ବି ତାହା ପୂରଣ ହେଉନାହିଁ। ଟିଟିପିଏସ୍ କର୍ତ୍ତୃପକ୍ଷ ୧୫ ଲକ୍ଷ ଟଙ୍କା ବ୍ୟୟରେ ଏକ ଶୌଚାଳୟ ପାଇଁ ଟେଣ୍ଡର କରି ସାରିଛନ୍ତି। କିନ୍ତୁ ପୌର କର୍ତ୍ତୃପକ୍ଷଙ୍କ ଅସହଯୋଗ ଯୋଗୁ ତାହା ହୋଇପାରୁ ନାହିଁ ବୋଲି ଅଭିଯୋଗ ହେଉଛି।

■ଯାତ୍ରୀଙ୍କୁ ମିଳୁନି ବିଶୁଦ୍ଧ ପିଇବା ପାଣି

■ବ୍ୟବହାର ଅବସ୍ଥାରେ ନାହିଁ ଶୌଚାଳୟ

■ଅପେକ୍ଷାସ୍ଥଳରେ ଲଗାଯାଇନି ଫ୍ୟାନ

■ଚାରିଆଡ଼େ ପୁଳା ପୁଳା ଆବର୍ଜନା



ବସ୍‌ଷ୍ଟାଣ୍ଡ ପରିସରରେ ଅଳିଆ ଆବର୍ଜନା ପଡ଼ିଛି।




ଅଚଳ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ।

## କ'ଣ କୁହନ୍ତି ଏମାନେ



"ପ୍ରତ୍ୟହ ପ୍ରାୟ ଶହେ ବସ୍ ଏଠାକୁ ଆସୁଛି। ଯାତ୍ରୀମାନଙ୍କ ପାଇଁ ସେଭଳି କୌଣସି ସୁବିଧା ନାହିଁ। ଖରାଦିନେ ପାଣି ଟୋପାଏ ଯାତ୍ରୀ ପାଉନାହାନ୍ତି। ଆଗରୁ ନାଇଟ୍ କୋଚ୍‌ଗୁଡ଼ିକ ବସ୍‌ଷ୍ଟାଣ୍ଡକୁ ଆସୁଥିଲା। କିନ୍ତୁ ଯାତ୍ରୀଙ୍କ ପାଇଁ କୌଣସି ସୁବିଧା ନ ଥିବାରୁ ତାହା ଆଉ ଆସୁନି।

- ଶ୍ରୀକାନ୍ତ ପାଣି, ବସ୍ ମାଲିକ ସଂଘ ସଭାପତି



"ତାଳଚେର ବସ୍‌ଷ୍ଟାଣ୍ଡରେ ପିଇବା ପାଣି ଏକ ବଡ଼ ସମସ୍ୟା। ଶୌଚାଳୟ କାର୍ଯ୍ୟକ୍ଷମ ନ ଥିବାରୁ ମହିଳା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆବର୍ଜନାମୟ ପରିବେଶ ଯାତ୍ରୀସେବାକୁ ବିପର୍ଯ୍ୟସ୍ତ କରିଦେଉଛି। ଯେଉଁଠି ଦେଖିବ କୁଢ଼ କୁଢ଼ ଅଳିଆ ଆବର୍ଜନା ଦୀର୍ଘଦିନ ହେଲା ପଡ଼ିରହିଛି।

-ଖୁଜାରୀ ବେହେରା, ଯାତ୍ରୀ



"ତାଳଚେରରେ ଉନ୍ନତୀକରଣ କାର୍ଯ୍ୟ ପାଇଁ ପ୍ରଶାସନ ଓ ପୌରପାଳିକା ନିକଟରେ ପର୍ଯ୍ୟାପ୍ତ ଅର୍ଥ ରହିଛି। ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନେ ବସିବା ସ୍ଥାନରେ ଫ୍ୟାନ ନାହିଁ। ଅନେକ ଲାଇଟ ଜଳୁନି। ବିଶେଷକରି ଏହା ଏକ ଅସୁରକ୍ଷିତ ସ୍ଥାନ ହୋଇଗଲାଣି କହିଲେ ଭୁଲ ହେବ ନାହିଁ।

-ବସନ୍ତ ପାତ୍ର, ଯାତ୍ରୀ



"ତାଳଚେର ବସ୍‌ଷ୍ଟାଣ୍ଡରେ ନାନା ଅବ୍ୟବସ୍ଥାକୁ ଅସ୍ୱୀକାର କରିଛନ୍ତି ତାଳଚେର ପୌର ଅଧିକାରୀ। ସେ କହିଛନ୍ତି, ବସ୍‌ଷ୍ଟାଣ୍ଡରେ ସମସ୍ତ ବ୍ୟବସ୍ଥା ରହିଛି। ଏ ବର୍ଷ ପାର୍କିଂ ପାଇଁ କେହି ଟେଣ୍ଡର ନେଇ ନାହାନ୍ତି। ପୌରପାଳିକା ପକ୍ଷରୁ ପ୍ରତ୍ୟେକ ଗାଡ଼ିରୁ ୧୦ ଟଙ୍କା ଲେଖାଁଏ ଆଦାୟ କରୁଛୁ।

-ଅତସି ପରିଡା, ନିର୍ବାହୀ ଅଧିକାରୀ

---

### ନଖ କାଟିବାବେଳେ କଟିଗଲା ଶିଶୁର ପେଟ



ପାଲଲହଡ଼ା, ୧୫।୫(ଡି.ଏନ.ଏ.)

ନଖ କାଟିବାବେଳେ ମା'ର ଅସାବଧାନତା ଯୋଗୁ ଏକ ୨ ମାସ ଶିଶୁକନ୍ୟାର ଅବସ୍ଥା ଗୁରୁତର ହୋଇପଡିଛି। ଶିଶୁଟିର ପେଟ କଟି ଅନ୍ତବୁଜୁଳା ବାହାରକୁ ବାହାରି ପଡିବାରୁ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ଅନୁଗୋଳ ଜିଲା ପାଲଲହଡ଼ା ଥାନା ଖଇରା ଗାଁରେ ବୁଧବାର ଏହି ଅଘଟଣ ଆଲୋଡନ ସୃଷ୍ଟି କରିଛି।

ଘଟଣାରୁ ଜଣାପଡିଛି, ଗାଁର ଦର୍ପଣୀ ଦେହୁରୀ ଏକ ବ୍ଲେଡ ଧରି ଶିଶୁ କନ୍ୟାର ନଖ କାଟୁଥିଲେ। ଅସାବଧାନତା ଯୋଗୁ ବ୍ଲେଡ୍‌ଟି ଶିଶୁଟିର ପେଟରେ ଜୋର୍‌ରେ ବାଜି ଯାଇଥିଲା। କ୍ଷତ ଏତେ ଗଭୀର ଥିଲା ଯେ ଶିଶୁକନ୍ୟାର ପେଟରୁ ଅନ୍ତବୁଜୁଳା ବାହାରି ପଡିଥିଲା। ତୁରନ୍ତ ପାଲଲହଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁକୁ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଖବର ଲେଖା ହେବା ସୁଦ୍ଧା ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି।

### କାଳବୈଶାଖୀରେ ବ୍ୟାପକ କ୍ଷତି

ଖୁଣ୍ଟା, ୧୫।୫(ଡି.ଏନ୍.ଏ)

କାଳବୈଶାଖୀ ଯୋଗୁ ଖୁଣ୍ଟା ଓ ଗୋପବନ୍ଧୁ ନଗର ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷତି ଘଟିଛି। ବିଭିନ୍ନ ସ୍ଥାନରେ ଗଛ ଉପୁଡି ପଡିଥିବାବେଳେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି। ପରିବା ଚାଷ ଓ ଟାଇଲ ଛପର ଘର କ୍ଷତିଗ୍ରସ୍ତ ହୋଇଛି। ଗୋପବନ୍ଧୁ ନଗର ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓଙ୍କ ସରକାରୀ କ୍ୱାର୍ଟର ଉପରେ ତାଳ ପଡିବାରୁ କ୍ୱାର୍ଟରଟି କ୍ଷତିଗ୍ରସ୍ତ ହୋଇଛି।

---

# ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଅନୁଗୋଳ ଅଫିସ, ୧୫।୫

ଅନୁଗୋଳସ୍ଥିତ ଆଦର୍ଶ ଇଣ୍ଟର ନ୍ୟାଶନାଲ ସ୍କୁଲର ଅଧ୍ୟକ୍ଷ ମହେଶ ଚନ୍ଦ୍ର ଧଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇ ଦିନ ଧରି ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳର ଅଗ୍ରଣୀ ଅନୁଷ୍ଠାନ ୟୁକୁବ ଟ୍ରେନିଂ ଏକାଡେମୀ ପକ୍ଷରୁ ଗୌରବ କୁମାର ଅଗ୍ରୱାଲା ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼ ଏହାକୁ ଉଦ୍‌ଘାଟନ କରିଥିଲେ। ଉପାଧ୍ୟକ୍ଷ ବିଜୟ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ସକ୍ରିୟ ଅଂଶଗ୍ରହଣ କରି କାର୍ଯ୍ୟକ୍ରମର ଗୁରୁତ୍ୱ ଉପଲବ୍ଧି କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ମାନସିକ ସ୍ତରରେ ନିଜେ ପ୍ରସ୍ତୁତ ରହି ଅନୁଷ୍ଠାନର ଭବିଷ୍ୟତ ଓ ଏହାର ଉନ୍ନତି ପାଇଁ ଯତ୍ନବାନ ହେବା ପାଇଁ ପ୍ରଶିକ୍ଷଣ ମାଧ୍ୟମରେ ପରାମର୍ଶ ଦିଆଯାଇଥିଲା।

# ଏମ୍‌ସିଏଲ୍ ପଠାଇଲା ଟାର୍ପୋଲିନ



ତାଳଚେର,୧୫।୫(ନି.ପ୍ର.)

ତାଳଚେରସ୍ଥିତ ମହାନଦୀ କୋଲଫିଲଡସ ଲିମିଟେଡ (ଏମ୍‌ସିଏଲ୍) ତାଳଚେର ଜଗନ୍ନାଥ ଏରିଆ ପକ୍ଷରୁ ପୁରୀ ଜିଲାର ବାତ୍ୟା କ୍ଷତିଗ୍ରସ୍ତଙ୍କ ନିମେନ୍ତ ୨୫ଶହ ଟାର୍ପୋଲିନ ପଠାଯାଇଛି। ଜଗନ୍ନାଥ ଏରିଆର ମହାପ୍ରବନ୍ଧକ ଏମ୍.ଜି. ବ୍ରହ୍ମପୁରକର ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଟାର୍ପୋଲିନକୁ ପୁରୀ ଜିଲାପାଳଙ୍କୁ ହସ୍ତାନ୍ତର କରାଯିବ। ସିନିୟର ମ୍ୟାନେଜର ଜଗବନ୍ଧୁ ବେହେରା, ଡେପୁଟି ମ୍ୟାନେଜର କାଳି ପ୍ରସାଦ, ଡିପୋ ଅଫିସର ବି.ଡି. ନାୟକ.କୈବଲ୍ୟ ବେହେରା ଓ ଅନ୍ୟମାନେ ସହାୟତା କରିଥିଲେ।

### ଅସନ୍ତୋଷ ବଢାଉଛି ଘନଘନ ବିଦ୍ୟୁତ୍ କାଟ

ଆଠମଲ୍ଲିକ, ୧୫।୫(ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମ ଲହରି ଜାରି ଥିବାବେଳେ ଘନଘନ ବିଦ୍ୟୁତ୍ କାଟ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଲୋକେ ବାହାରକୁ ବାହାରିପାରୁ ନ ଥିବାବେଳେ ଗରମରେ ଘରେ ମଧ୍ୟ ରହି ହେଉନି। ଏପରି ସ୍ଥିତିରେ ବିଦ୍ୟୁତ୍‌କାଟ ତୀବ୍ର ଜନ ଅସନ୍ତୋଷ ବଢାଉଛି। ବୁଧବାର ଆଠମଲ୍ଲିକରେ ତାପମାତ୍ରା ୪୩ ଡିଗ୍ରୀ ରହିଥିବାବେଳେ ଦିନ ୧ଟାରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରି ଦିଆଯାଇଥିଲା। ସନ୍ଧ୍ୟା ୬ଟା ବେଳକୁ ସଂଯୋଗ ଦିଆଯାଇଥିଲା। ଠାକୁରଗଡ ଥାନା ଆନନ୍ଦପୁର ଠାରେ ୩୩ କେଭି ବିଦ୍ୟୁତ୍ ସଂଯୋଗରେ ବିଭ୍ରାଟ ହେବାରୁ ବୁଧବାର ଲାଇନ କଟାଯାଇଥିବା ସ୍ଥାନୀୟ ବିଦ୍ୟୁତ୍ ବିଭାଗ ପକ୍ଷରୁ କୁହାଯାଇଛି।

# ରକ୍ତଦାନର ବାର୍ତ୍ତା ଦେଲା ବାଲୁକା କଳା

ଅନୁଗୋଳ ଅଫିସ, ୧୫।୫




ଅନୁଗୋଳ ବ୍ଲକ ଟାଇଁସିର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସେବା ଯୁବ ସଙ୍ଗଠନ ଓ ଚୌଧୁରୀ ପ୍ରଧାନ ଚାରିଟେବୁଲ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବରରେ ୪୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଉକ୍ତ ଶିବିରରେ ଆଠମଲ୍ଲିକ କୁରୁମଟାପ ଗ୍ରାମର ବାଲୁକାଶିଳ୍ପୀ ରୁବେଲାଲ ପ୍ରଧାନଙ୍କ ଦ୍ୱାରା ରାକ୍ତଦାନର ଉତ୍ତମ ବାର୍ତ୍ତା ନେଇ ଏକ ବାଲୁକା କଳା ପ୍ରଦର୍ଶନ କରାଯାଇଥିଲା। ଅନୁଗୋଳ ରକ୍ତ ଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ମୁଖ୍ୟଅତିଥି ଭାବେ ଟାଇଁସି ସରପଞ୍ଚ ବେଦବ୍ୟାସ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅନ୍ତୁଳିଆ ସମିତି ସଭ୍ୟ ସଞ୍ଜୀବ କିଶୋର ସ୍ୱାଇଁ, ଟାଇଁସି ସେବା ସମବାୟ ସମିତି ଲି.ର ସମ୍ପାଦକ ଗୁଣନିଧି ପ୍ରଧାନ, ଗିରିରାଜ ସାମାଜିକ ଅନୁଷ୍ଠାନର ସମ୍ପାଦିକା ତଥା ପର୍ବତାରୋହିଣୀ ବିଭାରାଣୀ ପାତ୍ର, ସାମାଜିକ କର୍ମୀ ଚିନ୍ମୟୀ ଦାସ, ସୂଚନା ଦାସ, ପର୍ଶୁରାମ ଦାସ, ସୁବ୍ରତ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଅନୁଷ୍ଠାନର ସଭାପତି ଭକ୍ତିପ୍ରସାଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଦସ୍ୟ ପ୍ରେମାନନ୍ଦ ପ୍ରଧାନ, ତ୍ରିଲୋଚନ ସାହୁ, ଚିନ୍ମୟ ସାହୁ, ନିତ୍ୟାନନ୍ଦ ସାହୁ, ତରଣୀସେନ ପ୍ରଧାନ, ଅମୂଲ୍ୟ କୁମାର ସାହୁ, ମାନସ ସାହୁ, ଦୀପକ ସାହୁ, ସୁବ୍ରତ ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

■ତାତିଲେ ରାଣୀଗୋଡ଼ାବାସୀ

# ବିଜୁଳି ଦିଅ, ନ ହେଲେ ଆନ୍ଦୋଳନ

ଅନୁଗୋଳ ଅଫିସ, ୧୫।୫




ଅନୁଗୋଳ ଉପକଣ୍ଠ ରାଣୀଗୋଡ଼ା ନାୟକ ସାହିର ଲୋକେ ଅନୁଗୋଳ ସେସୁ କାର୍ଯ୍ୟାଳୟ ଆଗରେ ବୁଧବାର ଧାରଣା ଦେଇଥିଲେ। ଗ୍ରାମରେ ଲୋ ଭୋଲଟେଜ୍ ଯୋଗୁ ଉପଭୋକ୍ତାମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପିଲାମାନଙ୍କ ପାଠ ପଢ଼ାରେ ମଧ୍ୟ ସମସ୍ୟା ଉପୁଜୁଛି। ତେଣୁ ବିଜୁଳି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଗ୍ରାମବାସୀ ଅନୁଗୋଳ ବାସନ୍ତୀ ଦୁର୍ଗା ପଡ଼ିଆ ନିକଟରେ ଥିବା ସେସୁ କାର୍ଯ୍ୟାଳୟ ଅଧିକାରୀଙ୍କୁ ଭେଟି ସମସ୍ୟାର ସମାଧାନ ପାଇଁ ଲିଖିତ ଭାବେ ଅବଗତ କରିଛନ୍ତି।

ଗ୍ରାମବାସୀ ଦର୍ଶାଇଛନ୍ତି ଯେ, ୩ ମାସ ହେବ ନାୟକ ସାହିରେ ଟ୍ରାନ୍ସଫର୍ମର୍ ବସିଛି। କିନ୍ତୁ ବିଦ୍ୟୁତ୍ ସଂଯୋଗ କରାଯାଇନାହିଁ। ଉପଭୋକ୍ତାମାନେ ବିଭାଗକୁ ବାରମ୍ବାର ଦୌଡୁଥିଲେ ମଧ୍ୟ କୌଣସି ଅଧିକାରୀ ଅଞ୍ଚଳବାସୀଙ୍କ କଥା କର୍ଣ୍ଣପାତ କରୁ ନ ଥିଲେ। ବୁଧବାର ରାଣୀଗୋଡ଼ାର ବାସିନ୍ଦାମାନେ ସେସୁ କାର୍ଯ୍ୟାଳୟକୁ ଆସି ଆନ୍ଦୋଳନ ପାଇଁ ଚେତାବନୀ ଦେବା ପରେ ବିଦ୍ୟୁତ୍ କର୍ମଚାରୀଙ୍କ ଚେତା ଉଦୟ ହୋଇଛି। ଲୋକଙ୍କ ସମସ୍ୟାକୁ ଦୁଇରୁ ତିନି ଦିନ ମଧ୍ୟରେ ସମାଧାନ କରାଯିବ ବୋଲି ସେସୁ ଅଧିକାରୀ ସତ୍ୟଜିତ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ତାଙ୍କ କହିବା ମୁତାବକ ଉକ୍ତ ଅଞ୍ଚଳରେ ବିଦ୍ୟୁତ୍ ସମସ୍ୟା ଥିବା ସେ ଅବଗତ ନ ଥିଲେ। ବର୍ତ୍ତମାନ ଜାଣିବା ପରେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବାକୁ ଲୋକମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ସେ କହିଛନ୍ତି ଯେ, ବାତ୍ୟା ଫନୀ ପରେ ଉକ୍ତ ଠିକାସଂସ୍ଥା ଉପକୂଳ ଓଡ଼ିଶାରେ ବିଦ୍ୟୁତ ସଂଯୋଗୀକରଣ କାର୍ଯ୍ୟରେ ଲାଗିଛନ୍ତି। ତେଣୁ ୨/୩ ଦିନ ପରେ କର୍ମଚାରୀମାନେ ଫେରିବା ପରେ ଉକ୍ତ ଅଞ୍ଚଳର ସମସ୍ୟା ପ୍ରାଥମିକ ଭିତ୍ତିରେ ସମାଧାନ କରାଯିବ। ଅନ୍ୟପକ୍ଷରେ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ନାୟକସାହି ବାସିନ୍ଦା ଚେତାବନୀ ଦେଇଛନ୍ତି। ନାୟକ ସାହିର ପ୍ରାଣବନ୍ଧୁ ଦେହୁରୀଙ୍କ ନେତୃତ୍ୱରେ ହେମନ୍ତ କୁମାର ସାହୁ, ଜିତେନ୍ଦ୍ର କୁମାର ବିଶ୍ୱାଳ, ପ୍ରକାଶ ବିଶ୍ୱାଳ, ଛବି ନାୟକ, ତାପସ ନାୟକ ପ୍ରମୁଖଙ୍କ ସହ ଅନ୍ୟମାନେ ସେସୁ କାର୍ଯ୍ୟାଳୟ ଅଧିକାରୀଙ୍କୁ ଭେଟି ଦାବି ଉପସ୍ଥାପନ କରିଥିଲେ।

## ସଂକ୍ଷେପରେ

ସଚ୍ଚି ରାଉତରାୟଙ୍କ ସ୍ମୃତି ସନ୍ଧ୍ୟା

### ହୁସେନ ରବିଗାନ୍ଧୀ ପାଇଲେ କାବ୍ୟ ସରସ୍ୱତୀ ସଚ୍ଚି ରାଉତରାୟ ସମ୍ମାନ

କଟକ ଅଫିସ, ୧୫।୫- କଟକ ସାରଳା ଭବନଠାରେ ବୁଧବାର ସାରଳା ସାହିତ୍ୟ ସଂସଦ ପକ୍ଷରୁ କବି ସଚ୍ଚି ରାଉତରାୟଙ୍କ ସ୍ମୃତିରେ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. କମଳକାନ୍ତ ମିଶ୍ର ଉଦ୍‌ଘାଟନ କରି କହିଲେ, ଓଡ଼ିଆ କବିତାରେ ଆଧୁନିକତାର ପ୍ରବର୍ତ୍ତକ ହେଉଛନ୍ତି ସଚ୍ଚି ରାଉତରାୟ। ସେ କେବଳ ଜଣେ କ୍ରାନ୍ତିକାରୀ ସ୍ରଷ୍ଟା ନୁହନ୍ତି ଜଣେ ଜୀବନଧର୍ମୀ କବି ବୋଲି ସେ କହିଥିଲେ। ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହିତ୍ୟିକା ମନୋରମା ମହାପାତ୍ର ମୁଖ୍ୟଅତିଥି ଓ ଯଶସ୍ୱୀ କବି ଓ ପ୍ରଶାସକ ପ୍ରସନ୍ନ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷା ଡ. ଚିନ୍ମୟୀ ମହାପାତ୍ର କହିଥିଲେ, ସଚ୍ଚି ରାଉତରାୟ ଓଡ଼ିଆ କବିତା କ୍ଷେତ୍ରରେ ଯେଉଁ ପରୀକ୍ଷା ନିରୀକ୍ଷା କରିଯାଇଛନ୍ତି ତାହା ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ତାଙ୍କ ରଚିତ ଛୋଟ ମୋର ଗାଆଁଟି, ବାଜିରାଉତ, ରାଜଜେମା, ପଲ୍ଲିଶ୍ରୀ, ମାଟିର ତାଜ, ମଶାଣିର ଫୁଲ, ମାଙ୍କଡ଼ ଓ ଅନ୍ୟାନ୍ୟ ଗଳ୍ପ ଓଡ଼ିଆ ସାରସ୍ୱତ ଜଗତର ଏକ ମାଇଲଖୁମ୍ବ। ଏହି ଅବସରରେ ବିଶିଷ୍ଟ କବି ଡ. ହୁସେନ ରବିଗାନ୍ଧୀଙ୍କୁ ଚଳିତବର୍ଷର ମର୍ଯ୍ୟାଦାଜନକ କାବ୍ୟ ସରସ୍ୱତୀ ସଚ୍ଚି ରାଉତରାୟ ସମ୍ମାନ ପ୍ରଦାନ କରାଯାଇଥିଲା। ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ, ସମ୍ପାଦକ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ ଓ ଡ. ସଞ୍ଜିତା ମିଶ୍ର ମାନପତ୍ର ପାଠ କରିଥିଲେ। ଶ୍ରୀହର୍ଷ ରାଉତରାୟ, କବି ଅମରେଶ ପଟ୍ଟନାୟକ, ଡ. ନୃସିଂହ ଷଡଙ୍ଗୀ, ଡ. ପ୍ରଭାତୀ ମିଶ୍ର ପ୍ରମୁଖ ସଚ୍ଚି ରାଉତରାୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବନଶ୍ରୀ ମହାପାତ୍ର, ବିଭୂପ୍ରସାଦ ରାଉତ, ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ।

# ମହାନଦୀରୁ ୨ ଛାତ୍ରଙ୍କ ମୃତଦେହ ଉଦ୍ଧାର

- ଗତ ସୋମବାରଠାରୁ ନିଖୋଜ ଥିଲେ
- ଯୋବ୍ରା ବ୍ୟାରେଜ ନିକଟରୁ ମିଳିଥିଲା ସ୍କୁଟି, ପ୍ୟାଣ୍ଟଶାର୍ଟ, ମୋବାଇଲ

କଟକ ଅଫିସ,୧୫।୫- ମାଲଗୋଦାମ ଥାନା ଅଞ୍ଚଳରୁ ଗତ ସୋମବାର ନିଖୋଜ ହୋଇଯାଇଥିବା ୨ ଛାତ୍ରଙ୍କ ମୃତଦେହ ବୁଧବାର ଜଗତ୍‌ପୁର ଥାନା ଅନ୍ତର୍ଗତ ମହାନଦୀରୁ ଉଦ୍ଧାର କରାଯାଇଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଅଞ୍ଚଳର ପ୍ରତୀକ ପରିଡ଼ା(୨୬) ଓ ଯାଜପୁର ଜିଲା ଧର୍ମଶାଳା ଅଞ୍ଚଳର କୌସ୍ତୁଭ ତ୍ରିପାଠୀ(୨୫)। ଏ ନେଇ ଜଗତ୍‌ପୁର ପୋଲିସ ଦୁଇଟି ଅପମୃତ୍ୟୁ ମାମଲା (୭, ୮/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପ୍ରତୀକ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଓ କୌସ୍ତୁଭ ଜାତୀୟ କବି ବୀର କିଶୋର(ଜେକେବିକେ) ସରକାରୀ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ଉଭୟ ସ୍ନାତକ ଦ୍ୱିତୀୟ ବର୍ଷର ଛାତ୍ର ଥିବାବେଳେ କଲେଜଛକ ଅଞ୍ଚଳର ଏକ ଘରୋଇ ହଷ୍ଟେଲରେ ରହୁଥିଲେ। ସୋମବାର ପୂର୍ବାହ୍ଣରେ ସେମାନେ ଯାଜପୁରକୁ ଏକ ବରଯାତ୍ରୀରେ ଯିବେ ବୋଲି ପରିବାର ଲୋକଙ୍କୁ କହିଥିଲେ। ପରବର୍ତ୍ତୀ ସମୟରେ ପରିବାର ଲୋକେ ସେମାନଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଉଭୟଙ୍କ ଫୋନ୍ ଲାଗି ନ ଥିଲା। ଏ ନେଇ ଉଭୟଙ୍କ ପରିବାର ପକ୍ଷରୁ ମଙ୍ଗଳବାର ଅପରାହ୍ଣରେ ମାଲଗୋଦାମ ଥାନାରେ ଅଭିଯୋଗ ହୋଇଥିଲା। ପରେ ମଙ୍ଗଳବାର ସନ୍ଧ୍ୟାରେ ନରାଜ ଫାଣ୍ଡି ନିକଟସ୍ଥ ଯୋବ୍ରା ବ୍ୟାରେଜ ନିକଟରୁ ସେମାନେ ବ୍ୟବହାର କରିଥିବା ସ୍କୁଟି, ପ୍ୟାଣ୍ଟ, ଶାର୍ଟ ଓ ଏକ ମୋବାଇଲ ଫୋନ ପୋଲିସ ପାଇଥିଲା। ବୁଧବାର ନଦୀରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ମୃତଦେହ ଦ୍ୱୟକୁ ସେମାନଙ୍କ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି। ଉଭୟ ମହାନଦୀରେ ଗାଧୋଉଥିବାବେଳେ ବୁଡିଯିବାରୁ ସେମାନଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ଜଗତପୁର ଥାନା ଅଧିକାରୀ ପ୍ରଦୀପ୍ତ କିଶୋର ନାୟକ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା ପୁଅକୁ କୁମ୍ଭୀର ଖାଏ,**
**ତା' ମା ଢେଙ୍କି ଦେଖିଲେ ଡରେ ।**

ବିପଦକୁ ସାମ୍ନା କରିଥିବା ବ୍ୟକ୍ତି ମନରେ ଭୟ ଏକପ୍ରକାର ଘର କରି ରହିଯାଇଥାଏ। ଯେତେ ଚେଷ୍ଟା କଲେ ମଧ୍ୟ ସେଥିରୁ ସେ ନିଜକୁ ମୁକୁଳାଇ ପାରି ନ ଥାଏ। ସାଧାରଣ କୁମ୍ଭୀର ଓ ଢେଙ୍କି ମଧ୍ୟରେ ଅନେକ ସାମଞ୍ଜସ୍ୟ ରହି ଥାଏ। ଦୂରରୁ ଦେଖିଲେ ଏକାପରି ଲାଗି ଥାଏ। ଏପରିସ୍ଥଳେ କୁମ୍ଭୀର ଆକ୍ରମଣରେ ଶିକାର ହୋଇଥିବା ବ୍ୟକ୍ତିର ଆତ୍ମୀୟ ପୂର୍ବ ଅଭିଜ୍ଞତାର ସ୍ମୃତି ହେତୁ ଭୟର କାରଣ ନ ଥାଇ ମଧ ଭୟ ପାଇବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯେତେ କଲେ ଦିଶେ ନାହିଁ,**
**ଯେତେ ଦେଲେ ହସେ ନାହିଁ ।**

ମଣିଷର ଆଶା ଅସୁମାରୀ। ଯିଏ ଯେତେ କଲେ ଆଖିକୁ ସେତେ ଦିଶେ ନାହିଁ କି ଯିଏ ଯେତେ ଦେଲେ ମନରେ ହରଷ ଆସେ ନାହିଁ। ମନରେ ସନ୍ତୁଷ୍ଟି ଆଣିବା ମଣିଷର ସାଧ ବାହାରେ। ସେହିପରି ଯେତେ ଧନ ପାଖରେ ଥିଲେ ବି ମନୁଷ୍ୟର ତୃପ୍ତି ଆସି ନ ପାରିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

■ ଯୁବକଙ୍କ ଅଦ୍ଭୁତ କାଣ୍ଡ

# ଦଂଶିଥିବା ସାପକୁ ଧରି ଡାକ୍ତରଖାନାରେ ହାଜର



ମାଲକାନଗିରି, ୧୫।୫(ଡି.ଏନ୍.ଏ.) ମାଲକାନଗିରି ଡାକ୍ତରଖାନାରେ ମଙ୍ଗଳବାର ରାତିରେ ଜଣେ ଯୁବକଙ୍କ ଅଦ୍ଭୁତ କାଣ୍ଡ ଉପସ୍ଥିତ ସମସ୍ତଙ୍କୁ ଆତଙ୍କିତ କରିଛି। ସାପ କାମୁଡ଼ିଲା ବୋଲି ସେଇ ସାପକୁ ଧରି ଯୁବକ ଜଣଙ୍କ ଡାକ୍ତରଖାନାରେ ପହଞ୍ଚିବା ପରେ କର୍ମଚାରୀ ଓ ରୋଗୀଙ୍କ ମଧ୍ୟରେ ଖେଳାଇ ଦେଇଥିଲା ଭୟ।

ମାଲକାନଗିରି ଜିଲା ଏମ୍‌ଭି-୬୩ ଗ୍ରାମର ପାର୍ଥ ସରକାର ମଙ୍ଗଳବାର ରାତିରେ ପାର୍ଥ ଘରେ ଥିବାବେଳେ ତାଙ୍କୁ ଏକ ସାପ କାମୁଡ଼ିଥିଲା। ଅନ୍ଧାର ହୋଇଥିବାରୁ କେଉଁ ସାପ କାମୁଡିଥିଲା ସେ ଜାଣି ପାରି ନ ଥିଲେ। ଅତି ଚତୁରତାର ସହ ପାର୍ଥ ସାପଟିକୁ କାବୁ କରିବା ସହ କାମୁଡ଼ି ଥିବା ସ୍ଥାନରେ ଗାମୁଛା ବାନ୍ଧି ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଥିଲେ। ଯୁବକଙ୍କ ସହ ସାପଟିକୁ ଦେଖି ଡାକ୍ତର ଓ କର୍ମଚାରୀମାନେ ଆଶ୍ଚର୍ଯ୍ୟ ହୋଇଯିବା ସହ ସେଠାରେ କିଛି ସମୟ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ସାପଟି ଜୀବିତ ବୋଲି ପାର୍ଥ ଡାକ୍ତରଙ୍କୁ କହିଥିଲେ। ଏହା ପରେ ସାପଟିକୁ ଡାକ୍ତରଖାନା ନିକଟସ୍ଥ ବଣରେ ଛଡ଼ା ଯାଇଥିଲା। ଯୁବକ ଜଣଙ୍କ ସାପଟିକୁ ଛାଡିବା ପରେ ତୁରନ୍ତ ତାଙ୍କ ଚିକିତ୍ସା ଆରମ୍ଭ କରାଯାଇଥିଲା। ପାର୍ଥଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଥିବାରୁ ତାଙ୍କୁ ବୁଧବାର ଡାକ୍ତରଖାନାରୁ ଛଡ଼ାଯାଇଛି।

# ମାଲବାହୀ ଟ୍ରେନ ୱାଗନ ଲାଇନଚ୍ୟୁତ



ଲାଇନଚ୍ୟୁତ ହୋଇଥିବା ମାଲବାହୀ ଟ୍ରେନ୍ ୱାଗନ।

ରାଉରକେଲା ଅଫିସ,୧୫।୫ ମାଲଗୋଦାମ ନିକଟ ଡାଉନ ଲାଇନରେ ମଙ୍ଗଳବାର ରାତି ସାଢ଼େ ୧୨ଟାରେ ଏକ ମାଲବାହୀ ଟ୍ରେନ୍‌ର ଦୁଇଟି ୱାଗନ ଲାଇନଚ୍ୟୁତ ହୋଇଥିଲା। ଫଳରେ ୨ ଘଣ୍ଟା ପର୍ଯ୍ୟନ୍ତ ଟ୍ରେନ୍ ଚଳାଚଳରେ ବ୍ୟାଘାତ ଘଟିଥିଲା। ଘଟଣାସ୍ଥଳରେ ବିଭାଗୀୟ ଅଧିକାରୀ ପହଞ୍ଚି ଟ୍ରେନ୍ ଚଳାଚଳକୁ ସ୍ୱାଭାବିକ କରିବାକୁ କାର୍ଯ୍ୟାରମ୍ଭ କରିଥିଲେ। ଏହି ସିମେଣ୍ଟ ବୋଝେଇ ମାଲବାହୀ ଟ୍ରେନ୍‌ଟି ପାନପୋଷରୁ ରାଉରକେଲା ଷ୍ଟେଶନ ଦେଇ ପଶ୍ଚିମବଙ୍ଗ ଯାଉଥିଲା। ଜଣେ ବିଭାଗୀୟ ଅଧିକାରୀଙ୍କ କହିବାନୁସାରେ ଦୁର୍ଘଟଣାରେ ବିଶେଷ କିଛି କ୍ଷତି ଘଟି ନାହିଁ।

# ବାଲୁଖଣ୍ଡକୁ ଫେରିଲେ ହରିଣ

ଭୁବନେଶ୍ୱର,(ବ୍ୟୁରୋ)/ପୁରୀ ଅଫିସ୍,୧୫।୫- କଥାରେ ଅଛି ପ୍ରାକୃତିକ ଦୁର୍ବିପାକର ସୂଚନା ଜୀବଜନ୍ତୁ ଆଗୁଆ ପାଇଥାଆନ୍ତି। ବାଲୁଖଣ୍ଡ ଅଭୟାରଣ୍ୟର ହରିଣମାନଙ୍କ କ୍ଷେତ୍ରରେ ଏହା ସତ୍ୟ ପ୍ରମାଣିତ ହୋଇଛି। ସେଠାରେ ପ୍ରାକୃତିକ ପରିବେଶ ମଧ୍ୟରେ ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ହରିଣ ଥିଲେ, ଯେଉଁଥିପାଇଁ ବାଲୁଖଣ୍ଡ ଅଭୟାରଣ୍ୟର ନିଜସ୍ୱ ସୌନ୍ଦର୍ଯ୍ୟ ଓ ବିଶେଷ ଆକର୍ଷଣ ରହିଥିଲା। କିନ୍ତୁ ପ୍ରଳୟଙ୍କରୀ ବାତ୍ୟା 'ଫନୀ' ପରେ ହରିଣମାନଙ୍କର କୌଣସି ଖୋଜଖବର ନ ଥିଲା। ଏଥିପାଇଁ ବନ ବିଭାଗ ଆଶା ଆଶଙ୍କା ମଧ୍ୟରେ ଥିଲା। ଖୁସିର କଥା ବାତ୍ୟା ଯିବାର ପ୍ରାୟ ୫ ଦିନ ପରେ ହରିଣମାନେ ଗୋଟିଏ ଗୋଟିଏ ହୋଇ ତାଙ୍କର ପୂର୍ବସ୍ଥାନକୁ ଫେରି ଆସୁଛନ୍ତି। ଅଭୟାରଣ୍ୟ ମଧ୍ୟରେ କୌଣସି ହରିଣଙ୍କର ମୃତାହତ ଖବର ନଜରକୁ ମଧ ଆସି ନ ଥିଲା। ତେବେ ହରିଣମାନେ କୁଆଡ଼େ ଗଲେ ତାହାକୁ ନେଇ ବନ ବିଭାଗ ଚିନ୍ତାରେ ଥିଲା। ଏଥିପାଇଁ ଟିମ୍ ଗଠନ କରାଯାଇ ନିକଟବର୍ତ୍ତୀ ଜଙ୍ଗଲରେ ଖୋଜା ଚାଲିଥିଲା। କିନ୍ତୁ ହରିଣଙ୍କର ସନ୍ଧାନ ମିଳିପାରି ନ ଥିଲା। ଇତିମଧ୍ୟରେ ବନ ବିଭାଗ ତରଫରୁ ଡ୍ରୋନ୍ କ୍ୟାମେରା ସହାୟତାରେ ଅଭୟାରଣ୍ୟ ମଧ୍ୟରେ ହରିଣ ଠାବ କରାଯାଇଛି। ହରିଣମାନେ ସୁରକ୍ଷିତ ଅଛନ୍ତି ଏବଂ ତାଙ୍କର ପୂର୍ବ ବାସସ୍ଥାନକୁ ଫେରି ଆସିଛନ୍ତି, ଯାହା ବନ ବିଭାଗ ଓ ବନ୍ୟପ୍ରେମୀଙ୍କ ମଧ୍ୟରେ ଆଶ୍ୱସ୍ତି ଆଣିଦେଇଛି। ଏଥିରୁ ପ୍ରମାଣିତ ହୋଇଛି, ପୂର୍ବରୁ କଥିତ ଥିବା ଜୀବଜନ୍ତୁଙ୍କ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜକୁ ସୁରକ୍ଷିତ ରଖିବାର ଅନ୍ତର୍ନିହିତ ଶକ୍ତି ରହିଛି।

# ହାତୀଛୁଆ ମୃତଦେହ ଉଦ୍ଧାର



ଉଦ୍ଧାର ହୋଇଥିବା ମୃତ ହାତୀଛୁଆ।

ଚୌଦ୍ୱାର,୧୫।୫(ଡି.ଏନ୍.ଏ.) କଟକ ବନଖଣ୍ଡ ଡାଳିଯୋଡ଼ା ରେଞ୍ଜ ଅନ୍ତର୍ଗତ ଜାମେଣା ଗ୍ରାମ ନିକଟରୁ ବୁଧବାର ଏକ ହାତୀଛୁଆର ମୃତଦେହ ଉଦ୍ଧାର କରାଯାଇଛି। ତାର ବୟସ ଆନୁମାନିକ ୧ମାସ ହେବ। ହାତୀଛୁଆର ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ଡମଣୀ ସଂରକ୍ଷିତ ଜଙ୍ଗଲରେ ପୋତି ଦିଆଯାଇଥିବା ଡାଳିଯୋଡା ଏସିଏଫ୍ ମନୋରଞ୍ଜନ ସ୍ୱାଇଁ କହିଛନ୍ତି। ସୂଚନା ଅନୁଯାୟୀ, ଜାମେଣା ଗ୍ରାମ ନିକଟରେ ଏକ ହାତୀଛୁଆ ମରିପଡିଥିବା ଦେଖି ଗ୍ରାମବାସୀ ବନବିଭାଗକୁ ଜଣାଇଥିଲେ। ରେଞ୍ଜର ଓ ଫରେଷ୍ଟର ପହଞ୍ଚି ହାତୀଛୁଆର ମୃତଦେହ ଆଣି ବ୍ୟବଚ୍ଛେଦ ବ୍ୟବସ୍ଥା କରିଥିଲେ। ଚନ୍ଦକା ଜଙ୍ଗଲରୁ ୧୭ଘରିଆ ହାତୀପଲ କିଛିଦିନ ହେବ ଆଠଗଡ ବନଖଣ୍ଡ ଅଧୀନରେ ରହୁଥିବାବେଳେ ଗତ ୩ଦିନ ହେବ ଏହି ଅଞ୍ଚଳକୁ ପଶି ଆସିଥିଲେ। ସେମାନଙ୍କ ମଧ୍ୟରେ ଥିବା ଏହି ହାତୀଛୁଆକୁ ଅନ୍ୟ ହାତୀମାନେ ଦଳିଦେଇଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହାତୀଛୁଆର ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଏସିଏଫ୍ ସ୍ୱାଇଁ କହିଛନ୍ତି।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708
8929606415
SCO- 106, Second Floor, Vishal Tower, Cannaught Place, Delhi.

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
09499218733
PETUMALI, JHARMUNDA, PETUPALI, BARGARH, ODISHA- 768034

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସମ୍ପର୍କ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

SUCCESS
DHARITRI Career appointment Every Wednesday and Saturday

BUSINESS

Dharitri : 15, 16, 17, 18, 19, 20 & 21 May 2019
SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କମ୍ପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

See Color Display Classified on every Tuesday & Friday
Size: 6 X 8
For 15 days: 40,000
For 8 days: 20,000
For 4 days: 11,000
For Single day: 2,800
GST: 5% will be added extra


## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ଅନୁଗୋଳ ଅଫିସ, ୧୫।୫- ଅନୁଗୋଳ ଶାବଳଭଙ୍ଗା ଗ୍ରାମର ସୁମନ୍ତ ବେହେରା(୨୭)ଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ନଂ.୩୪୬/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରାଯାଉଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ଶାବଳଭଙ୍ଗାର ସୁମନ୍ତ ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ସମ୍ପୃକ୍ତା ଯୁବତୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ସେ ଦର୍ଶାଇଛନ୍ତି, ସୁମନ୍ତ ପ୍ରଥମେ ପ୍ରେମ ନିବେଦନ ଓ ପରେ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। କିନ୍ତୁ ବିବାହ କରିବା କଥା କହିଲାପରେ ସେ ତାଙ୍କ ସହ ବିତିଥିବା ଅନ୍ତରଙ୍ଗ ମୁହୂର୍ତ୍ତର କିଛି ଫଟୋ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ।

### ୩ ଚୋରା କୋଇଲା ଗାଡ଼ି ଜବତ, ୫ ଗିରଫ

ବଇଣ୍ଡା, ୧୫।୫(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ଥାନା ହଣ୍ଡପା ନିକଟରୁ ପୋଲିସ ବୁଧବାର ସନ୍ଧ୍ୟାରେ ୩ଟି ଚୋରା କୋଇଲା ବୋଝେଇ ମିନିଟ୍ରକ୍ ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ହଣ୍ଡପା ଥାନା ଲୁହାମୁଣ୍ଡା ଗ୍ରାମର ସୁମନ୍ତ ମହାକୁଡ, ଗୋପବନ୍ଧୁ ପଲେଇ, ଅନୁଗୋଳ ଥାନା ନତଡା ଗ୍ରାମର ମଙ୍ଗଲୁ ପ୍ରଧାନ, ମାମୁଲି ନାୟକ, ଠାକୁରଗଡ ଥାନା ଟାପଢୋଲ ଗ୍ରାମର କୋଣାର୍କ ବିଶ୍ୱାଳ। ପୋଲିସ କହିଛି, ପାତ୍ରପଡା ଅଞ୍ଚଳରୁ ସମ୍ବଲପୁର ଅଭିମୁଖେ ୩ଟି ମିନିଟ୍ରକ୍ (ନଂ. ଓଆର୍ ୧୯ ଇ ୪୨୮୫, ଓଆର୍ ୦୫ ଏବି ୮୩୧୧, ଓଡ଼ି ୧୯ ଜି ୧୦୧୪) ଚୋରା କୋଇଲା ଭର୍ତ୍ତି କରି ଯାଉଥିବା ଖବରପାଇ ଆଇଆଇସି ଲବ ବୋଡା, ଏଏସ୍ଆଇ ପି. କେ ଆଇଚଙ୍କ ସହ ପୋଲିସର ଏକ ଟିମ୍ ଚଢ଼ାଉ କରିଥିଲେ। ୩ଟି ଯାକ ଟ୍ରକ୍‌ରୁ ୨୫ ଟନ୍ କୋଇଲା ଜବତ ହୋଇଛି। ଏହି କୋଇଲା ଛେଣ୍ଡିପଦା ଅଞ୍ଚଳରୁ ସମ୍ବଲପୁର ଅଞ୍ଚଳକୁ ଇଟାଭାଟିରେ ବିକ୍ରି ହେବା ପାଇଁ ଯାଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ମଣ୍ଡଳ ସଭାପତିଙ୍କ ପିତୃ ବିୟୋଗ

ମାଧପୁରି, ୧୫।୫ : ଆଠମଲ୍ଲିକ ବ୍ଲକ ମାଧପୁର ମଣ୍ଡଳ ଭାଜପା ସଭାପତି ଅମ୍ବିକା ଦେହୁରିଙ୍କ ପିତା ମୁରଲୀଧର ଦେହୁରୀ (୭୧)ଙ୍କ ମଙ୍ଗଳବାର ରାତିରେ ପରଲୋକ ଘଟିଛି। ତାଙ୍କ ମୃତ୍ୟୁରେ ରାଜ୍ୟ ସଭା ପୂର୍ବତନ ସଦସ୍ୟ ରୁଦ୍ର ନାରାୟଣ ପାଣି, ଅନୁଗୋଳ ଜିଲା ଭାଜପା ସଭାପତି ଭାଗୀରଥି ପ୍ରଧାନ, ଜିଲା ସମ୍ପାଦକ ଚିତ୍ତରଞ୍ଜନ ମେହେର, ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ରୁଦ୍ରପ୍ରସାଦ ଷଡ଼ଙ୍ଗୀ, ଅଜିତ ସାହୁ, ଅଲେଖ ଭୋଇ, ଅଜିତ ସାହୁ ସୌମ୍ୟରଞ୍ଜନ ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।


■ନୂଆ ଟ୍ରାନ୍ସଫର୍ମର ଲଗାଯାଉନି

# ମାସେ ହେଲା ଜଳ ଯୋଗାଣ ବନ୍ଦ

ବଇଣ୍ଡା, ୧୫।୫(ଡି.ଏନ.ଏ.)

■୩ ନଳକୂଅରୁ ବାହାରୁନି ପାଣି

■ଏନ୍‌ଜେନ୍ ଏସ୍‌ଡିଓ କହିଲେ ଖବର ନାହିଁ




ଅନୁଗୋଳ ଜିଲା କିଶୋରନଗର ବ୍ଲକ ଧଡରପାଳ ପଞ୍ଚାୟତ ନତଡା ଗ୍ରାମରେ ଥିବା ଟ୍ରାନ୍ସଫର୍ମରଟି ମାସେ ହେଲା ପୋଡିଯାଇଛି। ହେଲେ ସେଠାରେ ନୂତନ ଟ୍ରାନ୍ସଫର୍ମର ଲଗାଯାଉ ନ ଥିବାରୁ ଗ୍ରାମକୁ ମାସେ ହେଲାଣି ଜଳଯୋଗାଣ ବନ୍ଦ ରହିଛି। ଏଥିଯୋଗୁ ଗ୍ରାମବାସୀ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ତୀବ୍ର ହେଉଛି।

ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ପ୍ରତିବର୍ଷ ଜଳାଭାବ ସମସ୍ୟା ଦେଖାଯିବାରୁ ୨୦୧୦ରେ ୨୫ ଲକ୍ଷ ଟଙ୍କା ବ୍ୟୟରେ ନତଡାରେ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଗ୍ରାମର ୧୮୫ ପରିବାର ଏଥିରୁ ଉପକୃତ ହେଉଥିଲେ। ହେଲେ ଏବେ ଟ୍ରାନ୍ସଫର୍ମରଟି ପୋଡିଯାଇଥିବାରୁ ଜଳଯୋଗାଣ ବନ୍ଦ ରହିଛି। ଗ୍ରାମରେ ଥିବା ୪ ନଳକୂଅରୁ ୨ ମାସ ହେବ ୨ଟି ଅଚଳ ହୋଇପଡିଛି। ଜଳସ୍ତର କମୁଥିବାରୁ ଗୋଟିଏରୁ ପାଣି ବାହାରୁନାହିଁ। ଫଳରେ ପାନୀୟ ଜଳ ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି।

ଏ ସମ୍ପର୍କରେ ଧଡରପାଳ ସରପଞ୍ଚ ଚେର ପଲେଇ କୁହନ୍ତି, ନୂତନ ଟ୍ରାନ୍ସଫର୍ମର ଲଗାଇବା ପାଇଁ ବହୁବାର ବଇଣ୍ଡା ଓ ବାମୁର ସେସୁ କାର୍ଯ୍ୟାଳୟରେ ଅଭିଯୋଗ କରାଯାଇଛି। ହେଲେ ସେସୁ କର୍ମଚାରୀ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଜଳଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ କୁହନ୍ତି, ଟ୍ରାନ୍ସଫର୍ମର ଅଚଳ ସମ୍ପର୍କରେ ଗ୍ରାମବାସୀ ମଙ୍ଗଳବାର ଅବଗତ କରାଇଛନ୍ତି। ତୁରନ୍ତ ପଦକ୍ଷେପ ନିଆଯିବ। ଏ ନେଇ ସେସୁ ଏସ୍‌ଡିଓ ମୋହନ ନାୟକଙ୍କୁ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରିନାହିଁ। ଏ ସମ୍ପର୍କରେ ଏନ୍‌ଜେନ୍ ନରେଶ ନାୟକ କୁହନ୍ତି, ଟ୍ରାନ୍ସଫର୍ମର ଲଗାଇବା ଦାୟିତ୍ୱ ସେସୁର। ହେଲେ ଏ ବାବଦରେ ମୋ ନିକଟରେ ଖବର ନାହିଁ।

### କ'ଣ କୁହନ୍ତି ଗ୍ରାମବାସୀ



"ନତଡାରେ ପାନୀୟ ଜଳର ଘୋର ସମସ୍ୟା ଦେଖାଯାଇଛି। ନଳକୂଅ ସହ ପାନୀୟ ଜଳ ପ୍ରକଳ୍ପ ଅଚଳ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରାଯାଉ।

-ପ୍ରସନ୍ନ ସାହୁ



"ପ୍ରତିବର୍ଷ ପାଣି ସମସ୍ୟା ଦେଖାଦେଉଛି। ନତଡା ଜଳଯୋଗାଣ ପ୍ରକଳ୍ପର ରକ୍ଷଣାବେକ୍ଷଣ ଠିକ୍ ଭାବେ କରାଯାଉ ନ ଥିବା ଯୋଗୁ ଲୋକଙ୍କୁ ପାଣି ମିଳୁନାହିଁ। ନାଳ ପାଣି ଉପରେ ଭରସା କରି ଚଳୁଛୁ।

-ଲତା ନାୟକ



"ପାନୀୟ ଜଳ ପ୍ରକଳ୍ପ ଅଚଳ ଯୋଗୁ ପାଣି ପାଇଁ ବହୁ ହଇରାଣ ହରକତ ହେଉଛୁ। ପ୍ରକଳ୍ପ ମରାମତି ପାଇଁ ପଞ୍ଚାୟତ ବିଭାଗକୁ ଅବଗତ କରାଯାଇଛି। ହେଲେ କେହି ଦୃଷ୍ଟି ଦେଉନାହାନ୍ତି।

-ପୁଷ୍ପାଞ୍ଜଳି ପ୍ରଧାନ



"ବହୁବାର ଅଭିଯୋଗ କଲୁଣି। ହେଲେ ପ୍ରଶାସନ ଦୃଷ୍ଟି ଦେଉନି। ମାସ ମାସ ଧରି ନଳକୂଅ ଓ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡୁଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ।

-ସୁରବାଲୀ ପ୍ରଧାନ

■ସମ୍ପର୍କୀୟା ଭଉଣୀଙ୍କ ସହ ପ୍ରେମ ସମ୍ପର୍କ

### ପ୍ରତାରଣା ଅଭିଯୋଗ ପରେ ବିଷ ପିଇଦେଲେ ଭାଇ

କଣିହାଁ, ୧୫।୫(ଡି.ଏନ.ଏ.)

ସମ୍ପର୍କୀୟ ଭଉଣୀଙ୍କ ସହ ପ୍ରେମ ସମ୍ପର୍କ ଓ ପ୍ରତାରଣା ଅଭିଯୋଗ ପରେ କଣିହାଁ ଥାନା ଅଞ୍ଚଳରେ ଜଣେ ଯୁବକ ମଙ୍ଗଳବାର ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୁବକ ଜଣକ ଚିକିତ୍ସାଧୀନ ଅଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ. ୮୮/୧୯ରେ ମାମଲା ରୁଜୁ କରିଛି।

ଆଇଆଇସି ପ୍ରଭାତ କୁମାର ତ୍ରିପାଠୀଙ୍କ ସୂଚନା ମୁତାବକ, ସମ୍ପର୍କୀୟ ମାଉସୀ ଝିଅ ରେଙ୍ଗାଳି ଥାନା ଅଞ୍ଚଳର ସମ୍ପୃକ୍ତ ଯୁବତୀଙ୍କୁ କଣିହାଁ ଥାନା ଅଞ୍ଚଳର ଯୁବକ ଜଣକ ପ୍ରେମ କରୁଥିଲେ। ପରେ ଯୁବକ ଜଣକ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ୪ ମାସ ଗର୍ଭବତୀ ଥିବାବେଳେ ଆସନ୍ତା ୧୯ ତାରିଖରେ ଯୁବକଙ୍କ ଅନ୍ୟତ୍ର ବାହାଘର ଠିକ୍ ହୋଇଥିଲା। ଏହା ଜାଣିବା ପରେ ଯୁବତୀ ଥାନାରେ ଅଭିଯୋଗ କରିଥିଲେ।

# ୧୧୪ ୟୁନିଟ୍ ରକ୍ତ ସଂଗ୍ରହ



ତାଳଚେର, ୧୫।୫(ନି.ପ୍ର.)

ସାଉଥବଳଣ୍ଡାସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୀବନସାଥୀ ଫାଉଣ୍ଡେଶନ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଜଗନ୍ନାଥ କଳାକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ସିଏଲ୍ କେନ୍ଦ୍ରୀୟ ଚିକିତ୍ସାଳୟର ଚିକିତ୍ସକ ଡା. ଘନଶ୍ୟାମ ସାହୁ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ବଳରାମ ପତି, ଜୀବନସାଥୀ ଫାଉଣ୍ଡେଶନ ସଭାପତି ଯୋଗେନ୍ଦ୍ର ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ସାହୁ ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ତାଳଚେର ରକ୍ତ ଭଣ୍ଡାର ପକ୍ଷରୁ ୧୧୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଡା. ମାନସ ରଞ୍ଜନ ସାହୁ, ଷ୍ଟାଫ ନର୍ସ ସୁଜାତା ସେଠୀ ରକ୍ତ ସଂଗ୍ରହ କରିଥିବା ବେଳେ ପ୍ରସନ୍ନ କୁମାର ବେହେରା, ବିଜୟଲକ୍ଷ୍ମୀ ନାଏକ, ଲକ୍ଷ୍ମଣ ସାହୁ, ସତ୍ୟବ୍ରତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଫାଉଣ୍ଡେଶନ ସଦସ୍ୟ ସାଗର କୁମାର ସାହୁ, ଧନଞ୍ଜୟ ଦାସ, ଧୀରଜ ଦାସ, ଅଲେଖ ବେହେରା, ପଙ୍କଜ ସ୍ୱାଇଁ, ଦେବଦତ୍ତ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# କାଳବୈଶାଖୀରେ ବ୍ୟାପକ କ୍ଷତି

କାମାକ୍ଷାନଗର, ୧୫।୫(ଡି.ଏନ.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକରେ ବୁଧବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ତୁହାକୁତୁହା ବଜ୍ରପାତରେ ଅଞ୍ଚଳ ଥରି ଉଠିଥିଲା। ଚଡ଼କରେ କାମାକ୍ଷାନଗର କଲେଜ ନିକଟ ଦୁଇଗୋଡ଼ିଆ ସାହିର ଜଗଦାନନ୍ଦ ମଲ୍ଲିକଙ୍କ ୩ ବଖରା ପୋଡ଼ି ଛାରଖାର ହୋଇଯାଇଛି। ଜିରିଡ଼ାମାଳି, ବାଇସିଙ୍ଗା, ଭଣ୍ଡାରିଆରେ ଶତାଧିକ ଗଛ ଭାଙ୍ଗି ଯାତାୟାତ ପ୍ରଭାବିତ ହୋଇଛି। ସମ୍ପୃକ୍ତ ଗ୍ରାମଗୁଡ଼ିକରେ ବହୁ ଅଜ୍‌ବେଷ୍ଟସ, ଟିଣ ଛପର, ଚାଳଘର ଉଡ଼ିଯାଇଛି। ଜିରିଡ଼ାମାଳିରେ ଗଛ ପଡ଼ି ଏକ ଟ୍ରାକ୍ଟର ଭାଙ୍ଗିଯାଇଛି। କେତେକ ସ୍ଥାନରେ ବିଦ୍ୟୁତ୍ ବିଭ୍ରାଟ ମଧ୍ୟ ହୋଇଥିବା ଜଣାପଡ଼ିଛି। ଅନ୍ୟପଟେ ଝଡ଼ତୋଫାନ ଯୋଗୁ ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି। ଦିନସାରା ହେଉଥିବା ଗୁଳୁଗୁଳିରୁ ସହରବାସୀ ଆଶ୍ୱସ୍ତ ହୋଇଛନ୍ତି।

### ଆଇଆର୍‌ବି କନଷ୍ଟେବଲ ଗିରଫ

ରାଇରଙ୍ଗପୁର, ୧୫।୫(ଡି.ଏନ୍.ଏ)

ବିବାହ ପ୍ରଲୋଭନ ଦେଖାଇ ଜନୈକା ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ଆଇ. ଆର.ବି କନଷ୍ଟେବଲଙ୍କୁ ବୁଧବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ଅଜୟ କୁମାର ଟୁଡୁ। ତାଙ୍କ ଘର ବାଦାମପାହାଡ ଥାନା ଅନ୍ତର୍ଗତ ଯାମୁଡିହି ଗ୍ରାମରେ। ଏଥିନେଇ ଥାନାରେ ମାମଲା(ନଂ.୩୪/୧୯) ରୁଜୁ ହୋଇଛି। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଞ୍ଚଳର ପୀଡିତା ଛାତ୍ରୀଙ୍କ ସହ ଅଭିଯୁକ୍ତ ଅଜୟଙ୍କର ଫେସବୁକ୍ ମାଧ୍ୟମରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଗତ ରବିବାର ଅଜୟ ଯୁବତୀଙ୍କ ଘରେ ପହଞ୍ଚି ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିଲେ। ଘଟଣା ପ୍ରଘଟ ହେବା ପରେ ଏଥିନେଇ ଗ୍ରାମରେ ଏକ ସମାଧାନ ବୈଠକ ବସିଥିଲା। ମାତ୍ର ଏଥିରେ କିଛି ସୁଫଳ ନ ମିଳିବାରୁ ଯୁବତୀଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ପୀଡିତାଙ୍କୁ ଡାକ୍ତରୀ ମାଇନା କରାଇଛି। ଗିରଫ କନଷ୍ଟେବଲ ବିବାହିତ ଓ ତାଙ୍କର ପତ୍ନୀ ସମେତ ଦୁଇ ସନ୍ତାନ ଥିବା ଜଣାପଡିଛି।

# ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାର ସ୍ଥାୟୀ ସମାଧାନ ଦାବି




ଅନୁଗୋଳ ଅଫିସ, ୧୫।୫

ଅନୁଗୋଳ ସହରର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଯୋଗୁ କେବଳ ସହରବାସୀ ନୁହଁନ୍ତି, ସହରକୁ ଆସୁଥିବା ଜନସାଧାରଣ ମଧ୍ୟ ଅତିଷ୍ଠ ହୋଇପଡିଲେଣି। ମେଡିକାଲ, ବସ୍‌ଷ୍ଟାଣ୍ଡ, ବଜାର ନିକଟରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଗଦା ହୋଇ ରହିଛି। ସେଥିରେ ଦିନବେଳା ଅଗ୍ନି ସଂଯୋଗ କରାଯାଉଥିବା ଯୋଗୁ ସହର ଧୂଆଁମୟ ହୋଇଯାଉଛି। ସେହିପରି ସଫେଇ କର୍ମଚାରୀମାନେ ଉଚିତ ପ୍ରାପ୍ୟ ପାଉ ନ ଥିବାରୁ ବାରମ୍ବାର କାର୍ଯ୍ୟବନ୍ଦ ଫଳରେ ପରିସ୍ଥିତି ଆହୁରି ସଙ୍ଗିନ ହୋଇପଡୁଛି। ଏହି ସମସ୍ୟା ସମାଧାନ କରିବା ଦିଗରେ ଜିଲା ପ୍ରଶାସନ ଓ ପୌର କର୍ତ୍ତୃପକ୍ଷଙ୍କ ଉଦାସୀନତା, ସ୍ଥାଣୁତା ଓ ଅପାରଗତାକୁ ନେଇ ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି ଘୋର ଅସନ୍ତୋଷ ବ୍ୟକ୍ତ କରିଛି। ସଫେଇ କର୍ମଚାରୀଙ୍କ ନ୍ୟାୟସଙ୍ଗତ ଦାବିଗୁଡିକୁ ପୂରଣ କରିବା ସହ ଯୁଦ୍ଧକାଳୀନ ଭିତ୍ତିରେ ପରିମଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ କମିଟି ପକ୍ଷରୁ ଦାବି କରାଯାଇଛି। ଏହା ନ ହେଲେ ଆନ୍ଦୋଳନ କରାଯିବ ବୋଲି କମିଟି ଆବାହକ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନଙ୍କ ସମେତ ଅଭିମନ୍ୟୁ ସ୍ୱାଇଁ, ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ଦିଲୀପ ଦାସ, ବ୍ରଜବନ୍ଧୁ ସାହୁ, ବୁଦ୍ଧିଜୀବୀ ହେମନ୍ତ ଦାସ, ତ୍ରେତାନନ୍ଦ ସାମନ୍ତ, ପଠାଣି ବାରିହା, ଜୟସେନ ମେହେର ପ୍ରମୁଖ ଦାବି କରିଛନ୍ତି।

# ଚୁଆପାଣିରେ ଚଳୁଛି ଶଙ୍ଖାମାଳ

ମାଧପୁର, ୧୫।୫



ଆଠମଲ୍ଲିକ ବ୍ଲକ ଶଙ୍ଖାମାଳ ଗ୍ରାମର ୮ଶହ ଲୋକଙ୍କ ଚିନ୍ତା ବଢାଇଛି ପାନୀୟ ଜଳ ସମସ୍ୟା। ଗ୍ରାମର ଅଧିକାଂଶ ନଳକୂଅ ଅଚଳ ହୋଇପଡିଥିବାବେଳେ ବାକିରୁ ପିଇବା ଉପଯୋଗୀ ପାଣି ବାହାରୁ ନାହିଁ। ଏପରିସ୍ଥିତିରେ ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ଯୋଗେ ମଧ୍ୟ ପାଣି ଯୋଗାଯାଉ ନ ଥିବାରୁ ଗ୍ରାମବାସୀ ଦୟନୀୟ ଅବସ୍ଥାରେ ଚୁଆପାଣିରେ ଚଳୁଛନ୍ତି।

ଅନୁଗୋଳ ଜିଲାର ଶେଷ ସୀମା ଶଙ୍ଖାମାଳ ଗ୍ରାମରେ ରହିଛି ୫ ନଳକୂଅ ଓ ୩ଟି ସରକାରୀ କୂଅ। ସେଥିମଧ୍ୟରୁ ୩ ଟି ନଳକୂଅ ଓ ଗୋଟିଏ କୂଅ ଅଚଳ ହୋଇପଡିଛି। ବଳକା ନଳକୂଅରୁ ପିଇବା ଉପଯୋଗୀ ପାଣି ବାହାରୁନି। ଗ୍ରାମକୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ମଧ୍ୟ ହୋଇନି। ଫଳରେ ପ୍ରବଳ ଖରାରେ ଗ୍ରାମର ମହିଳାମାନେ ବାଧ୍ୟ ହୋଇ ଏକ କିଲୋମିଟର ଦୂର କେରାଣ୍ଡି ଯୋରରୁ ଚୁଆ ଖୋଳି ପିଇବା ପାଣି ସଂଗ୍ରହ କରୁଛନ୍ତି। ପ୍ରଶାସନ ତୁରନ୍ତ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସାମାଜିକ କର୍ମୀ ହିମାଞ୍ଚଳ ପ୍ରଧାନ କୁହନ୍ତି, ଏହି ଅସୁବିଧା ସବୁଦିନିଆ। ବିଭିନ୍ନ ପର୍ଯ୍ୟାୟରେ ବହୁଥର ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ସ୍ଥାୟୀ ପାଣି ଟାଙ୍କି କିମ୍ବା ପାଖରେ ଥିବା ମହାନଦୀରୁ ପାଇପ ଯୋଗେ ପାନୀୟ ଜଳ ଯୋଗେଦେବାକୁ ବାରମ୍ବାର ନିବେଦନ କରାଯାଇଛି। କିନ୍ତୁ କିଛି ସୁଫଳ ମିଳିନି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆ ନ ଗଲେ ଗ୍ରାମବାସୀ ଆମରଣ ଅନଶନ କରିବେ ବୋଲି ଏକ ବୈଠକ ବସି ନିଷ୍ପତ୍ତି ନିଆଯାଇଛି।

■ଏସ୍ଆର୍‌ସିଙ୍କୁ ଫନୀ କ୍ଷୟକ୍ଷତି ରିପୋର୍ଟ ଦେଲା ପ୍ରଶାସନ

# କ୍ଷତିଗ୍ରସ୍ତ ହୋଇଛି ୫୧୯ ଘର

ଅନୁଗୋଳ ଅଫିସ, ୧୫।୫

**କ୍ଷତିପୂରଣ ବାବଦକୁ ଦିଆଯାଇଛି ୧୬ ଲକ୍ଷ ୮୬ ହଜାର**

ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ବାତ୍ୟା ଫନୀରେ ହୋଇଥିବା କ୍ଷୟକ୍ଷତି ହିସାବ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆର୍‌ସି)ଙ୍କୁ ପ୍ରଦାନ କରାଯାଇଛି। ଜିଲାର ୮ ବ୍ଲକ ମଧ୍ୟରୁ ୫ ବ୍ଲକରେ କ୍ଷୟକ୍ଷତି ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ମୋଟ ୩୬ ପଞ୍ଚାୟତର ୬୭ଟି ଗାଁ ପ୍ରଭାବିତ ହୋଇଥିବାବେଳେ ୫ ହଜାର ୭୦୯ ଜଣ ଲୋକ ଦୁର୍ଦ୍ଦଶାରେ ରହିଥିଲେ ବୋଲି ଜିଲା ପ୍ରଶାସନ ପକ୍ଷରୁ ତଥ୍ୟ ଦିଆଯାଇଛି। ଜିଲାରେ ଗୋଟିଏ ଦିନ ୨୮ଟି ସ୍ଥାନରେ ୫ ହଜାର ୫୮୭ ଜଣଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଛି। କୌଣସି ବ୍ୟକ୍ତି ମୃତାହତ ହୋଇନାହାନ୍ତି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଲୋକଙ୍କୁ ୧୨.୨୫ କୁଇଣ୍ଟାଲ ଚୁଡା, ୩.୧୦ କୁଇଣ୍ଟାଲ ଗୁଡ଼ ଯୋଗାଯାଇଛି। ଏଥିସହ ୫୧୯ ଜଣଙ୍କୁ ପଲିଥିନ ପ୍ରଦାନ କରାଯାଇଛି। ଫନୀରେ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିବାକୁ ୬ଟି ମେଡ଼ିକାଲ ଟିମ୍ କରାଯିବା ସହ ୧୪ଟି ମେଡିକାଲ ସେଣ୍ଟର ଖୋଲାଯାଇଥିଲା। ବାତ୍ୟା ପରେ ଲୋକମାନଙ୍କୁ ୬୪ ହଜାର ପ୍ୟାକେଟ ଓଆର୍‌ଏସ୍, ୪୫ ହଜାର ହାଲୋଜେନ ଟାବଲେଟ୍ ଓ ୧୭ ବ୍ୟାଗ ବ୍ଲିଚିଂ ପାଉଡ଼ର ଯୋଗାଇ ଦିଆଯାଇଥିଲା। ସେହିପରି ବିଭିନ୍ନ ସ୍ଥାନରେ ପଡ଼ିଥିବା ଗଛ ଗୁଡ଼ିକୁ କାଟିବା ପାଇଁ ୧୫ ହଜାର ୨ ଶହ ଟଙ୍କା ଖର୍ଚ୍ଚ କରାଯାଇଛି। ଜିଲାରେ ୧୩ଟି ପକ୍କାଘର ସାମାନ୍ୟ ପ୍ରଭାବିତ ହୋଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ସେଥିମଧ୍ୟରୁ ବଅଁରପାଳ ବ୍ଲକର ୧୦ଟି ଓ ୩ଟି କଣିହାଁ ବ୍ଲକର ବୋଲି ତଥ୍ୟ ଦିଆଯାଇଛି। କ୍ଷତିଗ୍ରସ୍ତଙ୍କୁ ୬୭ ହଜାର ୬ ଶହ ଟଙ୍କା ପ୍ରଦାନ କରାଯାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଏତଦ୍‌ବ୍ୟତୀତ ୫୦୬ଟି କଚ୍ଚାଘର ପ୍ରଭାବିତ ହୋଇଛି। ସେଥିମଧ୍ୟରୁ ଅନୁଗୋଳ ବ୍ଲକରେ ସର୍ବାଧିକ ୩୮୫ଟି, ବଅଁରପାଳରେ ୫୦ଟି, କଣିହାଁରେ ୬୫ଟି, ଆଠମଲ୍ଲିକର ୨ଟି, ପାଲଲହଡ଼ାର ୪ଟି ଘର ରହିଛି। ପ୍ରତି ଘର ବାବଦକୁ ୩ ହଜାର ୨ ଶହ ଟଙ୍କା ଲେଖାଏ ମୋଟ ୧୬ ଲକ୍ଷ ୧୯ ହଜାର ୨ ଶହ ଟଙ୍କା ପ୍ରଦାନ କରାଯାଇଛି। ଜିଲାରେ କୌଣସି ଗୁହାଳ ଓ କୁଡ଼ିଆ ପ୍ରଭାବିତ ହୋଇ ନ ଥିବା ରିପୋର୍ଟରେ ଦର୍ଶାଯାଇଛି। ମୋଟ ଘର ୫୧୯ଟି ଘର କ୍ଷତିଗ୍ରସ୍ତ ହୋଇଥିବାବେଳେ ଲୋକମାନଙ୍କୁ କ୍ଷତିପୂରଣ ବାବଦରେ ୧୬ ଲକ୍ଷ ୮୬ ହଜାର ୮ ଶହ ଟଙ୍କା ପ୍ରଦାନ କରାଯାଇଛି। ଅପରପକ୍ଷେ ଜିଲାର ଲୋକଙ୍କୁ ଖାଦ୍ୟ ବାବଦକୁ ୨ ଲକ୍ଷ ୭୩ ହଜାର ୬୬୪ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି। ଅନ୍ୟପକ୍ଷରେ ଲୋକମାନଙ୍କୁ କୌଣସି ପିନ୍ଧା ବସ୍ତ୍ର ପ୍ରଦାନ କରାଯାଇ ନ ଥିବା ଉକ୍ତ ରିପୋର୍ଟରେ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

**ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ- ୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

# ମୁଖ୍ୟମନ୍ତ୍ରୀ କହିଥିଲେ, ୱେଲ୍‌କମ୍ ମାଇଁ ବଏଜ୍..

## ମୋ ଅନୁଭୂତି


କ୍ରିଷ୍ଣା ରେଡ୍ଡୀ

୨୦୦୯ ଅଗଷ୍ଟ ୨୨ ତାରିଖ। ସାରା ବିଶ୍ୱରେ ଆମେ ପରିଚୟ ପାଇଲୁ। ଇଣ୍ଡିଆ ଗଟସ୍ ଟ୍ୟାଲେଣ୍ଟ ରିୟଲିଟି ଶୋରେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍ ବିଜେତା ହେବା ସହ ଓଡ଼ିଶାର ପରିଚୟ ଆମେରିକା ପର୍ଯ୍ୟନ୍ତ ଲମ୍ବିଗଲା। ଷ୍ଟେଜ ଉପରେ ଆମେ ୱିନର ବୋଲି ଘୋଷଣା ହେବା ମାତ୍ରେ ବହୁତ ଖୁସି ମିଳିଥିଲା ସତ, ହେଲେ ଓଡ଼ିଶା ଫେରିବା ପରେ ଆମକୁ ଯେଉଁଭଳି ଭାବେ ସମ୍ମାନ ଦିଆଗଲା, ଯେଉଁ ଭଲପାଇବା ଲୋକମାନେ ଦେଲେ ତାହା ସେ ଷ୍ଟେଜ ଉପରର ଖୁସିଠାରୁ ଅଧିକା ଥିଲା। ୨୪ ତାରିଖରେ ଆମେ ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିବା ବେଳକୁ ଜନସମୁଦ୍ର। ଲୋକମାନେ ଆମକୁ ଦେଖିବାକୁ ପାଇଁ ଭିଡ଼ ଲଗାଇଥାନ୍ତି। ଏୟାରପୋର୍ଟରୁ ବାହାରିବା ପାଇଁ ବି ଆମକୁ ହାଲକା ଛାନିଆ ଲାଗିଥିଲା। ହେଲେ ବାହାରିବା ବେଳକୁ ଆମକୁ ୧୦୦ରୁ ୧୫୦ ପୋଲିସ କର୍ମଚାରୀ ସୁରକ୍ଷା ବଳୟ ଭିତରେ ବାହାରକୁ ଆଣିଲେ। କେବେ ସ୍ୱପ୍ନରେ ବି ଭାବି ନ ଥିଲି ଏମିତି ଦିନ ଦେଖିବାକୁ ମିଳିବ ବୋଲି। ବାହାରେ ବିଧାୟକ, ମନ୍ତ୍ରୀ, ବଡ଼ ବଡ଼ ଅଫିସରମାନେ ଆମକୁ ଫୁଲତୋଡା ଦେଇ ଶୁଭେଚ୍ଛା ଜଣାଉଥାନ୍ତି। ତେବେ ଏୟାରପୋର୍ଟରୁ ଗାଡ଼ି ସିଧାଗଲା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାସଭବନକୁ। ମୁଖ୍ୟମନ୍ତ୍ରୀଙ୍କୁ କେବେ ଆଗରୁ ଏମିତି ଭେଟି ନ ଥିବା ପିଲାମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ତାଙ୍କ ସହ ସିଧା କଥା ହେବେ, ତାହା ଦିବାସ୍ୱପ୍ନ ଭଳି ଅନୁଭବ ହେଉଥାଏ। ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଗାଡ଼ି ଲାଗିଲା। ଆମେ ଓହ୍ଲାଇବା ବେଳକୁ ମୁଖ୍ୟମନ୍ତ୍ରୀ ବାହାରେ ଛିଡ଼ା ହୋଇଥାନ୍ତି। ପାଖକୁ ଯିବା ମାତ୍ରେ ପିଠିରେ ହାତ ଥାପୁଡ଼ାଇ କହିଥିଲେ ୱେଲକମ୍ ମାଇଁ ବଏଜ୍..। ଏହି କଥାଟି ଜୀବନ ଯାକ ମନେ ରହିବ। ସେ ଦିନ ମୁଖ୍ୟମନ୍ତ୍ରୀଙ୍କ ସହ ଅନେକ କଥାବାର୍ତ୍ତା ହୋଇଥିଲୁ। ଇଣ୍ଡିଆ ଗଟ୍‌ସ ଟ୍ୟାଲେଣ୍ଟର ଚମ୍ପିୟନ କ୍ରିଷ୍ଣା ରେଡ୍ଡୀଙ୍କର ଏହା ହେଉଛି ଅନୁଭୂତିରୁ କିଛି। କ୍ରିଷ୍ଣାଙ୍କ ଘର ବ୍ରହ୍ମପୁରର ହାଉସିଂ ବୋର୍ଡ ଅଞ୍ଚଳରେ। ତାଙ୍କ ପିତା ହେଲେ ସ୍ୱର୍ଗତ ଈଶ୍ୱର ରାଓ ଓ ମା' ଟି. ଲୀଳାବତୀ। କ୍ରିଷ୍ଣାଙ୍କ କହିବା ଅନୁଯାୟୀ, ସମ୍ମାନ ଯେତେ ଦେଶବିଦେଶରେ ପାଇଲେ ବି ନିଜ ମାଟିରେ ଯଦି ଲୋକମାନେ ତୁମକୁ ଭଲପାଇବା ଦେବେ କିମ୍ବା ସମ୍ମାନ ଜଣାଇବେ ତାହା ସବୁଠାରୁ ବଡ଼ କଥା। କ୍ରିଷ୍ଣାଙ୍କ ଜୀବନୀକୁ ନେଇ ଏକ ଚଳଚ୍ଚିତ୍ର ମଧ୍ୟ ପ୍ରସ୍ତୁତ ହୋଇଛି, ଯାହାର ନାଁ ରହିଛି କ୍ରିଷ୍ଣା-ଷ୍ଟୋରି ଅଫ ଏ ଡ୍ୟାନ୍ସର।

–ରିପୋର୍ଟ: କୁମାରଶ୍ରୀ ସାହୁ

# ଲତା, କିଶୋରଙ୍କ ଗୀତରେ ନିଜକୁ ହଜାଇଥାଏ


ପ୍ରଫେସର ଦଉେଶ୍ୱର ହୋତା

ବହୁ ଦୁଃଖ ଲାଗିଥାଏ ଯେତେବେଳେ କୌଣସି ରୋଗୀ ଚେରମୂଳ ଖାଇ କିମ୍ବା ଗୁଣିଗାରେଡିର ଆଶ୍ରୟ ନେଇ ଗୁରୁତର ହେବା ପରେ ଡାକ୍ତରଖାନାକୁ ଆସିଥାନ୍ତି। ଆଧୁନିକ ଚିକିତ୍ସା ବିଜ୍ଞାନ ଅନେକ ଅସାଧ ରୋଗକୁ ଆରୋଗ୍ୟ କରିପାରୁଛି। ହେଲେ ଏମାନଙ୍କୁ ସେ ସବୁ ଜଣାନାହିଁ। ତେଣୁ ମୋ ଜୀବନରେ ଏକ ମିଶନ ନେଇ ମୁଁ କାର୍ଯ୍ୟ କରୁଛି। ଯେଉଁଠି ସ୍ୱାସ୍ଥ୍ୟ ସେବା ଅପହଞ୍ଚ ଅଛି, ସେଠାରେ କିଭଳି ଆଧୁନିକ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଲୋକଙ୍କୁ ଅବଗତ କରିହେବ ସେ ଲକ୍ଷ୍ୟ ନେଇ ମୁଁ କାର୍ଯ୍ୟ କରୁଛି। ଏବେ ରାଜ୍ୟର ଦୁର୍ଗମ ଅଞ୍ଚଳଗୁଡିକୁ ଯାଇ ସ୍ୱାସ୍ଥ୍ୟ କ୍ୟାମ୍ପ ମାଧମରେ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା କରୁଛି। ୨୦୧୭ରେ ମାଲକାନଗିରି ଜିଲାର କୋରକୁଣ୍ଡା ଅଞ୍ଚଳରେ ଏକ ସ୍ୱାସ୍ଥ୍ୟ କ୍ୟାମ୍ପ କରିଥିଲି। ବହୁସଂଖ୍ୟାରେ ବଣ୍ଡା ଜନଜାତିର ଲୋକ ସେଠାକୁ ଆସିଥିଲେ। ସେମାନଙ୍କ ସରଳତା ଓ ନିଷ୍କପଟତା ମୋତେ ଅନେକ ଭାବରେ ପ୍ରଭାବିତ କରିଛି। ତେଣୁ ସମୟ ପାଇବା ମାତ୍ରେ ଏହିସବୁ ଅଞ୍ଚଳକୁ ଗସ୍ତ କରି ଲୋକଙ୍କୁ ଆଧୁନିକ ଚିକିତ୍ସା ବିଜ୍ଞାନ ପ୍ରତି ସଚେତନ କରିବା କାର୍ଯ୍ୟ ଜାରି ରଖିବି। ଏ କଥା କହିଛନ୍ତି ଏସସିବି ମେଡିକାଲ ମୂତ୍ରଶଲ୍ୟ ବିଭାଗ(ୟୁରୋଲୋଜି)ର ବରିଷ୍ଠ ପ୍ରଫେସର ଡା. ଦଉେଶ୍ୱର ହୋତା। ୧୯୫୮ ଜାନୁୟାରୀ ୧୩ରେ ସୋନପୁରଠାରେ ଜନ୍ମଗ୍ରହଣ କରିଥିବା ଡାକ୍ତର ହୋତା ରାଜ୍ୟରେ ଏକ ପରିଚିତ ଚେହେରା। ବାପା ଚିତ୍ତରଞ୍ଜନ ଓ ମା' ଜ୍ଞାନୀ ଦେବୀ ଚାହିଁଥିଲେ ଯେ ପୁଅ ଜଣେ ବଡ ଡାକ୍ତର ହେଉ। ବାପା, ମା'ଙ୍କ ଲକ୍ଷ୍ୟକୁ ପୂରଣ କରିବା ଲକ୍ଷ୍ୟରେ ଦଉେଶ୍ୱର ସ୍କୁଲ ଜୀବନରୁ ପ୍ରସ୍ତୁତି ଆରମ୍ଭ କରିଥିଲେ। ୧୯୭୬ରେ ଏସ୍‌ସିବି ମେଡିକାଲ କଲେଜରେ ଏମ୍‌ବିବିଏସ୍ ପଢ଼ିଥିଲେ। ଏହାପରେ ମାଷ୍ଟର ଅଫ ସର୍ଜରୀ ଓ ୧୯୯୩ରେ ଚଣ୍ଡିଗଡ଼ରୁ ୟୁରୋଲୋଜିରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ଏସ୍‌ସିବି ମେଡିକାଲରେ କିଡ୍‌ନୀ ପ୍ରତ୍ୟାରୋପଣ କରି ସଫଳତାର ମାଇଲ ଖୁଣ୍ଟ ସ୍ଥାପନ କରିଥିବା ଡାକ୍ତର ହୋତାଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ତାଙ୍କୁ ପଚରାଯାଇଥିବା କେତୋଟି ପ୍ରଶ୍ନ।

## ନିଜ କଥା

**ପ୍ରଥମ ଦରମାରେ କ'ଣ କରିଥିଲେ?**
▸▸୧୯୮୬ରେ ବୁର୍ଲା ମେଡିକାଲରେ ଡାକ୍ତରଭାବେ ଚାକିରିରେ ଯୋଗଦେଇଥିଲି। ପ୍ରଥମ ମାସର ଦରମା ମା'ଙ୍କୁ ଦେଇଥିଲି।

**କେଉଁ ରଙ୍ଗକୁ ଆପଣ ପସନ୍ଦ କରନ୍ତି?**
▸▸ସବୁଜ ରଙ୍ଗ ମୋର ବହୁତ ପସନ୍ଦ। ଏହି ରଙ୍ଗରେ ମୁଁ ଶାନ୍ତି ଓ ସହାନୁଭୂତି ଲାଭ କରିଥାଏ।

**ସିନେମା ଦେଖନ୍ତି?**
▸▸ସମୟ ପାଇବା ମାତ୍ରେ ମୁଁ ସିନେମା ଦେଖିବାକୁ ଯାଇଥାଏ। ଶେଷଥର ପାଇଁ ହଲ୍‌ରେ ବସି ପଦ୍ମାବତ୍ ସିନେମା ଦେଖିଥିଲି।

**ପସନ୍ଦର କଳାକାର କେଉଁମାନେ?**
▸▸ଅମିତାଭ ବଚ୍ଚନ ଓ ୱାହିଦା ରହମାନ ମୋର ପସନ୍ଦର ଅଭିନେତା, ଅଭିନେତ୍ରୀ।

**ଗୀତ ଶୁଣନ୍ତି?**
▸▸ହଁ, ବହୁତ ଭଲ ପାଏ। ଲତା ଓ କିଶୋରକୁମାରଙ୍କ ଗୀତରେ ମୁଁ ନିଜକୁ ହଜାଇଥାଏ। ଓଡ଼ିଆରେ ନିର୍ମଳା ମିଶ୍ରଙ୍କ କଣ୍ଠସ୍ୱର ମୋର ପସନ୍ଦ।

**ରୋଷେଇ ଜାଣିଛନ୍ତି?**
▸▸ପୂରା ସିଦ୍ଧହସ୍ତ। ଭେଜ୍, ନନ୍‌ଭେଜ୍ ସବୁ ପ୍ରସ୍ତୁତ କରିପାରିବି। ହେଲେ ଏବେ ସମୟ ଅଭାବରୁ ଆଉ କିଚେନକୁ ଯାଇପାରୁନି।

**ବହି ପଢ଼ନ୍ତି?**
▸▸ବହି ପଢିବା ମୋର ପିଲା ଦିନରୁ ଅଭ୍ୟାସ। ଏବେ ସୁଧାମୂର୍ତ୍ତିଙ୍କ ଥ୍ରି ଥାଉଜାଣ୍ଡାସ(୩୦୦୦) ଷ୍ଟିଚେସ ବହି ପଢୁଛି।

**ଲଭ୍ ନା ଆରେଞ୍ଜ୍ ମ୍ୟାରେଜ?**
▸▸ସମ୍ପୂର୍ଣ୍ଣ ଆରେଞ୍ଜ ମ୍ୟାରେଜ। ୧୯୮୯ ଜୁନ୍ ୩୦ରେ ମୁଁ ସୁଜାତା ପୂଜାରୀଙ୍କୁ ବିବାହ କରିଥିଲି। ସେ ଏବେ ଏସ୍‌ସିବି ମେଡିକାଲର ପାଥୋଲୋଜି ବିଭାଗରେ ସହକାରୀ ପ୍ରଫେସର ଭାବେ କାର୍ଯ୍ୟରତ।

**ସ୍ତ୍ରୀଙ୍କ କେଉଁ ଗୁଣ ଆପଣଙ୍କୁ ଭଲ ଲାଗେ?**
▸▸ତାଙ୍କ ପାଖରେ କୌଣସି ଖରାପ ଗୁଣ ମୁଁ ଦେଖିନି, ତେଣୁ ତାଙ୍କର ସମସ୍ତ ଗୁଣ ମୋତେ ଭଲ ଲାଗେ।

–ସାକ୍ଷାତ: ନିର୍ମଳ ପଣ୍ଡା

# ଚିକେନ୍ ମହାରାନୀ ମୋତାଲାଇ

## ଖାଦ୍ୟ ରୁଚି

ଚିକେନକୁ ନେଇ ବିଭିନ୍ନ ପ୍ରକାର ଡିଶ୍ ପ୍ରସ୍ତୁତ ହେଉଛି। ଗ୍ରାହକଙ୍କ ସ୍ୱାଦ ଅନୁଯାୟୀ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ବ୍ୟଞ୍ଜନ ତିଆରି କରାଯାଉଛି। ତେବେ ପୁରୀ ସିଟି ରୋଡରେ ଥିବା ହୋଟେଲ ସୂର୍ଯ୍ୟ ବିଚ୍ ଇନ୍ ମଧ ସୁସ୍ୱାଦୁପୂର୍ଣ୍ଣ ଖାଦ୍ୟ ଉପରେ ଗୁରୁତ୍ୱ ଦେଇଆସୁଛି। ଏଠାରେ ଉଭୟ ଆମିଷ ଏବଂ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଇ ଗ୍ରାହକଙ୍କୁ ଦିଆଯାଏ। ଆମିଷ ମଧରେ ଚିକେନ ମହାରାନୀ ମୋତାଲାଇ ହେଉଛି ହୋଟେଲ ସୂର୍ଯ୍ୟ ବିଚ୍ ଇନର ଏକ ଚାହିଦାଯୁକ୍ତ ଡିଶ୍। ଏହି ଇଣ୍ଡିଆନ ଡିଶ୍‌ର ପ୍ଲେଟ୍ ଦାମ୍ ରହିଛି ୨୫୦ ଟଙ୍କା। ଏହାର ପ୍ରସ୍ତୁତି ସମ୍ପର୍କରେ ହୋଟେଲର ମୁଖ୍ୟ ସେଫ୍ ସାଗର ପ୍ରସାଦ ଦାସଙ୍କ ମୁହଁରୁ...




ସାଗର ପ୍ରସାଦ ଦାସ

### ଆବଶ୍ୟକ ସାମଗ୍ରୀ

ଚିକେନ୍-୭୦୦ ଗ୍ରାମ୍
ସୋରିଷ ତେଲ-୧୦୦ଗ୍ରାମ୍
କଟା ପିଆଜ-୧୫୦ଗ୍ରାମ୍
କ୍ଷୀର-୩୦୦ଗ୍ରାମ୍
ଅମୂଲ କ୍ରିମ୍-୧୦୦ଗ୍ରାମ୍
ଦହି-୩୦୦ଗ୍ରାମ୍
ଚିନି-୧ଚାମଚ
ଗୋଟା ଜିରା-୧ଚାମଚ
ଗୋଟା ଧନିଆ-୧ଚାମଚ
ପାନମଧୁରୀ-୧ଚାମଚ
ଜାଇତ୍ରୀ-୧ପିସ୍
ଗୋଟା କାଜୁ-୮ରୁ ୧୦ଟା
ବାଦାମ-୮ଟାରୁ ୧୦ଟା
କଞ୍ଚାଲଙ୍କା-୫/୬ଟା
ଲଙ୍କାଗୁଣ୍ଡ-୧ ଚାମଚ
ହଳଦୀଗୁଣ୍ଡ-ଅଧ ଚାମଚ
ଗରମ ମସଲା-ଅଧ ଚାମଚ
ଗୁଜରାତି-୫/୬ଟା
ସ୍ୱାଦ ଅନୁଯାୟୀ ଲୁଣ

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ପ୍ରଥମେ ଚିକେନକୁ ମଧମ ଧରଣର ପିସ୍ କରିବେ। ଏହାକୁ ଭଲ ଭାବେ ଧୋଇ ଏକ ପାତ୍ରରେ ରଖିବେ। ଚୁଲା ଉପରେ କଡ଼େଇ ବସାଇ ୨ ଚାମଚ ତେଲ ପକାଇବେ। ଗରମ ହୋଇଗଲା ପରେ ଏଥିରେ ପ୍ରଥମେ ଗୁଜରାତି ଏବଂ ଏହାପରେ କଟା ପିଆଜ ପକାଇ ଭାଜିବେ। ପିଆଜ ସାମାନ୍ୟ ଲାଲରଙ୍ଗ ହୋଇଯିବା ପରେ ଚିକେନ ପକାଇ ଗୋଳାଇବେ। ପ୍ରାୟ ୩ ମିନିଟ୍ ପରେ ଦହି, କଞ୍ଚାଲଙ୍କା ପେଷ୍ଟ ଏବଂ ହଳଦୀ ପକାଇ କଷିବେ। ୨/୩ ମିନିଟ୍ ପରେ କ୍ଷୀର ପକାଇ ଗୋଳାଇଦେବେ। ପୂର୍ବରୁ କଟାଯାଇଥିବା କାଜୁ ଏବଂ ବାଦାମ୍‌କୁ ପକାଇ କଷିବେ। ଏଥିରୁ ପାଣି ମରିଯିବା ପରେ ଗୋଟା ଧନିଆ, ଜିରା, ପାନମଧୁରୀ, ଜାଇତ୍ରୀକୁ ଗ୍ରାଇଣ୍ଡିଂ କରି ପକାଇବେ। ଏହାପରେ ଚିନି ଏବଂ ଗରମ ମସଲା ପକାଇ ଘାଣ୍ଟିବେ। ଶୁଖିଲା ହେବା ପର୍ଯ୍ୟନ୍ତ କଷିବେ। ଶେଷରେ ଅମୂଲ କ୍ରିମ୍ ପକାଇ ଗୋଳାଇବେ ଏବଂ ସ୍ୱାଦ ଅନୁଯାୟୀ ଲୁଣ ପକାଇବେ। ଏବେ ପ୍ରସ୍ତୁତ ହୋଇଗଲା ଚିକେନ ମହାରାନୀ ମୋତାଲାଇ। ଏହାକୁ ଏକ ପାତ୍ରରେ ଗରମ ଗରମ କାଢ଼ି ତା' ଉପରେ ଧନିଆପତ୍ର ପକାଇ ନିଜେ ଖାଇବେ ଏବଂ ଅନ୍ୟଙ୍କୁ ପରଷି ଦେବେ।

# ସେଲ୍‌ଫି କର୍ଣ୍ଣର

ସେଲ୍‌ଫି ଉଠାନ୍ତୁ, ଆମ ପାଖକୁ ପଠାନ୍ତୁ
dklselfie@gmail.com
(ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)


ପ୍ରସନ୍ନ


ଦେବେନ୍ଦ୍ର


ଅରବିନ୍ଦ


ଚିଣ୍ଟୁ


ଅର୍ଶାଦ

## ସଂକ୍ଷେପରେ

### ବାତ୍ୟାବିପନ୍ନଙ୍କୁ ସହାୟତା

**ବଉଳା, ୧୫।୫ (ଡି.ଏନ.ଏ.)**-ହାଟଡିହୀ ବ୍ଲକର ମା ଜଗତ ଜନନୀ ସେବା ଟ୍ରଷ୍ଟ ପକ୍ଷରୁ ଫନୀ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଲୋକମାନଙ୍କୁ ସହାୟତା ପ୍ରଦାନ କରାଯାଇଛି । ଫନୀ ପ୍ରଭାବରେ ବିଭିନ୍ନ ଗାଁର ଲୋକମାନଙ୍କର ଚାଳ ଛପର ଉଡ଼ିଯିବା ସହିତ ମାଟି କାନ୍ଥ ଭାଙ୍ଗି ଯାଇଛି। ଫଳରେ ଗରିବ ଲୋକମାନେ ହଇରାଣ ହରକତ ହେଉଥିବା ବେଳେ ଟ୍ରଷ୍ଟ ପକ୍ଷରୁ ଲୋକମାନଙ୍କୁ ପଲିଥିନ ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଏହି ବଣ୍ଟନ ସମୟରେ ସଞ୍ଜୀବ କୁମାର ବେହେରା, କମଳକାନ୍ତ ଆଇଚ ପ୍ରମୁଖଙ୍କ ଉପସ୍ଥିତିରେ ସହାୟତା ପ୍ରଦାନ କରାଯାଇଛି ।

### ଜଳଛତ୍ର ଖୋଲିବା ପାଇଁ ଦାବି

**ହାଟଡ଼ିହୀ,୧୫।୫(ଡି.ଏନ.ଏ.)**- କେନ୍ଦୁଝର ଜିଲା ହାଟ ବ୍ଲକ ଅନ୍ତର୍ଭୁକ୍ତ ନୂଆରମ୍ଭାସ ଗ୍ରାମ ୧୪ନଂ ୱାର୍ଡ଼ ଅଧୀନ ଶାଳଣିଆଁରୁ ସୁଦୂର ଛେନାପଦୀ ଛକକୁ ସଂଯୋଗ କରିଥିବା ମୁଖ୍ୟ କେନାଲ ରାସ୍ତା ଉପରେ ପ୍ରତିଦିନ ଶହ ଶହ ଲୋକ ଯାତାୟାତ କରିଥାନ୍ତି। ଗତବର୍ଷ ଉକ୍ତ ସ୍ଥାନରେ ଜଳଛତ୍ରର ବ୍ୟବସ୍ଥା କରାଯାଇଥିଲା। ସରକାରଙ୍କ ଦାରା ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଜଳଛତ୍ରର ସତନ୍ତ୍ର ବ୍ୟବସ୍ଥା କରାଯାଉଥିଲେ ସୁଦ୍ଧା ଚଳିତବର୍ଷର ଟାଣ ଖରାରେ ଯାତାୟାତ କରୁଥିବା ପଥଚାରୀଙ୍କ ପାଇଁ ଉକ୍ତ ସ୍ଥାନରେ ପାଣି ଟୋପେ ନ ମିଳିବା ଆଲୋଚନାର ବିଷୟ ପାଲଟିଛି । ଉକ୍ତ ସ୍ଥାନରେ ପୂର୍ବରୁ ଏକ ନଳକୂପ ଥିଲେ ସୁଦ୍ଧା ତାହା କୌଣସି କାରଣରୁ ଅଚଳ ହୋଇଥିବା ଦେଖିବାକୁ ମିଳିଛି। ଏଣୁ ଉକ୍ତ ସ୍ଥାନରେ ଯଥାଶୀଘ୍ର ଏକ ଜଳଛତ୍ର ଖୋଲିବା ପାଇଁ ଦାବି ହେଉଛି ।

### ୧୮ରୁ ପ୍ରସିଦ୍ଧ ସୁଆମ ଶାସନ ପାଲା

**ପାଟଣା,୧୫।୫(ସ୍ୱ.ପ୍ର.)**- କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସୁଆମ ଶାସନର ୬୪ ତମ ବାଦୀପାଲା ମହୋତ୍ସବ ୧୮ରୁ ଆରମ୍ଭ ହୋଇ ୫ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଚଳିତ ବର୍ଷ କେନ୍ଦ୍ରାପଡା ଜିଲାର ଗାୟକ ଦତ୍ତକୃଷ୍ଣ ପଣ୍ଡାଙ୍କ ସହ କଟକ ଜିଲାର ଉପେନ୍ଦ୍ର ସାମନ୍ତରାୟଙ୍କ ମଧରେ ଏହି ବାଦୀପାଲା ଅନୁଷ୍ଠିତ ହେବ ବୋଲି କମିଟିର ସଭାପତି ଅଜିତ କୁମାର ଦାଶ ସୂଚନା ଦେଇଛନ୍ତି। ବହୁ ସଂଖ୍ୟାରେ ପାଲା, ସଂସ୍କୃତି, ସାହିତ୍ୟ ଅନୁରାଗୀ ଶ୍ରୋତା ଉପସ୍ଥିତ ରହି ପାଲା ଶ୍ରବଣ କରିବା ପାଇଁ ପାଲା କମିଟିର ସଦସ୍ୟ ଅଜିତ କୁମାର ଦାଶ, ବଳଭଦ୍ର କର, ଭାଗିରଥୀ ଦାଶ, ଶିବପ୍ରସାଦ ଦାଶ ଓ ଜିତେନ୍ଦ୍ର କୁମାର ମିଶ୍ର ପ୍ରମୁଖ ନିବେଦନ କରିଛନ୍ତି।

### ରୋଗୀ କଲ୍ୟାଣ ସମିତିର ଦୁଇଦିନିଆ କାର୍ଯ୍ୟକ୍ରମ

**ବଉଳା, ୧୫।୫ (ଡି.ଏନ.ଏ.)**-ହାଟଡିହୀ ବ୍ଲକ ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୋସୋ ସେକ୍ଟରରେ ରୋଗୀ କଲ୍ୟାଣ ସମିତି 'ବିଶ୍ୱାସ'ର ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସେକ୍ଟରର ଅଙ୍ଗନୱାଡ଼ି କର୍ମୀ, ଆଶା, ସମିତିର ସଦସ୍ୟ ଉପସ୍ଥିତ ରହିଥିବା ବେଳେ ଟ୍ରେନର ଭାବେ ପ୍ରମୋଦ କୁମାର ମଲ୍ଲିକ ଓ ଅଙ୍ଗନୱାଡ଼ିର ସୁପରଭାଇଜର ନିରୁପମା ରାଉତ ଉପସ୍ଥିତ ସଦସ୍ୟାସଦସ୍ୟଙ୍କୁ ସଚେତନ କରାଇଥିଲେ। ସ୍ୱଚ୍ଛ ଭାରତ ଉପରେ ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ସଚେତନ କରିଥିଲେ ।

# ଖରା ତାତି ସାଙ୍ଗକୁ ବଢ଼ୁଛି ଜଳକଷ୍ଟ

**କେନ୍ଦୁଝର, ୧୫।୫(ଡି.ଏନ୍.ଏ.)**



ଗ୍ରାମବାସୀ ଚୂଆରୁ ପାଣି ସଂଗ୍ରହ କରୁଛନ୍ତି।

କେନ୍ଦୁଝର ଜିଲା ଏକ ପାହାଡିଆ ଜିଲା ଭାବେ ପରିଗଣିତ ହେଉଥିବାବେଳେ ଜିଲାରେ ଥିବା ଅନେକ ଗ୍ରାମରେ ଏବେ ପାନୀୟଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଅନେକ ସ୍ଥାନରେ କୂଅପୋଖରୀ, ଜଳାଶୟ ଆଦି ଶୁଖିଯାଇ ପାଣି ଟୋପାଏ ନ ଥିବାବେଳେ ପାନୀୟ ଜଳ ପାଇଁ ଲୋକମାନଙ୍କୁ ୪/୫ କି.ମି. ପର୍ଯ୍ୟନ୍ତ ଚାଲି ଚାଲି ଯିବାକୁ ପଡୁଛି। ଯେଉଁ ଅଞ୍ଚଳରେ ନଳକୂପଗୁଡିକରେ ପାଣି ବାହାରୁଛି ସେଠାରେ ମହିଳାମାନଙ୍କର ଲମ୍ବା ଧାଡି ପରିଲକ୍ଷିତ ହେଉଛି। ପ୍ରତ୍ୟେକ ବର୍ଷ ମାର୍ଚ୍ଚ ମାସର ଶେଷ ସପ୍ତାହ ସୁଦ୍ଧା ପାନୀୟ ଜଳ ସମସ୍ତ ଗ୍ରାମକୁ ବିଭିନ୍ନ ଗାଡି ମାଧ୍ୟମରେ ଯୋଗାଇ ଦିଆଯାଇଥାଏ।

ଚଳିତବର୍ଷ ଅଦ୍ୟାବଧି ସବୁ ଗ୍ରାମାଞ୍ଚଳରେ ପାନୀୟଜଳ ଯୋଗାଇ ଦିଆଯାଇ ନ ଥିବାରୁ ଲୋକେ ଜଳକଷ୍ଟ ଭୋଗ କରୁଛନ୍ତି। ଖରା ତାତି ଦିନକୁ ଦିନ ବୃଦ୍ଧି ପାଇ କେନ୍ଦୁଝର ଜିଲାରେ ପାରଦ ୪୦କୁ ଛୁଇଁ ସାରିଲାଣି। ଆଗାମୀ ଦିନରେ ଗ୍ରୀଷ୍ମ ପ୍ରଭାବ ଅଧିକ ବୃଦ୍ଧି ପାଇବା ସମ୍ଭାବନା ଥିବାବେଳେ ଗ୍ରାମାଞ୍ଚଳରେ ପାନୀୟ ଜଳର ଘୋର ଅଭାବ ପରିଲକ୍ଷିତ ହୋଇଛି। ଜଙ୍ଗଲ ଧ୍ୱଂସ ହେବା ଫଳରେ ମାଟିର ଜଳଧାରଣ ଶକ୍ତି ହ୍ରାସ ପାଇବାରେ ଲାଗିଛି। ଭୂଗର୍ଭସ୍ଥ ଜଳପତ୍ତନ ନିମ୍ନସ୍ତରକୁ ଖସିଚାଲିଛି। ତେଲକୋଇ, ବାଂଶପାଳ, ହରିଚନ୍ଦନପୁର, ଯୋଡା, ବଡବିଲ ଆଦି ବ୍ଲକ ଅଞ୍ଚଳରେ ନଳକୂପ ଖୋଳାଯାଉଥିଲେ ସୁଦ୍ଧା ଅଧିକାଂଶ ନଳକୂପରୁ ପାନୀୟ ଜଳ ବାହାରୁ ନାହିଁ। କେତେକ ଚୁଆ, ନଦୀ ଓ ନାଳ ପାଣିକୁ ପାନୀୟ ରୂପେ ବ୍ୟବହାର କରୁଥିବାବେଳେ ଆଉ କେତେକଙ୍କୁ ପାଣି ପାଇଁ ମାଇଲ ମାଇଲ ବାଟ ଯିବାକୁ ପଡୁଛି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସୂତ୍ରରୁ ଜଣାପଡିଛି ଯେ, ଜିଲାରେ ପାଖାପାଖି ୧୪୦୦୦ରୁ ଊର୍ଦ୍ଧ୍ୱ ନଳକୂପ ରହିଛି। ସେହିପରି ଜିଲ୍ଲାରେ ୧୨୦୦ରୁ ଊର୍ଦ୍ଧ୍ୱ ପରିମଳ କୂପ ରହିଛି। ନଳକୂପ ମରାମତି ପାଇଁ ପ୍ରତ୍ୟେକ ବ୍ଲକକୁ ଦାୟିତ୍ୱ ଦିଆଯାଇଛି। ସେହିପରି ଜିଲାରେ ୩୦୦ରୁ ଊର୍ଦ୍ଧ୍ୱ ପାଇପ୍ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉଛି। ଏଥିମଧ୍ୟରୁ ବହୁ ସ୍ୱଜଳଧାରା ଯୋଜନାର ନିର୍ମାଣ ହୋଇଥିବା ପ୍ରକଳ୍ପ ଅଚଳ ହୋଇପଡିଥିବାବେଳେ ସଜଡା ଯାଉନଥିବାରୁ ସମସ୍ୟା ଉଗ୍ରରୂପ ଧାରଣ ଧରିଛି। ନୂତନ ଭାବେ ଖୋଳା ଯାଉଥିବା ନଳକୂପଗୁଡିକ ମଧ୍ୟରୁ ପ୍ରାୟ ୧୦ ପ୍ରତିଶତ ବିଫଳ ହେଉଥିବା ଜଣାପଡିଛି। ଜଳସ୍ତର ହ୍ରାସ ଯୋଗୁଁ ଏହି ସମସ୍ୟା ଉପୁଜୁଛି ବୋଲି ବିଭାଗୀୟ କର୍ତ୍ତୃପକ୍ଷ ମତପ୍ରକାଶ କରୁଛନ୍ତି। ପୂର୍ବରୁ ଗ୍ରାମାଞ୍ଚଳରେ ୨୫ରୁ ୩୦ମିଟର ଗଭୀରରେ ପାଣି ମିଳୁଥିବାବେଳେ ଏବେ ୫୦ରୁ ୬୦ ମିଟର ଖୋଳିଲେ ମଧ୍ୟ ପାଣି ବାହାରୁନାହିଁ। ସର୍ବନିମ୍ନ ୧୦ଟି ଘର ଥିବା ଜନବସତି ଓ ୫୦୦ ମିଟର ଦୂରରେ ନଳକୂପ ନଥିବା ଜନବସତିରେ ଏକ ନଳକୂପ ଖୋଳିବା ପାଇଁ ବ୍ଯବସ୍ଥା ରହିଥିଲେ ସୁଦ୍ଧା ଏହା ଶହ ଶହ ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ ହୋଇଛି। ସେହିପରି ଅନେକ ଅଞ୍ଚଳରେ ନଳକୂପ ଖୋଳିବା ପାଇଁ ଗାଡି ପହଞ୍ଚି ପାରୁନଥିବାରୁ ଜିଲାର ପାହାଡିଆ ଅଞ୍ଚଳରେ ଥିବା ଶତାଧିକ ଗ୍ରାମରେ ପାନୀୟ ଜଳ ସଙ୍କଟ ଉଗ୍ରରୂପ ଧାରଣ କରିଛି। ଗ୍ରାମାଞ୍ଚଳରେ ତୁରନ୍ତ ପାନୀୟ ଜଳ ଯୋଗାଇ ନଦେଲେ ଆଗାମୀ ଦିନରେ ପାନୀୟ ଜଳ ସମସ୍ୟା ଗୁରୁତର ହେବ ବୋଲି ଅନୁମାନ କରାଯାଉଛି। ପ୍ରତ୍ୟେକ ପଞ୍ଚାୟତ ଅଞ୍ଚଳକୁ ତୁରନ୍ତ ପାନୀୟ ଜଳ ଯୋଗାଇ ଦେବାକୁ ସ୍ଥାନୀୟ ବାସୀନ୍ଦା ଦାବି କରିଛନ୍ତି।

■ ସବ୍ ରେଜିଷ୍ଟ୍ରି ଅଫିସ୍ ସ୍ଥାନାନ୍ତର ଦାବି

# ଜାତୀୟ ରାଜପଥ ଅବରୋଧ: ଚଳାଚଳ ବ୍ୟାହତ



ଜାତୀୟ ରାଜପଥ ଅବରୋଧ କରି ଲୋକେ ଆନ୍ଦୋଳନ କରୁଛନ୍ତି।

**ଆନନ୍ଦପୁର, ୧୫। ୫(ସ୍ୱ.ପ୍ର.)**

ଆନନ୍ଦପୁର ଉପଖଣ୍ଡ ସାଇଁକୁଲ ଠାରେ କାର୍ଯ୍ୟକାରୀ ହେବାକୁ ଥିବା ସବ୍‌ରେଜିଷ୍ଟ୍ରି ଅଫିସ୍ ଦୀର୍ଘ ଦିନ ଧରି ଘସିପୁରା ଠାରେ ଚାଲୁଥିବାରୁ ସ୍ଥାନାନ୍ତର ଦାବିରେ ରାସ୍ତା ଅବରୋଧ ହୋଇଛି। ସ୍ଥାନୀୟ ଲୋକଙ୍କ ଦ୍ୱାରା ୨୦ ନଂ ଜାତୀୟ ରାଜପଥରେ ଏହି ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ଦିନ ୧୨ଟା ପର୍ଯ୍ୟନ୍ତ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଯାନାବାହନ ସବୁ ଅଟକି ରହିଥିଲା। ରାମଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଥିଲା। ପରେ ଘସିପୁରା ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସହିତ ଖୁବ ଶୀଘ୍ର ଏକ କମିଟି ଗଠନ କରାଯାଇ ଏନେଇ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ୧୯୭୭ ମସିହାରେ ଘସିପୁରା ବ୍ଲକର ପଞ୍ଚାୟତ ଗୁଡିକର ଲୋକମାନଙ୍କ ଜମିଜମା ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଓ ବେସରକାରୀ ରେଜିଷ୍ଟ୍ରେସନ ପାଇଁ ସାଇଁକୁଳ ଠାରେ ଏକ ସବରେଜିଷ୍ଟ୍ରି ଅଫିସ ଖୋଲାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ତେବେ ସାଇଁକୁଳ ଠାରେ ଗୃହ ଜନିତ ସମସ୍ୟା ଉପୁଜିବାରୁ ଏହାକୁ ଦୀର୍ଘ ୧୨ କି.ମି. ଦୂର ଘସିପୁରା ଠାରେ କାର୍ଯ୍ୟକାରୀ କରାଯାଇଥିଲା। ତେବେ ଘସିପୁରା ଠାରେ ଭଡା ସୂତ୍ରରେ ଚାଲିଥିବା ଏହି କାର୍ଯ୍ୟାଳୟ ତାର ପ୍ରକୃତ ସ୍ଥାନ ସାଇଁକୁଳକୁ ଫେରାଇଆଣିବା ଲାଗି ସ୍ଥାନୀୟ ଲୋକମାନେ ବାରମ୍ବାର ଦାବି କରିବା ଫଳରେ ୨୦୦୯ ମସିହାରେ ସାଇଁକୁଳ ଠାରେ ଏକ ସବ ରେଜିଷ୍ଟ୍ରି ଅଫିସ ଗୃହ ସରକାରଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା। ଇତିମଧ୍ୟରେ ଦୀର୍ଘ ୧୦ ବର୍ଷ ବିତିବାକୁ ବସିଥିଲେ ସୁଦ୍ଧା ସାଇଁକୁଳ ଠାରେ ଏହି କାର୍ଯ୍ୟାଳୟ କାର୍ଯ୍ୟକାରୀ ହୋଇପାରିନି। ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଜିଲାପାଳଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ଅବଗତ କରାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରିନାହିଁ। ସୁବଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମାନ୍ୟବର ହାଇକୋର୍ଟ ସମ୍ପୃକ୍ତ ସବରେଜିଷ୍ଟ୍ରି ଅଫିସକୁ ଘସିପୁରା ଠାରୁ ସାଇଁକୁଳକୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଏହାକୁ କେଉଁ ପରିସ୍ଥିତିରେ କାର୍ଯ୍ୟକାରୀ କରାଯାଉନାହିଁ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି।

### ୧୯ରେ ଭୋଳନୂଆଗାଁ ବୁଥ୍‌ରେ ସାନି ମତଦାନ

**ଆନନ୍ଦପୁର/କେନ୍ଦୁଝର, ୧୫।୫(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ଘସିପୁରା ବିଧାନସଭାର ୧୭୧–ଭୋଳନୁଆଗାଁ ବୁଥ୍ ରେ ଚଳିତ ମାସ ୧୯ ତାରିଖରେ ସାନି ମତଦାନ ନିମନ୍ତେ ରାଜ୍ୟ ନିର୍ବାଚନ କମିଶନର ନିର୍ଦ୍ଦେଶନାମା ଜାରି କରିଛନ୍ତି। ରାଜ୍ୟ ନିର୍ବାଚନ କମିଶନଙ୍କ ଚିଠି ନଂ ୧୧୧/୨୦୧୯/୧୪.୦୫.୨୦୧୯ ଅନୁଯାୟୀ କେନ୍ଦୁଝର ଜିଲାପାଳଙ୍କୁ ଅବଗତ କରାଯାଇଛି। ଏହି ମତଦାନ କେନ୍ଦ୍ରରେ ସକାଳ ୭ ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ଗ୍ରହଣ କରିବାକୁ ସ୍ଥିର କରାଯାଇଛି। ଏଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। ସୂଚନାଯୋଗ୍ୟ, ସମ୍ପୃକ୍ତ ବୁଥରେ ମତଦାନ ସମୟରେ ଅନିୟମିତତା ହୋଇଥିବାନେଇ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଘଟଣା ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟିକୁ ଅଣାଯାଇଥିଲା। ସମସ୍ତ ତଥ୍ୟ ଯାଞ୍ଚ ପରେ ସମ୍ପୃକ୍ତ ବୁଥରେ ପୁନଃ ମତଦାନ କରାଯିବା ନେଇ ସ୍ଥିର କରାଯାଇଛି।

■ କ୍ରଶରରେ କାର୍ଯ୍ୟ କରୁଥିବାବେଳେ ନାବାଳକଙ୍କ ମୃତ୍ୟୁ ଘଟଣା

# ଦେଢ଼ମାସ ବିତିଲା: ରୁଜୁ ହେଲାନି ମାମଲା

**କେନ୍ଦୁଝର, ୧୫।୫(ସ୍ୱ.ପ୍ର.)**

ତେଲକୋଇ ଥାନା ସିଙ୍ଗୁଲାବାହାଲ ସ୍ଥିତ ଏକ ଷ୍ଟୋନ କ୍ରସରରେ ମାର୍ଚ୍ଚ ମାସ ୨୭ ତାରିଖରେ କାର୍ଯ୍ୟ କରୁଥିବା ଜଣେ ଅନୁସୂଚିତ ଜନଜାତି ନାବାଳକଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଛି। ତାଙ୍କ ନାମ ସୁଶାନ୍ତ ନାଏକ(୧୬) ବୋଲି ଜଣାପଡିଛି। ଦୁର୍ଘଟଣାରରେ ଗୁରୁତର ଆହତ ହେବା ପରେ କ୍ରସର ମାଲିକ ଦୁର୍ଘଟଣାକୁ ଲୁଚାଇବା ପାଇଁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନଆଣି ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ ବୋଲି ଅଭିଯୋଗ ହୋଇଛି। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ନାବାଳକର ଘର ପାଲଲହଡା ଥାନା ମୁକ୍ତାପୁର ରାଧାସାହିରେ। ମୃତ ନାବାଳକଙ୍କୁ ଗତ ୪ ମାସ ତଳୁ ସ୍ଥାନୀୟ ଏକ କ୍ରସରରେ ଶ୍ରମିକ ଭାବେ ନିୟୋଜିତ ହୋଇଥିଲେ। ଏନେଇ ଖବର ପାଇ ଶ୍ରମ ବିଭାଗ ପକ୍ଷରୁ ତଦନ୍ତ କରାଯାଇଥିଲା। ତଦନ୍ତ ସମୟରେ ନାବାଳକ ସୁଶାନ୍ତ ଏବଂ ଅନ୍ୟ ଜଣେ ନାବାଳକ ଧ୍ରୁବ ନାଏକ ଏହି କ୍ରସରରେ କାମ କରୁଥିବା ଜାଣିବାକୁ ପାଇଥିଲା। ତେବେ ଘଟଣାର ଦୁଇ ମାସ ପରେ ମଧ୍ୟ ଶ୍ରମ ବିଭାଗ କ୍ରସରର ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ କରି ନ ଥିବା କିମ୍ବା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏନେଇ ଜିଲା ଶ୍ରମ ଅଧିକାରୀ ଅଜୟ କୁମାର ପ୍ରଧାନଙ୍କୁ ପଚାରିବାରୁ ଯେ ଉକ୍ତ କ୍ରସର ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ ପଠାଯାଇଛି। ଆଇନଗତ ଭାବରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ଜିଲାରେ ଅନେକ ସ୍ଥାନରେ ଶିଶୁମାନେ ବିପଜ୍ଜନକ କାମ କରୁଥିବାବେଳେ ଶ୍ରମ ବିଭାଗ ପକ୍ଷରୁ ଚଢାଉ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଶିଶୁ ଅଧିକାର କର୍ମୀ ମାନେ ଉଦ୍‌ବେଗ ପ୍ରକାଶ କରୁଛନ୍ତି।

### ଅଡିଓ ସିଡ଼ୀ 'ଜଗତେ ଥିବା ଯେତେ ଦିନ' ଉନ୍ମୋଚିତ



ଅତିଥିମାନେ ଅଡିଓ ସିଡୀକୁ ଉନ୍ମୋଚନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୧୫।୫**

ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ଶାଖା ପରିସରରେ ବୁଧବାର 'ଜଗତେ ଥିବା ଯେତେ ଦିନ' ଅଡ଼ିଓ ସିଡୀ ଉନ୍ମୋଚିତ ହୋଇଛି। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଅବସରରେ ରେଡିଓ ଜକି ସୁବ୍ରତ ପତି, ସହକାରୀ ପ୍ରଫେସର ଜ୍ୟୋତି ପ୍ରକାଶ ମହାପାତ୍ର, ସମ୍ବିତ ପାଲ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡା. ମୃଣାଳ ଚାଟ୍ଟାର୍ଜୀଙ୍କ ଏହା ହେଉଛି ଏକାଦଶତମ ଅଡ଼ିଓ ଭର୍ସନ। ସେ ଏଥିରେ କଣ୍ଠଦାନ କରିଛନ୍ତି। ସିଡୀଟି ବ୍ୟଙ୍ଗରେ ଭରପୂର ରହିଛି। ଓଡ଼ିଶାର ସଂସ୍କୃତି, ପରମ୍ପରା, ଚଳଣିକୁ ନେଇ ଅନେକ ରୋଚକ କଥା ଏଥିରେ ସ୍ଥାନିତ କରାଯାଇଛି।

### ଆଇଆଇଏମ୍‌ସି ପକ୍ଷରୁ ପରିବେଶ ସୁରକ୍ଷା ଅଭିଯାନ



**ଢେଙ୍କାନାଳ ଅଫିସ, ୧୫।୫**

ବାତ୍ୟା 'ଫନୀ' ଉପକୂଳବର୍ତ୍ତୀ ଜିଲାର ସବୁଜିମା ଛାରଖାର କରିଦେଇଛି। ଲକ୍ଷାଧିକ ଗଛ ଧରାଶାୟୀ ହୋଇଛି, ଆସନ୍ତା ଦଶନ୍ଧି ମଧ୍ୟରେ ଏହାର ଭରଣା କରିବା ମୁସ୍କିଲ ବୋଲି ପରିବେଶବିତ୍‌ମାନେ ମତଦେଲେଣି। ଏହି ପରିପ୍ରେକ୍ଷୀରେ ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ପକ୍ଷରୁ ପରିବେଶ ସଜାଡ଼ିବାକୁ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଚାରାରୋପଣ ଅଭିଯାନ। ସଂସ୍ଥାନକୁ ଆସୁଥିବା ସମସ୍ତ ଅତିଥି ଅଧ୍ୟାପକ, କ୍ଷୁଦ୍ର ଅବଧବ ପାଠ୍ୟକ୍ରମର ପ୍ରଶିକ୍ଷାର୍ଥୀ ଏବଂ ନିୟମିତ ଛାତ୍ରୀଛାତ୍ରଙ୍କୁ ବନୀକରଣ ଲାଗି ପ୍ରୋତ୍ସାହିତ କରାଯାଉଛି। ସେମାନଙ୍କୁ ବିଭିନ୍ନ ଗଛର ମଞ୍ଜି ଏବଂ ଚାରା ପ୍ରଦାନ କରାଯାଇଥିଲା। ଚାରା ବୃକ୍ଷରେ ପରିଣତ ହେବା ଯାଏ ଏହାର ଯତ୍ନ ନେବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି।

ଏହି ଅବସରରେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ଅବସରପ୍ରାପ୍ତ ନିର୍ଦ୍ଦେଶିକା ଜୟନ୍ତୀ ରଥ, ଅତିଥି ଅଧ୍ୟାପକ ସୁବ୍ରତ ପତିଙ୍କୁ ମଧ୍ୟ ଚାରା ପ୍ରଦାନ କରାଯାଇଥିଲା।

# ଭତ୍ତା ବଣ୍ଟନରେ ଅନିୟମିତତା

**ହାଟଡିହୀ, ୧୫।୫(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ୩୧ଗୋଟି ପଞ୍ଚାୟତ ମଧ୍ୟରୁ ଅଧିକାଂଶ ପଞ୍ଚାୟତରେ ଆଜକୁ ପ୍ରାୟ ୯ବର୍ଷରୁ ଊର୍ଦ୍ଧ୍ୱ ହେବ କେତେ ଜଣଙ୍କର ସ୍ୱାମୀ ଥିବା ସଧବା ନାରୀ ସ୍ୱାମୀ ମରିଯାଇଥିବାର ମିଛ ପ୍ରମାଣପତ୍ର ଦର୍ଶାଇ ବିଧବାଭତ୍ତା ନେଉଛନ୍ତି। ସେହିପରି ଅନ୍ୟ କେତେଜଣ ଯୁବକ ପ୍ରାପ୍ତ ବୟସର ମିଛ ପ୍ରମାଣପତ୍ର ମାଧ୍ୟମରେ ସରକାରୀ ଯୋଜନାରୁ ବାର୍ଦ୍ଧକ୍ୟ ଭତ୍ତା ନେଉଥିବା ଘଟଣା ବିଶେଷ ସୂତ୍ରରୁ ଜଣାପଡ଼ିଛି। ହାବଳେଶର, ସୁଲଣ ଭଳି ୩ଗୋଟି ପଞ୍ଚାୟତ ଏହାର ସ୍ପଷ୍ଟ ଉଦାହରଣ ସାଜିଥିବାବେଳେ ସରକାରଙ୍କ ଦ୍ୱାରା ଏହାର ଉଚ୍ଚସ୍ତରୀୟ ତଦନ୍ତ କଲେ ଆହୁରି ଅନେକ ପଞ୍ଚାୟତମାନଙ୍କରେ ଏହିଭଳି ଦୃଷ୍ଟାନ୍ତ ଦେଖିବାକୁ ମିଳିପାରିବ। ଏ ସମ୍ବନ୍ଧରେ ଉକ୍ତ ପଞ୍ଚାୟତ ସହ ଅନ୍ୟାନ୍ୟ ପଞ୍ଚାୟତର ବିଭିନ୍ନ ପିଇଓ ଓ ସରପଞ୍ଚଙ୍କ ମତନେବାରୁ ଜଣାପଡ଼ିଛି ଯେ, ଏବିଷୟରେ ସେମାନେ କେହି ପୂର୍ବରୁ ଅବଗତ ନ ଥିଲେ କି ଏବେ ମଧ୍ୟ ନ ଥିବା କହିଛନ୍ତି। ସେମାନଙ୍କ ପୂର୍ବରୁ କାର୍ଯ୍ୟଭାର ତୁଲାଉଥିବା ସରପଞ୍ଚ କିମ୍ବା ପିଇଓ ଏ ସମ୍ବନ୍ଧରେ ବେଶ୍ ଭଲଭାବେ ଅବଗତ କରାଇପାରିବେ କହି ପାଲଟା ଉତ୍ତର ଦେଇଛନ୍ତି। ଗରିବ, ବିଧବା, ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମ ଶ୍ରେଣୀର ଯୋଗ୍ୟ ବିବେଚିତ ହିତାଧିକାରୀ ବାଦ୍ ପଡ଼ିଯାଉଥିବାବେଳେ ଅଯୋଗ୍ୟ ହିତାଧିକାରୀ କାହା ମାଧ୍ୟମ କ୍ରମେ ଏହି ଭତ୍ତା ଯୋଜନାରେ ସାମିଲ ହୋଇପାରିଛନ୍ତି ତାହା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବ୍ଲକ ପ୍ରଶାସନଙ୍କୁ ଯୋଗାଯୋଗ କରିବାରୁ ଏହିଭଳି ଅଭିଯୋଗ ଏବେ ସୁଦ୍ଧା ଆସିନାହିଁ। ଯେତେବେଳେ ଆସିବ ସେତେବେଳେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ରେଳ ସାଇଡିଂ ଯୋଗୁ ବଢୁଛି ପ୍ରଦୂଷଣ



ଗୁଆଲଡିହ ରେଳସାଇଡିଂରେ ଏକ ଟ୍ରକ୍ ଅନ୍‌ଲୋଡ଼ିଂ କରୁଛି।

**କେନ୍ଦୁଝର, ୧୫।୫(ସ୍ୱ.ପ୍ର.)**

ସଦର ବ୍ଲକ ଅନ୍ତର୍ଗତ ଗୁଆଲଡିହ ରେଳ ସାଇଡିଂକୁ ଦିନ ରାତି ମାଲ୍ ପରିବହନ ହେଉଥିବାରୁ ଉପୁଜିଥିବା ବିଭିନ୍ନ ସମସ୍ୟାକୁ ନେଇ ଅସନ୍ତୋଷ ବଢୁଛି । ଏହାକୁ ନେଇ ରେଳ ସାଇଡିଂକୁ ମାଲ୍ ପରିବହନ ବନ୍ଦ ପାଇଁ ଦଳିତ ଆଦିବାସୀ ମହାସଂଘ ତରଫରୁ ଜିଲାପାଳଙ୍କଠାରେ ଦାବି କରାଯାଇଛି । ଏହି ସାଇଡିଂକୁ ବିଭିନ୍ନ ସମୟରେ ସ୍ଥାନୀୟ କାରଖାନାରୁ ପିଲେଟ ପରିବହନ ହୋଇଥାଏ। ଝୁଙ୍ଗୁଲା, ବାଙ୍କମାରୁଣୀ, ଜଡିଚାତର, ପୁରୁଲିଆ, ପଦ୍ମପୁର, ରତନପୁର, ବିରୋକିଶୋରପୁର, ଦାବାଙ୍କ, ନୂଆଗାଁ, ଗୁଆଲଡିହ ଗ୍ରାମ ଦେଇ ଟିପ୍ପର ଓ ଟ୍ରକରେ ଏହି ମାଲ ପରିବହନ ହୋଇ ଆସୁଥିବାରୁ ରାସ୍ତାଘାଟ ନଷ୍ଟ ହେବା ସହ ଧୂଳିଧୂଆଁ ଯୋଗୁଁ ପରିବେଶ ପ୍ରଦୂଷଣ ହେଉଥିବାରୁ ଲୋକମାନେ ନାନା ସମସ୍ୟା ମଧ୍ୟରେ ରହୁଛନ୍ତି। ପିଲେଟ ପରିବହନ ଯୋଗୁଁ ଗ୍ରାମରାସ୍ତା ତଥା ଜାତୀୟ ରାଜପଥ ୨୦ନଂ ରେ ପିଲେଟ ସବୁ ପଡି ଦୁର୍ଘଟଣାର କାରଣ ହେଉଛି । ଅନେକ ସମୟରେ ଏହି ପିଲେଟ କାରଣରୁ ଦୁର୍ଘଟଣା ଘଟି ଧନଜୀବନ ହାନୀ ଘଟୁଥିବାରୁ ଏହାକୁ ନେଇ ସ୍ଥାନୀୟ ଲୋକ ପ୍ରତିବାଦ କରିଆସୁଥିଲେ ହେଁ କେହି ଶୁଣୁନଥିବାରୁ ମଧ୍ୟ ଅସନ୍ତୋଷ ବଢୁଛି।

ଅନ୍ୟପକ୍ଷେ ରତନପୁର ଦେଇ

**ବନ୍ଦ ନ ହେଲେ ଆନ୍ଦୋଳନ**

ଯାଇଥିବା ରେଳ ସାଇଡିଂ ରାସ୍ତାରେ ପିଲେଟ(ଗୁଳି) ମାଲ ବିଛାଡି ହୋଇ ପଡିରହିଥିବା ବେଳେ ଝାଞ୍ଜି ପବନରେ ଲୌହ ଗୁଡିକ ରତନପୁର, କିଶୋରପୁର, ଦାବାଙ୍କ, ନୂଆଗାଁ, ଗୁଆଲଡିହ ଆଦି ଗ୍ରାମରେ ଥିବା ଉର୍ବର ଚାଷ ଜମି ଉପରେ ପଡିରହୁଥିବାରୁ ଚାଷ ଜମି ଟାଙ୍ଗରିଆ ହୋଇ ଅନୁର୍ବର ହୋଇ ପଡୁଛି। ଏହି ଲୁହା ଗୁଣ୍ଡ ଯୋଗୁ କୂପ, ନଦୀନାଳ ପାଣିରେ ଏକ ପ୍ରକାର ଆସ୍ତରଣ ଜମୁଥିବାରୁ ଲୋକେ ଏହି ଦୂଷିତ ପାଣିକୁ ପାନୀୟଜଳ ଭାବେ ଗ୍ରହଣ କରି ନାନା ପ୍ରକାର ରୋଗର ସମ୍ମୁଖୀନ ମଧ୍ୟ ହେଉଛନ୍ତି। ଏହାକୁ ବନ୍ଦ କରିବାକୁ ଦଳିତ ମହାସଂଘର ସଭାପତି ବିଦେଶୀ ନାଏକ, ଦିଳିପ କୁମାର ନାଏକ, ତଥା ସମାଜସେବୀ, ପରିବେଶବିତମାନେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଆଗାମୀ ଦିନରେ ଉକ୍ତ ରେଳ ସାଇଡିଂ ବନ୍ଦ କରା ନ କଲେ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଭୋଟଗଣତି ପାଇଁ ମାଷ୍ଟର ଟ୍ରେନରଙ୍କୁ ତାଲିମ

**କେନ୍ଦୁଝର, ୧୫।୫ (ସ୍ୱ.ପ୍ର.)**



ବୈଠକରେ ଉପସ୍ଥିତ ଜିଲାପାଳଙ୍କ ସହ ଅନ୍ୟ କର୍ମକର୍ତ୍ତା।

ସାଧାରଣ ନିର୍ବାଚନ ୨୦୧୯ର ଭୋଟ ଗଣତି ଆସନ୍ତା ମେ ୨୩ ରେ ହେବ । ଏଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । କେନ୍ଦୁଝର ଲୋକସଭା ଏବଂ ଜିଲାର ତେଲକୋଇ, ଘଷିପୁରା, ଆନନ୍ଦପୁର, ପାଟଣା, କେନ୍ଦୁଝର ଏବଂ ଚମ୍ପୁଆ ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟଗଣତି ନିର୍ଭୁଲ, ସଠିକ ଭାବରେ କରିବା ପାଇଁ ବୁଧବାର ଦରବାର ହଲ୍‌ଠାରେ ମାଷ୍ଟର ଟ୍ରେନର ଓ ଆସିଷ୍ଟାଣ୍ଟ ରିଟର୍ଣ୍ଣିଂ ଅଫିସର ମାନଙ୍କୁ ତାଲିମ ଦେବା ପାଇଁ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଏହି ତାଲିମ ଦିଆଯାଇଥିଲା । ଜିଲାପାଳ ଭୋଟଗଣତି ପ୍ରକ୍ରିୟାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଧାର୍ଯ୍ୟ ନିୟମାବଳୀ ବିଷୟରେ ଅବଗତ କରିଥିଲେ। ଏତଦବ୍ୟତୀତ ଭୋଟଗଣତି ପାଇଁ ବିଭିନ୍ନ ପ୍ରକ୍ରିୟାର ପ୍ରସ୍ତୁତି ଏବଂ ତାଲିମ କାର୍ଯ୍ୟକ୍ରମ ଉପରେ ଅବଗତ କରାଇଥିଲେ। କେନ୍ଦୁଝର ଜିଲା ପାଇଁ ନିୟୋଜିତ ମାଷ୍ଟର ଟ୍ରେନର୍ ସାଧାରଣ ପ୍ରଶାସନ ବିଭାଗର ବରିଷ୍ଠ ଅଧିକାରୀ ଶଶାଙ୍କ ଶେଖର ଦାଶ ବିଧାନସଭାସ୍ତରୀୟ ମାଷ୍ଟର ଟ୍ରେନର୍‌ମାନଙ୍କୁ ଭୋଟଗଣତିର ବିଭିନ୍ନ ପ୍ରକ୍ରିୟା ସମ୍ପର୍କରେ ବିଶଦ୍ ଭାବେ ତାଲିମ୍ ପ୍ରଦାନ କରିଥିଲେ। ମେ' ୨୩ ତାରିଖ ଦିନ ଭୋର୍ ୫ ଘଟିକା ସମୟରୁ ଭୋଟଗଣତି କେନ୍ଦ୍ରମାନଙ୍କରେ ରିଟର୍ଣ୍ଣିଂ ଅଫିସରମାନଙ୍କ ଦ୍ୱାରା ଭୋଟଗଣତି ନିମନ୍ତେ ପ୍ରାରମ୍ଭିକ ପ୍ରସ୍ତୁତି କରାଯାଇ ସକାଳ ୮ଟାରୁ ଭୋଟଗଣତି ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଥିଲା । ପ୍ରଥମେ ପୋଷ୍ଟାଲ ବାଲଟ୍‌ର ଗଣନା ଆରମ୍ଭ କରାଯିବ ଏବଂ ୩୦ ମିନିଟ୍ ପରେ ଇଭିଏମ୍ ଭୋଟ ଗଣତି ଆରମ୍ଭ ହେବ। ଏଥିନିମନ୍ତେ ଭୋଟଗଣତି କେନ୍ଦ୍ରମାନଙ୍କରେ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଟେବୁଲ୍ ବ୍ୟବସ୍ଥା, ବାରିକେଡିଂ ବ୍ୟବସ୍ଥା, ପ୍ରାର୍ଥୀମାନଙ୍କ ଦ୍ୱାରା ନିୟୋଜିତ କାଉଂଟିଂ ଏଜେଣ୍ଟମାନଙ୍କ ପାଇଁ ଆସନ ବ୍ୟବସ୍ଥା, ଷ୍ଟ୍ରଙ୍ଗ୍ ରୁମ୍‌ରୁ ଗଣତି କେନ୍ଦ୍ରକୁ ଇଭିଏମ୍ ଓ ଭିଭିପିଏଟି ଆଣିବା, ପ୍ରତିଟି ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବା ସମ୍ପର୍କରେ ପ୍ରଶିକ୍ଷଣ ଶିବିରରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ଭିଭିପାଟ୍‌ର ଚିର୍‌କୁଟ୍ ଗଣନା କରାଯିବାକୁ ଥିବା ଦୃଷ୍ଟିରୁ ପ୍ରତି ବିଧାନସଭା ନିର୍ବାଚନମଣ୍ଡଳୀ/ବିଧାନସଭା କ୍ଷେତ୍ରର ୫ଟି ଲେଖାଏଁ ବୁଥ୍‌ର ଭିଭିପିଏଟି ଲଟେରୀ ଜରିଆରେ ନିର୍ଦ୍ଧାରଣ କରାଯାଇ ଗଣତି କରାଯିବ। ଏହି ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଜିଲାପାଳ ଡଃ ଭକ୍ତଚରଣ ପ୍ରଧାନ, ପିଡି ଡିଆର୍‌ଡିଏ ଡଃ ଉଦ୍ଧବ ଚନ୍ଦ୍ର ମାଝୀ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିନାଥ ମୁର୍ମୁ, ଚମ୍ପୁଆ ଉପଜିଲାପାଳ ପାରୁଲ ପଟୱାରୀ, କେନ୍ଦୁଝର ଉପଜିଲାପାଳ ସୋମନାଥ ପ୍ରଧାନ, ଆନନ୍ଦପୁର ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁଙ୍କ ସମେତ ସମସ୍ତ ଅଧିକାରୀ ଓ ବିଧାନସଭାସ୍ତରୀୟ ମାଷ୍ଟର ଟ୍ରେନର୍ ଏବଂ ଭୋଟଗଣତି ସହିତ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।


ଦୀପିକା

ଅପେରା ହାଲଚାଲ

# ନିଆରା ଅଭିନେତା ସୁଜୟ

ମଞ୍ଚ ଉପରେ ତାଙ୍କୁ ଦେଖିଲେ ଦର୍ଶକଙ୍କ ମନରେ ଖେଳିଯାଏ ଖୁସିର ଲହରି। କାରଣ ତାଙ୍କ ଅଭିନୟ ସ୍ୱତନ୍ତ୍ରତା ପ୍ରଦର୍ଶିତ ନାଟକରେ ଭରିଦିଏ ରୋମାଞ୍ଚ। ଭୂମିକାଟି ଯାହା ହେଉ ନା କାହିଁକି ତାକୁ ସେ ଏପରି ଉପସ୍ଥାପନା କରନ୍ତି ଯାହା ଦର୍ଶକଙ୍କୁ ଦିଏ ଭିନ୍ନ ସ୍ୱାଦର ମନୋରଞ୍ଜନ। ଦିନ ଥିଲା ନାୟକ ଭାବରେ ସେ ଜଲିଉଡ୍‌ରେ ଦର୍ଶକଙ୍କର ନିକଟତର ହୋଇଥିଲେ। ଆଉ ଏବେ ଜଣେ ଚରିତ୍ର ଅଭିନେତା ଭାବରେ ସେ ନିଜର ଆସନକୁ ଏପରି ଦୃଢ଼ କରିଛନ୍ତି ଯାହା ଅନ୍ୟ କଳାକାରଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛି। ସେ ହେଲେ ଓଡ଼ିଆ ଯାତ୍ରା ଜଗତର ଅନ୍ୟତମ ଲୋକପ୍ରିୟ କଳାକାର ସୁଜୟ ମହାପାତ୍ର। ଦୀର୍ଘ ୪୦ବର୍ଷର ଯାତ୍ରା ଜୀବନର ଖଟାମିଠା ଅନୁଭୂତି ଆଜି ବି ତାଙ୍କ ମନରେ ବେଶ୍ ସତେଜ ହୋଇ ରହିଛି। ତୃତୀୟ ଶ୍ରେଣୀରେ ପଢ଼ିବା ସମୟରେ ସେ ପାଦ ଥାପନ୍ତି ମଞ୍ଚରେ। ତା'ପରେ କଲେଜରେ ଡ୍ରାମାଟିକ ସେକ୍ରେଟାରି ଦାୟିତ୍ୱ ତୁଲାଇବା ଏବଂ ଶ୍ରେଷ୍ଠ ଅଭିନେତା ଭାବରେ ପୁରସ୍କୃତ ହେବା ପରେ ଭବିଷ୍ୟତରେ ଅଭିନୟକୁ କ୍ୟାରିୟର କରିବା ନିଶା ଆହୁରି ଘାରେ। ଭୁବନେଶ୍ୱରସ୍ଥ ସଙ୍ଗୀତ ମହାବିଦ୍ୟାଳୟରୁ ଅଭିନୟରେ ଡିପ୍ଲୋମା ହାସଲ ପରେ ସେ ଯୋଗ ଦିଅନ୍ତି ଅନ୍ନପୂର୍ଣ୍ଣା ଥିଏଟରରେ। ମଞ୍ଚ ନାଟକରେ ମୁଖ୍ୟ ଭୂମିକାରେ ଅଭିନୟ କରି ସେ ସାଉଁଟନ୍ତି ଅନେକ ସଫଳତା। ସୁଜୟଙ୍କ ଅପେରା ଜୀବନ ଆରମ୍ଭ ହୁଏ ତାରିଣୀ ଗଣନାଟ୍ୟରୁ। ପ୍ରଥମ ନାଟକ ଥିଲା 'କନିଆ ହଜିଛି ତମ ଗାଁରେ'। ପ୍ରଥମେ ନାୟକ ଭାବରେ ମିଳିଥିବା ସୁଯୋଗକୁ ଆଦୌ ହାତଛଡ଼ା କରନ୍ତି ନାହିଁ ସେ। ତା'ପରେ ମା', ତ୍ରିନାଥ, ପାର୍ବତୀ, ବାଘାଯତୀନ ଲୋକନାଟ୍ୟ, ସୋମନାଥ ଅପେରା, ଜଗଧାତ୍ରୀ,



କଳିଙ୍ଗ, କୋଣାର୍କ ଆଉ ଏବେ ଯାତ୍ରା ସଚ୍ଚିଦାନନ୍ଦମରେ ପତ୍ନୀ ତଥା ଲୋକପ୍ରିୟ ଅଭିନେତ୍ରୀ ମିନୁଙ୍କ ସହ ଅଭିନୟ ଜାରି ରଖିଛନ୍ତି। ତ୍ରିନାଥ ଗଣନାଟ୍ୟରେ ଏହି ଯୋଡ଼ିଙ୍କୁ ପ୍ରଥମ ଥର ପାଇଁ ନାୟକ-ନାୟିକା ଭାବରେ ଦେଖିବାକୁ ମିଳିଥିଲା। ସୁଜୟଙ୍କ ସ୍ମରଣୀୟ ଅଭିନୟର ସାକ୍ଷରତା ବହନ କରୁଥିବା ୨୫୦ ନାଟକ ମଧ୍ୟରୁ 'ଜହ୍ନ ରାତିର ଝଡ଼, ମଇଳା କାଗଜ, ଅଚଳ ପଇସା, ବୁଢ଼ିଆଣୀ ଜାଲ, ଶବ ଉପରେ ମୋ ବାସର ରାତି', ଗୀତା ସୁନୀତା ମଧୁମିତା, ଭଲ ମଣିଷ ଖୋଜା ଚାଲିଛି' ଆଦି ଅନ୍ୟତମ। 'ଦିନ ଥିଲା ନାଟକ ଦେଖିଲେ ତାହା ଦର୍ଶକଙ୍କ ମନରେ ଦୀର୍ଘବର୍ଷ ଧରି ମନେ ରହୁଥିଲା। ହେଲେ ଏବେକାର ନାଟକରେ ଦର୍ଶକଙ୍କୁ ପ୍ରଭାବିତ କରିବା ଭଳି ଚରିତ୍ର ନାହିଁ କି କେତେକ କଳାକାରଙ୍କଠାରେ ନିଷ୍ଠା ଏବଂ ଚେଷ୍ଟାର ଅଭାବ ପରିଲକ୍ଷିତ ହେଉଛି। ଅଭିନୟ ତ ଚାଲିଛି। ଏହା ମୋ ପାଇଁ ଏପରି ଏକ ନିଶା ପାଲଟି ଯାଇଛି, ଯେଉଁଥିରୁ ମୁକୁଳିବା ସହଜ ନୁହେଁ। ଦର୍ଶକ ମୋ ପାଇଁ ସବୁକିଛି। ସେମାନଙ୍କୁ ମୁଁ ସବୁବେଳେ ପ୍ରାଥମିକତା ଦେଇଥାଏ ବୋଲି କହନ୍ତି ବାଲେଶ୍ୱର ସୋର ଅନ୍ତର୍ଗତ ଦୁର୍ଗାପୁର ଗ୍ରାମରେ ଜନ୍ମିତ (ବାପା-ଗଙ୍ଗାଧର ମହାପାତ୍ର, ମା'-ପଦ୍ମାବତୀ) ସୁଜୟ।'

## ଦେବାନନ୍ଦଙ୍କ ଟାଇଟଲ ସିଲେକ୍ସନ



ଦେବାନନ୍ଦ-ହିନ୍ଦୀ ସିନେମା ଜଗତର ଅନ୍ୟତମ ମାଇଲଖୁଣ୍ଟ। ତାଙ୍କର ଅଭିନୟ କେତେ ହୃଦୟସ୍ପର୍ଶୀ ତାହା ଯିଏ ତାଙ୍କ ଅଭିନୀତ ଫିଲ୍ମ ଦେଖିଛି ସିଏ ହିଁ ଜାଣିଛି। ସେ କେବଳ ଜଣେ ଅଭିନେତା ନ ଥିଲେ ଜଣେ ସଫଳ ପ୍ରଯୋଜକ ମଧ୍ୟ ଥିଲେ। ଯେତେବେଳେ ସେ ସିନେମାଟିଏ ନିର୍ମାଣ କରିବାକୁ ଯାଆନ୍ତି ତନ୍ନ ତନ୍ନ କରି ଖବର କାଗଜ ପଢ଼ନ୍ତି। ଏହି ସମୟରେ ସେ ବିଶେଷ ଭାବରେ ନ୍ୟୁଜ୍ ହେଡଲାଇନ୍ ପ୍ରତି ଅଧିକ ଧ୍ୟାନ ଦିଅନ୍ତି। କାରଣ ତା' ଭିତରେ ଏକ ରୋଚକ କଥା ଲୁଚି ରହିଥାଏ। ସେହି ହେଡଲାଇନ୍‌ଗୁଡ଼ିକରୁ ହିଁ ଦେବାନନ୍ଦ ତାଙ୍କ ଫିଲ୍ମର ଟାଇଟଲ ଫାଇନାଲ କରିଥାଆନ୍ତି।

# ଦୀପିକାଙ୍କ ସ୍ଲିମ୍ ଟ୍ରିମ୍ ମିଶନ

ଦୀପିକା ପାଦୁକୋନ ଏବେ ନିଜ ସ୍ଲିମ୍ ଟ୍ରିମ୍ ମିଶନକୁ ନେଇ ବ୍ୟସ୍ତ। ସୀମିତ ସମୟ ଭିତରେ ତାଙ୍କୁ ଆହୁରି ସ୍ଲିମ୍ ହେବା ସହ ନିଜର ଫିଜିକାଲ ଫିଟନେସକୁ ଆହୁରି ଆକ୍ଟିଭ ରଖିବାକୁ ପଡ଼ିବ। ତେଣୁ ସେ ସବୁ କାମ କ୍ୟାନସେଲ କରି ସ୍ଲିମ୍ ଟ୍ରିମ୍ ମିଶନରେ ଲାଗିପଡ଼ିଛନ୍ତି। ତେଣୁ ତାଙ୍କର ଅଧିକାଂଶ ସମୟ ଏବେ ଜିମ୍‌ରେ ହିଁ କଟୁଛି। ତା'ସହ ପ୍ରତିଦିନ ଯୋଗ, ପ୍ରାଣାୟାମ ମଧ୍ୟ କରୁଛନ୍ତି। ବାକି ରହିଲା ଡାଏଟିଂ କଥା। ଏହାକୁ ନେଇ ସେ ଆରମ୍ଭରୁ ସଚେତନ ବୋଲି କହିଛନ୍ତି। ଏ ବିଷୟରେ ଦୀପିକା କହନ୍ତି, 'ନିଜେ ପ୍ରଥମେ ଫିଟ୍ ରହିବା ବଡ଼ କଥା। ୟା ଭିତରେ ମୋତେ କେତୋଟି ମେଗା ଇଭେଣ୍ଟରେ ଭାଗ ନେବାର ଅଛି। ତେଣୁ ତା' ପୂର୍ବରୁ ମୁଁ ନିଜ ଫିଜିକାଲ ଫିଟ୍‌ନେସ୍ ପ୍ରତି ଧ୍ୟାନ ଦେଉଛି। ଏଭଳି ମିଶନ ପଛରେ ଆଉ କିଛି କାରଣ ନାହିଁ।'

## ସମୟ ନାହିଁ

ଶ୍ରଦ୍ଧା କପୁର ଏବେ ପୂରା ବ୍ୟସ୍ତ। ଯେତିକି ଫିଲ୍ମ ସାଇନ୍ କରିଛନ୍ତି ତାହାର ଶୁଟିଂ କେମିତି ଶେଷ କରିବେ ସେ ନେଇ ଲାଗିପଡ଼ିଛନ୍ତି। ନିକଟରେ ସେ ଏକ ଫିଲ୍ମ ସାଇନ୍ କରିଛନ୍ତି, ଯାହାର ଫଟୋ ସେସନ ସମୟରେ ସେ ଏକଥା କହିଛନ୍ତି। 'ପ୍ରଥମେ ଯେତିକି ଫିଲ୍ମ ସାଇନ୍ କରିଛି ତାହାକୁ ଶେଷ କରିବା ପରେ ନୂଆ ସିନେମା କଥା ଚିନ୍ତା କରିବି। ଏଥିପାଇଁ ମୋତେ ୩-୪ଟି ଭଲ ଭଲ ଅଫର ହାତଛଡ଼ା କରିବାକୁ ପଡ଼ିଛି। ଯେହେତୁ ମୋ ପାଖରେ ସମୟ ନାହିଁ ତେଣୁ ଅଯଥାରେ ଗୁଡ଼ିଏ ଫିଲ୍ମ ସାଇନ୍ କରି କିଛି ଲାଭ ନାହିଁ। ଏବେ ମୁଁ କେତୋଟି ଭଲ ଷ୍ଟୋରି ସିଲେକ୍ସନ କରିଛି। ଯଦି କୌଣସି ପ୍ରଯୋଜକ ଏହାକୁ ନେଇ ସିନେମା ନିର୍ମାଣ କରିବାକୁ ମୋତେ ପ୍ରସ୍ତାବ ଦିଅନ୍ତି ତେବେ ମୁଁ ବହୁତ ଖୁସି ହେବି ବୋଲି କହନ୍ତି ଶ୍ରଦ୍ଧା।


ଶ୍ରଦ୍ଧା

## ବୁଝି ହେବେ ଅନୁଷ୍କା

ଅନୁଷ୍କା ଶର୍ମା ଆଉ ତରତର ହୋଇ ଆଗେଇବେ ନାହିଁ। କାରଣ ଆକ୍ଟିଂ କ୍ୟାରିୟର ଯାହା ଥିଲା ଛାଡନ୍ତୁ, କେତୋଟି ଫିଲ୍ମ ପ୍ରଯୋଜନା କରି ସେ ଯେଉଁ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି ତାହା ନ କହିବା ଭଲ। ସିନେମାଗୁଡ଼ିକ ଫ୍ଲପ ତାଲିକାଭୁକ୍ତ ହେବା ପରେ ଏବେ ତାଙ୍କ ମନ ଘର ଧରିଛି। ଆଉ ତରବର ହୋଇ ସିନେମା ସାଇନ୍ କରିବେ ନାହିଁ କି ଫିଲ୍ମଟିଏ ପ୍ରଯୋଜନା କରିବେ ନାହିଁ। ଏହା ପୂର୍ବରୁ ଶହେ ଥର ଚିନ୍ତା କରିବେ। ଜାଣିଶୁଣି କେତେକ ଭୁଲକୁ ଗୁରୁତ୍ୱ ନ ଦେବାକୁ ଏପରି ଦଶା ତାଙ୍କୁ ଭୋଗିବାକୁ ପଡିଛି ବୋଲି କହିଛନ୍ତି ଅନୁଷ୍କା। ତେବେ ଏଣିକି ମାପିଚୁପି ଚାଲିବାକୁ ମାଇଣ୍ଡ ମେକ୍‌ଅପ କରିଥିବା ଏହି ଅଭିନେତ୍ରୀ ତାଙ୍କ କଥାରେ କେତେ ଦୃଢ଼ ରହୁଛନ୍ତି ତାହା ଆଗାମୀ ସମୟ ହିଁ କହିବ।

## ଫନୀକୁ ନେଇ ସିନେମା


ସନ୍ତୋଷ ପଣ୍ଡା

ନିକଟରେ ବାତ୍ୟା 'ଫନୀ' ଆମ ରାଜ୍ୟର କେତେକ ଅଞ୍ଚଳରେ ପ୍ରଳୟ ରଚାଇ ସାରିଛି। ବିଶେଷ ଭାବରେ ଏଥିରେ ପୁରୀ ଏବଂ ଖୋର୍ଦ୍ଧା ଜିଲା ଅଧିକ ପ୍ରଭାବିତ ହୋଇଛି। ଏହାର ଅନୁଭୂତିକୁ ଚଳଚ୍ଚିତ୍ରର ରୂପ ଦେବାକୁ ଅଣ୍ଟା ଭିଡିଛନ୍ତି ନିର୍ଦ୍ଦେଶକ ସନ୍ତୋଷ ପଣ୍ଡା। ଏହାର ପ୍ରାରମ୍ଭିକ କାମ ଇତିମଧ୍ୟରେ ଆରମ୍ଭ ହୋଇଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ସନ୍ତୋଷ କହନ୍ତି, 'ଏହି ବାତ୍ୟା ଦେଖିବା ପରେ ଏହାକୁ ନେଇ ଏକ ସିନେମା ନିର୍ମାଣ କରିବାକୁ ସ୍ଥିର କରିଛି। ସ୍ୱଳ୍ପ ସମୟ ଭିତରେ କାହାଣୀ ପ୍ରସ୍ତୁତ କରି ସ୍କ୍ରିପ୍ଟିଂ କାମ ଚାଲିଛି। ସିନେମାଟି କିପରି ସବୁ ଦୃଷ୍ଟିକୋଣରୁ ଦର୍ଶକଙ୍କ ମନକୁ ଛୁଇଁବ ସେ ନେଇ ଯଥାସମ୍ଭବ ଚେଷ୍ଟା କରାଯିବ। ଏହାର କାଷ୍ଟିଂ ଏବଂ ଅନ୍ୟାନ୍ୟ କାମ ଶେଷ ହେବା ପରେ ଖୁବ୍ ଶୀଘ୍ର ଶୁଟିଂ ଆରମ୍ଭ ହେବ।'

ନୂଆ ସିନେମା

# ତୁ ମୋ ଲଭ୍ ଷ୍ଟୋରି-୨

ଥରେ ମନେ ପକାନ୍ତୁ ନା ତରଙ୍ଗ ସିନେ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ତୁ ମୋ ଲଭ୍ ଷ୍ଟୋରି'କୁ। ତାପସ ସରଘରିଆଙ୍କ ନିର୍ଦ୍ଦେଶନାରେ ନବାଗତ ଯୋଡ଼ି ସ୍ୱରାଜ-ଭୂମିକାଙ୍କୁ ଏହି ଫିଲ୍ମରେ ବ୍ରେକ୍ ମିଳିଥିଲା। ଟିନ୍ ଏଜ ଲଭ ଷ୍ଟୋରି ଉପରେ ପ୍ରସ୍ତୁତ ଏହି ଚିତ୍ରଟି ହିଟ୍ ହୋଇଥିଲା। ଆଉ ଏବେ ଏହି ବ୍ୟାନରରେ ଏହାର ସିକୁଏଲର ଶୁଟିଂ ଚାଲୁ ରହିଛି, ଯାହାର ଟାଇଟଲ ହେଲା 'ତୁ ମୋ ଲଭ୍ ଷ୍ଟୋରି-୨'। ଖାସ୍ କଥା ହେଲା ପ୍ରଯୋଜକ ସୁଧାଂଶୁ ମୋହନ ସାହୁ ଏବଂ ନିର୍ଦ୍ଦେଶକ ତାପସ ଏଥିରେ ପୁଣି ଥରେ ସ୍ୱରାଜ-ଭୂମିକା ଯୋଡିକୁ ରିପିଟ୍ କରିଛନ୍ତି। ସ୍ୱରାଜ ଏହି ଫିଲ୍ମରେ ଜଣେ ମ୍ୟୁଜିକ ଲଭର ଚରିତ୍ରରେ ଅବତୀର୍ଣ୍ଣ ହୋଇଥିବା ବେଳେ ଭୂମିକାକୁ ମିଳିଛି ଏକ ଭିନ୍ନ ଧରଣର ରୋଲ୍। ଏହି କ୍ୟାରେକ୍ଟରରେ ରୋମାଣ୍ଟିକ ଥିଲେ ମଧ୍ୟ ମେମୋରିକୁ ନେଇ ସସ୍‌ପେନ୍ସ ରହିଛି। ଆଣ୍ଡାମାନରେ ଏହାର ୧୨ଦିନବ୍ୟାପୀ ଶୁଟିଂ ପରେ ଏବେ ବାରିପଦାରେ ଏକ ଗୀତର ଶୁଟିଂ ଚାଲୁ ରହିଛି। ଏଥିରେ ସଂଯୋଜିତ ଗୀତଗୁଡ଼ିକ ଦର୍ଶକଙ୍କୁ ନିଶ୍ଚୟ ଛୁଇଁବ ବୋଲି ଆଶା ରଖିଛନ୍ତି ଆଗଧାଡିର ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ। ଏହି ଫିଲ୍ମରେ ଏକ ହୋଲି ଗୀତର ମଜା ଦର୍ଶକ ପାଇବେ ବୋଲି ସୂଚନା ଦେଇଛନ୍ତି ପ୍ରେମ। ପୂର୍ବରୁ ବେଶ୍ କେତୋଟି ସିନେମାରେ ଶିଶୁ କଳାକାର ଭାବରେ ଅଭିନୟ କରିଥିବା ଭୂମିକାଙ୍କୁ ନାୟିକା ଭାବରେ 'ତୁ ମୋ ଲଭ୍ ଷ୍ଟୋରି'ରେ ବ୍ରେକ୍ ମିଳିଥିଲା। ସ୍ୱରାଜ-ଭୂମିକା ଯୋଡି ବ୍ୟତୀତ ଏହି ଫିଲ୍ମରେ ସିଦ୍ଧାନ୍ତ ମହାପାତ୍ର, ଅନୁ ଚୌଧୁରୀ, ଶୁଭାଶିଷ ଶର୍ମା (ମଣ୍ଟୁ) ଏବଂ ପାର୍ଥ ସାରଥି ରାୟ ଆଦି କଳାକାର ଅଭିନୟ କରୁଛନ୍ତି।

ଭୂମିକା-ଅନୁ




“ ପାନାସୋନିକ ଇଣ୍ଡିଆ ଏହାର ବ୍ୟବସାୟ ଅଭିବୃଦ୍ଧି ଲାଗି ବିଭିନ୍ନ ସେଗ୍‌ମେଣ୍ଟରେ ବିବିଧତା ଆଣିବା ଆରମ୍ଭ କରିଛି। କମ୍ପାନୀ ଏବେ ଏନର୍ଜି ସେଗ୍‌ମେଣ୍ଟ ଉପରେ ଅଧିକ ଜୋର୍ ଦେଉଛି।

– ମନୀଷ ଶର୍ମା, ପ୍ରେସିଡେଣ୍ଟ ତଥା ସିଇଓ, ପାନାସୋନିକ ଇଣ୍ଡିଆ



“ ମୁରୁଗାପ୍ପା ଗ୍ରୁପ୍ ଅର୍ଥନିବେଶ ପ୍ରତି ଏହାର ବଚନବଦ୍ଧତା ଦୋହରାଇବ। ନିଜର କ୍ଷମତା ଓ ଦକ୍ଷତା ବୃଦ୍ଧି ଲାଗି ନିବେଶ ବୃଦ୍ଧି ଠିକ୍ ରାସ୍ତାରେ ଚାଲିଛି।

–ଏମ୍.ଏମ୍. ମୁରୁଗାପ୍ପାନ, ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ, ମୁରୁଗାପ୍ପା ଗ୍ରୁପ୍

# ବ୍ୟାଙ୍କିଙ୍ଗ୍ ସିଷ୍ଟମରେ ନଗଦ ସଙ୍କଟ

**ନୂଆଦିଲ୍ଲୀ,୧୫–୫**



ଦେଶରେ ସାଧାରଣ ନିର୍ବାଚନ କାରଣରୁ କେନ୍ଦ୍ର ସରକାର ଖର୍ଚ୍ଚ କମାଇ ଦେଇଛନ୍ତି। ଫଳରେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଲିକ୍ୟୁଡିଟି(ନଗଦ) କମିଗଲାଣି। ଏବେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ୪୦,୮୫୯ କୋଟି ଟଙ୍କାର ନଗଦ ସଙ୍କଟ ଦେଖାଦେଇଛି। ପୂର୍ବବର୍ଷ ଏହି ଅବଧିରେ ୧୫,୮୫୭ କୋଟି ଟଙ୍କା ବଳକା ଥିଲା ବୋଲି ବ୍ଲୁମବର୍ଗ ଏକ ରିପୋର୍ଟ ପ୍ରକାଶ କରିଛି।

ଏସ୍‌ବିଆଇର ମୁଖ୍ୟ ଅର୍ଥନୀତିଜ୍ଞ ସୌମ୍ୟକାନ୍ତି ଘୋଷ ଉକ୍ତ ରିପୋର୍ଟକୁ ସମର୍ଥନ କରିଛନ୍ତି। ସେ କହିଛନ୍ତି ଯେ, ସରକାର ଏପ୍ରିଲରେ ଖର୍ଚ୍ଚ ସମ୍ପୂର୍ଣ୍ଣ ବନ୍ଦ କରିଦେଲେ। ଏହି କାରଣରୁ ଏବେ ବ୍ୟାଙ୍କିଙ୍ଗ୍ ସିଷ୍ଟମରେ ଅପ୍ରତ୍ୟାଶିତ ଭାବେ ନଗଦ ସଙ୍କଟ ଦେଖାଦେଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ରେପୋ ରେଟ୍ ହ୍ରାସ କରିଥିଲେ ମଧ୍ୟ ଏହି କାରଣରୁ ଲୋକେ ଏହାର ଫାଇଦା ପାଇଲେ ନାହିଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଅର୍ଥନୀତିରେ ଅଭିବୃଦ୍ଧି ଲାଗି ଆର୍‌ବିଆଇ ଗତ ଦୁଇଟି ମୁଦ୍ରାନୀତିରେ ରେପୋ ରେଟ୍‌କୁ ୦.୨୫% ହିସାବରେ ଦୁଇଥର ବୃଦ୍ଧି କରିଥିଲେ। କିନ୍ତୁ ନଗଦ ସଙ୍କଟ କାରଣରୁ ବ୍ୟାଙ୍କଗୁଡ଼ିକ ଋଣ ଉପରେ ସୁଧ ହାର ହ୍ରାସ କରିବାରେ ଅସମର୍ଥ ହେଲେ। କୋଟାକ୍ ମହିନ୍ଦ୍ରା ବ୍ୟାଙ୍କର ବରିଷ୍ଠ ଅର୍ଥନୀତିଜ୍ଞ ଉପାସନା ଭରଦ୍ୱାଜ କହିଛନ୍ତି, ଏପ୍ରିଲରେ ବ୍ୟାଙ୍କିଙ୍ଗ ସିଷ୍ଟମରେ ନଗଦ ଅଭାବ ଚକିତ କରିଛି। ସରକାର ଖର୍ଚ୍ଚ ହ୍ରାସ କରିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ଆସନ୍ତା ୨ ସପ୍ତାହ ଭିତରେ ସିଷ୍ଟମରେ ନଗଦ ହ୍ରାସ ଆହୁରି ବଢ଼ିବ ବୋଲି ତାଙ୍କର ମତ। ତେବେ ଏପ୍ରିଲ ତୁଳନାରେ ଏବେ ନଗଦ ସ୍ଥିତି ଅଧିକ ଉନ୍ନତ ହୋଇଛି। ଗତ ମାସରେ ଏହା ୧.୪୯ ଲକ୍ଷ କୋଟି ଟଙ୍କା ପହଞ୍ଚିଯାଇଥିଲା। ଏହାପରେ ଆର୍‌ବିଆଇ ବ୍ୟାଙ୍କିଙ୍ଗ ସିଷ୍ଟମରେ ଅଧିକ ନଗଦ ବଢ଼ାଇଥିଲେ। କେନ୍ଦ୍ରରେ ନୂଆ ସରକାର ଆସିବା ପରେ ଜୁନ୍‌ରୁ ସ୍ଥିତି ସ୍ୱାଭାବିକ ହେବା ଆରମ୍ଭ କରିବ ବୋଲି ଘୋଷ ପ୍ରକାଶ କରିଛନ୍ତି। ଭରଦ୍ୱାଜ ମଧ୍ୟ ଏହାକୁ ସମର୍ଥନ କରିଛନ୍ତି। ନୂଆ ସରକାର ଖର୍ଚ୍ଚ କରିବା ଆରମ୍ଭ କରିବା ମାତ୍ରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ନଗଦ ବଳକା ହେବ। ମେ ୧୩ରେ କେନ୍ଦ୍ରର ବଳକା ପରିମାଣ ୪୪,୩୧୫ କୋଟି ଟଙ୍କା ଥିଲା। ଅନ୍ୟପକ୍ଷରେ ଗତବର୍ଷ ଏହି ସମୟରେ ଏହା ଶୂନ ଥିଲା। କେନ୍ଦ୍ର ନିକଟରେ ଏତେ ପରିମାଣ ନଗଦ ରହିବା ଅର୍ଥ ଏହା ଖର୍ଚ୍ଚ କାଟ କରିଛି। ଏପ୍ରିଲ ୩୦ ସୁଦ୍ଧା ବଳକା ୭୯,୪୦୦ କୋଟି ଟଙ୍କା ଥିଲା। କେୟାର ରେଟିଙ୍ଗସ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ମଦନ ସବନବୀସ୍ କହିଛନ୍ତି, ନଗଦ ସଙ୍କଟ ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରହିଲେ ସରକାରୀ ବଣ୍ଡ ସୁଧ ହାର ବୃଦ୍ଧି ପାଇବା ସମ୍ଭାବନା ରହିଛି। ଏଭଳି ସ୍ଥିତିରେ ଆର୍‌ବିଆଇ ପକ୍ଷରୁ ରେପୋ ରେଟ୍ ହ୍ରାସର କୌଣସି ଫାଇଦା ମିଳିବ ନାହିଁ। ବର୍ତ୍ତମାନ ଋଣ ଅଭିବୃଦ୍ଧି ଜମାଠାରୁ ବହୁ ଅଧିକ ହୋଇଗଲାଣି। ଏହି କାରଣରୁ ମଧ୍ୟ ବ୍ୟାଙ୍କିଙ୍ଗ ସିଷ୍ଟମରେ ନଗଦ ସଙ୍କଟ ଦେଖାଦେଇଛି। ସେ କହିଛନ୍ତି, ଆର୍ଥିକ ବର୍ଷ ୨୦୧୮ ପରେ ଏପ୍ରିଲ ୨୬ ସୁଦ୍ଧା ବ୍ୟାଙ୍କଗୁଡ଼ିକର ଋଣ ଅଭିବୃଦ୍ଧି ୧୩ ପ୍ରତିଶତ ଥିଲା ବେଳେ ଜମା ୯.୭% ରହିଛି। ଅନ୍ୟପକ୍ଷରେ ଆର୍‌ବିଆଇ ସିଷ୍ଟମରେ ଅଧିକ ନଗଦ ପହଞ୍ଚାଇବା ଲକ୍ଷ୍ୟରେ ଓପନ ମାର୍କେଟ ଅପରେଶନ୍ସ(ଓଏମ୍‌ଓ) ଜରିଆରେ ସରକାରୀ ବଣ୍ଡ କିଣିଛି। ଆର୍‌ବିଆଇ ଡଲାର–ଟଙ୍କା ଅଦଳବଦଳ ଜରିଆରେ ମଧ୍ୟ ବ୍ୟାଙ୍କିଙ୍ଗ ସିଷ୍ଟମରେ ୧୦ ବିଲିୟନ ଡଲାର ଭାରତୀୟ ଟଙ୍କା ବଜାରରେ ପ୍ରବେଶ କରାଇଛି।

- ସରକାରଙ୍କ ଖର୍ଚ୍ଚହ୍ରାସ କାରଣରୁ ୪୦,୮୫୯ କୋଟି ନଗଦ ଅଭାବ
- ବର୍ଷକ ପୂର୍ବରୁ ୧୫,୮୫୭ କୋଟି ବଳକା ଥିଲା
- ମେ ୧୩ରେ ସରକାରଙ୍କ ଥିଲା ୪୪,୩୧୫ କୋଟି ବଳକା ନଗଦ
- ଜୁନ୍‌ରୁ ସଙ୍କଟ ଟଳିବା ସମ୍ଭାବନା

# ଧୀରେ ଧୀରେ କମୁଛି ଏଟିଏମ୍

**ନୂଆଦିଲ୍ଲୀ,୧୫–୫**



ସାରା ଦେଶରେ ଏଟିଏମ୍ ସଂଖ୍ୟା ଧୀରେ ଧୀରେ କମିବାରେ ଲାଗିଛି। ଲାଭ କମିବା କାରଣରୁ ବ୍ୟାଙ୍କ ଏବଂ ଘରୋଇ କମ୍ପାନୀଗୁଡ଼ିକ ଏଟିଏମ୍ ବନ୍ଦ କରିବା ଆରମ୍ଭ କରିଛନ୍ତି। ତେବେ ଏଥିରେ ଟ୍ରାଞ୍ଜାକଶନ ସଂଖ୍ୟା କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି। ନିକଟରେ ଜାରି ଆର୍‌ବିଆଇ ତଥ୍ୟ ଅନୁଯାୟୀ, ୨୦୧୧ ପରେ ଗତ ୨ ବର୍ଷରେ ହିଁ ଏଟିଏମ୍ ସଂଖ୍ୟା ହ୍ରାସ ପାଇଛି। ଆର୍‌ବିଆଇ ତଥ୍ୟ ଅନୁସାରେ ୨୦୧୧ରେ ଦେଶରେ ମୋଟ ଏଟିଏମ୍ ସଂଖ୍ୟା ୭୫,୬୦୦ ଥିଲା ବେଳେ ୨୦୧୭ ସୁଦ୍ଧା ଏହା ବୃଦ୍ଧି ପାଇ ୨ ଲକ୍ଷ ୨୨ ହଜାର ୫୦୦ରେ ପହଞ୍ଚିଯାଇଥିଲା। ଏହାପରେ ଗତ ୨ ବର୍ଷରେ ଏଟିଏମ୍ ସଂଖ୍ୟା କ୍ରମାଗତ ହ୍ରାସ ପାଇବାରେ ଲାଗିଛି। ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ଏଟିଏମ୍ ସଂଖ୍ୟା ୮୦୦ ହ୍ରାସ ପାଇ ୨,୨୧,୭୦୦ରେ ପହଞ୍ଚିଛି। ଅନ୍ୟପକ୍ଷରେ ୨୦୧୭ରେ ଦେଶରେ ୭୧.୦୬ କୋଟି ଥର ଏଟିଏମ୍ ବ୍ୟବହାର ହୋଇଥିଲା ବେଳେ ୨୦୧୯ରେ ଏହା ବୃଦ୍ଧି ପାଇ ୮୯.୨୩ କୋଟି ଥର ହୋଇଛି। ଅର୍ଥାତ୍ ଗତ ୨ ବର୍ଷରେ ଏଟିଏମ୍‌ରେ ୧୮.୧୭ କୋଟି ଥର ଟ୍ରାଞ୍ଜାକଶନ ହୋଇଛି। ଏ ସମ୍ପର୍କରେ ଫେଡେରେଶନ ଅଫ୍ ଏଟିଏମ୍ ଇଣ୍ଡଷ୍ଟ୍ରି ମହାନିର୍ଦ୍ଦେଶକ ଲଳିତ ସିହ୍ନା କହିଛନ୍ତି ଯେ, ଆର୍‌ବିଆଇ ଏବଂ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏଟିଏମ୍ ପରିଚାଳନା ଓ ଟ୍ରାଞ୍ଜାକଶନ ନିୟମକୁ ଅଧିକ କଠୋର କରାଯିବାରୁ ଏହାର ଖର୍ଚ୍ଚ ବଢ଼ିଯାଇଛି। ଏବେ ଏଟିଏମ୍ ଦେଖାଶୁଣା କରିବା ଲାଗି ଗତବର୍ଷ ଅପେକ୍ଷା ୪୦% ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ଏଟିଏମ୍ ସଂଖ୍ୟା ହ୍ରାସ ପାଉଥିବାରୁ ଲୋକେ ଅଧିକ ମାତ୍ରାରେ ମୋବାଇଲ ବ୍ୟାଙ୍କିଙ୍ଗ ଉପରେ ଭରସା କରିବେ ବୋଲି ଫେଡେରାଲ ବ୍ୟାଙ୍କ ଲିମିଟେଡର ଚିଫ୍ ଫାଇନାନ୍ସିଆ ଅଫିସର ଆଶୁତୋଷ ଖଜୁରିଆ କହିଛନ୍ତି।

# ନଜରରେ ସ୍ୱାଧୀନ ନିର୍ଦ୍ଦେଶକଙ୍କ ଭୂମିକା

**ନୂଆଦିଲ୍ଲୀ,୧୫–୫**

**ଆଇଏଲ୍‌ଆଣ୍ଡଏଫ୍‌ଏସ୍ ସଙ୍କଟ**

ଇନ୍‌ଫ୍ରାଷ୍ଟ୍ରକ୍‌ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍ (ଆଇଏଲ୍‌ଆଣ୍ଡଏଫ୍‌ଏସ୍) ରେ ଦେଖାଦେଇଥିବା ସଙ୍କଟ ମୂଳରେ ସ୍ୱାଧୀନ ନିର୍ଦ୍ଦେଶକଙ୍କ ଭୂମିକାକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି। ସରକାରଙ୍କ ସନ୍ଦେହ ଯେ, ସେମାନେ ନିଜ କାର୍ଯ୍ୟ ସୁଚାରୁରୂପେ ତୁଲାଇବାରେ ବିଫଳ ହେବାରୁ ଆଇଏଲ୍‌ଆଣ୍ଡଏଫ୍‌ଏସରେ ସଙ୍କଟ ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ଆଇଏଲ୍‌ଆଣ୍ଡଏଫ୍‌ଏସର ସମସ୍ତ ସ୍ୱାଧୀନ ନିର୍ଦ୍ଦେଶକଙ୍କ ଭୂମିକାର ଯାଞ୍ଚ କରିବାକୁ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ବିଚାର କରୁଛି। ଏକାଧିକ ଗ୍ରୁପ୍ କମ୍ପାନୀ ବକେୟା ଋଣ ଫେରସ୍ତ ଦେବାରେ ବିଫଳ ହେବା କାରଣରୁ ଆଇଏଲ୍‌ଆଣ୍ଡଏଫ୍‌ଏସ ଉପରେ ଏବେ ପ୍ରାୟ ୯୪ ହଜାର କୋଟି ଟଙ୍କାର ଋଣଭାର ରହିଛି। ଆଇଏଲ୍‌ଆଣ୍ଡଏଫ୍‌ଏସ ସଙ୍କଟ ପାଇଁ ଦାୟୀ ଏକାଧିକ ଅଡିଟର, କ୍ରେଡିଟ ରେଟିଂ ଏଜେନ୍ସି ଓ ପୂର୍ବତନ ଅଧିକାରୀଙ୍କ ପରେ ଏବେ ସ୍ୱାଧୀନ ନିର୍ଦ୍ଦେଶକଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି।

# ୨୫୦ କମ୍ପାନୀକୁ ଜରିମାନା କଲା ଏନ୍‌ଏସ୍‌ଇ


**ମୁମ୍ବାଇ,୧୫–୫**




ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହେବାର ନିୟମ ତଥା ଅନ୍ୟାନ୍ୟ ବହୁ କାରଣରୁ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ) ମାର୍ଚ୍ଚ ତ୍ରୈମାସରେ ୨୫୦ କମ୍ପାନୀଠାରୁ ଜରିମାନା ଆଦାୟ ଲାଗି ନିର୍ଦ୍ଦେଶ ଦେଇଥିବା ବେଳେ ବହୁ କମ୍ପାନୀକୁ ନୋଟିସ ଜାରି କରିଛି। ଜରିମାନା ଆଦାୟ ହୋଇଥିବା ବଡ଼ କମ୍ପାନୀଙ୍କ ମଧ୍ୟରେ ରହିଛନ୍ତି ଆଦାନୀ ପୋର୍ଟ୍ସ ଆଣ୍ଡ ସ୍ପେଶିଆଲ ଇକୋନୋମିକ ଜୋନ୍, ଦି ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ, ଇନ୍ଦ୍ରପ୍ରସ୍ଥ ଗ୍ୟାସ, ମନ୍ନପୁରମ୍ ଫାଇନାନ୍ସ, ଭାରତ ପେଟ୍ରୋଲିୟମ କର୍ପୋରେଶନ, ଜେଟ୍ ଏୟାରୱେଜ(ଇଣ୍ଡିଆ), ଭାରତ ଇଲେକ୍ଟ୍ରୋନିକ୍ସ ଏବଂ ଅଏଲ ଇଣ୍ଡିଆ ପ୍ରମୁଖ। ୩୧ କମ୍ପାନୀଙ୍କ ଠାରୁ ଜରିମାନା ବାବଦରେ ୪ ଲକ୍ଷ ୫୦ ହଜାର ଟଙ୍କା ଲେଖାଏ ଆଦାୟ କରାଯିବ। ଏହି ଅର୍ଥକୁ ପରେ ଇନ୍‌ଭେଷ୍ଟର ପ୍ରୋଟେକ୍ସନ ଫଣ୍ଡକୁ ପ୍ରଦାନ କରାଯିବ ବୋଲି ଏକ୍ସଚେଞ୍ଜ ପକ୍ଷରୁ ପ୍ରକାଶ କରାଯାଇଛି। ତାଲିକାଭୁକ୍ତ ନିୟମରେ ଖିଲାପ କଲେ ଏହା ସମ୍ପୃକ୍ତ କମ୍ପାନୀ, ଏହାର ପ୍ରମୋଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ସମ୍ପତ୍ତି ଜବତ କରିପାରିବ ଅଥବା ଜରିମାନା ଆଦାୟ କରିପାରିବ ବୋଲି ଏକ୍ସଚେଞ୍ଜ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ଘର କ୍ରେତା ବକେୟା ଉପରେ ଦେବେ ୧୨% ଜିଏସ୍‌ଟି

**ନୂଆଦିଲ୍ଲୀ,୧୫–୫**




ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ବିଲ୍‌ଡରଙ୍କ ଦ୍ୱାରା ନିର୍ମିତ ପ୍ରକଳ୍ପକୁ ଯଦି ନିର୍ମାଣ ଶେଷ ହୋଇଥିବା ସାର୍ଟିଫିକେଟ ମିଳିଯାଏ, ତେବେ ଘର କ୍ରେତା ବକେୟା ଅର୍ଥ ଉପରେ ୧୨% ଜିଏସ୍‌ଟି ଦେବାକୁ ବାଧ୍ୟ ରହିବେ ବୋଲି ସିବିଆଇସି ସ୍ପଷ୍ଟ କରିଛି। ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେଣ୍ଟ୍ରାଲ ବୋର୍ଡ ଅଫ୍ ଇନ୍‌ଡାଇରେକ୍ଟ ଟ୍ୟାକ୍ସେସ୍(ସିବିଆଇସି) କହିଛି ଯେ, ବିଲ୍‌ଡର ଯଦି ୫%ରେ ଜିଏସ୍‌ଟି ପାଇଁ ଆବେଦନ କରିଥିବେ, ତେବେ ତାଙ୍କୁ ଚାଲିଥିବା ପ୍ରକଳ୍ପ ଉପରେ ସଂଗୃହୀତ କ୍ରେଡିଟ୍ ଆଡ୍‌ଜଷ୍ଟ କରିବାର ସୁବିଧା ମିଳିବ ନାହିଁ। ସୂଚନାଥାଉ କି, କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ବସିଥିବା ଜିଏସ୍‌ଟି କାଉନସିଲ ରିୟଲ ଇଷ୍ଟେଟ ସେକ୍ଟରକୁ ଆଶ୍ୱସ୍ତ କରି ଜିଏସ୍‌ଟି ହାରକୁ ୫%କୁ ହ୍ରାସ କରିଥିଲେ।

# ଶସ୍ତାରେ ମିଳିବ ଇଣ୍ଡିଗୋର ବିଜ୍‌ନେସ କ୍ଲାସ୍ ସିଟ୍

**ନୂଆଦିଲ୍ଲୀ,୧୫–୫**

ସ୍ୱଳ୍ପ ମୂଲ୍ୟର ବିମାନ କମ୍ପାନୀ ଭାବେ ପରିଚିତ ଇଣ୍ଡିଗୋ ଏୟାରଲାଇନ୍ସ ଖୁବ୍‌ଶୀଘ୍ର ବିମାନ ଯାତ୍ରୀଙ୍କୁ ଶସ୍ତା ଦରରେ ବିଜ୍‌ନେସ କ୍ଲାସ୍‌ରେ ଯାତ୍ରା କରିବାର ସୁଯୋଗ ଆଣିଦେବ। ୟୁରୋପ୍ ଓ ଏସିଆର ଦେଶଗୁଡ଼ିକରେ କମ୍ ଖର୍ଚ୍ଚରେ ଲୋକଙ୍କୁ ବିମାନ ଯାତ୍ରା ସୁବିଧା ଯୋଗାଇ ଦେବାକୁ କମ୍ପାନୀ ପ୍ରୟାସ କରୁଛି। ଏଥିଲାଗି କମ୍ପାନୀ ଏକ ଯୋଜନା ପ୍ରସ୍ତୁତ କରୁଛି। ଏୟାରଲାଇନ୍ସ ଲମ୍ବା ଦୂରତାର ଉଡ଼ାଣ ନେଟ୍‌ୱାର୍କ ପ୍ରସ୍ତୁତି ଉପରେ ଧ୍ୟାନ ଦେଇଛି। ଇଣ୍ଡିଗୋ ସିଇଓ ରନଜୟ ଦତ୍ତ ଗତ ସପ୍ତାହରେ ଏକ ସାକ୍ଷାତ୍‌କାରରେ କହିଥିଲେ ଯେ, ୬ ମାସ ଭିତରେ ଇଣ୍ଡିଗୋ ପକ୍ଷରୁ ୟୁରୋପକୁ ନନ୍ ଷ୍ଟପ୍ ଉଡାଣ ଆରମ୍ଭ କରାଯିବ। ବର୍ତ୍ତମାନ କମ୍ପାନୀ ୧୮ ଅନ୍ତଃରାଷ୍ଟ୍ରୀୟ ରୁଟ୍‌ରେ ନିଜର ଉଡ଼ାଣ ଜାରି ରଖିଛି। ଇଣ୍ଡିଗୋର ଯୋଜନା ଅନୁଯାୟୀ, ୬ରୁ ୧୦ ଘଣ୍ଟା ଅଥବା ଏହାଠାରୁ ଅଧିକ ସମୟର ଉଡ଼ାଣରେ ଯାଉଥିବା ଯାତ୍ରୀଙ୍କୁ ବିଜ୍‌ନେସ କ୍ଲାସରେ ଯାତ୍ରା ପାଇଁ ଏକାଧିକ ଅତିରିକ୍ତ ସୁବିଧା ପ୍ରଦାନ କରାଯିବ। ସେମାନଙ୍କୁ ବାରମ୍ବାର ଖାଦ୍ୟପଦାର୍ଥ ପ୍ରଦାନ ସହ ୱେଲକମ୍ ଡ୍ରିଙ୍କସ ଏବଂ ଆଲ୍‌କୋହଲିକ୍ ଡ୍ରିଙ୍କ ପ୍ରଦାନ କରାଯିବ।

- ଅଂଶଧନ କିଣିବାକୁ ଅନୁରୋଧ କଲା ଏଟିହାଦ, ବ୍ୟାଙ୍କ ସମୂହ

# ଜେଟ୍ ପାଇଁ ହିନ୍ଦୁଜା ଭ୍ରାତାଙ୍କୁ ଗୁହାରି

**ନୂଆଦିଲ୍ଲୀ,୧୫–୫**



ଜେଟ୍ ଏୟାରୱେଜ ପାଇଁ ଏନ୍‌ଆର୍‌ଆଇ ହିନ୍ଦୁଜା ଭ୍ରାତା ଏବେ ଶେଷ ଆଶା ହୋଇଛନ୍ତି। କମ୍ପାନୀ ବଡ଼ ଆକାରର ଅଂଶଧନ କିଣିବା ଲାଗି ଏଟିହାଦ ଏୟାରୱେଜ ଏବଂ ଏସ୍‌ବିଆଇ ନେତୃତ୍ୱାଧୀନ ବ୍ୟାଙ୍କ ସମୂହ ପକ୍ଷରୁ ସେମାନଙ୍କୁ ଅନୁରୋଧ କରାଯାଇଛି।

ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଜେଟ୍ ଏୟାରୱେଜର ଅଂଶଧନ କିଣିବା ଲାଗି ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ବଡ଼ କମ୍ପାନୀ ଆଗେଇ ଆସିନାହାନ୍ତି। ଆବୁଧାବୀର ଏୟାରଲାଇନ୍ସ କମ୍ପାନୀ ଏଟିହାଦ ସମେତ ୩ କମ୍ପାନୀ ବିଡ୍ ଦାଖଲ କରିଛନ୍ତି ସତ ସେମାନେ ବଡ଼ ଆକାରର ନିବେଶ ଲାଗି ଆଗ୍ରହୀ ନ ଥିବା ଜଣାଇ ଦେଇଛନ୍ତି। ଏହି କାରଣରୁ ଏବେ ଜେଟ୍‌ରେ ନିବେଶଲାଗି ଇଚ୍ଛୁକ କମ୍ପାନୀ କିମ୍ବା ଗ୍ରୁପ୍‌କୁ ଖୋଜିବା ଉଦ୍ୟମ ଆରମ୍ଭ ହୋଇଛି। ତେବେ ହିନ୍ଦୁଜା ଭ୍ରାତା ଜେଟ୍‌ରେ ନିବେଶ ଲାଗି କୌଣସି ପ୍ରତିଶ୍ରୁତି ଦେଇନାହାନ୍ତି। ଅନ୍ୟପକ୍ଷରେ ଏଟିହାଦର ପ୍ରତିନିଧିମାନେ ହିନ୍ଦୁଜା ଭ୍ରାତାଙ୍କ ମଧ୍ୟରେ ବଡ଼ ଜେ.ପି. ହିନ୍ଦୁଜାଙ୍କ ସହ ଯୋଗାଯୋଗ କରିଛନ୍ତି। ଉଭୟଙ୍କ ମଧ୍ୟରେ ଆଲୋଚନା ପରେ ଜେଟ୍‌ରେ ନିବେଶ ନେଇ ସେ ଆଗ୍ରହ ପ୍ରକାଶ କରିଥିବା ଜଣାପଡିଛି। ହିନ୍ଦୁଜା ଗ୍ରୁପ୍‌ର ପରିଚାଳନା ଦାୟିତ୍ୱ ଜେ.ପିଙ୍କ ହାତରେ ରହିଛି। ନିବେଶ ସମ୍ପର୍କରେ ସବୁ ଶୁଣିବା ପରେ ଜେ.ପି. ତାଙ୍କ ସାନଭାଇ ଅଶୋକ ହିନ୍ଦୁଜାଙ୍କ ନିକଟକୁ ଏଟିହାଦ ପ୍ରତିନିଧିଙ୍କୁ ପଠାଇ ଦେଇଛନ୍ତି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଜେଟ୍ ଏୟାରୱେଜରେ ନିବେଶ ଲାଗି ହିନ୍ଦୁଜା ଗ୍ରୁପ୍ କୌଣସି ପ୍ରତିଶ୍ରୁତି ଦେଇନାହାନ୍ତି, କିନ୍ତୁ ସମସ୍ତ ବିକଳ୍ପ ଖୋଲା ରଖିଛନ୍ତି। ଆଗାମୀ ଦିନରେ ସେମାନେ ଏଟିହାଦ ଓ ବ୍ୟାଙ୍କ କନ୍‌ସୋର୍ଟିୟମ ପ୍ରତିନିଧିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ତେବେ ଏଥିଲାଗି ଦିନ ଧାର୍ଯ୍ୟ ହୋଇନାହିଁ। ସୂଚନାଥାଉ କି, ସାରା ବିଶ୍ୱରେ ହିନ୍ଦୁଜା ଗ୍ରୁପ୍ ଅଟୋମୋଟିଭ, ଅଏଲ ଆଣ୍ଡ ସ୍ପେଶିଆଲିଟି କେମିକାଲ୍ସ, ମିଡିଆ, ଆଇଟି, ପାୱାର, ହେଲ୍‌ଥକେୟର ଏବଂ ରିଏଲ ଇଷ୍ଟେଟ୍ ଆଦି ୧୦ ସେକ୍ଟରରେ ବ୍ୟବସାୟ କରୁଛନ୍ତି। ବିକ୍ରି ଦୃଷ୍ଟିରୁ ଭାରତରେ ଏକ ନମ୍ବର ସ୍ଥାନରେ ଥିବା ଟ୍ରକ କମ୍ପାନୀ ଅଶୋକ ଲେଲ୍ୟାଣ୍ଡର ମାଲିକାନା ହିନ୍ଦୁଜା ଗ୍ରୁପ୍ ନିକଟରେ ରହିଛି। ଉଲ୍ଲେଖ କରାଯାଇପାରେ ଯେ, ଜେଟ୍‌ର ପୁନରୁଦ୍ଧାର ଲାଗି ହିନ୍ଦୁଜା ଗ୍ରୁପ୍ ନିକଟରେ ପର୍ଯ୍ୟାପ୍ତ ଅର୍ଥ ରହିଛି।

## ସଂକ୍ଷେପରେ

### କୋଟିଏ ଲୋକଙ୍କୁ ନିଯୁକ୍ତି ଲାଗି ବ୍ଲୁପ୍ରିଣ୍ଟ



ନୂଆଦିଲ୍ଲୀ,୧୫-୫: ଦେଶରେ ଇଲେକ୍ଟ୍ରିକ ଯାନ ପ୍ରଚଳନକୁ ପ୍ରୋତ୍ସାହିତ କରିବାକୁ ଯାଇ କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର କର୍ମବଳ ସୃଷ୍ଟି କରିବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ଏହି ମିଶନକୁ ସଫଳତା ପୂର୍ବକ ଲାଗୁ କରାଗଲେ ଦେଶରେ ପ୍ରାୟ ୧ କୋଟି ନୂଆ ନିଯୁକ୍ତି ସୃଷ୍ଟି ହେବ ବୋଲି ଜଣାପଡିଛି। ମିଶନକୁ ସଫଳ କରିବା ଉଦ୍ଦେଶ୍ୟରେ ଏକ କୁଶଳୀ କର୍ମଶକ୍ତି ତିଆରି କରିବା ପାଇଁ ସରକାର ଅଣ୍ଟାଭିଡ଼ିଛନ୍ତି। ଏହି କ୍ଷେତ୍ରରେ ବିଶେଷଜ୍ଞ ଥିବା କର୍ମବଳ ତିଆରି କରାଯିବ। ଏଥିଲାଗି ଡିଜାଇନ ଏବଂ ଟେଷ୍ଟିଙ୍ଗ, ବ୍ୟାଟେରି ମାନୁଫାକ୍‌ଚରିଂ ସହିତ ମ୍ୟାନେଜମେଣ୍ଟ, ସେଲ୍ସ, ସର୍ଭିସେସ୍ ଏବଂ ଭିତ୍ତିଭୂମି ଭଳି କ୍ଷେତ୍ରରେ ନୂଆ ନିଯୁକ୍ତି ସୃଷ୍ଟି କରାଯିବ। ଏହାବ୍ୟତୀତ ଅଟୋମୋଟିଭ ମିଶନ ପ୍ଲାନ ୨୦୨୬ରେ ଅଟୋ ସେକ୍ଟରରେ ଅତିରିକ୍ତ ୬.୫୦ କୋଟି ନୂଆ ନିଯୁକ୍ତି ସୃଷ୍ଟି ହେବ ବୋଲି ଅନୁମାନ କରାଯାଉଛି। ଇ-ଯାନ କ୍ଷେତ୍ରରେ ମାନବ ସମ୍ବଳର ଚାହିଦା ପୂରଣ କରିବା ଲାଗି କୌଶଳ ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଏକ ଯୋଜନା ପ୍ରସ୍ତୁତିରେ ଲାଗି ପଡିଛି। ଏଥିଲାଗି ଏକ ସ୍ୱତନ୍ତ୍ର ପାଠ୍ୟକ୍ରମ ପ୍ରସ୍ତୁତ କରାଯାଉଛି, ଯାହାଦ୍ୱାରା ଇଲେକ୍ଟ୍ରିକ ଯାନ କ୍ଷେତ୍ରରେ ଚାହିଦା ପୂରଣ କରାଯାଇପାରିବ। ଏକ ନିଶ୍ଚିତ ସମୟାବଧିରେ ନୂଆ କାର୍ଯ୍ୟବଳ ସୃଷ୍ଟି କରିବା ଉପରେ କୌଶଳ ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ନଜର ରଖିବ ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

### ଏପ୍ରିଲରେ ବାଣିଜ୍ୟ ନିଅଣ୍ଟ ବୃଦ୍ଧି

ନୂଆଦିଲ୍ଲୀ,୧୫-୫: ଦେଶର ରପ୍ତାନି ଏପ୍ରିଲରେ ୦.୬୪% ବୃଦ୍ଧି ପାଇ ୨୬ ବିଲିୟନ ଡଲାରରେ ପହଞ୍ଚିଛି। ଅନ୍ୟପକ୍ଷରେ ଏହି ଅବଧିରେ ଆମଦାନୀ ୪.୫%ବୃଦ୍ଧି ପାଇ ୪୧.୪ ବିଲିୟନ ଡଲାର ହୋଇଛି। ବୁଧବାର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ତଥ୍ୟରୁ ଏହା ଜଣାପଡିଛି। ଫଳରେ ଦେଶର ବାଣିଜ୍ୟ ନିଅଣ୍ଟ ଏପ୍ରିଲରେ ୧୫.୩୩ ବିଲିୟନ ଡଲାରକୁ ବୃଦ୍ଧି ପାଇଛି; ଯାହା କି, ଗତବର୍ଷର ଏହି ଅବଧିରେ ୧୩.୭୨ ବିଲିୟନ ଡଲାର ଥିଲା। ଆଲୋଚ୍ୟ ମାସରେ ଦେଶର ଅଶୋଧିତ ତୈଳ ଆମଦାନୀ ୯.୨୬% ବୃଦ୍ଧି ପାଇ ୧୧.୩୮ ବିଲିୟନ ଡଲାରରେ ପହଞ୍ଚିଛି। ଅନ୍ୟପକ୍ଷରେ ଅଣତୈଳ ସାମଗ୍ରୀ ଆମଦାନୀ ୨.୭୮% ବଢ଼ିଛି। ସେହିପରି ଏପ୍ରିଲରେ ସୁନା ଆମଦାନୀ ୫୪% ସହ ୩.୯୭ ବିଲିୟନ ଡଲାରକୁ ବୃଦ୍ଧି ପାଇଛି।

### ମାଲ୍ୟା, ମୋଦିଙ୍କ ପ୍ରତ୍ୟର୍ପଣ ତଥ୍ୟ ଦେଲାନି ଏମ୍‌ଇଏ

ନୂଆଦିଲ୍ଲୀ,୧୫-୫: ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟା ଏବଂ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ପ୍ରତ୍ୟର୍ପଣ ସମ୍ପର୍କରେ ତଥ୍ୟ ଦେବାକୁ ମନା କରିଦେଇଛନ୍ତି ବୈଦେଶିକ ମନ୍ତ୍ରଣାଳୟ(ଏମ୍‌ଇଏ)। ଏ ସମ୍ପର୍କରେ ଆର୍‌ଟିଆଇରେ ପ୍ରଶ୍ନ ପଚାରାଯାଇଥିଲା ବେଳେ ଏହି ଆଇନର ଦ୍ୱାହି ଦେଇ ବୈଦେଶିକ ମନ୍ତ୍ରଣାଳୟ ଉକ୍ତ ତଥ୍ୟ ଦେବ ନାହିଁ ବୋଲି କହିଛି। ଆର୍‌ଟିଆଇ ଉତ୍ତରରେ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ମାଲ୍ୟା ଓ ମୋଦିଙ୍କୁ ପ୍ରତ୍ୟର୍ପଣ ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ରିଟେନକୁ ଅନୁରୋଧ କରାଯାଇଛି। ଏବେ ବ୍ରିଟେନ ସରକାର ଏ ସମ୍ପର୍କରେ ବିଚାର କରୁଛନ୍ତି। ତେବେ ଏ ସଂକ୍ରାନ୍ତରେ ଆର୍‌ଟିଆଇ ଆଇନର ଧାରା ୮(୧)(ଏଚ୍) ଅଧୀନରେ ତଦନ୍ତ,ଗିରଫଦାରିରେ ବାଧା ଉପୁଜିବା ତଥା ମାମଲା ପରିଚାଳନାରେ ଅସୁବିଧାକୁ ଦୃଷ୍ଟିରେ ରଖି ପ୍ରତ୍ୟର୍ପଣ ସଂକ୍ରାନ୍ତ ତଥ୍ୟ ପ୍ରକାଶ କରିହେବ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ତାୟଲ ଗ୍ରୁପ୍‌ର ୪୮୩ କୋଟିର ସମ୍ପତ୍ତି କୋରଖ

ନୂଆଦିଲ୍ଲୀ,୧୫-୫: ବହୁ କୋଟି ଟଙ୍କାର ବ୍ୟାଙ୍କ ଜାଲିଆତି ମାମଲାରେ କୋଲ୍‌କାତାର ତାୟଲ ଗ୍ରୁପ୍‌ର ୪୮୩ କୋଟି ଟଙ୍କାର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) କୋରଖ କରିଛି। ପ୍ରିଭେନ୍ସନ ଅଫ୍ ମନିଲଣ୍ଡରିଂ ଆକ୍ଟ(ପିଏମ୍‌ଏଲ୍‌ଏ) ଅଧୀନରେ ତାୟଲ ଗ୍ରୁପ୍‌ର କେଏସ୍‌ଏଲ୍ ଆଣ୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡର କୋଲକାତାସ୍ଥିତ ୪୮୩ କୋଟି ଟଙ୍କାର ୨,୭୦,୩୭୪ ବର୍ଗଫୁଟ୍‌ର ଫ୍ଲାଟ୍ ଏବଂ ନାଗପୁରର ଶପିଂ ମଲ୍‌କୁ କୋରଖ କରାଯାଇଛି। ଇଡି ପକ୍ଷରୁ କୁହାଯାଇଛି ଯେ, ତାୟଲ ଗ୍ରୁପ୍ ୫୨୪ କୋଟି ଟଙ୍କାର ଋଣ ନେଇଥିଲେ।

ODISHA POWER GENERATION CORPORATION LTD.
(A Government Company of the State of Odisha)
Regd. Office: Zone A, 7th Floor, Fortune Towers, Chandrasekharpur, Bhubaneswar – 751023, Odisha, India
Ph: +91 674- 2303765/66, Fax: +91 674 2303755/56
OPGC Power for Progress

REQUEST FOR PROPOSAL FOR
ENGAGEMENT OF COAL COORDINATION AGENCY

OPGC invites proposals for selection of Coal Coordination Agency for coordination and handling coal supplies to its power plant situated at IB Thermal Power Station, Banharpali, Jharsuguda, Odisha. Interested Parties may download the RFP detailing terms and conditions from website www.opgc.co.in till 27th May 2019.

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OFFICE OF THE DEPUTY GENERAL MANAGER (ELECT.) E.H.T. (O&M) DIVISION, JODA
P.O.- BONEIKALA, DIST.- KEONJHAR, PIN: 758038 (ODISHA), PHONE NO.: 7328829375, E-mail: ehtm.div.jod@optcl.co.in
CIN: U40102OR2004SGC007553
Letter No.: 123 Dated: 15.05.2019

TENDER CALL NOTICE NO.- 02/2019-2020

Sealed tenders are invited from the Civil & HT Contractors having valid “C” & “D” Class Civil Contractor licence issued by Govt. of Odisha/Military/Railways & having valid IT PAN Card/GST registration for the work of “SUPPLY, FITTING & FIXING OF FLOOR TILES AT DIFFERENT ROOMS OF DIVISION OFFICE, JODA” under EHT(O&M) Division Joda. Cost of tender paper Rs.2240/-, EMD = Rs.5000/-. Sale of tender documents from Dt.17.05.2019 to 26.05.2019. Last date of submission of tender - 27.05.2019 upto 1.00 P.M. Date of opening of tender - 27.05.2019 at 3.00 P.M. For details visit our website: www.optcl.co.in.
Corrigendum if any will be published in the OPTCL website only.
Sd./- Dy. General Manager (Elect.), EHT (O&M) Division, Joda

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର
ନଂ. ୫୬୨୮ ତା.୧୪।୦୫।୨୦୧୯
ବିଜ୍ଞାପନ
ସରକାରୀ ବସ୍ ଭଡ଼ା ସୂତ୍ରରେ ଚଳାଇବା ନିମନ୍ତେ ବିଜ୍ଞପ୍ତି

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ କେତେକ ମାର୍ଗର ବସ୍‌କୁ ଭଡ଼ା ସୂତ୍ରରେ ଚଳାଚଳ କରିବା ନିମନ୍ତେ ଜଉମୁଦଦିଆ ଦରଖାସ୍ତ ଆହ୍ୱାନ କରୁଛନ୍ତି। ତଥ୍ୟାବଳୀ ତା.୧୮।୦୫।୨୦୧୯ରୁ ୨୮।୦୫।୨୦୧୯ରିଖ ମଧ୍ୟରେ ପ୍ରତ୍ୟେକ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୦ ଘଣ୍ଟା ଠାରୁ ଅପରାହ୍ନ ୫.୦୦ ଘଣ୍ଟା ମଧ୍ୟରେ ପରିବହନ ନିଗମର ମୁଖ୍ୟ କାର୍ଯ୍ୟାଳୟ ତଥା ଶାଖା କାର୍ଯ୍ୟାଳୟମାନଙ୍କରେ ଟ.୧୭୫/– (ଏକଶତ ପଞ୍ଚସ୍ତରୀ ଟଙ୍କା) ମାତ୍ର ଜମା କରି www.osrtc.in ରେ ଡାଉନଲୋଡ କରି ଟେଣ୍ଡର ଫର୍ମ ସହ ଟ.୧୭୫/– (ଏକଶତ ପଞ୍ଚସ୍ତରୀ ଟଙ୍କା) ମାତ୍ର ମୂଲ୍ୟର I.P.O ଯାହାକି G.P.O ଭୁବନେଶ୍ୱରରୁ ଉଠାଣ ନିମନ୍ତେ ଗ୍ରହଣଯୋଗ୍ୟ ଏବଂ ଆବେଶିକ ଫିସ୍ ଟ.୧୨୦୦/– (ଏକ ହଜାର ଦୁଇ ଶହ ଟଙ୍କା) ମାତ୍ର (ଫେରସ୍ତଯୋଗ୍ୟ ନୁହେଁ), ଯେକୌଣସି ଜାତୀୟକରଣ ବ୍ୟାଙ୍କର Bank Draft, Accounts Officer, OSRTC ଭୁବନେଶ୍ୱରଙ୍କ ନାମରେ ଗ୍ରହଣ କରାଯିବ।

ସମସ୍ତ ଟେଣ୍ଡର ଫର୍ମ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଠାରେ ତା.୨୮।୦୫।୧୯ରିଖ ଅପରାହ୍ନ ୫.୦୦ ଘଣ୍ଟା ମଧ୍ୟରେ ପହଞ୍ଚିବା ଆବଶ୍ୟକ। ଧାର୍ଯ୍ୟ ସମୟ ଓ ତାରିଖ ପରେ କୌଣସି ଟେଣ୍ଡର ଫର୍ମ ଗ୍ରହଣ କରାଯିବ ନାହିଁ।

ଟେଣ୍ଡରର ସବିଶେଷ ସର୍ତ୍ତାବଳୀ ଟେଣ୍ଡର ପୁସ୍ତିକାରେ ତଥା OSRTC Website- www.osrtc.in ରେ ଉପଲବ୍ଧ।

ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶ କ୍ରମେ
ସ୍ୱା./- ରୁଦ୍ର ପ୍ରସନ୍ନ ସାହୁ
ସାଧାରଣ ପରିଚାଳକ (ପ୍ରଶାସନ)
ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର


ଧରିତ୍ରୀ
DHARITRI
ଢେଙ୍କାନାଳ, ଗୁରୁବାର, ୧୬ ମେ, ୨୦୧୯





"ବ୍ୟାଟିଂ ଓ ବୋଲିଂରେ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଯେଉଁ ଦକ୍ଷତା ରହିଛି ଟିମ୍ ଇଣ୍ଡିଆରେ ଆଉ କେହି ତାଙ୍କ ନିକଟତର ହୋଇପାରିବେ ନାହିଁ।"

–ବୀରେନ୍ଦ୍ର ସେହ୍ୱାଗ, ପ୍ରାକ୍ତନ ଭାରତୀୟ କ୍ରିକେଟର



"ଗତ ଆଇପିଏଲ୍‌ରେ ଭିନ୍ନ କୋଚ୍ ଓ ଖେଳାଳିଙ୍କ ନିକଟରୁ କିଛି ନୂତନ କଥା ଶିଖିପାରିଲି।"

–ଜନି ବେୟାରଷ୍ଟୋ, ଇଂଲଣ୍ଡ କ୍ରିକେଟର

## ସଂକ୍ଷେପରେ

### ଆଟ୍‌ଲେଟିକୋ ଛାଡ଼ିବେ ଗ୍ରିଜମ୍ୟାନ




ମାଡ୍ରିଡ୍,୧୫।୫(ଏଏଫ୍‌ପି)- ଫ୍ରାନ୍ସ ଷ୍ଟ୍ରାଇକର ଆଣ୍ଟିନୋ ଗ୍ରିଜମ୍ୟାନ ଚଳିତ ସିଜନ ଶେଷରେ ଆଟ୍‌ଲେଟିକୋ ମାଡ୍ରିଡ୍ ଦଳ ଛାଡ଼ିବେ। ଏ ନେଇ ଗ୍ରିଜମ୍ୟାନ ଟୁଇଟରରେ ପ୍ରକାଶ କରିଛନ୍ତି। କୋଚ ଓ ପ୍ରଶଂସକଙ୍କ ସହ ଆଲୋଚନା କରିବା ପରେ ମୁଁ ଏହି ନିଷ୍ପତ୍ତି ନେଇଛି। ମୁଁ ଏଠାରେ ୫ଟି ସଫଳ ସିଜନ ଖେଳିଛି। ଏହା ସର୍ବଦା ମୋ ହୃଦୟରେ ରହିବ ବୋଲି ୨୦୧୮ ଫିଫା ବିଶ୍ୱକପ୍ ଚାମ୍ପିୟନ ଫ୍ରାନ୍ସ ଦଳର ସଦସ୍ୟ କହିଛନ୍ତି। ୨୮ ବର୍ଷୀୟ ଗ୍ରିଜମ୍ୟାନ ସ୍ପାନିଶ କ୍ଲବ ଆଟ୍‌ଲେଟିକୋ ସହ ୨୦୨୩ ପର୍ଯ୍ୟନ୍ତ ଚୁକ୍ତି କରିଥିଲେ। ହେଲେ ୧୩୪ ନିୟୁତ ଆମେରିକୀୟ ଡଲାର ଦେଇ ଚୁକ୍ତିକୁ ଖାରଜ କରିଛନ୍ତି। ଆଟଲେଟିକୋ ପାଇଁ ୨୫୨ ମ୍ୟାଚ୍ ଖେଳି ଫ୍ରେଞ୍ଚ ଷ୍ଟାର ୧୩୩ ଗୋଲ ସ୍କୋର କରିଛନ୍ତି। ତାଙ୍କ ପ୍ରତିନିଧିତ୍ୱରେ ଆଟଲେଟିକୋ ମାଡ୍ରିଡ୍ ୨୦୧୬ ଚାମ୍ପିୟନ୍ସ ଲିଗ୍ ରନର୍ସଅପ୍ ହୋଇଥିଲା। ୨୦୧୮ରେ ଦଳ ୟୁରୋପ ଲିଗ୍‌ରେ ଚାମ୍ପିୟନ ହୋଇଥିଲା। ଏହାବାଦ୍ ୨୦୧୬ ବାଲନ ଡି' ଅର ପୁରସ୍କାର ପାଇବା ଦୌଡ଼ରେ ୩ୟ ସ୍ଥାନରେ ରହିଥିଲେ।

### ବର୍ଷର ଶ୍ରେଷ୍ଠ ମ୍ୟାନେଜର ଗାର୍ଡିୟୋଲା



ଲଣ୍ଡନ,୧୫।୫(ଏଏଫ୍‌ପି)- ମାଞ୍ଚେଷ୍ଟର ସିଟି କୋଚ୍ ପେପ ଗାର୍ଡିୟୋଲା ଜୁର୍ଗନ କ୍ଲପଙ୍କୁ ପଛରେ ପକାଇ ତିନି ଦିନ ମଧ୍ୟରେ ଦ୍ୱିତୀୟ ଥର ପାଇଁ ୨୦୧୮ ବର୍ଷର ଶ୍ରେଷ୍ଠ ମ୍ୟାନେଜର ସମ୍ମାନ ପାଇଛନ୍ତି। ସ୍ପାନିଶ କୋଚ୍ ଭୋଟ ପ୍ରକ୍ରିୟାରେ କ୍ଲପ, ଟୋଟେନହାମ ମ୍ୟାନେଜର ମୌରିସିୟୋ ପୋଚେଟିନୋଙ୍କୁ ପଛରେ ପକାଇ ଏହି ସଫଳତା ପାଇଛନ୍ତି। ନିକଟରେ ଗାର୍ଡିୟୋଲା ଲିଗ୍ ମ୍ୟାନେଜରଙ୍କ ଆସୋସିଏଶନ ପକ୍ଷରୁ ସମାନ ବର୍ଷ ପାଇଁ ଶ୍ରେଷ୍ଠ କୋଚ୍ ପୁରସ୍କାର ମିଳିଥିଲା। ଗାର୍ଡିୟୋଲାଙ୍କ ଦଳ ରବିବାର କ୍ଲପଙ୍କ ଲିଭରପୁଲକୁ ହରାଇ ପ୍ରିମିୟର ଲିଗ୍ ଟାଇଟଲ ବଜାୟ ରଖିଛି। ପୂର୍ବରୁ ମାଞ୍ଚେଷ୍ଟର ସିଟି ଲିଗ୍ କପ୍ ହାସଲ କରିଥିଲା।

# ଫିଟ୍ ରହିବାକୁ ଯୋଗ କରୁଛନ୍ତି ଗେଲ୍

ନୂଆଦିଲ୍ଲୀ,୧୫।୫(ପି.ଟି.)

ୱେଷ୍ଟଇଣ୍ଡିଜ୍ ବିସ୍ଫୋରକ ଓପନର କ୍ରିସ୍ ଗେଲ୍ ଏଥର କ୍ୟାରିୟରର ପଞ୍ଚମ ତଥା ଅନ୍ତିମ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। ୩୯ ବର୍ଷରେ ମଧ୍ୟ ସେ ନିଜକୁ ଆବଶ୍ୟକ ଅନୁସାରେ ଫିଟ୍ ରଖିପାରିଛନ୍ତି। ଏଥିପାଇଁ ସେ ନିଜସ୍ୱ ଢଙ୍ଗରେ ପ୍ରୟାସ ଜାରି ରଖିଛନ୍ତି। ସେ ଜିମ୍ ଯିବା ବଦଳରେ ଯୋଗ କରୁଛନ୍ତି। ସେ ସ୍ୱତଃପ୍ରବୃତ ଭାବେ ଶକ୍ତିଶାଳୀ ଓ ଦୃଢ଼। ତେଣୁ ତାଙ୍କ ଜିମ୍ ଯିବାର ଆବଶ୍ୟକାତା କମ୍ ରହିଛି। ତେଣୁ ସେ ବ୍ୟାପକ ଭାବେ ଯୋଗ କରୁଛନ୍ତି। ସଦ୍ୟ ସମାପ୍ତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ୪୦.୮୩ ହାରରେ ମୋଟ ୪୯୦ ରନ କରି ଜବରଦସ୍ତ ଫର୍ମର ନମୁନା ପ୍ରଦର୍ଶନ କରିଛନ୍ତି। ଆସନ୍ତା ୩୦ ତାରିଖରୁ ଇଂଲଣ୍ଡରେ ଆରମ୍ଭ ହେବାକୁଥିବା ବିଶ୍ୱକପ୍‌ରେ ସେ ଏହି ଫର୍ମ ଜାରି ରଖିବାକୁ ଚେଷ୍ଟା କରୁଛନ୍ତି। ମୋର ଅଭିଜ୍ଞତା ରହିଛି। ତେଣୁ ବିଶ୍ୱକପ୍‌ରେ କିଭଳି ଖେଳିବାକୁ ହେବ ତାହା ଅବଶ୍ୟ ମୁଁ ଜାଣିଛି। ଏବେ ଭଲ ବ୍ୟାଟିଂ କରୁଛି





ଓ ବିଶ୍ୱକପ୍‌ରେ ଏହା ଜାରି ରହିବ ବୋଲି ଗେଲ୍ ଆଶାପ୍ରକାଶ କରିଛନ୍ତି।

ପ୍ରଦର୍ଶନ ଉପରେ ବୟସର ପ୍ରଭାବ ରହିବା କଥା ସେ ସ୍ୱୀକାର କରିଛନ୍ତି। ଆଇପିଏଲ୍‌ରେ ସେ ୩୪ ଓ ଇଂଲଣ୍ଡ ବିପକ୍ଷ ୪ଟି ଦିନିକିଆରେ ସେ ୩୯ଟି ଛକା ମାରିଛନ୍ତି। ତେବେ ଫିଟ୍ ରହିବା ନିହାତି ଜରୁରୀ ବୋଲି ସେ କହିଛନ୍ତି। ଇଂଲଣ୍ଡ ବିପକ୍ଷ ଗତ ଦିନିକିଆ ସିରିଜରେ ସେ ୧୦୬ରନ ଆଭରେଜରେ ୪୨୪ ରନ ସଂଗ୍ରହ କରିଛନ୍ତି। ଏଥିରେ ଦୁଇଟି ଲେଖାଏ ଶତକ ଓ ଅର୍ଦ୍ଧଶତକ ସାମିଲ ରହିଛି। ୧୯୯୯ରେ ପଦାର୍ପଣ କରିଥିବା ଗେଲ ଦିନିକିଆରେ ୧୦,୧୫୧ ରନ ସଂଗ୍ରହ କରିଛନ୍ତି।

# ଷ୍ଟିମାକ୍ ଭାରତୀୟ ଫୁଟ୍‌ବଲ କୋଚ

ନୂଆଦିଲ୍ଲୀ,୧୫।୫(ପିଟି)

କ୍ରୋଏସିଆ ୧୯୯୮ ବିଶ୍ୱକପ୍ ଦଳର ସଦସ୍ୟ ଇଗୋର ଷ୍ଟିମାକ ବୁଧବାର ଭାରତୀୟ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ପଦରେ ନିଯୁକ୍ତ ହୋଇଛନ୍ତି। ତାଙ୍କୁ ୨ ବର୍ଷ ପାଇଁ ଏହି ଗୁରୁଦାୟିତ୍ୱ ଦିଆଯାଇଛି। ଏଏଫ୍‌ସି ଏସିଆନ୍ କପ୍‌ରେ ଭାରତୀୟ ଦଳ ଆଶାନୁଯାୟୀ ପ୍ରଦର୍ଶନ କରିବାରେ ବିଫଳ ହେବା ପରେ ଷ୍ଟିଫେନ କନଷ୍ଟାଟିନେ ଇସ୍ତଫା ଦେଇଥିଲେ। ସେବେଠୁ ଜାତୀୟ ଦଳର କୋଚ୍ ପଦ ଖାଲି ପଡ଼ିଥିଲା। ନୂଆ କୋଚ୍ ଷ୍ଟିମାକଙ୍କୁ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) କାର୍ଯ୍ୟକାରୀ କମିଟି ନିଯୁକ୍ତ କରିଛି। ୫୧ ବର୍ଷୀୟ ଷ୍ଟିମାକଙ୍କ ନେତୃତ୍ୱରେ କ୍ରୋଏସିଆ ୧୯୯୮ ବିଶ୍ୱକପ୍‌ରେ ୩ୟ ସ୍ଥାନ ଅଧିକାର କରିଥିଲା। ୟୁଫା ୟୁରୋପିଆନ ଚାମ୍ପିୟନଶିପ୍ ୧୯୯୬ କ୍ୱାର୍ଟର ଫାଇନାଲ ଖେଳିଥିବା କ୍ରୋଏସିଆ ଦଳର ମଧ୍ୟ ସଦସ୍ୟ ଥିଲେ। ଏହାବାଦ୍ ତାଙ୍କ ପ୍ରତିନିଧିତ୍ୱରେ ୧୯୮୭ରେ ୟୁଗୋସ୍ଲୋଭିଆ ୨୦ ବର୍ଷରୁ



ଇଗୋର ଷ୍ଟିମାକ

କମ୍ ଫିଫା ବିଶ୍ୱକପ୍ ହାତେଇଥିଲା। ୨୦୦୧ରେ ସେ ଅବସର ନେଇଥିଲେ। ଏହାପରେ ୧୮ ବର୍ଷ ହେଲା ସେ ବିଭିନ୍ନ ଦଳର କୋଚ୍ ଦାୟିତ୍ୱରେ କାର୍ଯ୍ୟ କରି ଆସୁଛନ୍ତି। କ୍ରୋଏସିଆ ଦଳକୁ ୨୦୧୪ ଫିଫା ବିଶ୍ୱକପ୍ ମୁଖ୍ୟ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିବା କୋଚ୍ ଭାବେ ଷ୍ଟିମାକଙ୍କ ସବୁଠୁ ବଡ଼ ସଫଳତା। ତାଙ୍କୁ ଭାରତୀୟ ଫୁଟ୍‌ବଲକୁ ସ୍ୱାଗତ କରିଛନ୍ତି ଏଆଇଏଫ୍‌ଏଫ୍ ସଭାପତି ପ୍ରଫୁଲ୍ଲ ପଟେଲ। ଭାରତୀୟ ଦଳର କୋଚ ହେବା ପାଇଁ ଇଗୋର ସବୁଠୁ ଭଲ ପ୍ରାର୍ଥୀ। ତାଙ୍କ ଅଭିଜ୍ଞତା ଭାରତୀୟ ଦଳକୁ ବିଶେଷ ସହାୟତା କରିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଟେକନିକାଲ କମିଟି ମୁଖ୍ୟ ଶ୍ୟାମ ଥାପ୍ପା କହିଛନ୍ତି, ସଭିଙ୍କ ଏକମତ କ୍ରମେ ଷ୍ଟିମାକଙ୍କୁ କୋଚ୍ ପଦ ଲାଗି ଚୟନ କରାଯାଇଛି। ଟେକନିକାଲ ନିର୍ଦ୍ଦେଶକ ଆଇଜାକ ଡୋରୁଙ୍କ ସମେତ ସମସ୍ତ ସଦସ୍ୟ ଷ୍ଟିମାକଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ। ସେ ଜଣେ ବିଶ୍ୱକପ୍‌ରେ ସଫଳତା ପାଇଥିବା ଦଳର ସଦସ୍ୟ ଓ କୋଚ୍ ଭାବେ କ୍ରୋଏସିଆ ଦଳକୁ ବିଶ୍ୱକପ୍‌ରେ ପହଞ୍ଚାଇଛନ୍ତି। ଏଣୁ ତାଙ୍କଠାରୁ ଭଲ ପ୍ରାର୍ଥୀ ଆଉ କିଏ ହୋଇପାରିବ। ଥାଇଲାଣ୍ଡରେ ଆଗାମୀ ମାସରେ ହେବାକୁ ଥିବା କିଙ୍ଗ୍ସ କପ୍ ଷ୍ଟିମାକଙ୍କ ଲାଗି ପ୍ରଥମ ଆସାଇମେଣ୍ଟ ହେବ।

# ଭାରତର ଅପରାଜେୟ ଧାରା ଭାଙ୍ଗିଲା

ପର୍ଥ, ୧୫।୫(ପି.ଟି.)

ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତୀୟ ହକି ଦଳର ଅପରାଜେୟ ଧାରାରେ ରୋକ୍ ଲାଗିଛି। ବୁଧବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଭାରତୀୟ ଦଳ ୦-୪ ଗୋଲରେ ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିଥିବା ଅଷ୍ଟ୍ରେଲିଆ ନିକଟରୁ ପରାସ୍ତ ହୋଇଛି। ଗସ୍ତରେ ୪ର୍ଥ ମ୍ୟାଚ୍‌ରୁ ଭାରତର ଏହା ପ୍ରଥମ ପରାଜୟବରଣ ଥିଲା। ଘରୋଇ ଦଳ ପକ୍ଷରୁ ବ୍ଲାକେ ଗ୍ରୋଭର୍ସ ଓ ଜେର୍ମି ହେୱାର୍ଡ ୨ଟି ଲେଖାଏ ଗୋଲସ୍କୋର କରି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଏହି ଗସ୍ତର ପ୍ରଥମ ୩ଟି ମ୍ୟାଚ୍‌ରେ ଅପରାଜେୟ ରହିଥିବା ଭାରତକୁ ଏକପାଖିଆ ଭାବେ ହରାଇବାରେ ଅଷ୍ଟ୍ରେଲିଆ ସଫଳ ହୋଇଥିଲା। ମ୍ୟାଚ୍ ଆରମ୍ଭରୁ ଭାରତୀୟ ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ମ୍ୟାଚ୍‌ର ୫ମ ମିନିଟ୍‌ରେ ଦଳକୁ ଏକ ପେନାଲ୍ଟି କର୍ନର ମିଳିଥିଲେ ମଧ୍ୟ ହରମନ୍‌ପ୍ରୀତ୍ ସିଂଙ୍କ ପ୍ରୟାସ ପ୍ରତିପକ୍ଷ ଖେଳାଳିଙ୍କ ଦ୍ୱାରା ନିଷ୍ପ୍ରଭ ଯାଇଥିଲା। ଏହାର କିଛି ସମୟ ପରେ ଉଭୟ ହରମନ୍‌ପ୍ରୀତ୍ ଓ ନୀଳକାନ୍ତ ଶର୍ମାଙ୍କ ମିଳିତ ପ୍ରୟାସରେ ଅଷ୍ଟ୍ରେଲିଆ ଉପରେ ଆଟାକ୍ ହୋଇଥିଲେ ମଧ୍ୟ ଏହା ମଧ୍ୟ ବିଫଳ ହୋଇଥିଲା। କିନ୍ତୁ ଘରୋଇ ଅଷ୍ଟ୍ରେଲିଆ ଏହାପରେ ଦମ୍‌ଦାର




ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ରୋମାଞ୍ଚକ ମୁହୂର୍ତ୍ତ।

ପ୍ରତ୍ୟାବର୍ତ୍ତନ କରିଥିଲା। ୫ ମିନିଟ୍‌ର ଅନ୍ତରରେ ୨ଟି ଗୋଲ କରି ଅଷ୍ଟ୍ରେଲିଆ ଭ୍ରମଣକାରୀ ଦଳକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲା। ମ୍ୟାଚ୍‌ର ୧୫ତମ ମିନିଟ୍‌ରେ ଅଷ୍ଟ୍ରେଲିଆକୁ ମିଳିଥିବା ପ୍ରଥମ ପେନାଲ୍ଟି କର୍ନରକୁ ଗ୍ରୋଭର୍ସ କୌଣସି ତ୍ରୁଟି ନ କରି ଭାରତୀୟ ନେଟ୍ ମଧ୍ୟକୁ ବଲ୍ ପଠାଇ ଦେଇଥିଲେ। ଫଳରେ ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ୨୦ତମ ମିନିଟ୍‌ରେ ଅଷ୍ଟ୍ରେଲିଆକୁ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା। ଏଥର ହେୱାର୍ଡଙ୍କ ପାଳି ପଡ଼ିଥିଲା। ହେୱାର୍ଡ କୌଣସି ତ୍ରୁଟି ନ କରି ଭାରତୀୟ ଗୋଲକିପର କ୍ରିଷ୍ଣା ବାହାଦୁର ପାଠକଙ୍କୁ ଚକ୍‌ମା ଦେଖାଇ ବଲ୍‌କୁ ନେଟ୍ ମଧ୍ୟକୁ ପଠାଇ ଦେଇଥିଲେ। ଏହାର ୩ ମିନିଟ୍ ପରେ ଅଷ୍ଟ୍ରେଲିଆ ୩ୟ ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ପାଠକ ନିଶ୍ଚିତ

### ଅଷ୍ଟ୍ରେଲିଆ ଟୁର୍

ଗୋଲକୁ ଅଟକାଇ ଦେଇଥିଲେ। ଭାରତ ପକ୍ଷରୁ ସୁମିତ୍ କୁମାରଙ୍କ ଏକ ପେନାଲ୍ଟି କର୍ନର ଶଟ୍‌କୁ ଅଷ୍ଟ୍ରେଲିଆ ଗୋଲକିପର ଜୋହାନ ଡ୍ରଷ୍ଟ ଅଟକାଇ ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧରେ ଅଷ୍ଟ୍ରେଲିଆ ୨-୦ ଗୋଲରେ ଅଗ୍ରଣୀ ଲାଭ କରିଥିଲା। ତୃତୀୟ କ୍ୱାର୍ଟରରେ ଉଭୟ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ କଡ଼ା ଟକ୍କର ହୋଇଥିଲେ ମଧ୍ୟ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ତେବେ ଅନ୍ତିମ ତଥା ୪ର୍ଥ କ୍ୱାର୍ଟର ଅଷ୍ଟ୍ରେଲିଆ ସପକ୍ଷରେ ଯାଇଥିଲା। ଅନ୍ତିମ ୨ ମିନିଟ୍‌ରେ ୨ଟି ଗୋଲସ୍କୋର କରି ଘରୋଇ ଦଳ ୪-୦ ଗୋଲରେ ଏକପାଖିଆ ବିଜୟ ଲାଭ କରିଥିଲା। ଗୋଲ ଆଶାରେ ଭାରତ ଅନ୍ତିମ ମୁହୂର୍ତ୍ତରେ ଗୋଲକିପରଙ୍କୁ ଅତିରିକ୍ତ ଖେଳାଳି ଭାବେ ମଧ୍ୟଭାଗରେ ଖେଳାଇଥିଲା। କିନ୍ତୁ ଏହାର ଫାଇଦା ଉଠାଇ ୫୯ତମ ମିନିଟ୍‌ରେ ହେୱାର୍ଡ ଓ ୬୦ତମ ମିନିଟ୍‌ରେ ଗ୍ରୋଭର୍ସ ବ୍ୟକ୍ତିଗତ ଭାବେ ନିଜର ୨ୟ ଗୋଲ ଦେଇଥିଲେ। ଏହି କ୍ୱାର୍ଟରରେ କେତୋଟି ସୁଯୋଗ ମିଳିଥିଲେ ମଧ୍ୟ ଗୋଲରେ ରୂପାନ୍ତରିତ କରିବାରେ ଭାରତୀୟ ଖେଳାଳି ବିଫଳ ହୋଇଥିଲେ।

# ମନଙ୍ଗ–ମିନର୍ଭା ମ୍ୟାଚ୍ ଡ୍ର

କାଠମାଣ୍ଡୁ, ୧୫।୫(ପି.ଟି.)

ଏଏଫ୍‌ସି କପ୍‌ରେ ବୁଧବାର ଖେଳାଯାଇଥିବା ଗ୍ରୁପ୍-ଇ'ର ଏକ ମ୍ୟାଚ୍‌ରେ ମିନର୍ଭା ପଞ୍ଜାବ ୧-୧ ଗୋଲରେ ଘରୋଇ ନେପାଳଭିତ୍ତିକ କ୍ଲବ ମନଙ୍ଗ ମର୍ଶିଆଙ୍ଗଡି ବିପକ୍ଷରେ ଡ୍ର' ରଖିଛି। ଏହି ଡ୍ର' ଫଳରେ ପ୍ରତିଯୋଗିତାର ପରବର୍ତ୍ତୀ ପର୍ଯ୍ୟାୟକୁ ପ୍ରବେଶ କରିବାକୁ ଲକ୍ଷ୍ୟ ରଖିଥିବା ମିନର୍ଭା ପାଇଁ ଅଡୁଆ ବଢ଼ିଯାଇଛି। ସ୍ଥାନୀୟ ଏଏନ୍‌ଏଫ୍‌ଏ କମ୍ପ୍ଲେକ୍ସରେ ଖେଳାଯାଇଥିବା ଏହି ସଂଘର୍ଷପୂର୍ଣ୍ଣ ମୁକାବିଲାରେ ପ୍ରଥମାର୍ଦ୍ଧ ଶେଷ ଭାଗରେ ମିନର୍ଭା ପକ୍ଷରୁ ପ୍ରଥମେ ଗୋଲସ୍କୋର ହୋଇଥିଲା। ମ୍ୟାଚ୍‌ର ୪୦ତମ ମିନିଟ୍‌ରେ ମିନର୍ଭାର ଥୋଇବା ସିଂଙ୍କ ଗୋଲବଳରେ ଦଳ ୧-୦ରେ ଅଗ୍ରଣୀ ଲାଭ କରିଥିଲା। କିନ୍ତୁ ପ୍ରଥମାର୍ଦ୍ଧ ଶେଷ ହେବାକୁ କିଛି ସମୟ ଥିବାବେଳେ ପ୍ରତୀକ ଜୋଷୀଙ୍କୁ ରେଡ୍ କାର୍ଡ ମିଳିଥିଲା। ଫଳରେ ମିନର୍ଭା ୧୦ ଜଣ ଖେଳାଳିଙ୍କୁ ନେଇ ଦ୍ୱିତୀୟାର୍ଦ୍ଧ ସାରା ଖେଳିଥିଲା। ଏହାର ଫାଇଦା ଉଠାଇ ଘରୋଇ ଦଳ ଗୋଲ ଶୁଝାଇବାରେ ସଫଳ ହୋଇଥିଲା। ମ୍ୟାଚ୍‌ର ୮୧ତମ ମିନିଟ୍‌ରେ ଡିଫେଣ୍ଡର ଓଲୁୱାଶିନ ଅଜିଜ୍‌ଙ୍କ ଗୋଲବଳରେ ମନଙ୍ଗ ମ୍ୟାଚ୍‌କୁ ୧-୧'ର ବରାବର୍‌ସ୍ଥିତିକୁ ଆଣିଥିଲା। ଏହାପରେ ଆଉ କୌଣସି ଗୋଲ ନ ହେବାରୁ ମ୍ୟାଚ୍ ଡ୍ର'ରେ ଶେଷ ହୋଇଥିଲା।

# ୧୯୯୨: ଭାରତର ନୈରାଶ୍ୟଜନକ ପ୍ରଦର୍ଶନ




ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡର ମିଳିତ ଆୟୋଜନରେ ୧୯୯୨ ବିଶ୍ୱକପ୍ ଅନୁଷ୍ଠିତ ହୋଇଥିଲା। ପଡୋଶୀ ପାକିସ୍ତାନ ଫାଇନାଲରେ ଇଂଲଣ୍ଡକୁ ହରାଇ ପ୍ରଥମଥର ପାଇଁ ଚାମ୍ପିୟନ ହୋଇଥିଲେ ମଧ୍ୟ ଭାରତ ଏହି ବିଶ୍ୱକପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ଅବଶ୍ୟ ଭାରତୀୟ ଦଳ ସେତେଟା ଶକ୍ତିଶାଳୀ ବିବେଚିତ ହେଉ ନ ଥିଲା। ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ, ବିସ୍ଫୋରକ ଓପନର କେ. ଶ୍ରୀକାନ୍ତ, ଅଲରାଉଣ୍ଡର କପିଳଦେବ, ରବି ଶାସ୍ତ୍ରୀ ଓ ସଞ୍ଜୟ ମଞ୍ଜରେକରଙ୍କୁ ନେଇ ଭାରତୀୟ ବ୍ୟାଟିଂ ଲାଇନ୍ ବେଶ୍ ଦୃଢ଼ ମନେହେଉଥିଲା। ପୁଣି ଦଳରେ ଉଦୀୟମାନ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ଓ ବିନୋଦ କାମ୍ବଲି ମଧ୍ୟ ସ୍ଥାନ ପାଇଥିଲେ। ଭାରତର ବୋଲିଂ ବିଭାଗ କିନ୍ତୁ ସେତେଟା ଦୃଢ଼ ନ ଥିଲା। କପିଳଦେବଙ୍କ ନେତୃତ୍ୱରେ ସ୍ପିନର ରବି ଶାସ୍ତ୍ରୀ, ଭେଙ୍କଟପତି ରାଜୁଙ୍କ ସମେତ ଦ୍ରୁତ ବୋଲର ମନୋଜ ପ୍ରଭାକରଙ୍କୁ ନେଇ ଭାରତୀୟ ବୋଲିଂ ସେଭଳି ଚମତ୍କାର କରିବ ବୋଲି ଆଶା କରାଯାଉ ନ ଥିଲା। ଗ୍ରୁପ୍ ପର୍ଯ୍ୟାୟ ବଦଳରେ ରାଉଣ୍ଡ ରବିନ୍ ପଦ୍ଧତିରେ ମ୍ୟାଚ୍‌ଗୁଡିକ ଖେଳାଯାଇଥିଲା। ସବୁ ଦଳ ବାକି ୮ଟି ଦଳ ବିପକ୍ଷରେ ମ୍ୟାଚ୍ ଖେଳିଥିଲେ। ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲରେ ପ୍ରବେଶ କରିଥିଲେ। ପ୍ରଥମଥର ପାଇଁ ଏହି ବିଶ୍ୱକପ୍‌ରେ




ଭାରତ–ପାକିସ୍ତାନ ମ୍ୟାଚର ଏକ ବିବାଦୀୟ ମୁହୂର୍ତ୍ତ।

ଖେଳାଳିମାନେ ରଙ୍ଗିନ ପୋଷାକ ସହ ଏହି ବିଶ୍ୱକପ୍‌ରେ ଡେ ଆଣ୍ଡ ନାଇଟ୍ ମ୍ୟାଚ୍ ଖେଳିଥିଲେ। ଭାରତ ରାଉଣ୍ଡ ରବିନ ପର୍ଯ୍ୟାୟରେ ୮ଟି ମ୍ୟାଚ୍ ଖେଳି ମାତ୍ର ୨ଟି ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ୫ଟିରେ ପରାଜୟ ବରଣକରି ସାଂଘାତିକ ଭାବେ ବିଫଳ ହୋଇଥିଲା। ଗୋଟିଏ ମ୍ୟାଚ୍ ବର୍ଷା କାରଣରୁ ଫଳାଫଳ ବାହାରି ପାରି ନ ଥିଲା। ୫ ପଏଣ୍ଟ ପାଇ ଭାରତ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା।

ପ୍ରଥମ ମ୍ୟାଚ୍‌ରେ ଭାରତ ପର୍ଥରେ ଇଂଲଣ୍ଡକୁ ଭେଟିଥିଲା ଓ ୯ ରନରେ ପରାସ୍ତ ହୋଇଥିଲା। ଇଂଲଣ୍ଡ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୨୩୭ ରନର ଟାର୍ଗେଟର ପିଛା କରି ଭାରତ ୪୯.୨ ଓଭରରେ ୨୨୭ ରନ କରି ଅଲଆଉଟ ହୋଇଥିଲା। ଶାସ୍ତ୍ରୀ ୫୭ ଓ ଶ୍ରୀକାନ୍ତ ୩୯ ରନ କରି ଓପନିଂ ଯୋଡିରେ ୬୩ ରନ କରି ଭଲ ଆରମ୍ଭ କରିଥିଲେ ମଧ୍ୟ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ପରାସ୍ତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ତେନ୍ଦୁଲକର ୩୫, ପ୍ରବୀଣ ଆମ୍ରେ ୨୨, କପିଳଦେବ ୧୭, ସୁବ୍ରାତୋ ବାନର୍ଜୀ ୨୫ ରନ କରିଥିଲେ। ଇଂଲଣ୍ଡ ତରଫରୁ ଡେର୍ମୋଟ ରିଭ୍ ସର୍ବାଧିକ ୩, ଇଆନ ବୋଥାମ ୨ ଉଇକେଟ ନେଇଥିଲେ। ୩ ଭାରତୀୟ ବ୍ୟାଟ୍ସମ୍ୟାନ ରନ୍‌ଆଉଟ ହୋଇଥିଲେ। ଏହାପରେ ଭାରତ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ଭେଟିଥିଲା। ବର୍ଷା ଯୋଗୁ ଏହି ମ୍ୟାଚ ବାତିଲ ହୋଇଥିଲା ଓ ପଏଣ୍ଟ ଭାଗ ହୋଇଥିଲା। ମ୍ୟାଚ୍‌ରେ ମାତ୍ର ୨ଟି ବଲ୍ ପଡିଥିଲା। ଭାରତୀୟ ଓପନର ଶ୍ରୀକାନ୍ତ ୨ ରନ ସ୍କୋର କରିଥିଲେ। ଭାରତ ୧ ପଏଣ୍ଟ ପାଇ ଖାତା ଖୋଲିଥିଲା। ତୃତୀୟ ମ୍ୟାଚ୍‌ରେ ଭାରତ ଗତଥରର ଚାମ୍ପିୟନ ତଥା ଅନ୍ୟତମ ଆୟୋଜକ ଅଷ୍ଟ୍ରେଲିଆକୁ ଭେଟିଥିଲା। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ହରାଇ ୨୩୭ ରନ କରିଥିଲା। ଜବାବରେ ବର୍ଷା କାରଣରୁ ଭାରତ ସମ୍ମୁଖରେ ୪୭ ଓଭରରେ ପରିବର୍ତ୍ତିତ ୨୩୬ ରନ ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ତେବେ ଗୋଟିଏ ବଲ ବାକିଥାଇ ଭାରତ ୨୩୪ ରନରେ ଅଲଆଉଟ ହୋଇ ମାତ୍ର ୧ ରନରେ ପରାସ୍ତ ହୋଇଥିଲା। ଭାରତ ପକ୍ଷରୁ ମହମ୍ମଦ ଆଝାରୁଦ୍ଦିନ ୯୧, ଶାସ୍ତ୍ରୀ ୨୫, କପିଳ ଦେବ ୨୧, ମଞ୍ଜରେକର ୪୭ ରନ କରିଥିଲେ ମଧ୍ୟ ଅନ୍ୟମାନେ ବିଫଳ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଡିନ୍ ଜୋନ୍ସ ସର୍ବାଧିକ ୯୦, ଡେଭିଡ ବୁନ ୪୩ ରନ କରିଥିବା ବେଳେ ଭାରତ ତରଫରୁ ବୋଲିଂରେ କପିଳ ଓ ପ୍ରଭାକର ୩ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଭାରତ ତା'ର ଚତୁର୍ଥ ମ୍ୟାଚ୍‌ରେ ସିଡନୀରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିଥିଲା ଓ ଏଥିରେ ଭାରତ ୪୩ ରନରେ ବିଜୟୀ ହୋଇଥିଲା। ଟସ୍ ଜିତ ଭାରତ ପ୍ରଥମେ ବ୍ୟାଟିଂ କରିଥିଲା। ବର୍ଷା କାରଣରୁ ମ୍ୟାଚ୍‌କୁ ୪୯ ଓଭରକୁ କମାଇ ଦିଆଯାଇଥିଲା। ଭାରତ ୪୯ ଓଭରରେ ୭ ଉଇକେଟ ହରାଇ ୨୧୬ ରନ ସଂଗ୍ରହ କରିଥିଲା। ଭାରତ ତରଫରୁ ସଚିନ ୫୪, ଅଜୟ ଜାଡେଜା ୪୬, ଆଝାରୁଦ୍ଦିନ ୩୨, କାମ୍ବଲି ୨୪, କପିଳ ୩୫ ରନ କରିଥିଲେ। ପାକିସ୍ତାନର ମୁସ୍ତାକ ଅହମ୍ମଦ ୩, ଆକ୍ୱିବ ଜାଭେଦ ୨ ଉଇକେଟ ନେଇଥିଲେ। ଜବାବରେ ୪୮.୧ ଓଭରରେ ମାତ୍ର ୧୭୩ ରନ କରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ପାକିସ୍ତାନ ପକ୍ଷରୁ ଅମୀର ସୋହେଲ ୬୨, ଜଭେଦ ମିଆଁଦାଦ ୪୦ ରନ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ଭାରତ ତରଫରୁ କପିଳ, ପ୍ରଭାକର ଓ ଜାଭାଗାଲ ଶ୍ରୀନାଥ ୨ଟି ଲେଖାଏ ଉଇକେଟ ନେଇଥିଲେ। ଏହି ମ୍ୟାଚ୍‌ରେ ମିଆଁଦାଦ କିରନ ମୋରେଙ୍କୁ ନକଲ କରି ବିବାଦ ସୃଷ୍ଟି କରିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ସଚିନ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ପରବର୍ତ୍ତୀ ମ୍ୟାଚ୍‌ରେ ଭାରତ ନ୍ୟୁଜିଲାଣ୍ଡ ଯାଇ ଜିମ୍ବାୱେକୁ ଭେଟିଥିଲା ଓ ୫୫ ରନରେ ବିଜୟୀ ହୋଇଥିଲା। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚ୍‌ରେ ଭାରତ ନିର୍ଦ୍ଧାରିତ ୩୨ ଓଭରରେ ୭ ଉଇକେଟ ହରାଇ ୨୦୩ ରନ ସଂଗ୍ରହ କରିଥିଲା। ଜିମ୍ବାୱେ ସମ୍ମୁଖରେ ୧୯ ଓଭରରେ ୧୫୯ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଜିମ୍ବାୱେ ୧ ଉଇକେଟ ହରାଇ ୧୦୪ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ସଚିନ ୮୧ ରନ କରିବା ସହ ୧ ଉଇକେଟ ନେଇ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲା। ଏହାପରେ ସେମିଫାଇନାଲରେ ସ୍ଥାନ ପାଇବା ପାଇଁ ଭାରତକୁ ତା'ର ଅନ୍ତିମ ୩ଟି ମ୍ୟାଚ୍‌ରେ ବିଜୟୀ ହେବା ଜରୁରୀ ହୋଇ ପଡିଥିଲା। କେବଳ ସେତିକି ନୁହଁ, ଅନ୍ୟ ମ୍ୟାଚର ଫଳାଫଳ ଉପରେ ମଧ୍ୟ ଭାରତ ନିର୍ଭର କରୁଥିଲା। ପରବର୍ତ୍ତୀ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ଭାରତକୁ ୩୪ଟି ବଲ୍ ବାକି ରଖି ୫ ଉଇକେଟରେ ପରାସ୍ତ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଭାରତ ୪୯.୪ ଓଭରରେ ୧୯୭ ରନ କରି ଅଲଆଉଟ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ୪୦.୨ ଓଭରରେ ୫ ଉଇକେଟ ହରାଇ ବର୍ଷା ଯୋଗୁ ପରବର୍ତ୍ତୀତ ଲକ୍ଷ୍ୟ ୧୯୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ପରାଜୟ ସହ ଭାରତ ସେମି ଦୌଡରୁ ବାଦ୍ ପଡିଥିଲା। ଏହାପରେ ମ୍ୟାଚ୍‌ରେ ଭାରତ ୧୭ଟି ବଲ ବାକିଥାଇ ନ୍ୟୁଜିଲାଣ୍ଡଠାରୁ ୪ ଉଇକେଟରେ ପରାସ୍ତ ହୋଇଥିଲା। ଟସ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ସଚିନଙ୍କ ୮୪ ଓ ଆଝାରୁଦ୍ଦିନଙ୍କ ୫୫ ରନ ସହ ୫୦ ଓଭରରେ ୬ ଉଇକେଟ ହରାଇ ୨୩୦ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ମାର୍କ ଗ୍ରେଟବ୍ୟାଚ୍‌ଙ୍କ ୭୩, ଆଣ୍ଡ୍ର୍ୟୁ ଜୋନ୍ସଙ୍କ ୬୭, ମାର୍ଟିନ କ୍ରୋଙ୍କ ୨୬ ରନ ବଳରେ ୪୭.୧ ଓଭରରେ ୬ ଉଇକେଟ ହରାଇ ୨୩୧ ରନ କରି ବିଜୟୀ ହୋଇଥିଲା। ଅନ୍ତିମ ରାଉଣ୍ଡ ରବିନ ମ୍ୟାଚ୍‌ରେ ଭାରତକୁ ୫ଟି ବାକିଥାଇ ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ପରାସ୍ତ କରିଥିଲା। ବର୍ଷା ଯୋଗୁ ମ୍ୟାଚ୍‌କୁ ୩୦ ଓଭରରେ ସୀମିତ ରଖାଯାଇଥିଲା। ଟସ ହାରି ଭାରତ ୬ ଉଇକେଟ ହରାଇ ୧୬୦ ରନ ସଂଗ୍ରହ କରିଥିଲା। ଆଝାରୁଦ୍ଦିନ ୭୯, ମଞ୍ଜରେକର ୨୮, କପିଲ ୪୨ ରନ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୨୯.୧ ଓଭରରେ ୪ ଉଇକେଟ ହରାଇ ୧୮୧ ରନ କରି ବିଜୟୀ ହୋଇଥିଲା। ଏହି ପରାଜୟ ସହ ଭାରତର ବିଶ୍ୱକପ୍ ଅଭିଯାନ ଶେଷ ହୋଇଥିଲା।

ଏହି ବିଶ୍ୱକପ୍‌ରେ ଭାରତ ସବୁ ଦୃଷ୍ଟିକୋଣରୁ ବିଫଳ ହୋଇଥିଲା। କୌଣସି ବ୍ୟାଟ୍ସମ୍ୟାନ ଶତକ ହାସଲ କରିପାରି ନ ଥିଲେ। ସେହିପରି କୌଣସ ଭାରତୀୟ ବୋଲର ୩ରୁ ଅଧିକ ଉଇକେଟ ନେଇପାରି ନ ଥିଲେ। ଦଳ ତରଫରୁ ଆଝାରୁଦ୍ଦିନ ସର୍ବାଧିକ ୩୩୨ ରନ ସଂଗ୍ରହ କରିଥିଲେ। ବୋଲିଂରେ ପ୍ରଭାକର ସର୍ବାଧିକ ୧୨ ଉଇକେଟ ଅକ୍ତିଆର କରିଥିଲେ। ଏହି ବିଶ୍ୱକପ୍ ପରେ ଶ୍ରୀକାନ୍ତଙ୍କ କ୍ୟାରିୟର ଶେଷ ହୋଇଥିଲା ଓ ସେ ଅବସର ଘୋଷଣା କରିଥିଲେ।

ଧରିତ୍ରୀ
DHARITRI
ଢେଙ୍କାନାଳ, ଗୁରୁବାର, ୧୬ ମେ, ୨୦୧୯





“ ଆଇସିସି ବିଶ୍ୱକପ୍ ପାଇଁ ମନୋନୀତ ଭାରତୀୟ ଦଳରେ ଜଣେ କ୍ୱାଲିଟ୍ ଦ୍ରୁତ ବୋଲର ଅଭାବ ରହିଛି।

–ଗୌତମ ଗମ୍ଭୀର, ପ୍ରାକ୍ତନ ଭାରତୀୟ କ୍ରିକେଟର

“ ଇଂଲଣ୍ଡ ବିପକ୍ଷ ବିଶ୍ୱକପ୍‌ରେ ଉଦ୍‌ଘାଟନୀ ମ୍ୟାଚ୍ ବେଳକୁ ଦୁଇ ଦ୍ରୁତ ବୋଲର ଡେଲ୍ ଷ୍ଟେଇନ ଓ କାଗିସୋ ରାବାଡା ଫିଟ୍ ହୋଇ ଦକ୍ଷିଣ ଆଫ୍ରିକା ପକ୍ଷରୁ ପ୍ରତିନିଧିତ୍ୱ କରିବେ।

–ଓଟି ଗିବସନ, ଦକ୍ଷିଣ ଆଫ୍ରିକା କୋଚ୍



## ସଂକ୍ଷେପରେ

### ୩ ଓଡ଼ିଆ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର, ୧୫।୫(ସ୍ପୋର୍ଟ୍ସ ବ୍ୟୁରୋ)- ଜୁନ ୧୦ରୁ ସ୍ପେନଠାରେ ହେବାକୁଥିବା ୮ ରାଷ୍ଟ୍ରୀୟ ୨୧ ବର୍ଷରୁ କମ୍ ଜୁନିୟର ହକି ଟୁର୍ନାମେଣ୍ଟ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଶାର ୩ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ହକି ଇଣ୍ଡିଆ ପକ୍ଷରୁ ଘୋଷିତ ୧୮ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ପ୍ରତାପ ଲାକ୍ରା, ସୁମନ ବେକ୍ ଓ ସୁଦୀପ ଚିରମାକୋ ସ୍ଥାନ ପାଇଛନ୍ତି। ସୁମନଙ୍କୁ ଦଳର ଉପଅଧିନାୟକ ମନୋନୟନ କରାଯାଇଛି। ମୁଖ୍ୟମନ୍ତ୍ରୀ ଟୁଇଟର ଜରିଆରେ ଏହି ଓଡ଼ିଆ ଖେଳାଳି ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିଯୋଗିତାରେ ଭାରତ, ନେଦରଲାଣ୍ଡ୍ସ, ବେଲଜିୟମ, ଗ୍ରେଟ୍ ବ୍ରିଟେନ, ଅଷ୍ଟ୍ରିଆ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ଆୟୋଜକ ସ୍ପେନ ଭାଗନେବ।

### ‘ହାର୍ଦ୍ଦିକଙ୍କ ପ୍ରତିଭାର ନିକଟତର କେହି ନାହାନ୍ତି’



ନୂଆଦିଲ୍ଲୀ,୧୫।୫(ପିଟି): ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରତିଭା ସ୍ୱତନ୍ତ୍ର। ତାଙ୍କ ପ୍ରତିଭାର ନିକଟତର ଭାରତୀୟ ଦଳରେ କେହି ନାହାନ୍ତି ବୋଲି ପୂର୍ବତନ ବିସ୍ଫୋରକ ଓପ୍‌ନର ବୀରେନ୍ଦ୍ର ସେହ୍ୱାଗ କହିଛନ୍ତି। ସେହ୍ୱାଗଙ୍କ ଅନୁଯାୟୀ, ଭାରତୀୟ ଦଳରେ ହାର୍ଦ୍ଦିକଙ୍କ ସ୍ଥାନ କେହି ନେଇପାରିବେ ନାହିଁ। ସେ ଏବେ ଉଭୟ ବ୍ୟାଟ୍ ଓ ବଲ୍‌ରେ ଭଲ ପ୍ରଦର୍ଶନ କରିଛନ୍ତି। ଯଦି ତାଙ୍କ ପ୍ରତିଭା ନିକଟତର କୌଣସି ଖେଳାଳି ଥାନ୍ତେ, ତେବେ ବିସିସିଆଇ କଦାପି ପାଣ୍ଡ୍ୟାଙ୍କୁ ବିଶ୍ୱକପ୍ ଦଳରେ ସ୍ଥାନ ଦେଇ ନ ଥାନ୍ତା। ମୁମ୍ବାଇ ଇଣ୍ଡିଆନ୍ସର ରେକର୍ଡ ୪ର୍ଥ ଟାଇଟଲ ହାସଲ କରିବାରେ ହାର୍ଦ୍ଦିକଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ୧୫ଟି ଇନିଂସ୍‌ରେ ୧୯୧.୪୨ ଷ୍ଟ୍ରାଇକ୍ ରେଟ୍‌ରେ ୪୦୨ ରନ୍ କରିଥିଲେ।

### ଯୁବ ବାସ୍କେଟବଲ: ବାଳକ ଦଳ ବିଜୟୀ

କଟକ ଅଫିସ,୧୫।୫- ତାମିଲନାଡୁରେ ଚାଲିଥିବା ୩୬ତମ ଜାତୀୟ ଯୁବ ବାସ୍କେଟବଲ ଚାମ୍ପିୟନଶିପ୍‌ରେ ବୁଧବାର ଓଡ଼ିଶା ବାଳକ ଦଳ ବିଜୟୀ ହୋଇଛି । ପ୍ରତିଯୋଗିତାର ଗ୍ରୁପ-ଏଫରେ ସ୍ଥାନ ପାଇଥିବା ଓଡ଼ିଶା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଆସାମକୁ ୬୬-୬୩ ପଏଣ୍ଟରେ ହରାଇଛି । ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଗୋଆ ବିପକ୍ଷରେ ଖେଳିବ ।

■ ରାଜ୍ୟରେ ଏମ୍‌ଏସ୍ ଧୋନୀ କ୍ରିକେଟ ଏକାଡେମୀ

# ନିମପୁର କୋଚିଂ କ୍ଲିନିକ୍ ୨୫ରୁ

କଟକ ଅଫିସ,୧୫।୫

ଏମଏସ୍ ଧୋନୀ କ୍ରିକେଟ ଏକାଡେମୀ ଆନୁକୂଲ୍ୟରେ ଦେଶର ୨୦ଟି ସହରରେ କ୍ରିକେଟ କୋଚିଂ କ୍ଲିନିକ ଆରମ୍ଭ ହେଉଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୫ରୁ ୩୧ ପର୍ଯ୍ୟନ୍ତ ସ୍ଥାନୀୟ ନିମପୁର ଗ୍ରାଉଣ୍ଡରେ ଏହି କ୍ଲିନିକ ଆୟୋଜନ କରାଯିବ। ବୁଧବାର ଏ ନେଇ ନିମପୁର ସ୍ପୋର୍ଟସ କମ୍ପ୍ଲେକ୍ସରେ ଏକ ଖବରଦାତା ସମ୍ମିଳନୀ ହୋଇଥିଲା। ଏକାଡେମୀର ମୁଖ୍ୟ ଅପରେଟର ସୋହେଲ ରଫ୍ ଉପସ୍ଥିତ ରହି କ୍ରିକେଟ କୋଚିଂ କ୍ଲିନିକର ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏମଏସ୍ ଧୋନୀ କ୍ରିକେଟ ଏକାଡେମୀ ଅର୍କ ସ୍ପୋର୍ଟସର ଏକ ଅନୁଷ୍ଠାନ। ଧୋନୀଙ୍କ ବାଲ୍ୟବନ୍ଧୁ ମିହିର ଦିୱାକର ହେଉଛନ୍ତି ଅର୍କ ସ୍ପୋର୍ଟ୍ସର ପ୍ରତିଷ୍ଠାତା। ମିହିର ଭାରତୀୟ ୧୯ବର୍ଷରୁ କମ ବିଶ୍ୱକପ ବିଜେତା ଦଳର ଖେଳାଳି ମଧ୍ୟ ଥିଲେ। ଧୋନୀଙ୍କ ପରାମର୍ଶରେ ଉକ୍ତ ଏକାଡେମୀ ଚାଲିଛି। ନିମପୁରରେ ହେବାକୁ ଥିବା କ୍ରିକେଟ କୋଚିଂ କ୍ଲିନିକରେ ଜାତୀୟ କ୍ରିକେଟ ଏକାଡେମୀ(ଏନ୍‌ସିଏ)ର ଲେଭଲ-୩ କୋଚ୍ ସତ୍ୟଜିତ ଲହିରୀ ଓ ମନଦାର ଦଳିଭି ପ୍ରଶିକ୍ଷଣ ଦେବେ। ସତ୍ୟଜିତ ଓ ମନଦାର ଏମଏସ୍ ଧୋନୀ କ୍ରିକେଟ ଏକାଡେମୀର ମୁଖ୍ୟ କୋଚ୍। ୭ ଦିନର କ୍ଲିନିକ ନିମନ୍ତେ ୫ହଜାର ଟଙ୍କା ପ୍ରବେଶ ଶୁଳ୍କ ଧାର୍ଯ୍ୟ କରାଯାଇଛି। ୨୨ବର୍ଷରୁ କମ୍ ବୟସର ଖେଳାଳିମାନେ କେବଳ ପ୍ରଶିକ୍ଷଣ ନେଇ ପାରିବେ। ଏକାଡେମୀ ପକ୍ଷରୁ ପ୍ରଶିକ୍ଷାର୍ଥୀଙ୍କୁ ଜର୍ସି ଓ ଟୋପି ଦିଆଯିବ। ବିଭିନ୍ନ ବୟସ ବର୍ଗରେ ଅତ୍ୟାଧୁନିକ ଶୈଳୀରେ ଏଠାରେ ପ୍ରଶିକ୍ଷଣ ଦିଆଯିବ। ସମସ୍ତ ଟ୍ରେନିଂର ଭିଡ଼ିଓ ରେକର୍ଡିଂ କରାଯିବା ସହ ଭିଡ଼ିଓ ଆନାଲିସିସ ମାଧ୍ୟମରେ କେଉଁଠାରେ ତ୍ରୁଟି ରହୁଛି ତାହାକୁ ପ୍ରଥମେ ଠାବ କରାଯିବ ଏବଂ ସେହି ଅନୁସାରେ ଶିବିରାର୍ଥୀଙ୍କୁ ଶିକ୍ଷା ଦିଆଯିବ ବୋଲି ଏକାଡେମୀର ମୁଖ୍ୟ ଅପରେଟର ରଫ୍ କହିଛନ୍ତି। ଏହାଛଡ଼ା ସମସ୍ତ ପ୍ରଶିକ୍ଷାର୍ଥୀଙ୍କ ନିମନ୍ତେ ସ୍ୱତନ୍ତ୍ର ଫିଜିକାଲ ଫିଟନେସ ଓ ଡାଏଟ ପ୍ଲାନ ଯୋଗାଇ ଦିଆଯିବ। ଶିବିର ସରିବା ପରେ ମଧ୍ୟ ଏହାକୁ କିପରି ଜାରି ରଖିବେ ତାହା ଉପରେ ଧ୍ୟାନ ଦିଆଯିବ ବୋଲି ରଫ କହିଥିଲେ। ମୋବାଇଲରେ ଏକ ଆପ୍ଲିକେଶନ ମାଧ୍ୟମରେ ନାମପଞ୍ଜୀକରଣ କରି ପ୍ରଶିକ୍ଷଣ ନେଇଥିବା ଖେଳାଳିମାନଙ୍କ ସହ ଯୋଗାଯୋଗ ରକ୍ଷା କରାଯିବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି। ଏତଦବ୍ୟତୀତ ଆଗାମୀ ଦିନରେ ଏକାଡେମୀ ପକ୍ଷରୁ ଖେଳାଳି ଚୟନ କରାଯିବା ବେଳେ କ୍ରିକେଟ କୋଚିଂ କ୍ଲିନିକରେ ଭାଗ ନେଇଥିବା ପ୍ରଶିକ୍ଷାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ରଫ କହିଛନ୍ତି। ଏକାଡେମୀର ଓଡ଼ିଶା ମ୍ୟାନେଜର ବିଭୁ ଶତପଥୀ ଉପସ୍ଥିତ ରହି ଏହି କ୍ରିକେଟ କୋଚିଂ କ୍ଲିନିକ ଯୋଗୁ ରାଜ୍ୟରେ କ୍ରିକେଟ ପ୍ରତିଭା କିପରି ବିକଶିତ ହେବ ସେ ଦିଗରେ ଆଲୋକପାତ କରିଥିଲେ। ସୂଚନା ଥାଉକି, ଜୁନ ୨ରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି କ୍ରିକେଟ କୋଚିଂ କ୍ଲିନିକ ଭୁବନେଶ୍ୱରର ସିଭି ରମଣ ଇଞ୍ଜିନିୟରିଂ କଲେଜ ଗ୍ରାଉଣ୍ଡରେ ମଧ୍ୟ ହେବ।



ଏମଏସ୍ ଧୋନୀ କ୍ରିକେଟ କୋଚିଂ କ୍ଲିନିକ ସମ୍ପର୍କରେ ସୂଚନା ଦେଉଛନ୍ତି ସୋହେଲ ରଫ୍। ନିକଟରେ ଅଛନ୍ତି ଏକାଡେମୀର ଓଡ଼ିଶା ମ୍ୟାନେଜର ବିଭୁ ଶତପଥୀ।

## ହିରୱାନି, କୋଟାକ, ଯାଦବ ଭାରତ ଏ’ କୋଚ୍

ମୁମ୍ବାଇ,୧୫।୫

ୱେଷ୍ଟଇଣ୍ଡିଜ ଗସ୍ତ ଓ ଶ୍ରୀଲଙ୍କା ଏ’ ବିପକ୍ଷରେ ଭାରତ ଏ’ ଖେଳିବାକୁ ଥିବା ସିରିଜ୍ ଲାଗି ବିସିସିଆଇ ବୁଧବାର କୋଚ୍ ନିଯୁକ୍ତ କରିଛି। ଭାରତୀୟ ଲେଗ୍ ସ୍ପିନର ନରେନ୍ଦ୍ର ହିରୱାନି, ପୂର୍ବତନ ଉଇକେଟକିପର ବିଜୟ ଯାଦବ ଓ ଘରୋଇ କ୍ରିକେଟ ସୀତାଂଶୁ କୋଟାକଙ୍କୁ ଯଥାକ୍ରମେ ବୋଲିଂ, ଫିଲ୍ଡିଂ ଓ ବ୍ୟାଟିଂ କୋଚ୍ ଦାୟିତ୍ୱ ଦିଆଯାଇଛି। କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ରାହୁଲ ଦ୍ରାବିଡ୍‌ଙ୍କୁ ଚଳିତ ଥର କୋଚ୍ ଭାବେ ନିଯୁକ୍ତ କରାଯାଇ ନାହିଁ। ଏହାର କାରଣ ଆଗାମୀ ବର୍ଷ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଏଣୁ ଜୁନିୟର କ୍ରିକେଟକୁ ଦ୍ରାବିଡ ଅଧିକ ସମୟ ଦେବା ଦରକାର। ଏହାବାଦ୍ ପୂର୍ବତନ ଭାରତୀୟ ଅଧିନାୟକଙ୍କ ହାତରେ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ନିର୍ଦ୍ଦେଶକ ଦାୟିତ୍ୱ ମଧ୍ୟ ରହିଛି।

## ‘ନିର୍ବାଚିତ ସଂସ୍ଥା କ୍ରିକେଟ ପରିଚାଳନା କରିବା ଉଚିତ୍’

ନୂଆଦିଲ୍ଲୀ,୧୫।୫(ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିର୍ବାଚିତ ସଂସ୍ଥା ବା ବ୍ୟକ୍ତିମାନଙ୍କ ଦ୍ୱାରା ପରିଚାଳିତ ହେବା ଉଚିତ୍ ବୋଲି ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ କ୍ୟୁରି ପି.ଏସ୍. ନରସିହ୍ମା କହିଛନ୍ତି। କୋର୍ଟ କିମ୍ବା ତଙ୍କ ଦ୍ୱାରା ନିଯୁକ୍ତି ପାଇଥିବା ସଂସ୍ଥା କ୍ରିକେଟ ପରିଚାଳନା ଦାୟିତ୍ୱରେ ରହିବା ଉଚିତ୍ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଖୁବ୍‌ଶୀଘ୍ର ଏକ ନିର୍ବାଚିତ ସଂସ୍ଥା ଦେଶର କ୍ରିକେଟ ପରିଚାଳନା ଦାୟିତ୍ୱ ହାତକୁ ନେବ ବୋଲି ସେ ବିଶ୍ୱାସ ପ୍ରକଟ କରିଛନ୍ତି।

କିଛିଦିନ ତଳେ ବିଭିନ୍ନ ରାଜ୍ୟ ଆସୋସିଏଶନର ପ୍ରତିନିଧି ଓ ଆସୋସିଏଶନ ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ବ୍ୟକ୍ତିମାନଙ୍କ ସହ ସାକ୍ଷାତ କରି ନରସିହ୍ମା ସୁପ୍ରିମକୋର୍ଟଙ୍କ ନିକଟରେ ଏକ ରିପୋର୍ଟ ଦାଖଲ କରିଛନ୍ତି। ଜଷ୍ଟିସ୍ ଆର.ଏମ୍. ଲୋଧା କମିଟି ମାଣ୍ଡେଟ୍‌ରେ ୯ଜଣିଆ ଆପେକ୍ସ କାଉନସିଲ ଉଲ୍ଲେଖ ନ ଥିବା ସେ ସ୍ପଷ୍ଟ କରିଛନ୍ତି। ଶେଷରେ ଆୟୋଜକ ତଥା ଅଧିକାରୀମାନେ ହିଁ କ୍ରିକେଟ ପରିଚାଳନା ଦାୟିତ୍ୱରେ ରହିବା ଉଚିତ ହେବ। କ୍ରିକେଟ ପରିଚାଳନା କୋର୍ଟ କିମ୍ବା କୌଣସି ଆଇନଜୀବୀଙ୍କ ଦାୟିତ୍ୱ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ନିର୍ବାଚିତ ବ୍ୟକ୍ତିମାନଙ୍କୁ ଖୁବ୍‌ଶୀଘ୍ର ଦାୟିତ୍ୱ ଦେବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ବହୁଦିନ ପୂର୍ବରୁ କ୍ରିକେଟ ସଂସ୍କାର ପ୍ରକ୍ରିୟାର ଆରମ୍ଭ ହୋଇଛି। ଏବେ ଏହାକୁ ଲାଗୁ କରିବାର ସମୟ ଆସି ଉପନୀତ ହୋଇଛି ବୋଲି ସେ କହିଛନ୍ତି। ରାଜ୍ୟ ଆସୋସିଏଶନଗୁଡ଼ିକ ସହ ଦୀର୍ଘ ସମୟ ଧରି ଆଲୋଚନା କରିଛି ଓ ଏହା ଫଳପ୍ରଦ ହୋଇଛି। ଖୁବଶୀଘ୍ର ଏହି ପ୍ରକ୍ରିୟାର ସୁଖଦ ଅନ୍ତ ଘଟିବାକୁ ଯାଉଛି। କ୍ରିକେଟ ପ୍ରଶାସକ କମିଟି (ସିଓଏ) ଗତ ଦୁଇ ବର୍ଷ ଧରି କ୍ରିକେଟ ପରିଚାଳନା ଦାୟିତ୍ୱରେ ରହିଛି। ସିଓଏ ଏହି ଦାୟିତ୍ୱରେ ଅଧିକ ସମୟ ରହିବା ଉଚିତ୍ କି ବୋଲି ପ୍ରଶ୍ନକୁ ସେ ନାପସନ୍ଦ କରିଛନ୍ତି। ଏବେ ସଂସ୍କାର ଲାଗୁ କରିବାର ସମୟ। ତେଣୁ ଏଭଳି ପ୍ରଶ୍ନର କୌଣସି ମୂଲ୍ୟ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ବୋର୍ଡ କିମ୍ବା ରାଜ୍ୟ ଆସୋସିଏନଗୁଡ଼ିକର ଯେକୌଣସି ଅଧିକାରୀଙ୍କ କାର୍ଯ୍ୟକାଳ ୧୮ ବର୍ଷ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ବିସିସିଆଇରେ ୯ ଓ ରାଜ୍ୟ ଆସୋସିଏଶନଗୁଡ଼ିକରେ ୯ ବର୍ଷ, ଅର୍ଥାତ ମୋଟ ଉପରେ ୧୮ ବର୍ଷ ବୋଲି ସେ କହିଛନ୍ତି। ରାଜ୍ୟ ଆସୋସିଏଶନଗୁଡ଼ିକର ସମସ୍ୟାର ସମାଧାନ ଉପରେ ଓ ଆପେକ୍ସ କାଉନସିଲ ଗଠନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଥରେ ବିସିସିଆଇର ନିର୍ବାଚନ ହୋଇଗଲେ ରାଜ୍ୟ ଆସୋସିଏଶନଗୁଡ଼ିକ ମଧ୍ୟ ସେମାନଙ୍କ ନିର୍ବାଚନ ପ୍ରକ୍ରିୟାକୁ ଆଗକୁ ନେଇଯିବେ। ତେଣୁ ଖୁବଶୀଘ୍ର ଭାରତୀୟ କ୍ରିକେଟ ପ୍ରଶାସନରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ହେବ ବୋଲି ନରସିହ୍ମା ସ୍ପଷ୍ଟ କରିଛନ୍ତି।

## କିଟ୍‌ରେ ସାଇ ଏନଏସଏନଆଇଏସ ସାର୍ଟିଫିକେଟ କୋର୍ସ ଆରମ୍ଭ




କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ସାଇ ପକ୍ଷରୁ ୬ ସପ୍ତାହ ବିଶିଷ୍ଟ ଏନଏସଏନଆଇଏସ ସ୍ପୋର୍ଟ୍ସ କୋଚିଂ ସାର୍ଟିଫିକେଟ କୋର୍ସର ଉଦ୍‌ଘାଟନୀ ଅବସରରେ ଅତିଥିମାନେ।

ଭୁବନେଶ୍ୱର, ୧୫।୫(କ୍ରୀଡ଼ା ପ୍ରତିନିଧି)

ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ପକ୍ଷରୁ ୬ ସପ୍ତାହ ବିଶିଷ୍ଟ ଏନ୍‌ଏସ୍‌ଏନ୍‌ଆଇଏସ୍ ସ୍ପୋର୍ଟ୍ସ କୋଚିଂ ସାର୍ଟିଫିକେଟ କୋର୍ସ ୧୦ମ ଥରପାଇଁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ୧୪ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଥଲେଟିକ୍ସ, ଆର୍ଚେରୀ, ବ୍ୟାଡ୍‌ମିଣ୍ଟନ, ବାସ୍କେଟବଲ, କ୍ରିକେଟ, ଫୁଟବଲ, ହକି, ଜୁଡୋ, ସନ୍ତରଣ, ଟେବୁଲ ଟେନିସ, ଟେନିସ, ଭଲିବଲ ଓ ଭାରୋତ୍ତୋଳନ ଆଦି ୧୩ଟି କ୍ରୀଡ଼ା ଇଭେଣ୍ଟରେ ଏହି କୋର୍ସ ଚାଲିଛି। ଏଥିରେ ଦେଶର ୨୫ ରାଜ୍ୟରୁ ୪୩୨ଜଣ ଅଂଶଗ୍ରହଣ କରିଛନ୍ତି। ଆଥଲେଟିକ୍ସରେ ୪୧, ଆର୍ଚେରୀରେ ୩୫, ବ୍ୟାଡ୍‌ମିଣ୍ଟନରେ ୫୨, ବାସ୍କେଟବଲରେ ୩୪, କ୍ରିକେଟରେ ୩୨, ଫୁଟବଲରେ ୨୩, ହକିରେ ୨୮, ଜୁଡୋରେ ୫୨, ସନ୍ତରଣରେ ୫୧, ଟେବୁଲ ଟେନିସରେ ୨୪, ଟେନିସରେ ୨୦, ଭଲିବଲରେ ୨୪ ଓ ଭାରୋତ୍ତୋଳନରେ ୧୬ ଜଣ ଏହି କୋର୍ସ କରୁଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟସଭା ସଦସ୍ୟ ଅଚ୍ୟୁତ ସାମନ୍ତ ବୁଧବାର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ସସ୍ମିତା ସାମନ୍ତ, କ୍ରୀଡ଼ା ନିର୍ଦ୍ଦେଶକ ତଥା କୋର୍ସ ସଂଯୋଜକ ଗଗନେନ୍ଦୁ ଦାଶ, ସାଇ କ୍ରିକେଟ କୋଚ୍ ଅଜିତ ମିଶ୍ର, ସାଇ ଟେବୁଲ ଟେନିସ କୋଚ୍ ରଞ୍ଜିତା ମିଶ୍ର, ଆଥଲେଟିକ୍ସ କୋଚ୍ ସଞ୍ଜୟ ଗଡ଼ନାୟକ, କ୍ରୀଡ଼ା ବିଭାଗର ଭାରୋତ୍ତୋଳନ କୋଚ୍ ପି. ଧର୍ମାରାଓ, ସାଇ ଭଲିବଲ କୋଚ୍ ଜଗନ୍ନାଥ ସିହି ପ୍ରମୁଖ ଉପସ୍ଥିତ ଥିଲେ।

## ମନେ ପଡ଼ନ୍ତି

### ପ୍ରଥମ ବାର୍ଷିକ ଶ୍ରାଦ୍ଧ ଦିବସ



ସ୍ୱର୍ଗତ ଶ୍ରୀ ହରିହର ଦାଶ
(ଅବସରପ୍ରାପ୍ତ ପ୍ରଧାନଶିକ୍ଷକ)
ଆବିର୍ଭାବ: ୦୬।୦୮।୧୯୪୫
ତିରୋଧାନ: ୨୭।୦୪।୨୦୧୮
ରଂଗିପୁର, ବ୍ରହ୍ମପୁର, ଗଂଜାମ

ଆପଣଙ୍କର ସରଳ ହୃଦୟର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ

ସହଧର୍ମିଣୀ, ଭାଇ, ଭଉଣୀ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପଣନାତି-ପଣ ନାତୁଣୀ।

ଧ-୪୯୨୯୭

# ତୃତୀୟ ଦିନିକିଆ ଜିତିଲା ଇଂଲଣ୍ଡ



ଜନି ବେଆରଷ୍ଟୋ

ବ୍ରିଷ୍ଟଲ,୧୫।୫

ଏଠାରେ ଖେଳାଯାଇଥିବା ପାକିସ୍ତାନ ବିପକ୍ଷ ତୃତୀୟ ଦିନିକିଆ ମ୍ୟାଚ୍‌କୁ ଇଂଲଣ୍ଡ ଦଳ ୬ ଉଇକେଟରେ ଜିତି ନେଇଛି। ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୩୫୯ ରନ୍‌ର ବୃହତ୍ ଟାର୍ଗେଟକୁ ଇଂଲଣ୍ଡ ୫.୧ ଓଭର ପୂର୍ବରୁ ହାସଲ କରି ନେଇଛି। ଏହି ବିଜୟ ସହ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଘରୋଇ ଦଳ ୨-୦ରେ ଆଗୁଆ ରହିଛି। ବିଜୟୀ ଦଳ ପାଇଁ ବିସ୍ଫୋରକ ଶତକୀୟ ଇନିଂସ ଖେଳିଥିବା ଜନି ବେଆରଷ୍ଟୋଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ କରାଯାଇଛି। ପରବର୍ତ୍ତୀ ମ୍ୟାଚ୍ ନଟିଂହାମଠାରେ ଆସନ୍ତା ୧୭ ତାରିଖରେ ଖେଳାଯିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୫୦ ଓଭରରେ ୯ ଉଇକେଟ ହରାଇ ୩୫୮ ରନ୍ କରିଥିଲା। ଦଳ ପାଇଁ ଇମାମ ଉଲ ହକ୍ ୧୫୧, ଅସିଫ ଅଲି ୫୨ ଓ ହାରିସ ସୋହେଲ ୪୧ ରନ୍ କରିଥିଲେ। ବୋଲିଂରେ କ୍ରିସ୍ ୱୋକ୍ସ ୪ ଓ ଟମ୍ କରନ ଦୁଇ ଉଇକେଟ ନେଇଥିଲେ। ବୃହତ୍ ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା ଇଂଲଣ୍ଡ ଦଳ ଲାଗି ଓପନର ଜାସନ ରୟ ଓ ବେଆରଷ୍ଟୋ ୧୭.୩ ଓଭରରେ ବିସ୍ଫୋରକ ୧୫୯ ରନ୍ କରିଥିଲେ। ରୟ ୭୬ ରନ୍ କରି ପ୍ୟାଭିଲିଅନ ଫେରିବା ପରେ ବେଆରଷ୍ଟୋ ୯୩ ବଲରୁ ୧୨୮ ରନ୍‌ର ଶତକୀୟ ଇନିଂସ ଖେଳି ଆଉଟ୍ ହୋଇଥିଲେ। ବେଆରଷ୍ଟୋଙ୍କ ଇନିଂସରେ ୫ ଛକା ଓ ୧୫ ଚୌକା ସାମିଲ ଥିଲା। ତାଙ୍କ ବ୍ୟତୀତ ଜୋ ରୁଟ ୪୩, ବେନ ଷ୍ଟୋକ୍ସ ୩୭ ଓ ମୋଏନ ଅଲି ୪୬ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଫଳରେ ଘରୋଇ ଇଂଲଣ୍ଡ ଦଳ ୪୪.୫ ଓଭରରେ ୪ ଉଇକେଟ ହରାଇ ୩୫୯ ରନ୍ କରି ମ୍ୟାଚ୍ ଜିତି ନେଇଥିଲେ।

### ମୋର୍ଗାନ ବାସନ୍ଦ, ବେୟାରଷ୍ଟୋଙ୍କୁ ଭର୍ତ୍ସନା

ଇଂଲଣ୍ଡ ଦଳର ଅଧିନାୟକ ଇଅନ ମୋର୍ଗାନଙ୍କୁ ପାକିସ୍ତାନ ବିପକ୍ଷ ୪ର୍ଥ ଦିନିକିଆରୁ ବାସନ୍ଦ କରାଯାଇଛି। ଏଠାରେ ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ତୃତୀୟ ଦିନିକିଆରେ ଧୀମା ବୋଲିଂ ହାର ପାଇଁ ଇଂଲଣ୍ଡ ଅଧିନାୟକଙ୍କୁ ଏଭଳି ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିଛି। ଆହୁରି ମଧ୍ୟ ତାଙ୍କ ମ୍ୟାଚ୍ ଫିଁର ୪୦ ଓ ଦଳର ଅନ୍ୟ ଖେଳାଳିଙ୍କ ୩୦ ପ୍ରତିଶତ କାଟ୍ କରାଯିବ। ଧାର୍ଯ୍ୟ ସମୟ ଶେଷସୁଦ୍ଧା ଇଂଲଣ୍ଡ ୪୮ ଓଭର ଶେଷ କରିପାରିଥିଲା। ଧୀମା ବୋଲିଂ ହାର ଲାଗି ଉଦ୍ଦିଷ୍ଟ ନିୟମ ଅନୁଯାୟୀ ଧାର୍ଯ୍ୟ ସମୟ ସୁଦ୍ଧା ପ୍ରତ୍ୟେକ ବଳକା ଓଭର ପାଇଁ ଦଳୀୟ ଖେଳାଳିଙ୍କ ୧୦ ପ୍ରତିଶତ ଓ ଅଧିନାୟକଙ୍କ ଦୁଇ ଗୁଣ ମ୍ୟାଚ୍ ଫି’ କାଟ୍ କରାଯାଏ। କିନ୍ତୁ ମୋର୍ଗାନ ସମାନ ଭୁଲ୍ ବାର୍ବାଡସ୍‌ଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳାଯାଇଥିବା ଦିନିକିଆ ମ୍ୟାଚ୍‌ରେ କରିଥିଲେ। ଏହାବାଦ୍ ଇଂଲଣ୍ଡର ଉଇକେଟକିପର ବ୍ୟାଟ୍ସମ୍ୟାନ ଜନି ବେୟାରଷ୍ଟୋଙ୍କୁ ଭର୍ତ୍ସନା କରାଯାଇଛି। ସେ ମ୍ୟାଚ୍‌ର ୨୯ତମ ଓଭରରେ ବୋଲ୍ଡ ଆଉଟ୍ ହେବା ପରେ ବ୍ୟାଟ୍‌ରେ ଉଇକେଟକୁ ମାରିଥିଲେ। ଏଥିଯୋଗୁ ଉଭୟ ଖେଳାଳି ଦୋଷ ଓ ଦଣ୍ଡାଦେଶ ସ୍ୱୀକାର କରିଛନ୍ତି।

### ସଂକ୍ଷିପ୍ତ ସ୍କୋର

■ ପାକିସ୍ତାନ- ୫୦ ଓଭର, ୩୫୮/୯ (ଇମାମ ୧୫୧, ଅସିଫ ୫୨, କ୍ରିସ ୱୋକ୍ସ ୪/୬୭, କୁରାନ ୨/୭୪)।

■ ଇଂଲଣ୍ଡ- ୪୪.୫ ଓଭର, ୩୫୯/୪ (ବେଆରଷ୍ଟୋ ୧୨୮, ରୟ ୭୬, ଅଲି ୪୬, ଜୁନେଦ ଖାଁ ୧/୫୭, ୱାସିମ ୧/୫୮)।

## ବିବାହ ବନ୍ଧନରେ ନଟରାଜ



ବାନ୍ଧବୀ ଶୁଭଲକ୍ଷ୍ମୀ ଶତପଥୀଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ନଟରାଜ ବେହେରା।

କଟକ ଅଫିସ,୧୫।୫

ରାଜ୍ୟ କ୍ରିକେଟର ତାରକା ଖେଳାଳି ତଥା ପୂର୍ବତନ ଅଧିନାୟକ ନଟରାଜ ବେହେରା ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ବେଙ୍ଗାଲୁରୁରେ ବୈଦିକ ରୀତିରେ ବୁଧବାର ନଟରାଜଙ୍କ ବିବାହ ସମ୍ପନ୍ନ ହୋଇଛି। ବାନ୍ଧବୀ ଶୁଭଲକ୍ଷ୍ମୀ ଶତପଥୀଙ୍କୁ ନଟରାଜ ପ୍ରେମ ବିବାହ କରିଥିବା ବେଳେ ବିବାହ ଅବସରରେ ନଟରାଜ ଓ ଶୁଭଲକ୍ଷ୍ମୀଙ୍କ ଶୁଭେଚ୍ଛୁ ଉପସ୍ଥିତ ଥିଲେ। ପିତା ସୁବ୍ରତ ଶତପଥୀ ଓ ମା’ ତ୍ରିଦେବୀ ଶତପଥୀଙ୍କ ଝିଅ ଶୁଭଲକ୍ଷ୍ମୀ ବେଙ୍ଗାଲୁରୁରେ ସଫ୍ଟୱେର ଇଞ୍ଜିନିୟର ଭାବେ କାର୍ଯ୍ୟ କରନ୍ତି। ଗତ ୯ବର୍ଷ ହେବ ନଟରାଜ-ଶୁଭଲକ୍ଷ୍ମୀ ପ୍ରେମ ସମ୍ପର୍କରେ ଥିଲେ। ପିତା ସ୍ୱର୍ଗତ ଭୁବନ ବେହେରା ଓ ମା ଚିତ୍ରା ବେହେରାଙ୍କ ପୁଅ ନଟରାଜ ଓଡ଼ିଶା କ୍ରିକେଟ ଜଗତରେ ଜଣେ ପରିଚିତ ଓ ଖ୍ୟାତନାମା କ୍ରିକେଟର। ନଟରାଜଙ୍କ ବଳିଷ୍ଠ ନେତୃତ୍ୱ ବଳରେ ୨୦୧୧-୧୨ ଓ ୨୦୧୨-୧୩ ସିଜନରେ ପୂର୍ବାଞ୍ଚଳ ଦଳ ଦୁଲୀପ ଟ୍ରଫି ଚାମ୍ପିୟନ ହୋଇଛି। ଦୁଲୀପ ଟ୍ରଫିର ୫୦ଟି ସଂସ୍କରଣ ପରେ ପୂର୍ବାଞ୍ଚଳକୁ ଟାଇଟଲ ଦେଇ ନଟରାଜ ନିଜ ଦକ୍ଷତାର ପରିଚୟ ଦେଇଥିଲେ। ପୂର୍ବରୁ ରାଜ୍ୟ ଦଳର ଅଧିନାୟକ ରହିଥିବା ନଟରାଜ ୫୪ଟି ପ୍ରଥମଶ୍ରେଣୀ ମ୍ୟାଚ ଖେଳି ୩୦୩୧ ରନ ସଂଗ୍ରହ କରିଛନ୍ତି। ୨୦୧୫-୧୬ ସିଜିନରେ ହରିୟାଣା ବିପକ୍ଷରେ ୨୫୫ରନର ଇନିଂସ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ। ମାତ୍ର ଏବେ ନଟରାଜ କ୍ରିକେଟରୁ ଦୂରେଇ ରହୁଥିବା ଦେଖିବାକୁ ମିଳୁଛି। ଏପରିକି ଗତ ରଣଜୀ ସିଜନ ନିମନ୍ତେ ରାଜ୍ୟ ଶିବିରରେ ମଧ୍ୟ ସେ ସ୍ଥାନ ପାଇ ନ ଥିଲେ। କଳାହାଣ୍ଡି କପରେ ଅଂଶ ଗ୍ରହଣ ନ କରିବାରୁ ତାଙ୍କୁ ଶିବିରରେ ସାମିଲ କରାଯାଇ ନଥିଲା।

## ପୂର୍ବ ତଟ ରେଳପଥ

### ଇଞ୍ଜିନିୟରିଂ କାର୍ଯ୍ୟ

ଫାଇଲ ନଂ.DRM/Engg/KUR/19-20/ E-Tender/08, ତା.10.05.2019ରିଖ

(1) ଟେଣ୍ଡର ବିଜ୍ଞପ୍ତି ସଂ.e-Tender CEN-KUR-30-2019,ତା.02.05.2019ରିଖ

ବିବରଣୀ : କୋଚିଙ୍ଗ୍ ଡିପୋ, ଭୁବନେଶ୍ୱରର ପିଟ୍ ଲାଇନ୍‌ଗୁଡ଼ିକର ଉନ୍ନୟନ (Up-gradation)।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 718.28 ଲକ୍ଷ, EMD (ଟଙ୍କାରେ) : 5,09,100/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 18 ମାସ।

(2) ଟେଣ୍ଡର ବିଜ୍ଞପ୍ତି ସଂ.e-Tender SOUTH-KUR-31-2019,ତା.26.04.2019ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସାଉଥ୍) ପରିସୀମା ଅଧୀନରେ ପ୍ରଚଳିତ ଗାର୍ଡ଼ ରେଲ୍‌ଗୁଡ଼ିକର ପ୍ରସ୍ତାବିତ ନବୀକରଣ, ବାଲାଷ୍ଟ ଡେକ୍ ବ୍ରିଜ୍ ଏବଂ ଫୁଟ୍ ଓଭର ବ୍ରିଜ୍ (FOB)ଗୁଡ଼ିକ ସ୍ଥାନରେ ଗାର୍ଡ ରେଲ୍ ଲଗାଇବା, ଜବତ (Seized) ରେଲ ସ୍କୁ ଏବଂ ERC ର ଅପସାରଣ, ସ୍ଲାଇଡ୍ ଚେୟାରଗୁଡ଼ିକର ୱେଲ୍ଡିଙ୍ଗ୍ ଏବଂ ଅନ୍ୟ ସଂରକ୍ଷା ସମ୍ବନ୍ଧୀୟ P.Way କାର୍ଯ୍ୟ ସମୂହ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 160.25 ଲକ୍ଷ, EMD (ଟଙ୍କାରେ) : 2,30,100/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 12 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.05.2019 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ୍), ଖୋର୍ଦ୍ଧା ରୋଡ୍

PR-80/K/19-20

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଗୁରୁବାର, ମେ ୧୬ /୨୦୧୯ Dhenkanal, Thursday, May 16 / 2019

ଭୁବନ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହାନ୍ତି ସ୍ଥାୟୀ ଡାକ୍ତର

# ଫାର୍ମାସିଷ୍ଟଙ୍କ ଭରସାରେ ରୋଗୀ

**ଭୁବନ, ୧୫।୫(ଡି.ଏନ୍.ଏ.)**



ଢେଙ୍କାନାଳ ଜିଲା ଭୁବନ ଡାକ୍ତରଖାନାର ସ୍ୱାସ୍ଥ୍ୟସେବା ବିଗିଡ଼ିଯାଇଛି। ଦୀର୍ଘ ୩ବର୍ଷ ହେଲା ଏଠାରେ ସ୍ଥାୟୀ ଡାକ୍ତର ପଦବୀ ପୂରଣ ହେଉନାହିଁ। ଡେପୁଟେଶନରେ ନିଯୁକ୍ତିପ୍ରାପ୍ତ ୩ ଡାକ୍ତର ଅଧିକାଂଶ ସମୟ ଅନୁପସ୍ଥିତ ରହୁଥିବାରୁ ରୋଗୀସେବା ଗୁରୁତର ଭାବେ ପ୍ରଭାବିତ ହେଉଛି। ଏଭଳିସ୍ଥିତିରେ ଫାର୍ମାସିଷ୍ଟଙ୍କ ଭରସାରେ ରହୁଛନ୍ତି ରୋଗୀ। ବାରମ୍ବାର ଦାବି, ଆନ୍ଦୋଳନ ସତ୍ତ୍ୱେ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ଭୁବନ ବ୍ଲକ, ଏନ୍ଏସି, ଗଁଦିଆ ବ୍ଲକ ସମେତ ଜିଲା ସୀମାନ୍ତ ସୁକିନ୍ଦା ବ୍ଲକବାସୀଙ୍କ ସ୍ୱାସ୍ଥ୍ୟସେବାର ପ୍ରାଣକେନ୍ଦ୍ର ହେଉଛି ଭୁବନ ଡାକ୍ତରଖାନା। ଏକଦା ରେଫେରାଲ ହସ୍ପିଟାଲ ଭାବେ ସେବା ଯୋଗାଇ ଆସୁଥିବା ଏହି ଚିକିତ୍ସାଳୟକୁ ପରବର୍ତ୍ତୀ ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ମିଳିଛି। ହେଲେ ତଦନୁଯାୟୀ ଏହାର ଭିତ୍ତିଭୂମି ବିକାଶ ହୋଇପାରିନାହିଁ। ସବୁଠାରୁ ବଡ଼କଥା ହେଲା, ଲକ୍ଷାଧିକ ରୋଗୀ ନିର୍ଭର କରୁଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୩ବର୍ଷ ହେଲା ଜଣେ ବି ସ୍ଥାୟୀ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇନାହିଁ।

ମିଳିଥିବା ତଥ୍ୟ ଅନୁଯାୟୀ, ଏଠାକୁ ଦୈନିକ ୪୦୦ରୁ ଊର୍ଦ୍ଧ୍ୱ ରୋଗୀ ଆସୁଛନ୍ତି। ୫ଜଣ ସ୍ଥାୟୀ ଡାକ୍ତରଙ୍କ ପରିବର୍ତ୍ତେ ଡେପୁଟେଶନରେ ନିଯୁକ୍ତିପ୍ରାପ୍ତ ୩ଜଣ ଡାକ୍ତର ସେବା ଯୋଗାଉଛନ୍ତି। ଯାଜପୁର ଜିଲା ଦାନଗଦି ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗର ଡା. ରମେଶ ଚନ୍ଦ୍ର ସାହୁ ଏବଂ ଡ. ଆନନ୍ଦିତା ପରିଡ଼ା ସପ୍ତାହକୁ ୩ ଦିନ ଲେଖାଏ ଆସୁଛନ୍ତି। ସେହିପରି କାମାକ୍ଷାନଗର ଉପଖଣ୍ଡ ଡାକ୍ତରଖାନାରେ କାର୍ଯ୍ୟରତ ଡା. ବେସ୍ରା ସପ୍ତାହକୁ ୨ଦିନ ଆସୁଛନ୍ତି। ଅଧିକାଂଶ ସମୟରେ ଡାକ୍ତର ଅନୁପସ୍ଥିତ ରହୁଥିବାରୁ ଫାର୍ମାସିଷ୍ଟଙ୍କ କାନ୍ଧରେ ରୋଗୀସେବା ସମ୍ପୂର୍ଣ୍ଣ ନିର୍ଭର କରୁଛି। ଜରୁରିକାଳୀନ ସମୟରେ ରୋଗୀଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ମିଳିପାରୁନାହିଁ। ବୁଧବାର ପୂର୍ବାହ୍ନ ୮ଟା ସୁଦ୍ଧା ୩ଶହରୁ ଊର୍ଦ୍ଧ୍ୱ ରୋଗୀ ନାମ ପଞ୍ଜୀକରଣ କରିସାରିଥିବାବେଳେ କୌଣସି ଡାକ୍ତରଙ୍କ ଦେଖା ମିଳି ନ ଥିଲା। ଫଳରେ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। କେତେଜଣ ରୋଗୀଙ୍କ ସମ୍ପର୍କୀୟ ଏବଂ ବୁଦ୍ଧିଜୀବୀ ସମସ୍ୟା ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବାରମ୍ବାର ଆନ୍ଦୋଳନ ସତ୍ତ୍ୱେ ଡାକ୍ତର ନିଯୁକ୍ତି ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ସ୍ଥାନୀୟ ଜନପ୍ରତିନିଧି ସ୍ୱାସ୍ଥ୍ୟସେବାର ଉନ୍ନତି ଦିଗରେ ଆଖି ବୁଜିଦେଇଥିବାରୁ ଏପରି ଅବ୍ୟବସ୍ଥା ନିତିଦିନିଆ ଘଟଣାରେ ପରିଣତ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଏ ନେଇ ଫାର୍ମାସିଷ୍ଟ ରୋହିତ କୁମାର ବେହେରା କୁହନ୍ତି, ଡାକ୍ତରଖାନାରେ କୌଣସି ସ୍ଥାୟୀ ଡାକ୍ତର ନାହାନ୍ତି। ସେମାନେ ଅନ୍ୟ ସ୍ଥାନରୁ ଆସୁଥିବାରୁ ରୋଗୀସେବା ପ୍ରଭାବିତ ହେଉଛି। ସମସ୍ୟା ସମ୍ପର୍କରେ ସିଡିଏମଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଯଥାଶୀଘ୍ର ସମସ୍ୟା ସମାଧାନ କରିବାକୁ ସେ ପ୍ରତିଶ୍ରୁତି ଦେଇଥିବା ଫାର୍ମାସିଷ୍ଟ କହିଛନ୍ତି।

# ୨୩ରେ ଭୋଟ ଗଣତି: ଜୋର୍ ଧରିଲା ପ୍ରଶାସନିକ ପ୍ରସ୍ତୁତି

**ଢେଙ୍କାନାଳ ଅଫିସ, ୧୫।୫**

ସାଧାରଣ ନିର୍ବାଚନର ଭୋଟଗଣତି ପ୍ରକ୍ରିୟା ମେ ୨୩ରେ ଅନୁଷ୍ଠିତ ହେବ। ଏହାକୁ ବ୍ୟବସ୍ଥିତ କରିବାକୁ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ବୁଧବାର ଅପରାହ୍ନରେ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜିଲାପାଳ ନିଖିଳ ପୱନ କଲ୍ୟାଣ ଏ ନେଇ ସବିଶେଷ ସୂଚନା ଦେଇଛନ୍ତି।

ଭୋଟ ଗଣତି କାର୍ଯ୍ୟରେ ନିୟୋଜିତ କର୍ମଚାରୀ, ସୁପରଭାଇଜରଙ୍କୁ ୨୦ ତାରିଖ ସୁଦ୍ଧା ପ୍ରଶିକ୍ଷଣ ଦିଆଯିବ। ଢେଙ୍କାନାଳ ଲୋକ ସଭା ଏବଂ ବିଧାନସଭା ଆସନ ପାଇଁ ମହିଷାପାଟ ଓ୍ୱାର ହାଉସରେ ଭୋଟ ଗଣତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାମାକ୍ଷାନଗର ଏବଂ ପରଜଙ୍ଗ ବିଧାନସଭା କ୍ଷେତ୍ର ସମେତ ସମ୍ପୃକ୍ତ ଲୋକ ସଭା ନିର୍ବାଚନମଣ୍ଡଳୀ ଲାଗି କାମାକ୍ଷାନଗର କଲେଜ ପରିସରରେ ଭୋଟ ଗଣତି କରାଯିବ। ହିନ୍ଦୋଳ ବିଧାନସଭା ଆସନ ଏବଂ ଏହା ଅଧୀନରେ ଆସୁଥିବା ଲୋକ ସଭା କ୍ଷେତ୍ର ପାଇଁ ହିନ୍ଦୋଳ ହାଇସ୍କୁଲ ପରିସରରେ ଭୋଟ ଗଣତି ହେବ।

ଏହି ପରିପ୍ରେକ୍ଷୀରେ ସକାଳ ସାଢ଼େ ୭ଟା ସୁଦ୍ଧା ଦାୟିତ୍ୱରେ ଥିବା କର୍ମଚାରୀ ଭୋଟ ଗଣତି କେନ୍ଦ୍ରକୁ ପ୍ରବେଶ କରିବେ। ପୂର୍ବାହ୍ନ ୮ଟାରୁ ଭୋଟ ଗଣତି ଆରମ୍ଭ ହେବ। ଉଭୟ ବିଧାନସଭା ଏବଂ ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ୭ଟି ଲେଖାଏଁ ଟେବୁଲ କରାଯିବ। କେନ୍ଦ୍ରକୁ କ୍ୟାମେରା, ମୋବାଇଲ ଫୋନ୍ ନିଷିଦ୍ଧ କରାଯାଇଛି। ଗଣମାଧ୍ୟମ ପ୍ରତିନିଧିଙ୍କୁ ନିୟମିତ ବ୍ୟବଧାନରେ ଏ ସମ୍ପର୍କିତ ସୂଚନା ପ୍ରଦାନ କରାଯିବ। କେନ୍ଦ୍ରଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା ଉପସ୍ଥିତ ଥିଲେ।




ରାଜ୍ୟସ୍ତରୀୟ ପ୍ରତିଯୋଗିତା

# ଆମେଚର ଟାଏକୋଣ୍ଡୋ ଖେଳାଳିଙ୍କୁ ୨୨ ପଦକ



ସମ୍ବର୍ଦ୍ଧିତ ହୋଇଥିବା ପ୍ରତିଯୋଗୀମାନେ।

**ଢେଙ୍କାନାଳ ଅଫିସ, ୧୫।୫**

ଭଦ୍ରକ ଜିଲା ଚରମ୍ପାସ୍ଥିତ ମହାରାଜ ଉଗ୍ରସେନ ଭବନରେ ଅନୁଷ୍ଠିତ ୧୮ତମ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଢେଙ୍କାନାଳ ଆମେରଚ ଟାଏକୋଣ୍ଡୋ ଆସୋସିଏଶନର କ୍ରୀଡ଼ାବିତ୍‌ମାନେ ୨୨ ପଦକ ହାସଲ କରିଛନ୍ତି। ତନ୍ମଧ୍ୟରେ ୧୧ ସ୍ୱର୍ଣ୍ଣ, ୮ ରୌପ୍ୟ ଏବଂ ୩ କାଂସ୍ୟ ପଦକ ରହିଛି।

ଅନୁଷ୍ଠାନର କ୍ରୀଡ଼ାବିତ୍ ଶ୍ରେୟା ଶକ୍ତିସ୍ମିଥ୍ ୨ସ୍ୱର୍ଣ୍ଣ, ପ୍ରତାପ ନାୟକ ୨ ସ୍ୱର୍ଣ୍ଣ, ଶୁଭଜିତ୍ ପଣ୍ଡା ୨ସ୍ୱର୍ଣ୍ଣ, ସମୀକ୍ଷା ନନ୍ଦ ୧ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ, ବିଶ୍ୱପ୍ରଜ୍ଞା ବ୍ରହ୍ମ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ, ଶିବପ୍ରସାଦ ମିଶ୍ର ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ଜୟଜଗଦୀଶ ବେହେରା ଗୋଟିଏ ସ୍ୱର୍ଣ୍ଣ, ଚେତନଶ୍ରୀ ବେହେରା ୨ଟି ରୌପ୍ୟ, ପ୍ରିୟାଂଶୁ ପ୍ରତୀକ କଅଁର ଗୋଟିଏ ସ୍ୱର୍ଣ୍ଣ, ଯାଜ୍ଞଶ୍ରୀ ଶତପଥୀ ଗୋଟିଏ କାଂସ୍ୟ, ଭୂମି ବରାଳ ଗୋଟିଏ କାଂସ୍ୟ, ହରପ୍ରିୟା ବେହେରା ଗୋଟିଏ ରୌପ୍ୟ, ସୁରଜ ଧନରାଜ ଗୋଟିଏ ରୌପ୍ୟ, ସ୍ନିଗ୍ଧାରାଣୀ ମିଶ୍ର ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି।


ଏହି ଉପଲକ୍ଷେ ସ୍ଥାନୀୟ ମମତା ମଣ୍ଡପରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ସତ୍ୟସ୍ୱରୂପ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁକ୍ତାଦେଇପୁର ଶାସନ ମହାଜନ ମହାସଭା ସଭାପତି ଶଶିମୌଳି ରଥ, ସାନ୍ଧ୍ୟ କଲେଜ ଅଧ୍ୟକ୍ଷ ସମୀର ସାହୁ, ସାମାଜିକ କର୍ମୀ ସୁକାନ୍ତ ମିଶ୍ର, ଅନୁଷ୍ଠାନର ଉପଦେଷ୍ଟା ଅକ୍ଷୟ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ପ୍ରଶିକ୍ଷକ ସୌମ୍ୟକାନ୍ତ ବେଉରା, ରାଜେନ୍ଦ୍ର ବେହେରା, ଡାର୍ଲିନ୍ ଡାଲଟନ, ସୌମ୍ୟବ୍ରତ ସାହୁ, ସ୍ମିତା ଷଡ଼ଙ୍ଗୀ, ଶିବପ୍ରସାଦ ମିଶ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଡ୍ରେନ୍‌କୁ ଖସିଲା ବାଇକ୍, ଯୁବକ ମୃତ

**ପରଜଙ୍ଗ, ୧୫।୫(ଡି.ଏନ.ଏ.)**

ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅଧୀନ ଭାଲୁମୁଣ୍ଡା-ଆଲୁଅଝରଣ ପୂର୍ତ୍ତ ବିଭାଗ ରାସ୍ତାର ବେକାଗାଡ଼ିଆ ଗ୍ରାମ ନିକଟରେ ମଙ୍ଗଳବାର ଦୁର୍ଘଟଣା ଘଟିଛି। ରାସ୍ତା ପାର୍ଶ୍ୱରେ ଖୋଳାଯାଇଥିବା ଡ୍ରେନ୍ ଭିତରକୁ ଖସିପଡ଼ି ଜଣେ ଯୁବକ ପ୍ରାଣ ହରାଇଛନ୍ତି। ମୃତକ ହେଲେ ତୁମୁସିଂହା ଥାନା ଖୁଣ୍ଟବାଟି ଗ୍ରାମର ଶରତ ଦେହୁରୀ (୩୨)।

ଶରତ ତାଳଚେରରେ ଗ୍ୟାରେଜ ଦୋକାନ କରିଛନ୍ତି। କାମସାରି ଘରକୁ ଫେରୁଥିବାବେଳେ ସେ ଭାରସାମ୍ୟ ହରାଇ ବାଇକ୍ ସହ ନାଳ ଭିତରକୁ ଖସିପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ସାଆନ୍ଦା ଫାଣ୍ଡି ଅଧିକାରୀ ସୁରେଶ ଚନ୍ଦ୍ର ମହାପାତ୍ର ସଦଳବଳ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଥିଲା। ଏ ନେଇ ନଂ. ୧୩୦/୧୯ରେ ମାମଲା ରୁଜୁ କରାଯାଇଛି।




# ଖବରଦାତାଙ୍କୁ ସ୍ୱାସ୍ଥ୍ୟବୀମା କାର୍ଡ

**ଢେଙ୍କାନାଳ ଅଫିସ, ୧୫।୫**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ବୁଧବାର ୪୮ଜଣ ଖବରଦାତାଙ୍କୁ ସ୍ୱାସ୍ଥ୍ୟବୀମା କାର୍ଡ ପ୍ରଦାନ କରାଯାଇଛି। ଜିଲାପାଳ ନିଖିଳ ପୱନ କଲ୍ୟାଣ ବୀମାକାର୍ଡ ପ୍ରଦାନ କରିଥିଲେ। ଏଥିପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ଜିଲାର ୧୦୦ ଜଣ ଖବରଦାତାଙ୍କୁ ସ୍ୱାସ୍ଥ୍ୟବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ ନାୟକଙ୍କ ସମେତ ବୀମାସଂସ୍ଥା କର୍ମଚାରୀମାନେ ଉପସ୍ଥିତ ଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ